ବିଶ୍ୱସାହିତ୍ୟ ଗ୍ରନ୍ଥମାଳା

ସେରଲକ୍ ହୋମ୍‌ସ୍ କାହାଣୀ

6

ଗ୍ରନ୍ଥମନ୍ଦିର

Digitized by srujanika@gmail.com

ବିଶ୍ୱସାହିତ୍ୟ ଗ୍ରନ୍ଥମାଳା :

ସେରଲକ୍ ହୋମ୍ସ କାହାଣୀ

[ଷଷ୍ଠ ଖଣ୍ଡ]

[ସାର୍ ଆର୍ଥର୍ କୋନାନ୍‌ଡଏଲ୍‌ଙ୍କ ଲିଖିତ
କାହାଣୀର ସଂକ୍ଷିପ୍ତସାର ।]

ଅନୁବାଦକ :
ଶ୍ରୀ ଦିବାକର ପାଣି

ଗ୍ରନ୍ଥମନ୍ଦିର

Digitized by srujanika@gmail.com

ପ୍ରକାଶକ : ମନୋଜ କୁମାର ମହାପାତ୍ର
ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ-୨

ମୁଦ୍ରକ : ତପନ କୁମାର ମହାପାତ୍ର
ଅପ୍‌ଟିମା ପ୍ରିଣ୍ଟସ୍, ସୂତାହାଟ, କଟକ-୧

ପ୍ରଥମ ମୁଦ୍ରଣ : ୧୯୮୨
ପୁନର୍ମୁଦ୍ରଣ : ୨୦୦୨

ମୂଲ୍ୟ : ଟ. ୨୫/-

Digitized by srujanika@gmail.com

ସୂଚୀ

୧ ।	ତ୍ରିରଙ୍ଗ ଭବନର ରହସ୍ୟ	୧
୨ ।	ସସେକ୍ସର ଡାହାଣୀ	୨୫
୩ ।	ମଣିଷରୁ ମାଙ୍କଡ଼	୪୬
୪ ।	ଧବଳ ସୈନିକ	୭୪

Digitized by srujanika@gmail.com

ତ୍ରିରଙ୍ଗ ଭବନର ରହସ୍ୟ

ସେରଲକ୍ ହୋମ୍‌ସଙ୍କ ସାଥିରେ ମୁଁ ଯେତେ ଅଭିଯାନରେ ଯାଇଛି, ତା' ଭିତରୁ 'ତ୍ରିରଙ୍ଗ ଭବନ' ସହିତ ସଂପୃକ୍ତ ଅଭିଯାନ ଯେପରି ହଠାତ୍ ଆରମ୍ଭ ହୋଇଥିଲା, ଅନ୍ୟ କୌଣସିଟା ସେମିତି ହୋଇନଥିଲା। କେତେ ଦିନ ହେଲା ହୋମ୍‌ସଙ୍କ ସାଥିରେ ମୋର ଦେଖାନଥାଏ। ସେ କୁଆଡ଼େ କି କାମରେ ଲାଗିଛନ୍ତି ମୋର କିଛି ଧାରଣାନଥାଏ। ସେଦିନ ସକାଳେ ତାଙ୍କ ମନଟା ଖୁସି ଥାଏ। ସେ ଗପସପ କରିବା ପାଇଁ ନିଆଁକୁଣ୍ଡର ଗୋଟେ କଡ଼େ ସେଇ ପୁରୁଣା ଚଉକିଟାରେ ମୋତେ ବସିବାକୁ କହି ସେ ନିଜେ ମୁହଁରେ ସିଗାରେଟ୍ ପାଇପ୍‌ଟା ଲଗାଇ ଆରପାଖ ଚଉକିଟାରେ ବସିଗଲେ। ଏତିକିବେଳେ ହଠାତ୍ ଆଗନ୍ତୁକ ଜଣେ ଆସି ପହଞ୍ଚିଗଲେ। ଗୋଟେ ମାରଣା ଷଣ୍ଢ ପହଞ୍ଚିଗଲା ବୋଲି ମୁଁ କହିଥିଲେ ଆହୁରି ଭଲ ହୋଇଥାନ୍ତା। ଦରଜାଟା ଧଡ଼୍‌ଧାଡ଼୍ ଖୋଲିଦେଇ ଗୋଟେ ବିରାଟକାୟ ନିଗ୍ରୋ ଘର ଭିତରକୁ ପଶିଆସିଲା। ଲୋକଟା ଭୟଙ୍କର ହୋଇନଥିଲେ ତାକୁ ଦେଖିଲେ ହସଲାଗନ୍ତା। ମାଟିଆ ଡୋରିଆ କନାର ସୁଟ୍‌ଟାଏ ପିନ୍ଧିଥାଏ। ତା' ସାଙ୍ଗକୁ ନାଲିରଙ୍ଗର ଗୋଟେ ନେକ୍‌ଟାଇ। ଚଉଡ଼ା ମୁହଁ ଆଉ ଚେପ୍‌ଟା ନାକ। କଳା କଳା ଆଖି ଦି'ଟାରେ ରାଗ ପୂରିରହିଛି। ଆମ ଆଡ଼କୁ ଚାହିଁ ସେ ପଚାରିଲା, "ଆପଣମାନଙ୍କ ଭିତରୁ ମିଷ୍ଟର୍ ହୋମ୍‌ସ କିଏ ?"

କିଛି ନକହି ହୋମ୍‌ସ ସାମାନ୍ୟ ହସି ମୁହଁରୁ ପାଇପ୍‌ଟା ବାହାରକରି ଉପରକୁ ଟେକିଧରିଲେ। ଅତି ଅଭଦ୍ରଙ୍କ ପରି ପାଦ ପକାଇ ଟେବୁଲ୍ କଡ଼୍‌ବାଟେ ଆଗକୁ ଆସି ଆଗନ୍ତୁକ କହିଲା, "ଓଃ, ଆପଣ ? ଦେଖନ୍ତୁ ମିଷ୍ଟର୍ ହୋମ୍‌ସ, ଆପଣ ଅନ୍ୟମାନଙ୍କ ଧନ୍ଦାରେ ମୁଣ୍ଡ ପୂରାନ୍ତୁ ନାହିଁ। ସେମାନଙ୍କୁ ତାଙ୍କ ନିଜ ଧନ୍ଦା କରିବାକୁ ଛାଡ଼ିଦିଅନ୍ତୁ। ବୁଝିପାରିଲେ ମିଷ୍ଟର୍ ହୋମ୍‌ସ ?"

ହୋମ୍‌ସ ହସି ହସି କହିଲେ, "ହୁଁ, କହିଚାଲ। ବେଶ୍ ମଜା ଲାଗୁଛି।"

Digitized by srujanika@gmail.com

ରାଗରେ ଗର୍ଜିଉଠି ଲୋକଟା କହିଲା, ''ମଜା ଲାଗୁଛି, ସତେ ? ମୁଁ ଯଦି ଆପଣଙ୍କୁ ଠିକ୍‌ଠାକ୍ କରିଦିଏ ତା'ହେଲେ ଏତେଟା ମଜା ଲାଗିବ ନାହିଁ। ଆଗରୁ ମୁଁ ଆପଣଙ୍କ ପରି କେତେ ଲୋକଙ୍କୁ ଦେଖିନେଇଛି ଏକଥା ଯେମିତି ଭୁଲି ନ ଯାନ୍ତି ମିଷ୍ଟର୍ ହୋମ୍‌ସ।'' ଲୋକଟା ତା' ଟାଣୁଆ ଗଣ୍ଠିଆ ହାତ ମୁଠାକରି ହୋମ୍‌ସଙ୍କ ମୁହଁ ପାଖରେ ଦେଖାଇଲା। ହୋମ୍‌ସ ଖୁବ୍ ଆଗ୍ରହରେ ସେଟାକୁ ଦେଖିନେଲେ। ତା'ପରେ ପଚାରିଲେ, ''ଜନ୍ମରୁ ତୁମ ହାତ ଏମିତି ନା କ୍ରମେ କ୍ରମେ ଏମିତି ହୋଇଯାଇଛି ?''

ହୋମ୍‌ସଙ୍କର ବରଫ ପରି ଶୀତଳ ପ୍ରକୃତିଯୋଗୁଁ ହେଉ କିମ୍ବା ମୁଁ ପୋକର୍ ଛଡ଼ଟା ଆଣିବା ଶବ୍ଦରେ ହେଉ, ଆଗନ୍ତୁକ ଅନେକ ପରିମାଣରେ ଥଣ୍ଡାପଡ଼ିଗଲା। ତା'ପରେ କହିଲା, ''ଯାହାହେଉ ମୁଁ ଆପଣଙ୍କୁ ଯଥେଷ୍ଟ ସାବଧାନ କରିଦେଲି। ମୋର ଜଣେ ବନ୍ଧୁ ଅଛନ୍ତି। ହାରୋରେ ତାଙ୍କର କିଛି ନା କିଛି ସ୍ୱାର୍ଥ ଅଛି। ଆପଣ ସେ ଧନ୍ଦାରେ ହସ୍ତକ୍ଷେପ କରିବା ସେ ଚାହାନ୍ତିନାହିଁ– ବୁଝିପାରିଲେ ? ଆପଣ ଆଇନରକ୍ଷକ ନୁହଁନ୍ତି କିମ୍ବା ମୁଁ ବି ନୁହେଁ। ଆପଣ ଯଦି ଏ ଧନ୍ଦାରେ ହାତଦିଅନ୍ତି, ତେବେ ମୁଁ ବି ଛାଡ଼ିବି ନାହିଁ– ଏକଥା ଭୁଲିଯିବେ ନାହିଁ।''

ହସି ଦେଇ ହୋମ୍‌ସ କହିଲେ, ''ମୁଁ କେତେଦିନ ହେଲା ତୁମକୁ ଦେଖିବାକୁ ଚାହୁଁଥିଲି। ଏଠି ବସିବାପାଇଁ ମୁଁ ତୁମକୁ କହୁନାହିଁ; କାରଣ ତୁମ ଦେହର ଗନ୍ଧ ମୋତେ ମୋଟେ ଭଲଲାଗୁନାହିଁ। କିନ୍ତୁ ତୁମେ ପହିଲିମାନ ଷ୍ଟିଭ୍‌ଡିକ୍‌ସ ତ ?''

''ହଁ, ମୋ ନାଁ ସେଇଆ ମିଷ୍ଟର୍ ହୋମ୍‌ସ। ତେବେ ଆପଣ ମୋତେ କିଛି ଅପରାଧରେ ପକାଇବାକୁ ଗଲେ ଫଳ ଭଲହେବ ନାହିଁ।''

''ସେଇଟା ତ ତୁମ ପାଇଁ ନିହାତି ଦର୍କାର। ହଲବର୍ଣ୍ଣ ମଦଦୋକାନ ପାଖରେ ବିଚରା ପର୍କିନ୍‌ସ୍‌କୁ ହତ୍ୟାକରିବା– କ'ଣ ?''

ଚମକିପଡ଼ି ନିଗ୍ରୋଟା ପଛକୁ ଘୁଞ୍ଚିଗଲା। ତା' ମୁହଁ ଶୁଖିଗଲା। ତା'ପରେ ଦମ୍ଭ ଧରି କହିଲା, ''ଏ ସବୁ ବାଜେ କଥା ମୁଁ ଶୁଣିବାକୁ ଯାଉନାହିଁ। ପର୍କିନ୍‌ସ୍ ବ୍ୟାପାରରେ ମୋର କ'ଣ ଅଛି ? ବରମିଙ୍ଗହାମ୍‌ରେ ମୁଁ କୁସ୍ତି ଶିଖାଉଥିଲି। ସେ ସମୟରେ ପର୍କିନ୍‌ସ୍‌ର ମୃତ୍ୟୁ ହୋଇଛି।''

Digitized by srujanika@gmail.com

"ସେ ସଫେଇ ତୁମେ ମାଜିଷ୍ଟ୍ରେଟ୍‌ଙ୍କ ପାଖରେ ଦେବ ଷ୍ଟିଭ୍! ମୁଁ ବରାବର ତୁମ ଉପରେ ଆଉ ବାର୍‌ନି ଷ୍ଟକ୍‌ଡେଲ୍ ଉପରେ ନଜର ରଖିଛି। ଏବେ ଏଠୁ ବାହାରିଯା। ଯେତେବେଳେ ଦର୍କାର ମୁଁ ତୁମକୁ ଧରିଆଣିପାରିବି।"

"ଯାଉଛି ଆଜ୍ଞା! ଆଜିର ଏ ବ୍ୟବହାର ପାଇଁ ମୋ ଉପରେ ନିର୍ଦ୍ଦୟ ହେବେନାହିଁ।"

"କିଏ ତୁମକୁ ପଠାଇଥିଲା ଯଦି ତୁମେ କହିବ।"

"କାହିଁକି, ଆପଣଙ୍କ ପାଖରେ ତ କିଛି ଲୁଚାଇବାର ନାହିଁ। ଆପଣ ଯେଉଁ ଲୋକର ନାଁ କହିଲେ, ସେ ମୋତେ ପଠାଇଥିଲେ।"

"ତାଙ୍କୁ କିଏ ଏ କାମରେ ନିଯୁକ୍ତ କରିଛି?"

"ମୁଁ ଜାଣେନା। ସେ କେବଳ ମୋତେ କହିଲେ– 'ଷ୍ଟିଭ୍, ତୁମେ ଯାଇ ମିଷ୍ଟର୍ ହୋମ୍‌ସଙ୍କୁ ଦେଖାକରିବ। କହିବ, ସେ ଯଦି ଏ ହାରୋଆଡ଼େ ଆସନ୍ତି ତେବେ ତାଙ୍କ ଜୀବନ ନିରାପଦ ନୁହେଁ।' ଏଇ ହେଲା ପ୍ରକୃତ ସତକଥା।"

ଆଉ କୌଣସି ପ୍ରଶ୍ନକୁ ଅପେକ୍ଷା ନ କରି ଲୋକଟା ଯେମିତି ଆସିଥିଲା, ସେମିତି ଝଡ଼ବେଗରେ ବାହାରିଗଲା। ହୋମ୍‌ସ ସିଗାରେଟ୍ ପାଇପ୍‌ରୁ ପାଉଁଶ ଝାଡୁ ଝାଡୁ ଅଳ୍ପ ହସି କହିଲେ, "ସୁଖର କଥା ୱାଟ୍‌ସନ୍, ଲୋକଟାର ମୁଣ୍ଡ ଫଟାଇବା ତୁମ ପାଇଁ ଦର୍କାର ହୋଇନାହିଁ। ପୋକର୍ ଛଡ଼ଟା ଧରି ତୁମେ ଯାହା କରୁଥିଲ ମୁଁ ଲକ୍ଷ୍ୟ କରିଛି। କିନ୍ତୁ ଏ ଲୋକଟା ପ୍ରକୃତରେ ନିରୀହ ଆଉ ବୋକା– ଖାଲି ମୋଟାରୋଟା ହୋଇଛି। ଦେଖିଲ ତ କେଡ଼େ ସହଜରେ ଲୋକଟା ଡରିଗଲା। ସେ ସ୍ପେନ୍‌ସର ଜନ୍ ଦଳର ଜଣେ। ଏ ଭିତରେ କେତେକ ଅପରାଧରେ ଲିପ୍ତ ହୋଇଛି। ମୋତେ ସମୟ ହେଲେ ମୁଁ ସେ ସବୁର ଅନୁସନ୍ଧାନ କରିବି। ତା'ର ମାଲିକ ବାର୍‌ନି କିନ୍ତୁ ବଡ଼ ଚାଲାକ ଲୋକ। ସେମାନେ ଲୋକଙ୍କୁ ଭୟଭୀତ କରିବା, ଗୁଣ୍ଡାମି କରିବା ଆଦି କାମରେ ଧୁରନ୍ଧର। କିନ୍ତୁ ଏଇ ନିର୍ଦ୍ଦିଷ୍ଟ ଘଟଣାରେ ତାଙ୍କ ପଛରେ କିଏ ଅଛି ମୁଁ ଜାଣିବାକୁ ଚାହେଁ।"

"କିନ୍ତୁ ସେମାନେ ତୁମକୁ ଡରାଇବାକୁ ବସିଛନ୍ତି କାହିଁକି?"

Digitized by srujanika@gmail.com

"ଏଇ ହାରୋ କେଶ୍। ବର୍ତ୍ତମାନ ମୁଁ ଘଟଣାଟା ଦେଖିବାକୁ ସ୍ଥିରକରିଛି; କାରଣ ଏ କେଶ୍‌ରେ କେହି ଜଣେ ଯେତେବେଳେ ଏତେ ପରିଶ୍ରମ କରୁଛି, କେଶ୍‌ଟାର ନିଶ୍ଚୟ କିଛି ଗୁରୁତ୍ୱ ଅଛି।"

"କିନ୍ତୁ କେଶ୍‌ଟା କ'ଣ ?"

"ମୁଁ ଠିକ୍ ତୁମକୁ କହିବାକୁ ଗଲାବେଳେ ଏ ଲୋକଟା ଆସି ଗୋଟେ ଫାର୍ଶ ଆରମ୍ଭ କରିଦେଲା। ଏଇଟା ଶ୍ରୀମତୀ ମାବେର୍‌ଲିଙ୍କ ଚିଠି। ତୁମେ ଯଦି ମୋ ସାଥିରେ ଯିବାକୁ ଚାହଁ, ତେବେ ଆମେ ତାଙ୍କ ପାଖକୁ ଟେଲିଗ୍ରାମ୍ କରିଦେଇ ସାଙ୍ଗେ ସାଙ୍ଗେ ବାହାରିପଡ଼ିବା।"

ଚିଠିଟା ନେଇ ମୁଁ ପଢ଼ିଲି –

'ପ୍ରିୟ ମିଷ୍ଟର୍ ସେର୍‌ଲକ୍ ହୋମ୍ସ,

ମୋର ଏଇ ଘର ବିଷୟରେ ଏ ଭିତରେ ଗୋଟାକ ପରେ ଗୋଟିଏ ହୋଇ କେତେଗୁଡ଼େ ଅଦ୍ଭୁତ ଘଟଣା ଘଟିଗଲାଣି। ମୁଁ ଆପଣଙ୍କ ମୂଲ୍ୟବାନ୍ ଉପଦେଶ ଚାହେଁ। କାଲି ଯେକୌଣସି ସମୟରେ ଆସିଲେ ଆପଣ ମୋତେ ଘରେ ପାଇପାରିବେ। ଘରଟା ଉଇଲ୍‌ଡ୍ ଷ୍ଟେସନ୍‌ଠାରୁ ଖୁବ୍ କମ୍ ବାଟ। ମୋ ସ୍ୱାମୀ ସ୍ୱର୍ଗୀୟ ମରଟିମର୍ ମାବେର୍‌ଲି ଆପଣଙ୍କର ଜଣେ ପୁରୁଣା ମହକିଲ ଥିଲେ।

ଆପଣଙ୍କର ଜଣେ ବିଶ୍ୱସ୍ତା

ମେରୀ ମାବେର୍‌ଲି

ଠିକଣା ହେଲା, "ତ୍ରିରଙ୍ଗ ଭବନ, ହାରୋଉଇଲ୍‌ଡ୍।"

ହୋମ୍ସ କହିଲେ, "ଏଇ ହେଲା ଘଟଣା। ତୁମେ ଯଦି ସମୟ ଦେଇପାରିବ ତା'ହେଲେ ଆମେ ବର୍ତ୍ତମାନ ବାହାରିଯିବା।"

× × × ×

ଅଳ୍ପ ସମୟ ରେଳଗାଡ଼ିରେ ଆଉ ତା'ଠୁ କମ୍ ସମୟ ଘୋଡ଼ାଗାଡ଼ିରେ ଯିବା ପରେ ଆମେ ସେ ଘର ପାଖରେ ପହଞ୍ଚିଲୁ। ଇଟା ଆଉ କାଠରେ ତିଆରି ଘର। ଚାରିପାଖରେ ଘାସପଡ଼ିଆ। ଘରର ଉପର ମହଲାର ଝରକା ଉପର କାନ୍ଥରେ ନାଲି, କଳା ଆଉ ଧଳା ତିନି ରଙ୍ଗର ଫିକା ପଟି ଘରଟାର ନାଁଟାକୁ ସାର୍ଥକ କରିବାକୁ ଚେଷ୍ଟାକରୁଛି। ଘର ପଛପାଖରେ ଛୋଟ ଛୋଟ ପାଇନ୍ ଗଛର ବଗିଚା। କେହି

Digitized by srujanika@gmail.com

ତା'ର ଯତ୍ନ ନେଲାପରି ଜଣାଗଲାନାହିଁ। ମୋଟାମୋଟି ଜାଗାଟା ସେତେ ଆକର୍ଷଣୀୟ ନୁହେଁ; ତଥାପି ଆମେ ଦେଖିଲୁ ଘରଟିର ସାଜସଜ୍ଜା ବେଶ୍ ସୁନ୍ଦର ଆଉ ରୁଚିକର। ଯେଉଁ ଭଦ୍ରମହିଳା ଆମକୁ ସ୍ୱାଗତକଲେ ସେ ବୟସ୍କା, ବେଶ୍ ମାର୍ଜିତ ଆଉ ଶିକ୍ଷିତା ପରି ଜଣାଗଲେ।

ହୋମ୍ସ କହିଲେ, "ଅନେକ ଦିନ ତଳେ ଆପଣଙ୍କ ସ୍ୱାମୀ ଗୋଟେ ଛୋଟ ଘଟଣାରେ ମୋର ସାହାଯ୍ୟ ନେଇଥିଲେ। ତଥାପି ମୁଁ ତାଙ୍କୁ ଖୁବ୍ ଭଲଭାବେ ମନେରଖିଚି।"

"ମୋ ପୁଅ ଡଗ୍‌ଲାସ୍‌କୁ ଆପଣ ବୋଧହୁଏ ଆହୁରି ଭଲଭାବେ ଚିହ୍ନିଥିବେ।"

"ସତେ? ଆପଣ ତେବେ ଡଗ୍‌ଲାସ୍ ମାବେର୍‌ଲିଙ୍କ ମାଆ? ମୁଁ ତାଙ୍କୁ କିଛିଟା ଜାଣେ; କିନ୍ତୁ ସାରା ଲଣ୍ଡନ ତାଙ୍କୁ ଭଲଭାବେ ଜାଣେ। ଭାରି ଚମତ୍କାର ପିଲା। ସେ ଏବେ କେଉଁଠି?"

"ସେ ଆଉ ନାହିଁ ମିଷ୍ଟର୍ ହୋମ୍ସ, ସେ ଆଉ ନାହିଁ। ସେ ରୋମ୍‌ରେ ଇଂଲଣ୍ଡ ଦୂତାବାସରେ ଥିଲା। ମାସେ ତଳେ ସେଇଠି ନିମୋନିଆରେ ତା'ର ମୃତ୍ୟୁ ହୋଇଯାଇଛି।"

"ବଡ଼ ଦୁଃଖର କଥା। ଏପରି ଲୋକ ମରିଯିବା କେହି କଳ୍ପନା ବି କରିପାରିବ ନାହିଁ। ମୋ ଜାଣିବାରେ ସେପରି ସୁନ୍ଦର ପିଲା ଆଉ କେହି ନଥିଲା।"

"ସେଇ ସୌନ୍ଦର୍ଯ୍ୟହିଁ ତା'ର କାଳ ହେଲା ମିଷ୍ଟର୍ ହୋମ୍ସ! ସେ ଯେତେବେଳେ ଅତି ସୁନ୍ଦର ଥିଲା ଆପଣ ତାଙ୍କୁ ଦେଖିଥିଲେ। କିନ୍ତୁ ପରେ ସେ ଯେମିତି ଖିଆଲୀ, ରୁକ୍ଷ ଆଉ ଚିନ୍ତାଶୀଳ ହୋଇଗଲା – ଆପଣ ଦେଖିନାହାନ୍ତି। ଗୋଟେ ମାସ ଭିତରେ ସେ ପୂରା ବଦଳିଗଲା।"

"କୌଣସି ପ୍ରେମ ଘଟଣା – କୌଣସି ନାରୀକୁ ନେଇ?"

"ନାରୀ ନା ପିଶାଚୀ? ଯାହାହେଉ, ମୁଁ ମୋ ପୁଅକଥା କହିବାକୁ ଆପଣଙ୍କୁ ଡକାଇନାହିଁ ମିଷ୍ଟର୍ ହୋମ୍ସ!"

"କୁହନ୍ତୁ। ଡାକ୍ତର ୱାଟ୍‌ସନ୍ ଆଉ ମୁଁ ଆପଣଙ୍କୁ ସାହାଯ୍ୟ କରିବା ପାଇଁ ପ୍ରସ୍ତୁତ।"

"ଏଭିତରେ ଗୁଡ଼ାଏ ବଡ଼ ଅଦ୍ଭୁତ ଘଟଣା ଘଟିଯାଇଛି। ମୁଁ

Digitized by srujanika@gmail.com

ବର୍ଷକରୁ ଅଧିକ ହେବ ଘରେ ରହୁଛି। ନିରୋଳାରେ ରହିବାକୁ ମୋତେ ଭଲଲାଗେ; ତେଣୁ ମୁଁ ସାଇପଡ଼ିଶା କାହା ପାଖକୁ ଯାଏ ନାହିଁ କି କାହାକୁ ପ୍ରାୟ ଜାଣେନାହିଁ। ତିନି ଦିନ ପୂର୍ବେ ଜଣେ ଭଦ୍ରଲୋକ ମୋ ପାଖକୁ ଫୋନ୍ କଲେ। ସେ ଜଣେ ଘରଭଡ଼ା ଏଜେଣ୍ଟ୍ ବୋଲି କହିଲେ। ତାଙ୍କର ଜଣେ ମହକିଲଙ୍କ ମନକୁ ମୋ ଘରଟା ବେଶ୍ ପାଇଛି ବୋଲି କହିଲେ। ମୁଁ ଯଦି ଘରଟାକୁ ବିକିବାକୁ ରାଜିହୁଏ, ତେବେ ଯାହା ପଇସା ଚାହିଁବି ସେ ଦେବେ। ମୋତେ ବଡ଼ ଆଶ୍ଚର୍ଯ୍ୟ ଲାଗିଲା; କାରଣ ଏଇ ପାଖଆଖରେ ଆହୁରି କେତେ ଭଲ ଭଲଘର ଖାଲିପଡ଼ିଛି। ତଥାପି ମୁଁ ଏଥିରେ ଆଗ୍ରହୀ ହୋଇଉଠିଲି। ଯେତେ ଦାମ୍‌ରେ ଘରଟା କିଣିଥିଲି ତା'ଠୁ ପାଞ୍ଚଶହ ପାଉଣ୍ଡ ଅଧିକା ଦାମ୍ ବତେଇଲି। ସେ ସାଙ୍ଗେ ସାଙ୍ଗେ ସେଥିରେ ରାଜି ହୋଇଗଲେ। ତା'ପରେ କହିଲେ, 'ତାଙ୍କ ମହକିଲ ଘରର ସବୁ ଆସବାବପତ୍ର ମଧ କିଣିନେବାକୁ ଚାହାନ୍ତି। ସେଥିପାଇଁ ମୁଁ କେତେ ଦାମ୍ ନେବି ବୋଲି ପଚାରିଲେ।' ଏ ଜିନିଷ ଭିତରୁ କେତେଗୁଡ଼ାଏ ମୁଁ ଆମ ପୁରୁଣା ଘରୁ ଆଣିଥିଲି। ସେଗୁଡ଼ା ଖୁବ୍ ସୁନ୍ଦର; ତେଣୁ ମୁଁ ବେଶ୍ ମୋଟା ଅଙ୍କର ଦାମ୍ କହିଲି। ଆଶ୍ଚର୍ଯ୍ୟ କଥା, ସେଥିରେ ମଧ ସେ ସାଙ୍ଗେ ସାଙ୍ଗେ ରାଜିହୋଇଗଲେ। ପୃଥିବୀର ବିଭିନ୍ନ ଜାଗା ବୁଲିବା ପାଇଁ ମୋର ଭାରି ଇଚ୍ଛା ଥିଲା। ଦେଖିଲି ଏ ପଇସାରେ ମୁଁ ଆରାମରେ ବୁଲାବୁଲି କରି ଜୀବନଟା କଟେଇଦେଇପାରିବି।

କାଲି ସେ ଭଦ୍ରଲୋକ ଆସି ପହଞ୍ଚିଲେ। ଘରବିକ୍ରିର ଚୁକ୍ତିଟା ମଧ ଲେଖିଆଣିଥାନ୍ତି। ଭାଗ୍ୟକୁ ମୁଁ ମୋ ଓକିଲ ମିଷ୍ଟର୍ ସଟ୍ରୋଙ୍କୁ ସେଟା ଦେଖାଇଲି। ସେ ମୋତେ କହିଲେ, 'ଏଟା ଗୋଟେ ବିଚିତ୍ର ଲେଖା। ଜାଣନ୍ତି, ଆପଣ ଏଥିରେ ଦସ୍ତଖତ କଲେ ଏ ଘରୁ କୌଣସି ଜିନିଷ ନେଇପାରିବେ ନାହିଁ, ଏମିତିକି ଆପଣଙ୍କ ବ୍ୟକ୍ତିଗତ ଜିନିଷ ମଧ ନୁହେଁ।' ଉପରବେଳା ଭଦ୍ରଲୋକ ଆସିବାରୁ ମୁଁ ତାଙ୍କୁ ସେ କଥା କହିଲି, ଆଉ କହିଲି— କେବଳ ଚଉକି ଟେବୁଲ ଆଦି ଫର୍ନିଚର୍ ବିକ୍ରୟ କରିବା ମୋର ଉଦ୍ଦେଶ୍ୟ।

''ସେ କହିଲେ, 'ନା, ନା, ସବୁ ଜିନିଷ।'

''କିନ୍ତୁ ମୋ ପୋଷାକପତ୍ର ? ମୋ ଗହଣାଗାଣ୍ଠି ?''

Digitized by srujanika@gmail.com

'ଆପଣଙ୍କ ବ୍ୟକ୍ତିଗତ ଜିନିଷ ବିଷୟରେ କିଛିଟା ସୁବିଧା ଦିଆଯାଇପାରେ; କିନ୍ତୁ ଆମେ ନ ଦେଖି କୌଣସି ଜିନିଷ ଘରୁ ଯିବନାହିଁ। ମୋ ମହକିଲ ଖୁବ୍ ସରଳ ଲୋକ; କିନ୍ତୁ ଏସବୁ ବିଷୟରେ ତାଙ୍କର ରୁଚି ସ୍ୱତନ୍ତ୍ର। ସେ ସବୁ ଜିନିଷ କିଣିବେ କିମ୍ବା କିଛି କିଣିବେ ନାହିଁ।'

''ମୁଁ କହିଲି, ତା'ହେଲେ ନ କିଣିବା କଥାହିଁ ହେବ। କଥାଟା ସେତିକିରେ ରହିଲା; କିନ୍ତୁ ଘଟଣାଟା ମୋତେ ବଡ଼ ଅସ୍ୱାଭାବିକ ଲାଗିଲା। ତେଣୁ ଭାବିଲି...'' ଏଇଠି କଥାରେ ହଠାତ୍ ବାଧାପଡ଼ିଲା। ହୋମ୍ସ ହାତ ଠାରି ଚୁପ୍ ରହିବାକୁ ନିର୍ଦ୍ଦେଶ ଦେଲେ। ତା'ପରେ ଦରଜା ପାଖକୁ ଯାଇ ଦରଜା ଖୋଲି ଜଣେ ପତଳା ସ୍ତ୍ରୀଲୋକର ଡେଣା ଧରି ଘର ଭିତରକୁ ଟାଣିଆଣିଲେ। ସେ ଖୁବ୍ ଟାଣିଓଟାରି ହେଉଥାଏ। ସେ ଚିତ୍କାର କରି କହିଉଠିଲା, ''ମୋତେ ଛାଡ଼ିଦିଅନ୍ତୁ। ଏ କ'ଣ କରୁଛନ୍ତି?''

ବିସ୍ମିତ ହୋଇ ଶ୍ରୀମତୀ ମାବେର୍ଲି କହିଲେ, ''ଆରେ ସୁସାନ୍, କଥା କ'ଣ?''

''ନାଇଁ ମା, ଆମ ଅତିଥିମାନେ ଖାଇବାଯାଏ ରହିବେ କି ନାହିଁ, ମୁଁ ପଚାରିବାକୁ ଆସୁଥିଲି। ଏତିକିବେଳେ ଏ ଲୋକ ଧାଇଁଯାଇ ମୋତେ ଘୋଷାରି ଆଣିଲେ।''

ହୋମ୍ସ କହିଲେ, ''ପ୍ରାୟ ପାଞ୍ଚମିନିଟ୍ ହେଲା ସେ ଏଠିକି ଆସିବାର ମୁଁ ଶୁଣିଲିଣି। କିନ୍ତୁ ଆପଣଙ୍କ କଥାରେ ବାଧା ସୃଷ୍ଟି କରିବାକୁ ଚାହିଁଲି ନାହିଁ। ତୁମର ନିଃଶ୍ୱାସ ଖୁବ୍ ଖର ହୋଇଉଠିଛି; ନୁହେଁ ସୁସାନ୍?''

ସୁସାନ୍ ଖୁବ୍ ରାଗ ଆଉ ବିସ୍ମୟରେ ହୋମ୍ସଙ୍କ ଆଡ଼କୁ ଚାହିଁ କହିଲା, ''ଆପଣ ଯେ ହୁଅନ୍ତୁ ନା କାହିଁକି, ମୋତେ ଏମିତି ଟାଣିଆଣିବାରେ ଆପଣଙ୍କର କେଉଁ ଅଧିକାର ଅଛି?''

''ମୁଁ କେବଳ ତୁମ ଉପସ୍ଥିତିରେ ଗୋଟାଏ ପ୍ରଶ୍ନ ପଚାରିବାକୁ ଚାହେଁ। ଆଚ୍ଛା ଶ୍ରୀମତୀ ମାବେର୍ଲି, ଆପଣ ମୋ ପାଖକୁ ଚିଠି ଦେବେ, ଆଉ ମୋ ସାଥିରେ ପରାମର୍ଶ କରିବେ ବୋଲି କାହାକୁ କହିଥିଲେ?''

''ନା, ମିଷ୍ଟର୍ ହୋମ୍ସ!''

''ଆପଣଙ୍କ ଚିଠିଟା କିଏ ଡାକରେ ପକାଇଥିଲା?''

''ଏଇ ସୁସାନ୍।''

Digitized by srujanika@gmail.com

''ଠିକ୍ ଅଛି। ଏଥର ସୁସାନ୍, ତୁମ ମାଲିକାଣୀ ମୋର ପରାମର୍ଶ ଲୋଡୁଛନ୍ତି ବୋଲି ତୁମେ କାହା ପାଖକୁ ଲେଖିଥିଲ ବା ଖବର ଦେଇଥିଲ ?''

''ମିଛକଥା। ମୁଁ କାହାକୁ କିଛି ଖବର ଦେଇନାହିଁ।''

''ଦେଖ ସୁସାନ୍, ଖର-ନିଃଶ୍ୱାସ ପକାଉଥିବା ଲୋକ ବେଶୀ ଦିନ ବଞ୍ଚିପାରେନାହିଁ ବୋଲି ତୁମେ ଜାଣ। ମିଛ କହିବା ଅତି ଖରାପ। ସତ କହ, ଏ କଥା ତୁମେ କାହାକୁ କହିଛ ?''

ଶ୍ରୀମତୀ ମାବେର୍‌ଲି ଗର୍ଜିଉଠି କହିଲେ, ''ସୁସାନ, ଦେଖୁଛି ତୁ ଗୋଟେ ବଦ୍‌ମାସ ବିଶ୍ୱାସଘାତିନୀ। ଏବେ ମୋର ମନେପଡୁଛି, ବାଡ଼ ଆରପାଖେ ଜଣେ ଲୋକ ଠିଆହୋଇଥିଲା। ତୁ ତା' ସାଥିରେ କଥା ହେଉଥିଲୁ।''

କାନ୍ଦ କାନ୍ଦ ହୋଇ ସୁସାନ୍ କହିଲା, ''ସେଟା ମୋର ଘରୋଇ କଥା।''

ହଠାତ୍ ହୋମ୍ସ କହିଲେ, ''ମୁଁ ଯଦି କହେ ତୁମେ ବାର୍‌ନିଷ୍ଟ କାଡେଲ୍ ସାଥିରେ କଥାବାର୍ତ୍ତା କରୁଥିଲ ?''

''ଯଦି ଆପଣ ଜାଣନ୍ତି, ତେବେ ପଚାରୁଛନ୍ତି କାହିଁକି ?''

''ମୁଁ ନିଶ୍ଚିତଭାବେ ଜାଣିନଥିଲି। ଏବେ କିନ୍ତୁ ମୁଁ ନିଶ୍ଚିତ। ଆଚ୍ଛା ସୁସାନ୍, ତୁମେ ଯଦି କହିଦିଅ ବାର୍‌ନି ପଛରେ କେଉଁ ଲୋକ ଅଛି ତେବେ ଦଶପାଉଣ୍ଡ ପୁରସ୍କାର ପାଇବ।''

''ସେ ଲୋକ ଆପଣଙ୍କର ପ୍ରତି ଦଶ ପାଉଣ୍ଡ ଜାଗାରେ ହଜାରେ ପାଉଣ୍ଡ କରି ଦେଇପାରିବ।''

''ଏତେବଡ଼ ଧନୀଲୋକ ? ନା, ନା, ତୁମେ ହସୁଛ। ସେ ନିଶ୍ଚୟ ଜଣେ ଧନୀ ସ୍ତ୍ରୀଲୋକ। ଆମେ ଏ ଯାଏ ଜାଣିଲୁ। ଏଥର ତୁମେ ନାଁଟା କହିଦେଇ ପୁରସ୍କାର ନେଇପାର।''

''ପ୍ରଥମେ ମୁଁ ତୁମର ନର୍କଗତି ଦେଖିବାକୁ ଚାହେଁ।''

ରାଗିଉଠି ଶ୍ରୀମତୀ ମ୍ୟାବେର୍‌ଲି କହିଲେ, ''ସଂଯତ ହୋଇ କଥା କହ ସୁସାନ୍ !''

''ମୁଁ ବର୍ତ୍ତମାନ ଏଠୁ ଚାଲିଯାଉଛି। ଖୁବ୍ ହୋଇଗଲା।'' ଏତିକି କହି ସେ ଦରଜାଆଡ଼କୁ ଦୌଡ଼ିପଳାଇଲା।

Digitized by srujanika@gmail.com

ଦରଜାଟା ବନ୍ଦହେବାପରେ ହୋମ୍‌ସ କହିଲେ, ''ଏ ଦଳର କିଛି ଉଦ୍ଦେଶ୍ୟ ଅଛି। ସେମାନେ କେତେ ଚଞ୍ଚଳ କାମ କରିଚାଲିଛନ୍ତି, ଦେଖନ୍ତୁ। ଆପଣ ମୋ ପାଖକୁ ଦେଇଥିବା ଚିଠି ଦଶଟାବେଳେ ଡାକରେ ପଡ଼ିଛି। ତଥାପି ସୁସାନ ଏ ଖବର ବାର୍‌ନିକୁ ଦେଇଛି। ବାର୍‌ନି ସାଙ୍ଗେ ସାଙ୍ଗେ ତା' ମାଲିକ ପାଖକୁ ଯାଇଛି। ସୁସାନ୍‌ର ଢଙ୍ଗରୁ ମୁଁ ଜାଣିଲି, ମାଲିକ ଜଣେ ନାରୀ। ସେମାନେ ଗୋଟାଏ ଯୋଜନା କରିଛନ୍ତି। ନିଗ୍ରୋ ଷ୍ଟିଭ୍‌କୁ ଡକାଯାଇଛି। ତା' ପରଦିନ ଏଗାରଟା ବେଳକୁ ସେ ମୋତେ ସାବଧାନ କରିଦେବାକୁ ଯାଇଛି। କାମଟା କେତେ ଚଞ୍ଚଳ ହୋଇଛି, ଦେଖନ୍ତୁ।''

''କିନ୍ତୁ ସେମାନେ କ'ଣ ଚାହାନ୍ତି ?''

''ହଁ, ସେଇ ପ୍ରଶ୍ନ। ଆଚ୍ଛା, ଆପଣଙ୍କ ଆଗରୁ ଏ ଘର କାହାର ଥିଲା ?''

''ଜଣେ ଅବସରପ୍ରାପ୍ତ ଜାହାଜ କ୍ୟାପ୍‌ଟେନ୍‌ଙ୍କର। ତାଙ୍କ ନାଁ ଫର୍‌ଗୁସନ୍।''

''ତାଙ୍କର ସେମିତି କିଛି ବିଶେଷତ୍ୱ ଥିଲା ?''

''ନା, ମୁଁ କିଛି ଶୁଣିନାହିଁ।''

''ମୁଁ ଭାବୁଥିଲି ସେ କିଛି ମୂଲ୍ୟବାନ୍ ଜିନିଷପତ୍ର ପୋତିରଖିଛନ୍ତି କି ? ଅବଶ୍ୟ ଆଜିକାଲି ଲୋକମାନେ ତାଙ୍କର ମୂଲ୍ୟବାନ୍ ଧନରତ୍ନ ବ୍ୟାଙ୍କରେ ରଖୁଛନ୍ତି। ତଥାପି କେତେ ପାଗଳା ଲୋକ ବି ଅଛନ୍ତି। ସେମାନେ ନଥିଲେ ପୃଥିବୀଟା ନୀରସ ହୋଇଯାଆନ୍ତା। ପ୍ରଥମେ ମୁଁ ଭାବୁଥିଲି କିଛି ଧନରତ୍ନ ପୋତାହୋଇଥିବ; କିନ୍ତୁ ତା' ହୋଇଥିଲେ ସେମାନେ ଆପଣଙ୍କ ଫର୍‌ନିଚର ଆଦି କିଣିବାକୁ ଯାଆନ୍ତେ କାହିଁକି ? ଆପଣ ନ ଜାଣି ଆପଣଙ୍କ ଜିନିଷ ଭିତରେ ତ ସେମିତି କିଛି ମୂଲ୍ୟବାନ୍ ଜିନିଷ ନ ଥିବ ?''

''ନା, ମୋର କେବଳ ଗୋଟେ ଡର୍‌ବି କ୍ରାଉନ୍ ଟି-ସେଟ୍ ଛଡ଼ା ଅନ୍ୟ କିଛି ମୂଲ୍ୟବାନ୍ ଜିନିଷ ନାହିଁ।''

''ତା ତ ଏ ରହସ୍ୟ ସାଥିରେ ମୋଟେ ଖାପ ଖାଉନାହିଁ। ତା' ଛଡ଼ା ସେମାନେ କ'ଣ ଚାହାଁନ୍ତି ଖୋଲାଖୋଲି ଭାବରେ ତ କହିଦେଇପାରନ୍ତେ ! ଯଦିବା ସେ ଆପଣଙ୍କ ଟି-ସେଟ୍‌ଟା ନେବାକୁ ଚାହାଁନ୍ତି,

Digitized by srujanika@gmail.com

ତା'ହେଲେ ତା'ର ଦାମ୍ ଦେଇ କିଣି ନେଇ ପାରନ୍ତେ– ଆପଣଙ୍କ ଘରର ସବୁ ଜିନିଷ କିଣିବାକୁ ଯାଆନ୍ତେ କାହିଁକି ? ନା, ମୁଁ ଭାବୁଛି ଆପଣଙ୍କ ଘରେ କିଛି ଜିନିଷ ଅଛି, ଯାହା ଆପଣ ଜାଣନ୍ତି ନାହିଁ, ଆଉ ଜାଣିଲେ ଆପଣ ସେଟା ଦେବେନାହିଁ।''

''ମୁଁ ବି ଠିକ୍ ସେଇଆ ଭାବୁଛି।'' –ମୁଁ କହିଉଠିଲି।

ଡାକ୍ତର ଉଆଟ୍‌ସନ୍ ମୋ ସାଥିରେ ଏକମତ; ତେଣୁ ଏକଥା ସ୍ଥିର ହେଲା।

''କିନ୍ତୁ ମିଷ୍ଟର୍ ହୋମ୍ସ, ସେ ଜିନିଷ କ'ଣ ହୋଇପାରେ ?''

''ଦେଖିବା, ଆମେ ବିଶ୍ଳେଷଣ କରି କିଛି ସିଦ୍ଧାନ୍ତରେ ପହଞ୍ଚିପାରୁଛେ କି ନାହିଁ। ଆଚ୍ଛା, ଆପଣ ଏ ଘରେ କେତେ ବର୍ଷ ହେଲା ରହିଲେଣି ?''

''ପ୍ରାୟ ଦି' ବର୍ଷ।''

''ଠିକ୍ ଅଛି। ଏତେ ଦିନଭିତରେ କେହି ଆପଣଙ୍କ ପାଖରୁ କିଛି ଜିନିଷ ନେବା ପାଇଁ ଚାହିଁନାହିଁ ? କିନ୍ତୁ ହଠାତ୍ ଏଇ ତିନି ଚାରି ଦିନ ଭିତରେ ଆପଣଙ୍କ ଘରର ସବୁ ଜିନିଷ କିଣିନେବା ପାଇଁ କେହି ବ୍ୟଗ୍ର ? ଏଥିରୁ ଆପଣ କ'ଣ ଜାଣିପାରୁଛନ୍ତି ?''

ମୁଁ ଉତ୍ତର ଦେଲି, ''ତା'ର ଅର୍ଥ କେବଳ ହୋଇପାରେ ଯେ ସେ ଜିନିଷଟା ଏଇ ତିନି ଦିନଭିତରେ ଏଠାକୁ ଆସିଛି।''

ହୋମ୍ସ କହିଲେ, ''ବିଲକୁଲ୍ ଠିକ୍। ଏଥର କହନ୍ତୁ ଶ୍ରୀମତୀ ମାବେର୍‌ଲି, ଏଭିତରେ କିଛି ଜିନିଷ ଆପଣଙ୍କ ଘରକୁ ଆସିଛି ?''

''ନା, ମୁଁ ଏବର୍ଷ କିଛି ନୂଆ ଜିନିଷ କିଣିନାହିଁ।''

''ସତେ ? ଏଟା ବେଶ୍ ଗୁରୁତ୍ୱପୂର୍ଣ୍ଣ। ମୁଁ ଭାବୁଛି ଆମେ କିଛି ପରିଷ୍କାର ତଥ୍ୟ ପାଇବାଯାଏ ଘଟଣାଟା ଆଗେଇଯାଉ। ଆଚ୍ଛା, ଆପଣଙ୍କର ସେ ଓକିଲ କ'ଣ କାର୍ଯ୍ୟଦକ୍ଷ ଲୋକ ?''

''ହଁ, ମିଷ୍ଟର୍ ସଟ୍ରୋ ଖୁବ୍ ଦକ୍ଷ।''

''ଆପଣଙ୍କର ଆଉ କିଏ ଚାକରାଣୀ ଅଛି ନା କେବଳ ଏଇ ସୁସାନ୍ ?''

''ନା, ଆଉ ଜଣେ ତରୁଣୀ ଅଛି।''

''ତା'ହେଲେ ଠିକ୍ ଅଛି। ଆପଣଙ୍କ ଘରେ ରାତିଏ ଦୁଇ ରାତି

Digitized by srujanika@gmail.com

ରହିବା ପାଇଁ ମିଷ୍ଟର୍ ସଟ୍ରୋଙ୍କୁ ଆଣିବାକୁ ଚେଷ୍ଟାକରନ୍ତୁ। ହୁଏତ ଆପଣଙ୍କୁ ରକ୍ଷାକରିବା ଦର୍କାର ହୋଇପାରେ।''

''କିନ୍ତୁ କାହାଠାରୁ ?''

''କିଏ ଜାଣେ ? ଘଟଣାଟା ନିଶ୍ଚୟ ଖୁବ୍ ଜଟିଳ। ସେମାନେ କଅଣ ଚାହୁଁଛନ୍ତି ଯଦି ମୁଁ ଜାଣିନ ପାରେ, ତା'ହେଲେ ଅନ୍ୟ ବାଟରେ ମୂଳ ଆସାମୀକୁ ଧରିବାକୁ ଚେଷ୍ଟା କରିବି। ହଁ, ଆପଣଙ୍କ ସେ ଘରର ଏଜେଣ୍ଟଙ୍କ ଠିକଣା ଜାଣନ୍ତି?''

''ନା, କେବଳ ସେ ତାଙ୍କ ନାଁ କହିଲେ– ହେଇନ୍ସ୍ ଜନ୍ସନ ଏଜେଣ୍ଟ୍।''

''ହୁଁ, ଟେଲିଫୋନ୍ ଡିରେକ୍ଟରୀ ବହିରେ ଆମେ ତାଙ୍କ ନାଁ ପାଇବା ନାହିଁ ବୋଧହୁଏ। ସଚ୍ଚୋଟ ବ୍ୟବସାୟୀମାନେ ତାଙ୍କ ବ୍ୟବସାୟର ଠିକଣା ଲୁଚାଇ ରଖନ୍ତି ନାହିଁ। ହଉ, ଆଉ ଯଦି କିଛି ଘଟେ, ଆପଣ ମୋତେ ଜଣାଇବେ। ମୁଁ ଆପଣଙ୍କ କେଶ୍‌କୁ ହାତକୁ ନେଲି; ଆପଣ ମୋ ଉପରେ ଆସ୍ଥା ରଖିପାରନ୍ତି।

ଆମେ ବାଟ ହଲ୍ ଘର ଭିତରଦେଇ ବାହାରକୁ ଆସିଲାବେଳେ ହୋମ୍‌ସ ଚାରିଆଡ଼େ ଆଖିବୁଲାଇନେଲେ। ତାଙ୍କ ଆଖିରୁ ତ କିଛି ବାଦ୍ ଯାଏନାହିଁ– ଘରର ଗୋଟେ କଣରେ କେତେଟା ଟ୍ରଙ୍କ୍ ଜମାହୋଇଥିଲା। ସେଥିରେ କାଗଜ ଲେବୁଲ ମରାଯାଇଥିଲା। ହୋମ୍‌ସ ତାକୁ ପଢ଼ିଲେ– 'ମିଲାନୋ', 'ଲିଉକରନ୍'। ତା'ପରେ କହିଲେ, ''ଏଗୁଡ଼ା ଇଟାଲୀରୁ ଆସିଛି ?''

''ହଁ, ଏସବୁ ଡଗ୍‌ଲାସ୍‌ର ଜିନିଷ।''

''ଆପଣ ତାକୁ ଖୋଲି ନାହାଁନ୍ତି ? କେତେଦିନ ହେଲା ଏସବୁ ଆସିଲାଣି ?''

''ଏଇ ଗଲା ସପ୍ତାହରେ।''

''କିନ୍ତୁ ଆପଣ କହୁଥିଲେ... ଆମ ଅନୁମାନରେ ଯାହା ଅଭାବ ରହୁଥିଲା ଏ ଜିନିଷ ତା ହୋଇପାରେ। ଏଥିରେ କିଛି ମୂଲ୍ୟବାନ୍ ଜିନିଷ ନାହିଁ ବୋଲି ଆମେ ଜାଣିବା କେମିତି ?''

''ଏଥିରେ ମୂଲ୍ୟବାନ୍ କିଛି ଥିବାର ସମ୍ଭାବନା ମୋତେ ନାହିଁ

Digitized by srujanika@gmail.com

ମିଷ୍ଟର୍ ହୋମ୍‌ସ ! ବିଚରା ଡଗ୍‌ଲାସ୍ ଦରମାଗଣ୍ଡାକ ଯାହା ପାଉଥିଲା ସେଥିରେ ବା ସେ କି ମୂଲ୍ୟବାନ୍ ଜିନିଷ କରିପାରିଥିବ ?''

ହୋମ୍‌ସ କିଛି ସମୟ ଖୁବ୍ ଚିନ୍ତାକଲେ; ତା'ପରେ କହିଲେ, ''ଆପଣ ମୋତେ ଡେରି କରନ୍ତୁ ନାହିଁ ଶ୍ରୀମତୀ ମାବେର୍‌ଲି ! ଏ ଜିନିଷଗୁଡ଼ା ଉପରମହଲାକୁ ଆପଣଙ୍କ ଶୋଇଲା ଘରକୁ ନେଇଯାଆନ୍ତୁ। ଯେତେ ଶୀଘ୍ର ପାରନ୍ତି ଯାଞ୍ଚିତରେ କ'ଣ ସବୁ ଅଛି ଦେଖିନିଅନ୍ତୁ। ମୁଁ କାଲି ଆସିବି– ମୋତେ ସବୁ କହିବେ।''

ଡ୍ରିରଙ୍ଗ ଭବନ ଉପରେ ସେମାନଙ୍କର ଯେ ବରାବର ନଜର ଥିଲା, ଏଥିରେ ସନ୍ଦେହ ନାହିଁ। ଆମେ ଉଚ୍ଚା ବାଡ଼ ବାହାରକୁ ଆସିବାକ୍ଷଣି ଦେଖିଲୁ ସେଇ ନିଗ୍ରୋ ପହିଲମାନ୍ ବାଡ଼ ଆଢୁଆଳରେ ଠିଆହୋଇଛି। ଆମେ ହଠାତ୍ ତା ପାଖରେ ପହଞ୍ଚିଗଲୁ। ସେ ନିରୋଳା ଜାଗାରେ ଲୋକଟା କଦର୍ଯ୍ୟ ଆଉ ଭୟଙ୍କର ଦେଖାଯାଉଥିଲା। ହୋମ୍‌ସ ଚଟ୍‌କରି ପକେଟ୍‌ରେ ହାତ ପୂରାଇଲେ।

ନିଗ୍ରୋଟା କହିପକାଇଲା, ''କ'ଣ ପିସ୍ତଲ ଖୋଜୁଛନ୍ତି ମିଷ୍ଟର୍ ହୋମ୍‌ସ ?''

''ନା, ମୋ ଅତର ଶିଶିଟା।''

''ଆପଣ ବଡ଼ ରହସିଆ ମିଷ୍ଟର୍ ହୋମ୍‌ସ !''

''କିନ୍ତୁ ମୁଁ ଯଦି ତୁମ ପଛରେ ଲାଗେ, ତା'ହେଲେ ରହସ୍ୟ ରହିବ ନାହିଁ। ଆଜି ସକାଳେ ମୁଁ ତୁମକୁ ସାବଧାନ କରିଦେଇଥିଲି ନା ?''

''ମୁଁ ଆପଣଙ୍କ କଥା ଖୁବ୍ ଚିନ୍ତା କରିଛି ମିଷ୍ଟର୍ ହୋମ୍‌ସ ! ଆପଣ ସେ ପରକିନ୍‌ସ୍ କଥା ଆଉ କହନ୍ତୁ ନାହିଁ। ମୁଁ ଯଦି ପାରେ ଆପଣଙ୍କୁ ସାହାଯ୍ୟ କରିବି।''

''ତା'ହେଲେ କୁହ, ଏ ଘଟଣାରେ ତୁମ ପଛରେ କିଏ ଅଛି ?''

''ମୁଁ ଆପଣଙ୍କୁ ସତ କହିଛି, ମୁଁ ଜାଣେ ନାହିଁ। ମୁଁ କେବଳ ବାର୍‌ନିଙ୍କଠାରୁ ଆଦେଶ ପାଏ।''

''ଆଚ୍ଛା, ମନେରଖିଥା ଷ୍ଟିଭ୍, ଏ ଘରେ ଯେଉଁ ଭଦ୍ରମହିଳା ରହୁଛନ୍ତି, ଆଉ ଏ ଘରେ ଯାହା କିଛି ଅଛି, ସବୁ ମୋ ଦାୟିତ୍ୱରେ। ଏକଥା ଯେମିତି ଭୁଲିନଯାଅ।''

Digitized by srujanika@gmail.com

''ଠିକ୍ ଅଛି ମିଷ୍ଟର୍ ହୋମ୍‌ସ, ମୋର ମନେରହିଲା ।''

ଆମେ ଆଗକୁ ଚାଲିଲୁ। ହୋମ୍‌ସ କହିଲେ, ''ଲୋକଟାକୁ ମୁଁ ପୂରାପୂରି ଡରାଇଦେଇଛି ୱାଟ୍‌ସନ! ଭାଗ୍ୟକୁ ମୁଁ ସେନ୍ ସରଙ୍ଗନ୍ ଦଳ ବିଷୟରେ କିଛି ଜାଣିଥିଲି ଆଉ ଷ୍ଟିଭ୍ ସେ ଦଳରେ ଥିଲା । ଏ କେଶ୍‌ଟା ଲଙ୍ଗ୍‌ଡେଲ୍ ପାଇକ୍ ପାଇଁ ଉପଯୁକ୍ତ। ମୁଁ ଏବେ ତାଙ୍କୁ ଦେଖାକରିବାକୁ ଯାଉଛି। ସେଠୁ ଫେରିଲା ପରେ ମୁଁ ଆଉ କିଛି ଅଧିକା ଜାଣିପାରିବା ଆଶା ।''

ସେ ଦିନସାରା ମୁଁ ଆଉ ହୋମ୍‌ସଙ୍କୁ ଦେଖିନାହିଁ। କିନ୍ତୁ ତାଙ୍କ ସମୟ କେମତି କଟିଥିବ, ମୁଁ ବେଶ୍ ଅନୁମାନ କରିପାରିଲି। ସାମାଜିକ ଅପରାଧ ବିଷୟରେ ତଥ୍ୟ ଯୋଗାଇବା ପାଇଁ ଲଙ୍ଗ୍‌ଡେଲ୍ ପାଇକ୍ ଗୋଟେ ବହି ପରି। ସେ ଦିନସାରା ସେଣ୍ଟ୍ ଜେମ୍‌ସ ଷ୍ଟ୍ରୀଟ୍ କ୍ଲବ୍ ଝରକା ପାଖରେ ବସିରହେ। ସହରର ଯେଉଁଠି ଯାହା ଫୁସ୍‌ଫାସ୍ କଥା ହୁଏ, ତାକୁ ସବୁ ସଂଗ୍ରହ କରି ଅନ୍ୟକୁ ଜଣାଏ। ହୋମ୍‌ସ ଲଙ୍ଗଡେଲ୍‌କୁ ଏ ବିଷୟରେ ଯଥେଷ୍ଟ ଶିକ୍ଷା ଦେଇଥିଲେ, ଆଉ ତା' ବଦଳରେ ଦର୍କାରବେଳେ ତା'ଠୁ ସାହାଯ୍ୟ ପାଉଥିଲେ।

ପରଦିନ ସକାଳେ ହୋମ୍‌ସଙ୍କ ସାଥିରେ ତାଙ୍କ ରୁମ୍‌ରେ ମୋର ଦେଖାହେଲା। ତାଙ୍କ ହାବଭାବରୁ ଜାଣିଲି ଯେ ସବୁ ଠିକ୍ ଅଛି। ତଥାପି ଗୋଟେ ଦୁଃଖ ଆଉ ବିସ୍ମୟ ଆମକୁ ଚାହିଁବସିଥିଲା। ଗୋଟାଏ ଟେଲିଗ୍ରାମ୍ ଆସି ପହଞ୍ଚିଲା :

'ଦୟାକରି ଶୀଘ୍ର ଆସନ୍ତୁ। ମହକିଲଙ୍କ ଘରେ ରାତିରେ ଡକାୟତି ହୋଇଯାଇଛି। ପୋଲିସ ଘର ଜଗି ରହିଛି'। —ସଟ୍ରୋ

ଟିକିଏ ଚିନ୍ତାକରି ହୋମ୍‌ସ କହିଲେ, ''ନାଟକଟା ଘଡ଼ିସନ୍ଧି ମୁହୂର୍ତ୍ତରେ ପହଞ୍ଚିଯାଇଛି; କିନ୍ତୁ ଏତେ ଶୀଘ୍ର ଘଟିବ ବୋଲି ମୁଁ ଭାବି ନଥିଲି। ଏ ଘଟଣା ପଛରେ କୌଣସି ଗୋଟେ ବଡ଼ ଶକ୍ତି ଅଛି। ମୁଁ ଯାହାସବୁ ଶୁଣିଛି, ଏ ଘଟଣାରେ ମୋଟେ ଆଶ୍ଚର୍ଯ୍ୟ ହେଉନାହିଁ। ଏଇ ସଟ୍ରୋ ଅବଶ୍ୟ ତାଙ୍କର ଓକିଲ। କିନ୍ତୁ ତାଙ୍କ ଉପରେ ନିର୍ଭର କରି ମୁଁ ଭୁଲ୍ କଲି। ରାତିଟା ସେଠି ଜଗିରହିବା ପାଇଁ ମୁଁ ତୁମକୁ କହିଥିଲେ ଭଲ ହୋଇଥାଆନ୍ତା। ଛାଡ଼, ଆମର ଏବେ ଆଉ ଥରେ ହାରୋଉଇଲଡ୍

Digitized by srujanika@gmail.com

ଯିବା ଛଡ଼ା ଆଉ କିଛି କରିବାର ନାହିଁ।''

ତ୍ରିରଙ୍ଗ ଭବନରେ ପହଞ୍ଚି ଦେଖିଲି ଘରଟାର ଅବସ୍ଥା ପୂରା ବଦଳିଯାଇଛି। ପୂର୍ବଦିନର ସାଜସଜ୍ଜା ନାହିଁ। ବଗିଚା ଫାଟକ ପାଖରେ ଦଳେ ଲୋକ ଜମାହୋଇଛନ୍ତି। ଦି'ଜଣ କନେଷ୍ଟବଳ ଝରକା ଆଉ ବଗିଚାଟା ପରୀକ୍ଷା କରି ଦେଖୁଛନ୍ତି। ଘର ଭିତରେ ଜଣେ ବୁଢ଼ା ଲୋକଙ୍କ ସାଥିରେ ଦେଖାହେଲା। ସେ ଓକିଲ ସଟ୍ରୋ ବୋଲି ପରିଚୟ ଦେଲେ। ତାଙ୍କ ପାଖରେ ଜଣେ ଗୋରା ଟକଟକ ଇନିସ୍‌ପେକ୍ଟର। ସେ ପୁରୁଣା ବନ୍ଧୁ ପରି ହୋମ୍‌ସଙ୍କୁ ଅଭ୍ୟର୍ଥନା କଲେ। ତା'ପରେ କହିଲେ, ''ଏ କେଶ୍‌ରେ ଆପଣଙ୍କ ପାଇଁ କିଛି ନାହିଁ ବୋଲି ମୁଁ ଭାବୁଛି; ସାଧାରଣ ଗୋଟେ ଡକାୟତି। ପୋଲିସ ହାତରୁ କେଶ୍‌ଟା ଖସିଯିବ ନାହିଁ। ଆପଣଙ୍କ ପରି ବିଶେଷଜ୍ଞଙ୍କର ଆବଶ୍ୟକତା ନାହିଁ।''

''କେଶ୍‌ଟା ନିଶ୍ଚୟ ଉପଯୁକ୍ତ ଲୋକ ହାତରେ ପଡ଼ିଛି। ହଁ, ଆପଣ କହୁଥିଲେ, ଗୋଟେ ସାଧାରଣ ଡକାୟତି?''

''ନିଶ୍ଚୟ। ଲୋକଗୁଡ଼ା କିଏ ଆଉ ତାଙ୍କୁ କେଉଁଠି ପାଇହେବ, ଆମେ ଜାଣୁ। ଏ ସେଇ ବାର୍‌ନି ଷ୍ଟକ୍‌ଡେଲ୍ ଦଳର କାମ। ତା' ଭିତରେ ସେଇ ପହିଲମାନ୍ ନିଗ୍ରୋ ଅଛି। ସେମାନଙ୍କୁ ଏଇ ଆଖପାଖରେ ବୁଲୁଥିବା ଲୋକେ ଦେଖିଛନ୍ତି।''

''ଚମତ୍କାର! ସେମାନେ କ'ଣ ନେଇଛନ୍ତି?''

''ବିଶେଷ କିଛି ନେଇପାରିନାହାନ୍ତି। ଶ୍ରୀମତୀ ମାବେର୍‌ଲିଙ୍କୁ କ୍ଲୋରୋଫର୍ମ ଦେଇ ସେମାନେ ଘରଟାକୁ... ଏଇ ତ ଶ୍ରୀମତୀ ମାବେର୍‌ଲି ନିଜେ ଆସିଲେଣି।''

ଶ୍ରୀମତୀ ମାବେର୍‌ଲି ଶୁଷ୍କ ଆଉ ଦୁର୍ବଳ ଦେଖାଯାଉଥାନ୍ତି। ଜଣେ ଚାକରାଣୀ କାନ୍ଧରେ ଭରାଦେଇ ସେ ଆସିଲେ। ମଳିନ ହସ ହସି ସେ କହିଲେ, ''ଆପଣ ମୋତେ ଖୁବ୍ ଭଲ ଉପଦେଶ ଦେଇଥିଲେ ମିଷ୍ଟର୍ ହୋମ୍‌ସ! କିନ୍ତୁ ଦୁଃଖର କଥା, ମୁଁ ତା' ଉପରେ ଗୁରୁତ୍ୱ ଦେଇନାହିଁ। ମିଷ୍ଟର୍ ସଟ୍ରୋଙ୍କୁ ହଇରାଣ କରିବାକୁ ମନ ହେଲାନାହିଁ। ତେଣୁ ମୋତେ ରକ୍ଷାକରିବାକୁ କେହି ନଥିଲା।''

ଓକିଲ କହିଲେ, ''ମାତ୍ର ଆଜି ସକାଳେ ମୁଁ ଏକଥା ଜାଣିଲି।''

Digitized by srujanika@gmail.com

"କୌଣସି ଜଣେ ବନ୍ଧୁଙ୍କୁ ରାତିରେ ଏଠି ରହିବା ପାଇଁ ଅନୁରୋଧ କରିବାକୁ ମିଷ୍ଟର୍ ହୋମ୍ସ ମୋତେ ଉପଦେଶ ଦେଇଥିଲେ। ମୁଁ ସେଥିରେ ହେଳା କଲି, ଆଉ ତା'ର ଫଳ ପାଇଲି।"

ହୋମ୍ସ କହିଲେ, "ଆପଣ ସାଙ୍ଘାତିକ ଦୁର୍ବଳ ଦେଖାଯାଉଛନ୍ତି। ରାତିରେ କ'ଣ ଘଟିଲା ବୋଧହୁଏ ଆପଣ କହିବାକୁ ଅସମର୍ଥ।"

ଗୋଟେ ମୋଟା ନୋଟ୍ ବୁକ୍‌ରେ ଟିପ ମାରି ଇନ୍‌ସ୍‌ପେକ୍ଟର କହିଲେ, "ଏଇଠି ସବୁ କଥା ଅଛି।"

"ତଥାପି ଯଦି ଶ୍ରୀମତୀ ମାବେର୍‌ଲି ବିଶେଷ କ୍ଲାନ୍ତ ନୁହଁନ୍ତି..."

"ପ୍ରକୃତରେ ବିଶେଷ କିଛି କହିବାର ନାହିଁ। ସେମାନେ ଘର ଭିତରକୁ ପଶିବା ପାଇଁ ବଦ୍‌ମାସ ସୁସାନ୍ ନିଶ୍ଚୟ କିଛି ଉପାୟ କରିଥିଲା। ସେମାନଙ୍କୁ ଘରର ଅନ୍ଧିକନ୍ଧି ସବୁ ନିଶ୍ଚୟ ଆଗରୁ ଜଣାଥିଲା। ମୋ ମୁହଁରେ ସେମାନେ କ୍ଲୋରୋଫର୍ମ ଭିଜା ରୁମାଲ୍‌ଟା ଚାପିଦେବା ମୁଁ ଜାଣିଛି। ତା'ପରେ କେତେ ସମୟ ମୁଁ ଅଚେତ ହୋଇ ପଡ଼ିରହିଲି ଜାଣେନା; ଯେତେବେଳେ ମୋର ଚେତା ଆସିଲା ଦେଖିଲି ଜଣେ ଲୋକ ମୋ ଖଟ ପାଖରେ ଠିଆହୋଇଛି, ଆଉ ଜଣେ ମୋ ପୁଅର ଜିନିଷପତ୍ର ଭିତରୁ ଗୋଟେ ବଣ୍ଡଲ୍ ବାହାର କରି ଆଣୁଛି। ସେ ଖସିଯିବା ପୂର୍ବରୁ ମୁଁ ଡେଇଁପଡ଼ି ତା ହାତକୁ ଟାଣିଧରିଲି।"

"ଆପଣ ବଡ଼ ରିସ୍କ୍ ନେଇଥିଲେ।" —କହିଲେ ଇନ୍‌ସ୍‌ପେକ୍ଟର୍।

"ମୁଁ ତାକୁ ଜାବୁଡ଼ିଧରିଲି; କିନ୍ତୁ ସେ ମୋତେ ଛାଟିଦେଲା। ଅନ୍ୟ ଲୋକଟା ମୋତେ ଜୋର୍‌ରେ ଆଘାତ କରିଥିବ; କାରଣ ତା'ପରେ ମୋର କିଛି ମନେନାହିଁ। ଚାକରାଣୀ ମେରୀ ଗୋଳମାଳ ଶୁଣି ଚିତ୍କାର କରି ଉଠିଲା। ତା' ପାଟି ଶୁଣି ପୋଲିସ ଆସି ପହଞ୍ଚିଗଲେ; କିନ୍ତୁ ସେତେବେଳକୁ ବଦ୍‌ମାସଗୁଡ଼ାକ ଖସି ପଳାଇଯାଇଥିଲେ।"

"କଣ ନେଇଛନ୍ତି ସେମାନେ ?"

"କିଛି ମୂଲ୍ୟବାନ୍ ଜିନିଷ ନେଲା ପରି ମୋର ମନେ ହେଉନାହିଁ। ମୋ ପୁଅ ଟ୍ରଙ୍କରେ କିଛି ମୂଲ୍ୟବାନ୍ ଜିନିଷ ନ ଥିଲା, ମୁଁ ଭଲଭାବେ ଜାଣେ।"

"ଲୋକଗୁଡ଼ା କିଛି ସୂତ୍ର ଛାଡ଼ିଯାଇନାହାନ୍ତି ?"

Digitized by srujanika@gmail.com

''କେବଳ ଖଣ୍ଡେ କାଗଜ। ଯେଉଁ ଲୋକଟାକୁ ମୁଁ ଜାବୁଡ଼ିଧରିଥିଲି, ତା' ହାତରୁ ଚିରି ହୋଇ ଆସିଥିବ। ମେଜିଆ ଉପରେ କାଗଜ ଖଣ୍ଡ ଲୋଚାକୋଚା ହୋଇ ପଡ଼ିଥିଲା। ସେଟା ମୋ ପୁଅର ହାତଲେଖା।''

ଇନିସ୍‌ପେକ୍ଟର କହିଉଠିଲେ, ''ତା' ମାନେ ସେ ଲେଖା କାଗଜଟାର କିଛି ମୂଲ୍ୟ ନାହିଁ। ଯଦି ସେଟା ଡକାୟତର ହାତଲେଖା ହୋଇଥାନ୍ତା . . .।''

''ନିଶ୍ଚୟ, ଏଟା ତ ସାଧାରଣ କଥା। ତଥାପି ସେ କାଗଜଖଣ୍ଡ ଦେଖିବାକୁ ମୋର ବଡ଼ ଆଗ୍ରହ ହେଉଛି।''

ଇନିସ୍‌ପେକ୍ଟର ତାଙ୍କ ପକେଟ ବହି ଭିତରୁ ଖଣ୍ଡେ ଭାଙ୍ଗକରା କାଗଜ ବାହାର କରି ହୋମ୍ସଙ୍କୁ ଦେଉ ଦେଉ ଆତ୍ମଗର୍ବରେ କହିଲେ, ''ଯେତେ ଛୋଟ ହେଉ ନା କାହିଁକି, କୌଣସି ଜିନିଷ ମୋ ଆଖିରୁ ବାଦ୍ ଯାଏ ନାହିଁ– ଏଟା ଆପଣଙ୍କୁ ମୋର ଉପଦେଶ ମିଷ୍ଟର୍ ହୋମ୍ସ! ପଚିଶ ବର୍ଷର ଅନୁଭୂତି ଭିତରେ ମୁଁ ଅନେକ ବିଷୟ ଶିକ୍ଷା କରିନେଇଛି। ଏଥିରେ ଅଙ୍ଗୁଳି ଛାପ ଥିବାର ସମ୍ଭାବନା ଅଛି।''

ହୋମ୍ସ କାଗଜଖଣ୍ଡ ପରୀକ୍ଷା କରି ଦେଖି ପଚାରିଲେ, ''ଏଥିରୁ ଆପଣ କ'ଣ ବୁଝିଲେ ଇନିସ୍‌ପେକ୍ଟର୍?''

''ଜଣାଯାଉଛି ଗୋଟେ ଉପନ୍ୟାସର ଶେଷ ଅଂଶ।''

''ଏଟା କୌଣସି ସତ ଘଟଣାର ଶେଷ ଅଂଶ ବି ହୋଇପାରେ। ଆପଣ କାଗଜର ଉପରେ ଥିବା ନମ୍ବରଟା ତ ଦେଖିଛନ୍ତି। ସେଟା ହେଲା ଦୁଇଶହ ପଞ୍ଚଚାଳିଶ। ତେବେ ବାକି ଦୁଇଶହ ଚଉରାଳିଶ ପୃଷ୍ଠା କ'ଣ ହେଲା?''

''ମୁଁ ଭାବୁଛି ଡକାୟତମାନେ ସେଗୁଡ଼ା ନେଇଯାଇଛନ୍ତି। ସେଥିରୁ ବା ତାଙ୍କର କି ଲାଭ ହେବ?''

''ଆଚ୍ଛା, କଥାଟା ବଡ଼ ବିଚିତ୍ର ଲାଗୁନାହିଁ? ଡକାୟତମାନେ ଘରେ ପଶି ଏଇ କାଗଜଗୁଡ଼ା ନେଲେ– ଏଥିରୁ ଆପଣ କିଛି ଅନୁମାନ କରିପାରୁଛନ୍ତି?''

''ହଁ, ଏଥିରୁ ଜଣାଯାଉଛି ତରତରରେ ବଦ୍‌ମାସଗୁଡ଼ା ଯାହା ହାତରେ ପଡ଼ିଲା ଧରି ପଳାଇଛନ୍ତି।''

''ସେମାନେ ମୋ ପୁଅର ଜିନିଷ ପାଖକୁ ଗଲେ କାହିଁକି?''

Digitized by srujanika@gmail.com

''ତଳ ମହଲାରେ ସେମାନେ କିଛି ମୂଲ୍ୟବାନ୍ ଜିନିଷ ପାଇଲେ ନାହିଁ। ତେଣୁ ଭାଗ୍ୟ ପରୀକ୍ଷା କରିବାକୁ ଉପରକୁ ଗଲେ– ମୁଁ ଏଇଆ ଭାବୁଛି। ଆପଣ କ'ଣ ଭାବୁଛନ୍ତି ମିଷ୍ଟର୍ ହୋମ୍‌ସ ?''

''ମୋତେ ଏ ବିଷୟରେ ଭାବିବାକୁ ହେବ। ଏଇ ଝରକା ପାଖକୁ ଆସ ଉଆଟ୍‌ସେନ୍।''

ଆମେ ଝରକା ପାଖକୁ ଗଲୁ। ସେ କାଗଜଖଣ୍ଡ ପଢ଼ିଲେ। ଲେଖାଟା ଗୋଟେ ବାକ୍ୟର ଅଧାରୁ ଆରମ୍ଭ ହୋଇଥିଲା। ଲେଖାଥିଲା :

...'କ୍ଷତ ଏବଂ ଆଘାତ ଫଳରେ ମୁହଁରୁ ଯଥେଷ୍ଟ ରକ୍ତ ବୋହିଗଲା। କିନ୍ତୁ ଯେଉଁ ସୁନ୍ଦର ମୁହଁଟି ପାଇଁ ସେ ଜୀବନ ପର୍ଯ୍ୟନ୍ତ ଦେବାକୁ ପ୍ରସ୍ତୁତ ଥିଲା, ସେଇ ମୁହଁଟିକୁ ଦେଖିବାମାତ୍ରେ ତା' ଅନ୍ତରରୁ ଯେଉଁ ରକ୍ତଧାର ବୋହିଲା ତା' ତୁଳନାରେ ମୁହଁର ରକ୍ତ କିଛି ନୁହେଁ। ସେଇ ସୁନ୍ଦର ମୁହଁ ତା'ର କଷ୍ଟ ଆଉ ଅପମାନ ହସି ହସି ଦେଖୁଥାଏ। ସେ ନାରୀ ହୃଦୟହୀନା ପିଶାଚୀ ପରି ହସୁଥିଲା। ତା' ଦେଖି ତା'ର ପ୍ରେମ ମଉଳି ଯାଇ ତା' ଜାଗାରେ ମନରେ ଘୃଣା ଜାତହେଲା। ମଣିଷ କିଛି ଆଶା ପୂର୍ଣ୍ଣ କରିବା ପାଇଁ ନିଶ୍ଚୟ ବଞ୍ଚିରହିବ। ମୁଁ ତୁମର ଆଲିଙ୍ଗନ ଆଶାରେ ବଞ୍ଚିରହିବି ନାହିଁ; ବଞ୍ଚିରହିବି ପ୍ରତିଶୋଧ ନେବାପାଇଁ।'

କାଗଜଖଣ୍ଡ ଇନିସ୍‌ପେକ୍ଟର୍‌ଙ୍କୁ ବଢ଼ାଇଦେଇ ସାମାନ୍ୟ ହସି ହୋମ୍‌ସ କହିଲେ, ''ବଡ଼ ବିଚିତ୍ର ବ୍ୟାକରଣ– 'ସେ' ଶବ୍ଦଟା 'ମୁଁ' କିପରି ହଠାତ୍ ବଦଳିଯାଇଛି ଲକ୍ଷ୍ୟ କଲ ? ଲେଖକ ନିଜ ଜୀବନକଥାରେ ଏତେ ବୁଡ଼ିଯାଇଛି ଯେ ନିଜକୁ ଗଳ୍ପର ନାୟକ ବୋଲି ଭାବିନେଇଛି।''

କାଗଜଖଣ୍ଡ ପକେଟ୍ ବୁକ୍‌ରେ ରଖୁ ରଖୁ ଇନିସ୍‌ପେକ୍ଟର କହିଲେ, ''ଏଟା ମୂଲ୍ୟହୀନ ପରି ଜଣାଯାଉଛି। ଏ କ'ଣ ? ଆପଣ ଯାଉଛନ୍ତି ନା କ'ଣ ମିଷ୍ଟର୍ ହୋମ୍‌ସ ?''

''ଆପଣଙ୍କ ପରି ଦକ୍ଷ ଲୋକ ଯେତେବେଳେ କେଶ୍‌ରେ ହାତଦେଇଛନ୍ତି ମୋ ରହିବାର କିଛି ଆବଶ୍ୟକତା ଦେଖୁନାହିଁ। ହଁ, ଶ୍ରୀମତୀ ମାବେରଲି, ଆପଣ କହୁଥିଲେ ନା ପୃଥିବୀର ବିଭିନ୍ନ ସ୍ଥାନ ବୁଲିବା ପାଇଁ ଇଚ୍ଛା କରିଛନ୍ତି ?''

''ମୁଁ ତ ସବୁବେଳେ ସେଇ ସ୍ୱପ୍ନ ଦେଖୁଛି।''

Digitized by srujanika@gmail.com

''ଆପଣ କେଉଁ ଜାଗାକୁ ଯିବେ– କାଇରୋ, ମାଡେଇରା . . . ?''

''ମୋ ପାଖରେ ପଇସା ଥିଲେ ମୁଁ ପୃଥିବୀ ସାରା ବୁଲିଆସନ୍ତି।''

''ଠିକ୍ ଅଛି। ହଉ ମୁଁ ଆସୁଛି। ସନ୍ଧ୍ୟାରେ ମୁଁ ଆପଣଙ୍କୁ ଫୋନ୍ କରିପାରେ।''

ଆମେ ଝରକା ପାଖଦେଇ ଆସିଲାବେଳେ ଲକ୍ଷ୍ୟ କଲି ଇନିସ୍‌ପେକ୍ଟର୍ ମୁଣ୍ଡ ହଲାଇ ଅଳ୍ପ ଅଳ୍ପ ହସୁଛନ୍ତି। ଜଣାଗଲା, ସେ ଯେମିତି ଭାବୁଛନ୍ତି– ଏଇ ଚତୁର ଲୋକଗୁଡ଼ାଙ୍କର ବେଳେବେଳେ ପାଗଳାମି ବାହାରେ।

ଆମେ ଆସି ପୁଣି ଲଣ୍ଡନ୍ ସହରର ଜନଗହଳି ରାସ୍ତାରେ ପହଞ୍ଚିଗଲୁ। ହୋମ୍‌ସ କହିଲେ, ''ବୁଝିଲ ଓଆଟ୍‌ସନ୍, ଆମେ ବରଂ ସାଙ୍ଗେ ସାଙ୍ଗେ ଘଟଣାଟାର ସମାଧାନ କରିଦେବା ବୋଲି ମୁଁ ଭାବୁଛି। ତୁମେ ମୋ ସାଥିରେ ଗଲେ ଭଲହେବ; କାରଣ ଇସାଡୋରା କ୍ଲିନ୍‌ଙ୍କ ପରି ଜଣେ ଭଦ୍ରମହିଳାଙ୍କ ସଙ୍ଗେ କଥାବାର୍ତ୍ତା କଲାବେଳେ ଜଣେ ସାକ୍ଷୀ ଥିବା ନିହାତି ଦର୍କାର।''

ଆମେ ଗୋଟେ ଘୋଡ଼ାଗାଡ଼ି ଭଡ଼ା କରି ଗ୍ରସ୍‌ଭେନର୍ ସ୍କୋୟାରର ଗୋଟେ ଠିକଣାକୁ ଚାଲିଲୁ। ହୋମ୍‌ସ ଖୁବ୍ ଚିନ୍ତାରେ ବୁଡ଼ିଯାଇଥାନ୍ତି। ହଠାତ୍ ସେ ସତେଜ ହୋଇଉଠି କହିଲେ, ''ଆଚ୍ଛା ଓଆଟ୍‌ସନ୍, ମୁଁ ଭାବୁଛି ତୁମେ ସବୁ ଜାଣିପାରିଲଣି ?''

''ନା, ସବୁ ଜାଣିପାରିଲିଣି ବୋଲି ମୁଁ କହିପାରୁନାହିଁ। କେବଳ ଏତିକି ଜାଣୁଛି ଯେ, ଯେଉଁ ନାରୀ ଏ ଗଣ୍ଡଗୋଳର ମୂଳରେ, ଆମେ ତାଙ୍କୁ ଭେଟିବାକୁ ଯାଉଛେ।''

''ବିଲକୁଲ୍ ଠିକ୍। ହେଲେ ଇସାଡୋରା କ୍ଲିନ୍ ନାଁରୁ ତୁମେ କିଛି ଜାଣିପାରୁନାହଁ ? ସେ ଥିଲେ ବିଶ୍ୱସୁନ୍ଦରୀ। ତାଙ୍କ ସାଥିରେ ସମାନ ହେବା ଭଳି ନାରୀ ଆଉ କେହି ନ ଥିଲେ। ସ୍ପେନ୍‌ରେ ତାଙ୍କର ଜନ୍ମ। ସେ ଜର୍ମାନୀର ସବୁଠୁ ବଡ଼ ଧନୀ ବୃଦ୍ଧ କ୍ଲିନ୍‌ଙ୍କୁ ବିବାହ କରିଥିଲେ। ଅଳ୍ପଦିନ ପରେ ମିଷ୍ଟର୍ କ୍ଲିନ୍ ମରିଗଲେ। ଫଳରେ ଇସାଡୋରା ପୃଥିବୀର ସବୁଠୁ ବଡ଼ ଧନୀ ଆଉ ସୁନ୍ଦରୀ ବିଧବା ହେଲେ। କିଛିଦିନ ପାଇଁ ସେ ଚୁପ୍‌ଚାପ୍ ବସିଗଲେ। କିନ୍ତୁ ତାଙ୍କର ଅନେକ ପ୍ରେମିକ ଥିଲେ। ଡଗ୍‌ଲାସ୍ ମାବେର୍‌ଲି ତା' ଭିତରୁ ଜଣେ। ଲଣ୍ଡନର ଅତି ସୁନ୍ଦର ଯୁବକଙ୍କ ଭିତରେ ସେ ଅନ୍ୟତମ।

Digitized by srujanika@gmail.com

ସେ କେବଳ ଦେଖା-ସୁନ୍ଦର ନ ଥିଲେ; ତାଙ୍କର ଯଥେଷ୍ଟ ଦମ୍ଭ ଓ ଅଭିମାନ ଥିଲା। ସେ ସବୁ ଦେବାକୁ ଏବଂ ସବୁ ପାଇବାକୁ ଚାହୁଁଥିଲେ; କିନ୍ତୁ ଇସାଡୋରା ଉପନ୍ୟାସର ଖଳନାୟିକା। ତାଙ୍କ କାମନା ଚରିତାର୍ଥ ହେଲା ପରେ ସବୁ ସରିଲା। ଅପର ପକ୍ଷ ତାଙ୍କ କଥା ନ ମାନିଲେ କ'ଣ କରିବାକୁ ହେବ, ସେ ଜାଣନ୍ତି।''

''ସେଇଟା ତା'ହେଲେ ତାଙ୍କ ନିଜର ଜୀବନ-କାହାଣୀ ?''

''ଏଥର ତୁମେ କଥାଟା ଠିକ୍ ଧରିପାରିଛ। ଶୁଣିଲି ଇସାଡୋରା ଲେମଣ୍ଡର ତରୁଣ ଡିଉକ୍‌ଙ୍କୁ ବିବାହ କରିବାକୁ ଯାଉଛନ୍ତି– ଅବଶ୍ୟ ବୟସରେ ସେ ତାଙ୍କ ପୁଅ ପରି। ମାନ୍ୟବର ଡିଉକ୍‌ଙ୍କ ମା' ବୟସର ଏ ତାରତମ୍ୟ ପାଇଁ ହୁଏତ କିଛି ଆପତ୍ତି କରି ନ ପାରନ୍ତି; କିନ୍ତୁ ଯଦି କୌଣସି ଅପବାଦ ରଟନା ହୁଏ, ତେବେ କଥାଟା ଭିନ୍ନ ହୋଇଯିବ। ତେଣୁ... ଏଇ ତ ଆମେ ପହଞ୍ଚିଗଲେ।''

ଖୁବ୍ ସୁନ୍ଦର ଘରଟାଏ। ତଳ ଫାଟକ ପାଖରେ ଜଣେ ଚାକର। ମେସିନ୍ ପରି କାମ କରେ। ସେ ଆମ କାର୍ଡ଼ଖଣ୍ଡ ନେଇ ଉପରକୁ ଚାଲିଗଲା ଓ ଫେରିଆସି କହିଲା– ''ମାଲିକାଣୀ ଘରେ ନାହାନ୍ତି।''

ହୋମ୍‌ସ ହସି ହସି କହିଲେ, ''ତା'ହେଲେ ସେ ଫେରିବାଯାଏ ଆମେ ଅପେକ୍ଷା କରୁଛୁ।''

ଚାକରଟା ବିଗିଡ଼ିଯାଇ କହିଲା, ''ଘରେ ନାହାନ୍ତି ଅର୍ଥ ଆପଣଙ୍କ ସାଥିରେ ଦେଖାକରିବାକୁ ନାହାନ୍ତି।''

''ଠିକ୍ ଅଛି। ତା'ହେଲେ ଆମର ଅପେକ୍ଷା କରିବା ଦର୍କାର ନାହିଁ। ଦୟାକରି ଏଇ ଚିଠିଖଣ୍ଡ ତୁମ ମାଲିକାଣୀଙ୍କୁ ଦେଇଦେବ।''

ସେ ନୋଟ୍ ବୁକ୍‌ରୁ ଖଣ୍ଡେ କାଗଜ ଆଣି ଚାରି-ଛଅଟା ଶବ୍ଦ ଲେଖି, କାଗଜଖଣ୍ଡ ଭାଙ୍ଗିଭୁଙ୍ଗି ଲୋକଟା ହାତକୁ ଦେଇଦେଲେ।

ମୁଁ ପଚାରିଲି, ''କଣ ଲେଖିଲ ହୋମ୍‌ସ ?''

''କେବଳ ଲେଖିଲି– 'ତା'ହେଲେ କଣ ପୋଲିସ ଆସିବା ଦର୍କାର ?' ମୁଁ ଭାବୁଛି ଆମେ ଭିତରକୁ ଯିବା ପାଇଁ ସେଇତକ ଯଥେଷ୍ଟ।''

ସତକୁ ସତ ବଡ଼ ବିଚିତ୍ରଭାବେ ସେଇଆ ହେଲା। ମିନିଟ୍‌କ ପରେ ଆମେ ଡ୍ରଇଂ ରୁମ୍ ଭିତରେ ପହଞ୍ଚିଲୁ। ଆରେବିୟାନ୍ ନାଇଟ୍‌ସରେ ବର୍ଣ୍ଣିତ

Digitized by srujanika@gmail.com

ଡ୍ରଇଂ ରୁମ୍ ପରି ବିରାଟ ଓ ବିସ୍ମୟକର। ନେଳିଆ ଇଲେକ୍‌ଟ୍ରିକ୍ ଆଲୁଅରେ ସ୍ୱପ୍ନପୁରୀ ପରି ଜଣାଯାଉଥାଏ। ଭଦ୍ରମହିଳା ଅପେକ୍ଷା କରିଥିଲେ। ଆମେ ପହଞ୍ଚିବାମାତ୍ରେ ସେ ଉଠି ଠିଆହେଲେ। ରାଣୀ ପରି ସୁନ୍ଦର ଚେହେରା। ତୂଳିରେ ଚିତ୍ର କଲା ପରି ମୁହଁ। ହୋମ୍‌ସଙ୍କ ଲେଖା କାଗଜ ଖଣ୍ଡ ହାତରେ ଧରି ସେ ପଚାରିଲେ, ''ଏମିତି ଅନାହୂତ ଭାବେ ଆସିବା ଆଉ ଏ ଅପମାନଜନକ ଖବର ଦେବାର ଅର୍ଥ କ'ଣ ?''

''ସେ କଥା ବୁଝାଇବା ମୋର ଦର୍କାର ନାହିଁ। ଆପଣଙ୍କ ଜ୍ଞାନ ପ୍ରତି ମୋର ଯଥେଷ୍ଟ ସମ୍ମାନ ଅଛି। ଅବଶ୍ୟ ଏବେ ଆପଣଙ୍କ ଜ୍ଞାନ ଖରାପ ବାଟରେ ଗତି କରିବା ଦେଖି ମୁଁ ବିସ୍ମିତ।''

''କିପରି ?''

''ଆପଣ ଭଡ଼ାଟିଆ ଗୁଣ୍ଡାଙ୍କ ଦ୍ୱାରା ମୋତେ ଡରାଇବାକୁ ଭାବିବାଦ୍ୱାରା। ବିପଦପ୍ରତି ଯେଉଁ ଲୋକର ଆକର୍ଷଣ ନାହିଁ, ସେ ମୋ ବ୍ୟବସାୟ କରିପାରିବ ନାହିଁ। ଆପଣ ମୋତେ ଭୟ ଦେଖାଇବାକୁ ଯାଇ ମାବେରଲି କେଶ୍ ପରୀକ୍ଷା କରି ଦେଖିବାକୁ ବାଧ କଲେ।''

''ଆପଣ କ'ଣ କହୁଛନ୍ତି ମୁଁ ବୁଝିପାରୁନାହିଁ। ଭଡ଼ାଟିଆ ଗୁଣ୍ଡାଙ୍କ ସାଥିରେ ମୋର କି ସମ୍ବନ୍ଧ ?''

ମୁହଁ ବୁଲାଇ ହୋମ୍‌ସ କହିଲେ, ''ଆପଣଙ୍କର ବୁଦ୍ଧି ଏତେ ବେଶି ବୋଲି ମୋର ଧାରଣା ନ ଥିଲା। ହଉ, ଆମେ ଆସୁଛୁ।''

''ରହନ୍ତୁ, କୁଆଡ଼େ ଯାଉଛନ୍ତି ?''

''ସ୍କଟ୍‌ଲାଣ୍ଡ ୟାର୍ଡକୁ।''

ଆମେ ଦରଜା ପାଖକୁ ଆସିବାଆଗରୁ ଭଦ୍ରମହିଳା ଦୌଡ଼ିଆସି ହୋମ୍‌ସଙ୍କ ହାତ ଧରିପକାଇଲେ। ଦେଖିଲି, ମୁହୂର୍ତ୍ତକ ଭିତରେ ସେ ଲୁହାରୁ ତୁଳାକୁ ବଦଳିଯାଇଛନ୍ତି।

ଖୁବ୍ ବିନମ୍ରଭାବରେ ସେ କହିଲେ, ''ଆପଣମାନେ ଆସନ୍ତୁ, ବସନ୍ତୁ, ଘଟଣାଟା ବିଷୟରେ କଥାବାର୍ତ୍ତା ହେବା। ଦେଖୁଛି, ଆପଣଙ୍କ ସାଥିରେ ମୋର ଖୋଲାଖୋଲି କଥାବାର୍ତ୍ତା କରିବା ଦରକାର। ଆପଣ ଜଣେ ଭଦ୍ରଲୋକ ମିଷ୍ଟର୍ ହୋମ୍‌ସ– ମୋର ନାରୀସୁଲଭ ଗୁଣବଳରେ ମୁଁ ଖୁବ୍ ଶୀଘ୍ର ଏକଥା ଜାଣିପାରୁଛି। ଆପଣଙ୍କୁ ମୁଁ ଜଣେ ବନ୍ଧୁ ବୋଲି ମନେକରିବି।''

Digitized by srujanika@gmail.com

''ମୁଁ କିନ୍ତୁ ବିନିମୟରେ ସେ ପ୍ରତିଶ୍ରୁତି ଦେଇପାରିବି ନାହିଁ। ମୁଁ ବିଚାରକ ନୁହେଁ। ମୋର ସାମାନ୍ୟ ଶକ୍ତିଦ୍ୱାରା ମୁଁ କେବଳ ନ୍ୟାୟର ପ୍ରତିଷ୍ଠା କରିଥାଏ। ଆପଣଙ୍କ କଥା ଶୁଣିବାକୁ ମୁଁ ରାଜି। ତା'ପରେ କ'ଣ କରିବି ସେକଥା ଆପଣଙ୍କୁ କହିବି।''

''ଆପଣଙ୍କ ପରି ଜଣେ ସାହସୀ ଲୋକକୁ ଭୟ ଦେଖାଇବାକୁ ଚେଷ୍ଟାକରିବା ନିଶ୍ଚୟ ମୋର ବୋକାମି।''

''ଆପଣଙ୍କର ଆହୁରି ବଡ଼ ବୋକାମି ହେଲା, ଆପଣ ନିଜକୁ ଦଳେ ବଦ୍‌ମାସଙ୍କ ହାତମୁଠାରେ ଛାଡ଼ିଦେଇଛନ୍ତି। ସେମାନେ ଆପଣଙ୍କୁ ସବୁବେଳେ ଡରାଇ ଧନ ଅସୁଲ କରିବେ କିମ୍ବା ଆପଣଙ୍କୁ ଶେଷ କରିଦେବାକୁ ପଛେଇବେ ନାହିଁ।''

''ନା, ନା, ମୋତେ ଏତେଟା ସରଳ ବୋଲି ଭାବନ୍ତୁ ନାହିଁ ମିଷ୍ଟର୍ ହୋମ୍‌ସ। ମୁଁ ଯେତେବେଳେ ସବୁ ଖୋଲାଖୋଲି କଥାବାର୍ତ୍ତା କରିବାକୁ କହିଛି, ଆପଣଙ୍କ ପାଖରେ କିଛି ଲୁଚାଇବି ନାହିଁ। ବାର୍‌ନି ଷ୍ଟକ୍‌ଡେଲ୍ ଆଉ ତା'ର ସ୍ତ୍ରୀ ସୁସାନ୍ ଛଡ଼ା ଅନ୍ୟ କେହି ଜାଣନ୍ତି ନାହିଁ ତାଙ୍କର ମାଲିକ କିଏ। ସେ ଦୁହିଁଙ୍କ ପାଇଁ ଚିନ୍ତା ନାହିଁ; କାରଣ ତାଙ୍କପାଇଁ ଏଟା ପ୍ରଥମ ନୁହେଁ।''

''ଆପଣ ତା'ହେଲେ ତାଙ୍କୁ ପରୀକ୍ଷା କରିଛନ୍ତି ?''

''ହଁ, ସେମାନେ ଠିକ୍ କୁକୁର ପରି ଚୁପ୍‌ଚାପ୍ ଧାଇଁଥାନ୍ତି।''

''କିନ୍ତୁ ସେ କୁକୁରଗୁଡ଼ା ବେଳେବେଳେ ତାଙ୍କୁ ଖାଇବାକୁ ଦେଉଥିବା ଲୋକକୁ କାମୁଡ଼ିଥାନ୍ତି। ଏଇ ଡକାୟତି ନେଇ ପୋଲିସ ସେ ଦୁହିଁଙ୍କୁ ଆରେଷ୍ଟ କରିବ। ପୋଲିସ ତାଙ୍କ ପଛରେ ଲାଗିଗଲେଣି।''

''ତାଙ୍କର ଯାହା ହେବ ସେ ବୁଝିବେ, ସେଥିପାଇଁ ତାଙ୍କୁ ମୁଁ ଯଥେଷ୍ଟ ଅର୍ଥ ଦେଇଛି। ତେଣୁ ଏ ଘଟଣାରେ ମୁଁ ପଦାରେ ପଡ଼ିବା ପ୍ରଶ୍ନ ନାହିଁ।''

''ଅବଶ୍ୟ ମୁଁ ଯଦି ଆପଣଙ୍କୁ ପଦାରେ ନ ପକାଏ।''

''ନା, ନା; ଆପଣ ତା' କରିବେ ନାହିଁ। ଆପଣ ଭଦ୍ରଲୋକ; ଆଉ ଏଟା ଜଣେ ନାରୀର ଗୋପନୀୟ କଥା।''

''ପ୍ରଥମେ ସେଇ ଲେଖାଟା ଆପଣ ମୋତେ ଫେରାଇଦେବେ।''

Digitized by srujanika@gmail.com

ସେ ହସିଉଠିଲେ, ତା'ପରେ ନିଆଁଚୁଲା ପାଖକୁ ଚାଲିଗଲେ। ତା'ପରେ ସେଠି ଜମାହୋଇଥିବା ମୋଟାଏ ପାଉଁଶକୁ ପୋକର୍‌ରେ ଘାଣ୍ଟିଦେଇ କହିଲେ, ''ଏଇଆକୁ ଫେରାଇ ଦେବି?'' ସେ ଏକ ସଇତାନି ହସ ହସି ଆମ ଆଗରେ ଠିଆହୋଇଥାନ୍ତି। ତାଙ୍କୁ ଦେଖି ମୋର ମନେହେଲା ହୋମ୍‌ସ ତାଙ୍କ ଜୀବନରେ ଯେତେ ଅପରାଧୀଙ୍କର ମୁକାବିଲା କରିଛନ୍ତି, ତା' ଭିତରେ ଏଇ ନାରୀର ମୁକାବିଲା କରିବା ସବୁଠୁ କଠିନ। କିନ୍ତୁ ହୋମ୍‌ସ ଭାବପ୍ରବଣତାରୁ ସମ୍ପୂର୍ଣ୍ଣ ମୁକ୍ତ। ଧୀର ସ୍ୱରରେ ସେ କହିଲେ, ''ତା'ହେଲେ ଆପଣଙ୍କ ଭାଗ୍ୟ ଖରାପ। ଆପଣ ସବୁ କାମ କରିବାରେ ଖୁବ୍ ତତ୍ପର; କିନ୍ତୁ ଏ ଘଟଣାରେ ଆପଣ ସୀମା ଅତିକ୍ରମ କରିଯାଇଛନ୍ତି।''

ପୋକର୍‌ଟା ଫିଙ୍ଗିଦେଇ ସେ କହିଲେ, ''ଆପଣ କେଡ଼େ ନିଷ୍ଠୁର! ମୁଁ ସମୁଦାୟ ଘଟଣାଟା ଆପଣଙ୍କୁ କହିପାରେ କି?''

''ମୁଁ ଭାବୁଛି, ମୁଁ ଆପଣଙ୍କୁ ଘଟଣାଟା କହିଦେଇପାରିବି।''

''କିନ୍ତୁ ଆପଣ ମୋ ଦୃଷ୍ଟିକୋଣରୁ ଘଟଣାଟା ବିଚାର କରିବେ ମିଷ୍ଟର୍ ହୋମ୍‌ସ! ଜଣେ ନାରୀ ତା' ଜୀବନରେ ସବୁ ଆଶା ପୂର୍ଣ୍ଣ କରିବାକୁ ଯାଉଛି। ଶେଷ ମୁହୂର୍ତ୍ତରେ ସେ ଆଶା ପାଣିଫୋଟକା ପରି ମିଳେଇଯିବାକୁ ବସିଛି। ସେ ନାରୀ ନିଜକୁ ରକ୍ଷା କରିବାକୁ ଚେଷ୍ଟା କଲେ ଆପଣ କ'ଣ ତାକୁ ଦୋଷ ଦେବେ? ଏକଥା ବିଚାର କରନ୍ତୁ।''

''କିନ୍ତୁ ମୂଳ ଦୋଷ ତ ଆପଣଙ୍କର।''

''ହଁ, ମୁଁ ସେକଥା ସ୍ୱୀକାର କରୁଛି। ଡଗ୍‌ଲାସ୍ ଅତି ସୁନ୍ଦର ଲୋକ; କିନ୍ତୁ ଘଟଣାଟା ଏମିତି ହେଲା ଯେ ତାଙ୍କ ସାଥିରେ ମୋର ଖାପ୍ ଖାଇଲା ନାହିଁ। ସେ ଚାହିଁଲେ ବିବାହ— ଜଣେ ସାଧାରଣ ଦରିଦ୍ର ଲୋକ ସାଥିରେ ବିବାହ। ମିଷ୍ଟର୍ ହୋମ୍‌ସ! ଆଉ କୌଣସିଥିରେ ସେ ତୃପ୍ତ ନୁହଁ। ଶେଷରେ ସେ ଜିଦ୍ ଧରିବସିଲେ। ସେ ଭାବିଲେ, ମୁଁ ଯେତେବେଳେ ତାଙ୍କୁ କିଛି ଦେଇଛି, ବରାବର ଦେବାକୁ ବାଧ୍ୟ। ମୁଁ କିନ୍ତୁ ସେ କଥା ସହିପାରିଲି ନାହିଁ। ଶେଷରେ ତାଙ୍କୁ ସେ କଥା ବୁଝାଇଦେଲି।''

''ଆପଣଙ୍କ ଘର ଝରକା ପାଖରେ ଭଡ଼ାଟିଆ ଗୁଣ୍ଡାଙ୍କ ହାତରେ ତାଙ୍କୁ ମାଡ଼ ମରାଇ?''

Digitized by srujanika@gmail.com

''ଆପଣ ସବୁକଥା ଜାଣିଲା ପରି ମନେହେଉଛି। ହଁ, ସେ କଥା ସତ! ବାଉନି ଆଉ ଅନ୍ୟମାନେ ତାଙ୍କୁ ତଡ଼ିଦେବାକୁ ଗଲେ। ମାନୁଛି, ସେମାନେ ଟିକିଏ ନିଷ୍ଠୁର ହୋଇଛନ୍ତି। କିନ୍ତୁ ଡଗ୍‌ଲାସ୍ କ'ଣ କଲେ? ଜଣେ ଭଦ୍ରଲୋକ ଯା କରିବା ମୁଁ କେମିତି କଳ୍ପନା କରିଥାନ୍ତି? ସେ ନିଜର ଜୀବନ-କାହାଣୀ ଗୋଟେ ବହି ଆକାରରେ ଲେଖି-ପକାଇଲେ। ସେଥିରେ ସେ ନିରୀହ ମେଣ୍ଢାଛୁଆ; ମୁଁ ହେଟାବାଘ। ସବୁ ଘଟଣା ସେ ଲେଖିଥିଲେ, ଅବଶ୍ୟ ନାମଗୁଡ଼ାକ ସେ ବଦଳାଇ ଦେଇଥିଲେ। କିନ୍ତୁ ସାରା ଲଣ୍ଡନରେ କଥାଟା ନ ଜାଣିବ କିଏ? ଏ ବିଷୟରେ ଆପଣ କ'ଣ କହୁଛନ୍ତି ମିଷ୍ଟର୍ ହୋମ୍‌ସ?''

''ସେ ତାଙ୍କର ଅଧିକାର ବାହାର କାମ କରିନାହାନ୍ତି।''

'ଇଟାଲିର ପାଣି-ପବନ ସତେ ଯେମିତି ତାଙ୍କ ରକ୍ତରେ ମିଶିଯାଇଥିଲା। ସେ ପୁରୁଣା ଇଟାଲିୟାନଙ୍କ ପରି ନିଷ୍ଠୁର ହୋଇଗଲେ। ସେ ତାଙ୍କ ଲେଖାର ଗୋଟେ କପି ମୋ ପାଖକୁ ପଠାଇଦେଲେ— ମୁଁ ଯେମିତି ଆଶଙ୍କାରେ ସବୁବେଳେ ଘାଣ୍ଟିହେବି। ବହିର ଦୁଇଟା କପି କରିଛନ୍ତି ବୋଲି ସେ ଲେଖିଥିଲେ, ଗୋଟାଏ ମୋ ପାଇଁ ଆଉ ଗୋଟେ ପ୍ରକାଶକଙ୍କ ପାଇଁ।'

''ପ୍ରକାଶକଙ୍କୁ ବହିଟା ଦିଆଯାଇନାହିଁ ବୋଲି ଆପଣ ଜାଣିଲେ କେମିତି?''

ତାଙ୍କ ପ୍ରକାଶକ କିଏ ମୁଁ ଜାଣିଥିଲି। ଏଇଟା ତାଙ୍କର ଏକମାତ୍ର ଉପନ୍ୟାସ ନୁହେଁ— ଇଟାଲିରେ ମୁଁ ଏ ଖବର ନେଇଥିଲି। ତା'ପରେ ହଠାତ୍ ଡଗ୍‌ଲାସ୍‌ଙ୍କର ମୃତ୍ୟୁ ହୋଇଗଲା। ତାଙ୍କ ବହିର ଅନ୍ୟ ନକଲ ଥିବାଯାଏ ମୁଁ ମୋଟେ ନିଶ୍ଚିନ୍ତ ନିରାପଦ ନ ଥିଲି। ମୁଁ ଜାଣିଥିଲି ସେଟା ତାଙ୍କ ଜିନିଷପତ୍ର ଭିତରେ ଥିବ ଏବଂ ସେଗୁଡ଼ାକ ତାଙ୍କ ମାଆଙ୍କ ପାଖକୁ ପଠାଇଦିଆଯିବ। ତେଣୁ ମୁଁ ମୋ ଦଳକୁ କାମରେ ଲଗାଇଦେଲି। ତା' ଭିତରୁ ଜଣେ ତାଙ୍କ ଘରେ ଚାକରାଣୀ ହୋଇ ଢୁକିଲା। ମୁଁ କାମଟା ସୁରୁଖୁରୁରେ ହାସଲ କରିବାକୁ ଚାହୁଁଥିଲି ଆଉ କରିଥିଲି ମଧ୍ୟ। ମୁଁ ଘରଟା ଏବଂ ତା' ଭିତରେ ଥିବା ଜିନିଷ କିଣିନେବାକୁ ପ୍ରସ୍ତୁତ ଥିଲି। ସେଥିପାଇଁ ଯାହା ସେ ଦାମ୍ ଚାହିଁବେ, ଦେବାକୁ ବି ରାଜିଥିଲି।

Digitized by srujanika@gmail.com

ଏ ଯୋଜନା ଯେତେବେଳେ ସଫଳ ନ ହେଲା, ମୁଁ ବାଧ୍ୟ ହୋଇ ଅନ୍ୟ ବାଟ ଧରିଲି । ଅବଶ୍ୟ ଡଗ୍‌ଲାସ୍‌ଙ୍କ ପ୍ରତି ମୁଁ ନିର୍ମମ ହୋଇଯାଇଥିଲି । ସେଥିପାଇଁ ମୁଁ ଖୁବ୍ ଦୁଃଖିତ । କିନ୍ତୁ କୁହନ୍ତୁ ମିଷ୍ଟର୍ ହୋମ୍‌ସ, ମୋ ଭବିଷ୍ୟତ ଯେତେବେଳେ ନଷ୍ଟ ହେବାକୁ ଯାଉଛି ମୁଁ ଆଉ କ'ଣ କରିଥାନ୍ତି ?''

''ତଥାପି ଆପଣଙ୍କର ଏ ପାପର ପ୍ରାୟଶ୍ଚିତ୍ତ ପାଇଁ ମୋତେ କିଛି ଗୋଟେ ମୀମାଂସା କରିବାକୁ ହେବ ବୋଲି ମୁଁ ଭାବୁଛି । ଆଚ୍ଛା, ପୃଥିବୀ ସାରା ବୁଲି ଆସିବାପାଇଁ କେତେ ଖର୍ଚ୍ଚ ହେବ ?''

ଭଦ୍ରମହିଳା ବିସ୍ମୟରେ ଚାହିଁରହିଲେ । ହୋମ୍‌ସ ପଚାରିଲେ, ''ପାଞ୍ଚ ହଜାର ପାଉଣ୍ଡରେ ହେବ ?'' ଭଦ୍ରମହିଳା ଉତ୍ତର ଦେଲେ, ''ମୁଁ ଭାବୁଛି ଯଥେଷ୍ଟ ହେବ ।''

''ଠିକ୍ ଅଛି, ଆପଣ ତେବେ ପାଞ୍ଚ ହଜାର ପାଉଣ୍ଡର ଖଣ୍ଡେ ଚେକ୍ ଦସ୍ତଖତ କରି ମୋତେ ଦିଅନ୍ତୁ । ମୁଁ ସେଟା ଶ୍ରୀମତୀ ମାବେର୍‌ଲିଙ୍କୁ ଦେଇଦେବି । ଆଉ ଗୋଟେ କଥା ଶ୍ରୀମତୀ କ୍ଲିନ୍, ସାବଧାନ ରହନ୍ତୁ । ଆପଣ ସବୁଦିନେ ଏମିତି ଧାରୁଆ ଅସ୍ତ୍ର ନେଇ ଖେଳିଲେ ଦିନେ ନା ଦିନେ କ୍ଷତ-ବିକ୍ଷତ ହେବେ ।''

□ □ □

Digitized by srujanika@gmail.com

ସସେକ୍ସର ଡାହାଣୀ

ଡାକରେ ସେଇକ୍ଷଣି ଆସିଥିବା ଚିଠିଖଣ୍ଡ ହୋମ୍ସ ପଢ଼ିସାରିଥିଲେ। ତା'ପରେ ସାମାନ୍ୟ ହସି ଚିଠିଟା ମୋ ଆଡ଼କୁ ବଢ଼ାଇଦେଇ ସେ କହିଲେ, "ଆଧୁନିକ ଯୁଗ ଓ ପ୍ରାଚୀନ ଯୁଗ ତଥା ବାସ୍ତବ ଓ ଉଦ୍ଭଟ କଳ୍ପନାର ମିଶ୍ରଣର ଏଇଟା ଶେଷ ସୀମା ବୋଲି ମୁଁ ଭାବୁଛି। ତୁମେ ଏଥିରୁ କ'ଣ ଜାଣୁଛ ଓଆଟ୍ସନ୍ ?"

ମୁଁ ଚିଠିଖଣ୍ଡ ପଢ଼ିଲି। ଲେଖାଥିଲା –

୪୬, ଓଲ୍ଡ୍ ଜିଉରି
ନଭେମ୍ବର, ୧୯

ଡାହାଣୀ ବିଷୟରେ

ମହାଶୟ,

ମିନିକିଙ୍କ ଲେନ୍‌ର ଚା' ବ୍ୟବସାୟୀ ଫରଗୁସନ୍ ଆମର ମହକିଲ। ସେ ଆଜି ଆମ ପାଖକୁ ଖଣ୍ଡେ ଚିଠି ଲେଖି ଡାହାଣୀ ବିଷୟରେ କେତେ କଥା ପଚାରିଛନ୍ତି। କିନ୍ତୁ ଆମ ଅନୁଷ୍ଠାନ ସେ ବିଷୟରେ ଅଜ୍ଞ। ତେଣୁ ଆପଣଙ୍କ ସହିତ ଦେଖାକରିବା ପାଇଁ ଆମେ ତାଙ୍କୁ ସୁପାରିଶ କରିଛୁ। ମାଟିଲ୍‌ଡ଼ା ବ୍ରିଗ୍ କେଶ୍‌ରେ ଆପଣଙ୍କ ଚମକପ୍ରଦ ସଫଳତା ଆମେ ଭୁଲିନାହୁଁ। ।ଇତି।

ଆପଣଙ୍କର ବିଶ୍ୱସ୍ତ
ମରିସନ୍, ମରିସନ ଓଡଡ୍

"ମାଟିଲଡ଼ା ବ୍ରିଗ୍ସ୍ କୌଣସି ତରୁଣୀର ନାଁ ନୁହେଁ ଓଆଟ୍ସେନ୍, ଏହା ଏକ ଜାହାଜର ନାଁ। ସୁମାତ୍ରା ପାଖରେ ଥିବା ବିରାଟକାୟ ମୂଷା ସହିତ ଏହା ସଂପୃକ୍ତ। ସେକଥା ଦୁନିଆ ଏଯାଏ ମଧ୍ୟ ବିଶ୍ୱାସ କରିବାକୁ ପ୍ରସ୍ତୁତ ନୁହେଁ। ଛାଡ଼ ସେକଥା, ହେଲେ ଆମେ ବା ଡାହାଣୀ ବିଷୟରେ କ'ଣ ଜାଣୁ – ଏଗୁଡ଼ା ସିନା ଗୁଣିଆଙ୍କ କାମ – ଆମର ଏଥିରେ କ'ଣ ଅଛି ? ଯାହାହେଉ ଚୁପ୍‌ଚାପ୍ ନିଶ୍ଚଳ ହୋଇ ବସିରହିବା ଅପେକ୍ଷା

Digitized by srujanika@gmail.com

ଯେକୌଣସି କାମ କରିବା ଅନ୍ତତଃ ଭଲ। କିନ୍ତୁ ଆମେ ବାସ୍ତବରେ ଗୋଟାଏ ପରୀ କାହାଣୀ ଭିତରକୁ ପଶୁଛେ। ହେଉ, ହାତ ବଢ଼ାଇ ସେଠୁ ସେ ଇଣ୍ଡେକ୍ସ ବହିଟା ଦେଲ।''

ମୁଁ ଲଇଁପଡ଼ି ବହିଟା ଆଣି ତାଙ୍କୁ ବଢ଼ାଇଦେଲି। ସେ ଆଣ୍ଠୁ ଉପରେ ବହିଟା ମେଲାଇ ପୁରୁଣା କେଶ୍ ଆଉ ସେଥିରୁ ମିଳିଥିବା ତଥ୍ୟସବୁ ଉପରେ ଆଖି ବୁଲାଇନେଲେ। 'ଡ' ଅକ୍ଷରରେ ଆରମ୍ଭ ହୋଇଥିବା ଶବ୍ଦଗୁଡ଼ା ସେ ଗୋଟି ଗୋଟି କରି ପଢ଼ିଯାଉଥାନ୍ତି। ଶେଷରେ ସେ କହିଉଠିଲେ, ''ଏଇ, ଶୁଣ ୱାଟ୍ସନ୍। ଡାହାଣୀ – ଡାହାଣୀ – ହଙ୍ଗେରୀର ଡାହାଣୀ – ଟ୍ରାନ୍ସିଲ୍ଭାନିଆର ଡାହାଣୀ।'' ସେ ଖୁବ୍ ବ୍ୟଗ୍ର ହୋଇ ପୃଷ୍ଠାପରେ ପୃଷ୍ଠା ଓଲଟାଇଗଲେ। କିନ୍ତୁ ଅଳ୍ପ ସମୟ ପରେ ହତାଶ ଏବଂ ବିରକ୍ତ ହୋଇ ବହିଟା ଫିଙ୍ଗିଦେଲେ ଓ କହିଲେ, ''ବାଜେ ୱାଟ୍ସନ୍, ସବୁ ବାଜେ କଥା। 'ଚଳନ୍ତା ଶବ' ବାବଦରେ ଆମେ କ'ଣ କରିପାରିବା ? ସେମାନଙ୍କୁ କେବଳ ତାଙ୍କ ସମାଧି ଭିତରେ ଜବତ କରାଯାଇପାରେ; ତା' ମଧ୍ୟ ତାଙ୍କ ଛାତିଭିତର ଦେଇ କିଳାମାନ ପିଟି। ଏଟା ପୂରାପୂରି ପାଗଳାମି।''

''କିନ୍ତୁ ଡାହାଣୀ ତ କେବଳ ମୃତଲୋକ ନୁହେଁ, ଜଣେ ଜିଅନ୍ତା ଲୋକର ମଧ୍ୟ ସେ ଅଭ୍ୟାସ ଥାଇପାରେ। ମୁଁ ପଢ଼ିଛି, ବୟସ୍କ ଲୋକେ ତାଙ୍କ ଯୌବନ ରକ୍ଷା କରିବା ପାଇଁ ଯୁବକମାନଙ୍କ ଦେହରୁ ରକ୍ତ ଶୋଷିନିଅନ୍ତି।''

''ତୁମେ ଠିକ୍ କହିଛ ୱାଟ୍ସନ୍। କିନ୍ତୁ ଆମେ କ'ଣ ଏ କଥା ଉପରେ ଗୁରୁତ୍ୱ ଦେବା ? ଯେଉଁ ଏଜେଣ୍ଟ୍ ଏ ଚିଠି ଦେଇଛନ୍ତି, ତାଙ୍କର ଏ ବିଷୟରେ କିଛି ଆଗ୍ରହ ନାହିଁ; ତେଣୁ ଘଟଣାଟା ଏଇଠି ରହୁ। ଏ ବିରାଟ ପୃଥିବୀରେ ଆମ ପାଇଁ ଯଥେଷ୍ଟ କାମ ଅଛି। ତେଣୁ ଭୂତ ବିଷୟରେ ମୁଣ୍ଡ ଖେଳାଇବା ଦରକାର ନାହିଁ। ମୁଁ ଭାବୁଛି, ରବର୍ଟ ଫରଗୁସନ୍‌ଙ୍କ କଥାରେ ଆମେ ଗୁରୁତ୍ୱ ଦେଇପାରିବାନାହିଁ। ଏଇ ଆଉ ଚିଠିଖଣ୍ଡ ବୋଧହୁଏ ତାଙ୍କ ପାଖରୁ ଆସିଛି। ଏଥିରୁ ତାଙ୍କର ଅସୁବିଧା ବିଷୟରେ ଆମେ ବୋଧହୁଏ କିଛି ଜାଣିପାରିବା।''

ଟେବୁଲ୍ ଉପରେ ପଡ଼ିଥିବା ଆଉ ଖଣ୍ଡେ ଚିଠି ସେ ଉଠାଇନେଲେ। ସେଇଟା ଉପରେ ନଜର ପଡ଼ି ନ ଥିଲା। ଚିଠିଖଣ୍ଡ ନେଇ ସେ

Digitized by srujanika@gmail.com

ପଢ଼ିଲେ। ତାଙ୍କ ମୁହଁରେ ହସ ଦେଖାଗଲା। କିନ୍ତୁ ଧୀରେ ଧୀରେ ସେ ହସ ମିଳାଇଗଲା ଆଉ ତାଙ୍କ ମୁହଁ ଖୁବ୍ ଗମ୍ଭୀର ହୋଇଗଲା। ସେ ଏକାଗ୍ରଚିତ୍ତରେ ଚିଠିଟା ପଢ଼ିବାରେ ଲାଗିଲେ। ପଢ଼ିସାରିବା ପରେ ସେ କିଛି ସମୟ ଭାବନାରେ ବସିଗଲେ। ଶେଷରେ ସେ ସ୍ୱପ୍ନରାଜ୍ୟରୁ ହଠାତ୍ ଚେଇଁ ଉଠିଲେ।

''ଚିଜ୍‌ମ୍ୟାନ୍‌ସ୍, ଲାମ୍ବରଲି ! ଲାମ୍ବରଲି କେଉଁଠି ଉଆଟ୍‌ସନ୍ ?''

''ସସେକ୍‌ସ୍‌ରେ, ହର୍‌ସାମ୍‌ର ଦକ୍ଷିଣକୁ।''

''ବେଶୀ ଦୂର ନୁହେଁ ବୋଧହୁଏ ? ଆଉ ଚିଜ୍‌ମ୍ୟାନ୍‌ସ୍ ?''

''ମୁଁ ସେ ଅଞ୍ଚଳଟା ଭଲଭାବେ ଜାଣେ ହୋମ୍‌ସ ! ଜାଗାଟାରେ ଅନେକ ପୁରୁଣାକାଳିଆ ଘର। ଶହ ଶହ ବର୍ଷ ତଳେ ଯେଉଁମାନେ ସେ ଘରସବୁ ତିଆରି କରିଥିଲେ, ତାଙ୍କରି ନାଁ ଅନୁସାରେ ଘରଗୁଡ଼ାକର ନାଁ ଦିଆଯାଇଛି। ସେଠି ଓଡ୍‌ଲିଜ୍, ହାରଭେଜ୍, କାରିଟନ୍‌ସ୍, ଚିଜ୍‌ମ୍ୟାନ୍‌ସ୍ ଆଦି ଘର ଅଛି। ସେ ଲୋକମାନେ ମରିଯାଇଛନ୍ତି; କିନ୍ତୁ ଏଇ ସବୁ ଘରେ ତାଙ୍କ ନାଁ ରହିଯାଇଛି।''

ହୋମ୍‌ସଙ୍କ ଦାମ୍ଭିକ ଆତ୍ମବିଶ୍ୱାସପୂର୍ଣ୍ଣ ପ୍ରକୃତିର ଗୋଟେ ବିଶେଷତ୍ୱ ଥିଲା। ସେ କିଛି ନୂଆ ଖବର ପାଇଲେ ତାକୁ ସଠିକ୍ ମନେ ରଖିପାରୁଥିଲେ; କିନ୍ତୁ ଖବରଦାତା ପ୍ରତି କୃତଜ୍ଞତା ଜଣାଉ ନ ଥିଲେ। ମୋ କଥା ଶୁଣି ସଂକ୍ଷେପରେ କହିଲେ, ''ବୁଝିଲି, ଆମେ ସେ ବିଷୟରେ ଆହୁରି କିଛି ଜାଣିପାରିବା। ଏ ଚିଠିଟା ରବର୍ଟ ଫର୍‌ଗୁସନ୍‌ଙ୍କ ପାଖରୁ ଆସିଛି। ସେ ତୁମର ପରିଚିତ ବୋଲି ଲେଖିଛନ୍ତି।''

''ମୋର ପରିଚିତ ?''

''ହଁ, ତୁମେ ବରଂ ଚିଠିଟା ପଢ଼।''

ସେ ଚିଠିଟା ମୋତେ ବଢ଼ାଇଦେଲେ। ସେଥିରେ ଲେଖାଥିଲା –

'ପ୍ରିୟ ମିଷ୍ଟର୍ ହୋମ୍‌ସ,

ଆପଣଙ୍କ ସଙ୍ଗେ ପରାମର୍ଶ କରିବା ପାଇଁ ମୋ ଓକିଲ ମୋତେ ଉପଦେଶ ଦେଇଛନ୍ତି। କିନ୍ତୁ ଘଟଣାଟା ଏତେ ଗୁପ୍ତ ଆଉ ଲଜ୍ଜାକର ଯେ ତାହା ଆଲୋଚନା କରିବା ବଡ଼ କଷ୍ଟକର। ମୋର ଜଣେ ବନ୍ଧୁଙ୍କୁ ନେଇ ଏ ଘଟଣା। ତାଙ୍କ ପାଇଁ ମୁଁ କାମ କରୁଛି। ମୋର ଏଇ

Digitized by srujanika@gmail.com

ବନ୍ଧୁ ପାଞ୍ଚ ବର୍ଷ ତଳେ ପେରୁଭିଆର ଜଣେ ବ୍ୟବସାୟୀଙ୍କ ଝିଅକୁ ବିବାହ କରିଥିଲେ। ମହିଳାଜଣକ ଅତି ସୁନ୍ଦରୀ; କିନ୍ତୁ ତାଙ୍କ ବିଦେଶୀ ଜନ୍ମ ଆଉ ଧର୍ମ ଯୋଗୁଁ ସ୍ୱାମୀ ସ୍ତ୍ରୀଙ୍କ ଭିତରେ ସବୁବେଳେ ମତଭେଦ ଦେଖାଗଲା। କିଛି ଦିନ ପରେ ସ୍ତ୍ରୀଙ୍କ ପ୍ରତି ସ୍ୱାମୀଙ୍କର ସ୍ନେହ ହୁଏତ ଊଣା ହୋଇଯାଇଥାନ୍ତା ଏବଂ ତାଙ୍କ ବିବାହକୁ ଗୋଟାଏ ବିରାଟ ଭୁଲ ବୋଲି ସେ ଭାବିଥାନ୍ତେ। କିନ୍ତୁ ସ୍ତ୍ରୀଙ୍କ ଚରିତ୍ରର ଗୋଟାଏ ଦିଗ ସେ ମୋଟେ ବୁଝିପାରୁ ନ ଥିଲେ। ସେଟା ହେଲା ସ୍ୱାମୀଙ୍କ ପ୍ରତି ତାଙ୍କର ଗଭୀର ଅନୁରକ୍ତି।

ଏ ବିଷୟ ଆମର ସାକ୍ଷାତ୍‌ବେଳେ ମୁଁ ଭଲଭାବେ ବୁଝାଇ କହିବି। ଘଟଣା ବିଷୟରେ ଆପଣଙ୍କୁ ଗୋଟେ ମୋଟାମୋଟି ଧାରଣା ଦେବା ଏବଂ ଆପଣ ଏଥିରେ ଆଗ୍ରହ ପ୍ରକାଶ କରିବେ କି ନାହିଁ ଜାଣିବା ଏ ଚିଠିର ଉଦ୍ଦେଶ୍ୟ। ଭଦ୍ରମହିଳା ବଡ଼ ସହିଷ୍ଣୁ ଆଉ ଧୀରସ୍ଥିର; କିନ୍ତୁ ତାଙ୍କ ବ୍ୟବହାରରେ କେତେକ ଅଦ୍ଭୁତ ପରିବର୍ତ୍ତନ ଦେଖାଗଲା। ଭଦ୍ରଲୋକ ଦୁଇଥର ବିବାହ କରିଥିଲେ। ତାଙ୍କ ପ୍ରଥମ ସ୍ତ୍ରୀଙ୍କର ଗୋଟିଏ ପୁଅ। ଏବେ ତା'ର ବୟସ ପନ୍ଦର। ବଡ଼ ସୁନ୍ଦର ଆଉ ସ୍ନେହୀ ପିଲା। ପିଲାଦିନେ ଗୋଟେ ଦୁର୍ଘଟଣାରେ ଆହତ ହୋଇଥିଲା। ଏଇ ବିଚରା ପିଲାଟିକୁ ବିନା କାରଣରେ ଭଦ୍ରମହିଳା ଦି'ଥର ମାଡ଼ ମାରିବାର ଦେଖାଗଲା। ଥରେ ସେ ବାଡ଼ିରେ ତାକୁ ପିଟିଲେ। ତା' ହାତରେ ଗୋଟେ ଚିହ୍ନ ରହିଗଲା।

ଯାହାହେଉ, ତାଙ୍କ ନିଜ ପିଲାପ୍ରତି ତାଙ୍କ ବ୍ୟବହାର ତୁଳନାରେ ଏଟା କିଛି ବଡ଼କଥା ନୁହେଁ। ତାଙ୍କର ଗୋଟିଏ ବୋଲି ପୁଅ। ବୟସ ବର୍ଷକ ଭିତରେ। ପ୍ରାୟ ମାସେ ତଳେ ଥରେ ପିଲାଟିକୁ ଛାଡ଼ିଦେଇ ତା' ଧାଈ କେତେ ମିନିଟ୍ ପାଇଁ ଚାଲିଯାଇଥିଲା। ପିଲାର ବିକଳ କାନ୍ଦ ଶୁଣି ସେ ଚଟ୍‌କରି ଧାଇଁଆସିଲା। ଘର ଭିତରକୁ ପଶିଯାଇ ଯାହା ଦେଖିଲା, ନିଜ ଆଖିକୁ ବିଶ୍ୱାସ କରି ପାରିଲା ନାହିଁ। ତା' ମାଲିକାଣୀ ପିଲା ଉପରେ ଲଇଁପଡ଼ି ତା' ବେକକୁ କାମୁଡ଼ି ଧରିଛନ୍ତି। ପିଲା ବେକରେ ଗୋଟେ ଛୋଟ ଆଘାତ ଚିହ୍ନ ଆଉ ସେଥିରୁ ରକ୍ତ ବୋହୁଥିଲା। ଧାଈ ଏତେ ଡରିଗଲା ଯେ ସେ ତା' ମାଲିକଙ୍କୁ ଡାକିବାକୁ

Digitized by srujanika@gmail.com

ବସିଥିଲା, କିନ୍ତୁ ଭଦ୍ରମହିଳା ତାକୁ ମନା କଲେ, ଆଉ କାହାକୁ କିଛି ନ କହିବା ପାଇଁ ତାକୁ ପାଞ୍ଚ ପାଉଣ୍ଡ ଲାଞ୍ଚ ଦେଲେ। ସେ କିନ୍ତୁ ତାଙ୍କର ଏ କାମର କାରଣ କିଛି କହିଲେ ନାହିଁ। କିଛି ଦିନ ପାଇଁ କଥାଟା ସେତିକିରେ ରହିଗଲା।

ଏ ଘଟଣାରେ ଧାଈ ମନରେ ବଡ଼ ଭୟ ହୋଇଗଲା। ସେ ପିଲାଟିକୁ ପ୍ରାଣଭରି ଭଲପାଉଥିଲା; ତେଣୁ ସେ ତାକୁ ସବୁବେଳେ ଜଗିରହିଲା, ତା' ସାଙ୍ଗେ ସାଙ୍ଗେ ମାଆଙ୍କର ଗତିବିଧି ଉପରେ ମଧ ନଜର ରଖିଲା। ତାକୁ ଜଣାଗଲା ସେ ଯେମିତି ମାଆଙ୍କ ଉପରେ ନଜର ରଖିଛି, ମାଆ ମଧ ସେମିତି ତା' ଉପରେ ନଜର ରଖିଛନ୍ତି। କେତେବେଳେ ଧାଈ କିଛି କାମରେ ବାଧହୋଇ ପିଲାକୁ ଛାଡ଼ି ଗଲେ ମାଆ ପିଲାପାଖକୁ ଆସିବାକୁ ଚାହିଁବସିଥାନ୍ତି। ଦିନରାତି ସବୁବେଳେ ଧାଈ ପିଲାଟିକୁ ଜଗିରହିଥାଏ, ଆଉ ଦିନରାତି ମାଆ ପିଲାକୁ ଏକୁଟିଆ ପାଇବା ପାଇଁ ଛକି ରହିଥାନ୍ତି— ଠିକ୍ ହେଟା ବାଘ ମେଣ୍ଢାଛୁଆକୁ ଛକି ରହିଲା ପରି। କଥାଟା ହୁଏତ ଆପଣଙ୍କୁ ଅସମ୍ଭବ ଜଣାଯାଉଥିବ; କିନ୍ତୁ ମୋର ଅନୁରୋଧ, ଆପଣ କଥାଟାକୁ ଗୁରୁତ୍ୱ ଦେଇ ବିଚାର କରିବେ। ଗୋଟିଏ ପିଲାର ଜୀବନ ଆଉ ଭଦ୍ରଲୋକଙ୍କର ମନୋବଳ ଯା ଉପରେ ନିର୍ଭର କରୁଛି।

ଶେଷରେ ଏକ ଭୟଙ୍କର ଦିନ ଆସିଲା। କଥାଟା ଘରମାଲିକଙ୍କ ପାଖରେ ଆଉ ଲୁଚିରହିପାରିଲା ନାହିଁ। ଧାଈ ବିଚାରୀ ଆଉ ଧୈର୍ଯ୍ୟ ଧରି ରହିପାରିଲା ନାହିଁ। ସେ ଭଦ୍ରଲୋକଙ୍କ ଆଗରେ ସବୁକଥା କହିଦେଲା। କଥାଟା ତାଙ୍କୁ ନିହାତି ଅସମ୍ଭବ ଲାଗିଲା। ତାଙ୍କ ସ୍ତ୍ରୀ ଖୁବ୍ ସ୍ନେହବତ୍ସଳା ବୋଲି ସେ ଜାଣିଥିଲେ। କେବଳ ସାବତପୁଅକୁ ବେଳେବେଳେ ମାରିବା ଛଡ଼ା ତାଙ୍କର ଆଉ କିଛି ଦୋଷ ନ ଥିଲା। ତେଣୁ ଭଦ୍ରଲୋକ କଥାଟାକୁ ମୋଟେ ବିଶ୍ୱାସ କଲେନାହିଁ, ଏଟା ଧାଈର ଗୋଟେ ସ୍ୱପ୍ନ ବୋଲି କହିଲେ। ଆଉ କେବେ ମାଲିକାଣୀ ନାଁରେ ଏମିତି କହିଲେ ତା'ର ଫଳ ପାଇବ ବୋଲି ସାବଧାନ କରାଇଦେଲେ। ସେମାନେ ହଠାତ୍ କଥାବାର୍ତ୍ତା ହେଉଥିବା ବେଳେ ହଠାତ୍ ଗୋଟେ କରୁଣ ଚିତ୍କାର ଶୁଣାଗଲା। ଧାଈ ଓ ମାଲିକ ଦୁହେଁ ସେ ଆଡ଼କୁ ଦୌଡ଼ିଗଲେ। ଭଦ୍ରଲୋକ ଦେଖିଲେ

Digitized by srujanika@gmail.com

ତାଙ୍କ ସ୍ତ୍ରୀ ଆଣ୍ଠୁମାଡ଼ି ବସିବା ଅବସ୍ଥାରୁ ଠିଆହେଉଛନ୍ତି। ପିଲାର ବେକ ଆଉ ଖଟ ଉପରେ ଚଦରରେ ରକ୍ତ। ତାଙ୍କ ମନରେ କି ଭାବ ଆସିଥିବ ଚିନ୍ତା କରନ୍ତୁ ମିଷ୍ଟର୍ ହୋମ୍ସ! ଭୟରେ ଚିତ୍କାର କରି ସେ ତାଙ୍କ ସ୍ତ୍ରୀଙ୍କ ମୁହଁ ଆଲୁଅ ଆଡ଼କୁ ବୁଲାଇଦେଲେ। ଦେଖିଲେ ତାଙ୍କ ଓଠସାରା ରକ୍ତ। ଏବେ ନିଶ୍ଚିତଭାବେ ଜାଣିଲେ ମାଆ ପୁଅର ରକ୍ତ ପିଇଯାଇଛି।

ଘଟଣାଟା ଏଇ ଅବସ୍ଥାରେ ଅଛି। ଭଦ୍ରମହିଳା ତାଙ୍କ ଘରଟି ଭିତରୁ ପଦାରୁ ବାହାରୁନାହାନ୍ତି। ତାଙ୍କ କାମର କିଛି କଇଫିଅତ ବି ଦେଇନାହାନ୍ତି। ତାଙ୍କ ସ୍ୱାମୀ ପାଗଳ ପରି ହୋଇଯାଇଛନ୍ତି। ସେ କିମ୍ବା ମୁଁ ଡାହାଣୀ ନାଁ ଛଡ଼ା ସେ ବିଷୟରେ ଆଉ କିଛି ଜାଣୁନାହିଁ। କାଲି ସକାଳେ ଆପଣଙ୍କ ସାଥିରେ ଏ ବିଷୟରେ ଆଲୋଚନା କରିବି। ଆପଣ ସମୟ ଦେଇପାରିବେ କି ? ଆପଣଙ୍କ ଅସାଧାରଣ ଶକ୍ତିବଳରେ ଜଣେ ଭଗ୍ନହୃଦୟ ଲୋକକୁ ସାହାଯ୍ୟ କରିପାରିବେ କି ? ଯଦି ପାରିବେ ଦୟାକରି ଚିଜ୍‌ମ୍ୟାନ୍ସ, ଲମ୍ବର୍ଲିର ଫରଗୁସନ୍‌ଙ୍କୁ ଟେଲିଗ୍ରାମ୍‌ଦ୍ୱାରା ଜଣାଇବେ। ମୁଁ କାଲି ସକାଳ ଦଶଟାବେଳେ ଆପଣଙ୍କ ପାଖରେ ପହଞ୍ଚିବି।'

ଆପଣଙ୍କର ବିଶ୍ୱସ୍ତ
ରବର୍ଟ ଫର୍‌ଗୁସନ୍।

ପ୍ରକାଶ ଥାଉକି, ଆପଣଙ୍କ ବନ୍ଧୁ ଉଆଟ୍‌ସନ୍ ରଗ୍‌ବି ଖେଳରୁ ମୋର ପରିଚିତ। ମୋର ବ୍ୟକ୍ତିଗତ ପରିଚୟ ବିଷୟରେ ମୁଁ କେବଳ ସେତିକି କହିପାରେ।'

ଚିଠିଖଣ୍ଡ ରଖିଦେଇ ମୁଁ କହିଲି, ''ହଁ, ହଁ, ମୋର ମନେପଡୁଛି। ଫର୍‌ଗୁସନ୍ ଖୁବ୍ ବଢ଼ିଆ ଖେଳୁଥିଲେ। ଭାରି ସୁନ୍ଦର ଲୋକ। ଜଣେ ବନ୍ଧୁଙ୍କର ବିପଦରେ ସାହାଯ୍ୟ କରିବା ତାଙ୍କ ପକ୍ଷରେ ସ୍ୱାଭାବିକ।''

''ତୁମକୁ ଜାଣିବା ସହଜ ନୁହେଁ ଉଆଟ୍‌ସନ୍! ତୁମ ସମ୍ବନ୍ଧରେ ଆହୁରି କେତେକଥା ଅଜଣା ଅଛି। ହଉ, ଭଲପିଲାପରି ଯାଇ ଗୋଟେ ଟେଲିଗ୍ରାମ୍ କରିଦିଅ, ''ଆପଣଙ୍କ କେଶ୍ ପରୀକ୍ଷାକରି ଦେଖିବାକୁ ରାଜି।''

''ଆପଣଙ୍କ କେଶ୍ ?''

''ହଁ, ଏଠି ଦୁର୍ବଳମନା ଲୋକ ଅଛନ୍ତି ବୋଲି ଭାବିବାର ସୁଯୋଗ ତାଙ୍କୁ ଦେବା ଠିକ୍ ହେବନାହିଁ। କେଶ୍‌ଟା ଅବଶ୍ୟ ତାଙ୍କ ନିଜ ଘଟଣା।

Digitized by srujanika@gmail.com

ଯାଅ, ଟେଲିଗ୍ରାମ୍‌ଟା କରିଦିଅ। କାଲି ସକାଳଯାଏଁ କଥାଟା ଏତିକିରେ ଥାଉ।''

ପରଦିନ ସକାଳେ ଠିକ୍ ଦଶଟାବେଳେ ଫର୍‌ଗୁସନ୍ ଆମ ରୁମ୍ ଭିତରକୁ ପଶିଆସିଲେ। ତାଙ୍କ ଚେହେରା ମୋର ଭଲଭାବେ ମନେଥିଲା। ତାଙ୍କପରି ଜଣେ ନାମଜାଦା ଖେଳାଳିକୁ ପୂରାପୂରି ଭାଙ୍ଗିପଡ଼ିଥିବା ଅବସ୍ଥାରେ ଦେଖି ମନରେ ଭାରି ଦୁଃଖ ହେଲା। ମୋ ଆଡ଼କୁ ଚାହିଁ ସେ ଆନ୍ତରିକତା ସହ କହିଉଠିଲେ, ''ଆରେ ଉଆଟ୍‌ସନ୍! ତୁମେ ଅନେକଟା ବଦଳିଯାଇଛ। ମୁଁ ବି ବହୁତ ବଦଳିଯାଇଛି ନିଶ୍ଚୟ। କିନ୍ତୁ ଏଇ ଗଲା ଦିନେ ଦି'ଦିନ ଭିତରେ ମୋ ବୟସ ଯେମିତି ବହୁତ ବେଶି ହୋଇଯାଇଛି। ମିଷ୍ଟର୍ ହୋମ୍‌ସ, ଆପଣଙ୍କ ଟେଲିଗ୍ରାମ୍‌ରୁ ମୁଁ ଜାଣିଲି ଯେ ମୁଁ ଅନ୍ୟ କାହାପାଇଁ ଆସିଛି ବୋଲି ଠକିବାରେ କିଛି ଲାଭନାହିଁ।''

''ସିଧାସଳଖ କାରବାର ଖୁବ୍ ଭଲ'' – ହୋମ୍‌ସ ଉତ୍ତର ଦେଲେ।

''ତା' ଅବଶ୍ୟ ସତ। ହେଲେ, ଚିନ୍ତା କରନ୍ତୁ ମିଷ୍ଟର୍ ହୋମ୍‌ସ, ଯେଉଁ ଜଣେ ନାରୀକୁ ଆପଣ ସାହାଯ୍ୟ ଆଉ ରକ୍ଷା କରିବା କଥା, ତା'ରି ବିଷୟରେ କିଛି କହିବା କେତେ କଷ୍ଟଦାୟକ। ମୁଁ କ'ଣ କରିବି? ଏପରି ଗୋଟାଏ କାହାଣୀ ନେଇ ପୋଲିସ୍ ପାଖକୁ ଯିବି କେମିତି? ତଥାପି ମୋ ପିଲାଟିମାନଙ୍କୁ ରକ୍ଷା କରିବାକୁ ହେବ। ଏଇଟା କ'ଣ ପାଗଳାମି ମିଷ୍ଟର୍ ହୋମ୍‌ସ? ଏଇଟା କ'ଣ ରକ୍ତଗତ ଦୋଷ? ଆପଣଙ୍କ ଅନୁଭୂତିରେ ଏପରି ଅନ୍ୟ କୌଣସି କେଶ୍ ଘଟିଛି? ଆପଣ ଦୟାକରି ମୋତେ କିଛି ଉପଦେଶ ଦିଅନ୍ତୁ– ମୋ ବୁଦ୍ଧି ହଜିଗଲାଣି।''

''ସେଟା ସ୍ୱାଭାବିକ, ମିଷ୍ଟର୍ ଫର୍‌ଗୁସନ୍! ହଉ, ଆପଣ ଦୟା ଧରି ଏଇଠି ବସନ୍ତୁ ଆଉ ମୋର କେତେଟା ପ୍ରଶ୍ନର ଠିକ୍ ଠିକ୍ ଉତ୍ତର ଦିଅନ୍ତୁ। ମୁଁ ପ୍ରତିଶ୍ରୁତି ଦେଉଛି, ଯା'ର କିଛି ଗୋଟେ ସମାଧାନ କରିପାରିବି। ପ୍ରଥମେ କହନ୍ତୁ, ଆପଣ କି ପ୍ରତିକାର କରିଛନ୍ତି? ଆପଣଙ୍କ ସ୍ତ୍ରୀ ଏବେ ବି କ'ଣ ପିଲାମାନଙ୍କ ପାଖରେ ଅଛନ୍ତି?''

''ପରିସ୍ଥିତି ବଡ଼ ଭୀଷଣ ହୋଇଯାଇଛି। ମୋ ସ୍ତ୍ରୀ ଅତି ସ୍ନେହୀ ଲୋକ ମିଷ୍ଟର୍ ହୋମ୍‌ସ! ସେ ମନପ୍ରାଣ ଦେଇ ମୋତେ ଭଲପାଆନ୍ତି। ତାଙ୍କର ଏଇ ଭୀଷଣ ଅସମ୍ଭବ କାମ ମୋ ଆଖିରେ ପଡ଼ିଯିବା ପରେ

Digitized by srujanika@gmail.com

ତାଙ୍କ ମନରେ ଭୀଷଣ ଆଘାତ ଲାଗିଛି। ସେ କିଛି କଥାବାର୍ତ୍ତା କଲେନାହିଁ। ମୁଁ ଯେତେ ଗାଳି ଦେଲେ ବି କିଛି ଉତ୍ତର ଦେଲେନାହିଁ; କେବଳ ବଲବଲ କରି ମୋ ମୁହଁକୁ ଚାହିଁରହିଲେ। ତା'ପରେ ସେ ତାଙ୍କ ରୁମ୍‌କୁ ଚାଲିଯାଇ ଭିତରୁ କବାଟ ବନ୍ଦ କରିଦେଲେ। ତା'ପରଠୁ ସେ ମୋତେ ଦେଖାଦେବାକୁ ବି ମନାକରିଦେଲେ। ତାଙ୍କ ବିବାହ ଆଗରୁ ଡଲ୍‌ରେସ ନାଁରେ ଜଣେ ଚାକରାଣୀ ତାଙ୍କ ପାଖରେ ଅଛି। ସେ କେବଳ ତାଙ୍କ ପାଇଁ ଖାଇବା ପିଇବା ଜିନିଷ ନେଇ ଦେଉଛି।''

''ତା'ହେଲେ ପିଲାପ୍ରତି ବର୍ତ୍ତମାନ କିଛି ବିପଦର ଆଶଙ୍କା ନାହିଁ?''

''ନା, ତା' ଧାଈ ଶ୍ରୀମତୀ ମାସନ୍ ଜବାବ୍ ଦେଇଛନ୍ତି ଯେ, ଦିନରାତି କେତେବେଳେ ସେ ତାକୁ ପାଖରୁ ଛାଡ଼ିବେ ନାହିଁ। ମୁଁ ତାଙ୍କୁ ପୂରା ବିଶ୍ୱାସ କରେ। ମୁଁ କିନ୍ତୁ ମୋ ବଡ଼ପୁଅ ଜାକ୍ ଲାଗି ଚିନ୍ତିତ। ମୋ ସ୍ତ୍ରୀ ଦି'ଥର ତାକୁ ମାଡ଼ଦେବା କଥା ମୁଁ ଚିଠିରେ ଲେଖିଥିଲି।''

''କିନ୍ତୁ ସେ କେବେ ଆହତ ହୋଇନାହିଁ?''

''ନା। ସେ ତାକୁ ଗୋରୁଗାଈ ପରି ପିଟିଛନ୍ତି। ବିଚରା ନିହାତି ସରଳ ପିଲା, ସେଥିରେ ପୁଣି ଛୋଟା। ସେଥିଲାଗି ମନରେ ବେଶୀ ଦୁଃଖ। ତା' ଅବସ୍ଥା ଦେଖିଲେ ଯେକୌଣସି ଲୋକର ହୃଦୟ ତରଳିଯିବ।''

ହୋମ୍ସ ପୂର୍ବ ଦିନର ଚିଠିଟା ଉଠାଇ ନେଇ ପଢୁ ପଢୁ ପଚାରିଲେ, ''ଆପଣଙ୍କ ଘରେ ଆଉ କିଏ ସବୁ ଅଛନ୍ତି?''

''ଦି'ଜଣ ଚାକର ଏବେ ଅଳ୍ପ ଦିନ ହେଲା ଅଛନ୍ତି। ଜଣେ ଘୋଡ଼ାସଇସ। ତା' ନାଁ ମାଇକେଲ୍। ସେ ବି ଘର ଭିତରେ ଶୁଏ। ମୁଁ, ମୋ ସ୍ତ୍ରୀ, ପୁଅ ଜାକ୍ ଆଉ ସାନ ପିଲାଟି, ଡଲ୍‌ରେସ୍ ଆଉ ଶ୍ରୀମତୀ ମାସନ୍— ବେଶ୍ ଏତିକି।''

''ବିବାହ ଆଗରୁ ଆପଣ ଆପଣଙ୍କ ସ୍ତ୍ରୀଙ୍କୁ ଭଲଭାବେ ଜାଣିଥିଲେ?''

''ମୋଟେ କେତେ ସପ୍ତାହ ଆଗରୁ ପରିଚୟ।''

''ଏଇ ଚାକରାଣୀ ଡଲ୍‌ରେସ୍ ତାଙ୍କ ପାଖେ କେତେଦିନ ହେଲା ଅଛି?''

''କେତେବର୍ଷ ହେବ।''

Digitized by srujanika@gmail.com

‘‘ତା’ ହେଲେ ଆପଣଙ୍କ ସ୍ତ୍ରୀଙ୍କ ଚରିତ୍ର ଆପଣଙ୍କ ଅପେକ୍ଷା ତାକୁ ବେଶି ଭଲ ଜଣାଥିବ ?’’

‘‘ହଁ, ସେଟା ବେଶୀ ସମ୍ଭବ।’’

ହୋମ୍‌ସ ଏସବୁ ବିଷୟ ନୋଟ୍ ଖାତାରେ ଟିପିନେଲେ। ତା’ପରେ କହିଲେ, ‘‘ଦେଖୁଛି ଏଠିକା ଅପେକ୍ଷା ଲାମ୍ବରଲି ଗଲେ ଭଲ ହେବ। ଏ କେଶ୍‌ଟାରେ ବ୍ୟକ୍ତିଗତ ଅନୁସନ୍ଧାନ ଦର୍କାର। ଆପଣଙ୍କ ସ୍ତ୍ରୀ ଯଦି ତାଙ୍କ ରୁମ୍‌ରୁ ପଦାକୁ ବାହାରୁନାହାନ୍ତି, ତେବେ ଆମ ଉପସ୍ଥିତିରେ ତାଙ୍କର କିଛି ଅସୁବିଧା ହେବନାହିଁ– ଅବଶ୍ୟ ଆମେ କୌଣସି ହୋଟେଲ୍‌ରେ ରହିଯାଇପାରିବୁ।’’

ଆଶ୍ୱସ୍ତ ହୋଇ ଫରଗୁସନ୍ କହିଲେ, ‘‘ମୁଁ ସେଇଆ ଆଶା କରିଥିଲି ମିଷ୍ଟର୍ ହୋମ୍‌ସ ! ଦୁଇଟାବେଳେ ଭିକ୍‌ଟୋରିଆ ଷ୍ଟେସନ୍‌ରୁ ଗୋଟେ ଗାଡ଼ି ଅଛି। ଆପଣ ଯଦି ସେଥିରେ ଯାଇପାରନ୍ତେ...’’

‘‘ଆମେ ନିଶ୍ଚୟ ଯିବୁ। ମୁଁ ଆପଣଙ୍କୁ ସବୁପ୍ରକାରେ ସାହାଯ୍ୟ କରିବି। ଉଆଟ୍‌ସନ୍ ମଧ୍ୟ ଆମ ସାଥିରେ ଯିବେ। କିନ୍ତୁ ବାହାରିବା ଆଗରୁ ଆଉ ଦି’ଟା ପଏଣ୍ଟ ବିଷୟରେ ମୁଁ ସଠିକ୍ ଜାଣିବାକୁ ଚାହେଁ। ଆଚ୍ଛା, ଆପଣଙ୍କ ସ୍ତ୍ରୀ ବିଚାରୀ ତାଙ୍କ ନିଜ ପୁଅ ଆଉ ସାବତ-ପୁଅ ଦି’ଜଣଙ୍କୁ ଆଘାତ କରିବା କଥା ତ ଆପଣ କହୁଛନ୍ତି ?’’

‘‘ହଁ ଆଜ୍ଞା।’’

‘‘କିନ୍ତୁ ଆଘାତର ଫଳ ଭିନ୍ନ ଭିନ୍ନ ହୋଇଛି। ହଁ, ସେ ଆପଣଙ୍କ ବଡ଼ପୁଅକୁ ବାଡ଼େଇଥିଲେ ?’’

‘‘ହଁ, ଥରେ ବାଡ଼ିରେ, ଆଉ ଥରେ ହାତରେ।’’

‘‘କାହିଁକି ସେ ବାଡ଼େଇଲେ ତା’ର କାରଣ କିଛି କହିନାହାନ୍ତି ?’’

‘‘କିଛି ନାହିଁ, କେବଳ ସେ ତାକୁ ଘୃଣା କରନ୍ତି। ବାରମ୍ବାର ସେ ଏକଥା କହିଛନ୍ତି।’’

‘‘ସେଟା ସାବତମାଆ ପକ୍ଷରେ ସ୍ୱାଭାବିକ। ସାବତପୁଅ ପ୍ରତି ଈର୍ଷା କିଛି ନୂଆ କଥା ନୁହେଁ। ଆଚ୍ଛା, ଆପଣଙ୍କ ସ୍ତ୍ରୀ କ’ଣ ଈର୍ଷାପରାୟଣା ?’’

‘‘ହଁ, ସେ ଅତି ଈର୍ଷାପରାୟଣା। ତାଙ୍କ ବିଷୁବମଣ୍ଡଳୀୟ ରକ୍ତର ସେ ଗୋଟେ ଲକ୍ଷଣ।’’

Digitized by srujanika@gmail.com

''କିନ୍ତୁ ଆପଣଙ୍କ ପୁଅ– ତା' ବୟସ ପନ୍ଦର ବର୍ଷ ବୋଲି ଜାଣିଲି। ସେ ତ ସବୁକଥା ବୁଝି ପାରୁଥିବ। ସେ ଏଇ ମାଡ଼ର କିଛି କାରଣ କହୁନାହିଁ ?''

''ନା, ସେ କହୁଛି କିଛି କାରଣ ନାହିଁ।''

''ଅନ୍ୟ ସମୟରେ ପୁଅ ଆଉ ସାବତମା' ମଧ୍ୟରେ ଭଲ ଭାବ ଥାଏ ?''

''ନା, ତାଙ୍କ ଭିତରେ ସ୍ନେହ ମୋଟେ ନାହିଁ।''

''କିନ୍ତୁ ଆପଣ କହୁଥିଲେ ସେ ଭାରି ସ୍ନେହୀ ପିଲା ?''

''ହଁ, ପୃଥିବୀରେ ତା'ପରି ସ୍ନେହୀ ପିଲା ନ ଥିବେ। ମୋତେ ସେ ତା' ଜୀବନରୁ ବଳି ସ୍ନେହ କରେ।''

ପୁଣି ଥରେ ହୋମ୍‌ସ ତାଙ୍କ ନୋଟ୍ ଖାତାରେ ସବୁ ଟିପିନେଲେ। କିଛି ସମୟ ପାଇଁ ସେ ଭାବନାରେ ବସିଗଲେ। ତା'ପରେ କହିଲେ, ''ଆପଣଙ୍କର ଏଇ ଦ୍ୱିତୀୟ ବିବାହ ଆଗରୁ ଆପଣଙ୍କ ପୁଅ ଆଉ ଆପଣଙ୍କ ଭିତରେ ନିଶ୍ଚୟ ଗାଢ଼ ସ୍ନେହ ଥିବ ? ସେ ସବୁବେଳେ ଆପଣଙ୍କ ପାଖେ ପାଖେ ରହୁଥିବ ?''

''ହଁ ।''

''ତା'ର ସ୍ନେହୀ ସ୍ୱଭାବଯୋଗୁଁ ତା' ମାଆଙ୍କ ସ୍ମୃତିପ୍ରତି ଗଭୀର ଶ୍ରଦ୍ଧା ରହିବା ସ୍ୱାଭାବିକ ?''

''ଉଁ ।''

''ହଁ, ଏଇ ମାଡ଼ ମାରିବା ବିଷୟରେ ଆଉ ଗୋଟେ କଥା। ଆପଣଙ୍କ ପୁଅକୁ ମାରିବା, ଆଉ ଛୋଟ ପିଲା ଉପରେ ଏଇ ଅଦ୍ଭୁତ ଆକ୍ରମଣ କରିବା କ'ଣ ଏକାସମୟରେ ?''

''ପ୍ରଥମ ଥର ଏକାସମୟରେ, ସତେ ଯେମିତି ସେ ପାଗଳୀ ହୋଇଯାଇଥିଲେ ଆଉ ତାଙ୍କ ରାଗ ଦୁଇ ପିଲାଙ୍କ ଉପରେ ଶୁଝାଇଥିଲେ। ଦ୍ୱିତୀୟ ଥର କିନ୍ତୁ କେବଳ ଜାକ୍‌କୁ ମାରିଥିଲେ। ସାନ ପିଲା ବିଷୟରେ ଶ୍ରୀମତୀ ମାସନ୍ କିଛି କହିନାହାନ୍ତି।''

''ତା'ହେଲେ ତ କଥାଟା ଗୋଳମାଳିଆ ହୋଇଯାଉଛି।''

''ମୁଁ ଆପଣଙ୍କ କଥା କିଛି ବୁଝିପାରୁନାହିଁ ମିଷ୍ଟର୍ ହୋମ୍‌ସ !''

Digitized by srujanika@gmail.com

"ବୁଝି ନ ପାରିବା ସମ୍ଭବ। ଜଣେ ତା' ମନେ ମନେ କିଛି ଗୋଟାଏ ସ୍ଥିର କରି ସେ ବିଷୟରେ ପୂର୍ଣ୍ଣଭାବରେ ଜାଣିବା ପାଇଁ ଅପେକ୍ଷା କରେ। ଆପଣଙ୍କ ପୁରୁଣା ପରିଚିତ ବନ୍ଧୁ ଉଆଟ୍‌ସନ୍ ବୋଧହୁଏ ମୋ ବୈଜ୍ଞାନିକ ପଦ୍ଧତି ବିଷୟରେ ଅତିରଞ୍ଜିତ କରି କହିଛନ୍ତି। ଯାହାହେଉ, ବର୍ତ୍ତମାନ ପରିସ୍ଥିତିରେ ମୁଁ କେବଳ ଏତିକି କହିପାରେ ଯେ ଆପଣଙ୍କର ଏ ସମସ୍ୟା ସମାଧାନ ନ ହେବା ପରି ଜଣାପଡୁନାହିଁ। ଆପଣ ଦୁଇଟାବେଳେ ଆମକୁ ଭିକ୍‌ଟୋରିଆ ଷ୍ଟେସନ୍‌ରେ ଭେଟିବେ।"

ନଭେମ୍ବର ମାସ। କୁହୁଡ଼ି ପଡୁଥାଏ। ଆମେ ଲମ୍ବରଲିର ଚେକ୍‌ରସ୍ ହୋଟେଲ୍‌ରେ ଜିନିଷପତ୍ର ରଖିଦେଇ ଗୋଟେ ଗାଡ଼ିରେ ସସେକ୍ସର କାଦୁଆ ବଙ୍କାଟଙ୍କା ରାସ୍ତାରେ ଆଗେଇଲୁ। ଶେଷରେ ଏକ ନିରୋଳା ଜାଗାରେ ମିଷ୍ଟର୍ ଫର୍‌ଗୁସନ୍‌ଙ୍କ ଘରେ ପହଞ୍ଚିଲୁ। ଗୋଟେ ବେଶ୍ ବଡ଼ ପୁରୁଣା ଘର। ମଝି ଅଂଶଟା ବେଶୀ ପୁରୁଣା; କିନ୍ତୁ ଦୁଇକଡ଼ ନୂଆ ପରି ଜଣାଗଲା। ଦରଜା ପାଖ ପାହାଚଗୁଡ଼ା ଘୋରିହୋଇହୋଇ ଖାଲୁଆ ହୋଇଯାଇଛି। ଘର ଭିତରେ କରୋଗେଟେଡ୍ ପଟା ଏବଂ ଓକ୍ କାଠର କଡ଼ିସବୁ। ମଝିରେ ବଖରାଏ ବେଶ୍ ବଡ଼ ଘର। ଫର୍‌ଗୁସନ୍ ସେଇ ଘର ଭିତରକୁ ଆମକୁ ନେଇଗଲେ। ସେ ଘରେ ଗୋଟେ ପୁରୁଣାକାଳିଆ ନିଆଁଚୁଲି, ପଛପାଖେ ଗୋଟେ ଲୁହା ପରଦା ଉପରେ ଲେଖାଥିଲା ୧୬୭୦। ଘର କାନ୍ଥସାରା ବିଭିନ୍ନ ତାରିଖ ଆଉ ସ୍ଥାନର ନାଁ ଲେଖା। କାନ୍ଥରେ ଗୁଡ଼ାଏ ଦକ୍ଷିଣ-ଆମେରିକୀୟ ବାସନକୁସନ ଆଉ ଅସ୍ତ୍ରଶସ୍ତ୍ର ଝୁଲୁଥିଲା। ଏଗୁଡ଼ା ଶ୍ରୀମତୀ ଫର୍‌ଗୁସନ୍ ନିଶ୍ଚୟ ପେରୁଭିଆରୁ ଆଣିଥିବେ। ହୋମ୍‌ସ ଖୁବ୍ ଆଗ୍ରହରେ ସେଗୁଡ଼ା ପରୀକ୍ଷା କରି ଦେଖିନେଲେ। ତାଙ୍କ ଆଖିରେ ଗଭୀର ଚିନ୍ତାର ଚିହ୍ନ।

ଘରର ଗୋଟେ କଣରେ ଗୋଟେ ସ୍ପାନିଏଲ୍ କୁକୁର ଶୋଇଥିଲା। ସେ ଉଠି ଧୀରେ ଧୀରେ ତା' ମୁନିବ ପାଖକୁ ଆସିଲା। ଚାଲିବାକୁ ସେ ଯେମିତି କଷ୍ଟ ଅନୁଭବ କରୁଥିଲା। ତା' ପଛଗୋଡ଼ ଦି'ଟା ଠିକ୍ ପଡୁନଥିଲା, ଆଉ ଲାଞ୍ଜଟା ଭୂଇଁରେ ଘୁଷୁରୁଥିଲା। ସେ ଆସି ଫର୍‌ଗୁସନ୍‌ଙ୍କ ହାତ ଚାଟିବାରେ ଲାଗିଲା।

ହଠାତ୍ ହୋମ୍‌ସ କହିଉଠିଲେ, "ଆରେ ଏ କ'ଣ ?"

Digitized by srujanika@gmail.com

"କେଉଁ କଥା କହୁଛନ୍ତି ହୋମ୍ସ?"

"ଏଇ କୁକୁର କଥା– କ'ଣ ହୋଇଛି ତା'ର?"

"ପଶୁଡାକ୍ତର ବି କିଛି ଠିକ୍ କହିପାରିଲେ ନାହିଁ– କୌଣସି ପ୍ରକାର ପକ୍ଷାଘାତ ରୋଗ ହେବ ବୋଧହୁଏ। କିନ୍ତୁ ଅନେକଟା କମିଗଲାଣି। ଚଞ୍ଚଳ ସେ ପୂରା ଭଲହୋଇଯିବ– ନା ରେ କାର୍ଲୋ?"

କୁକୁରଟିର ଲାଞ୍ଜ ଥରିଉଠିଲା। ମଳିନ ଆଖିରେ ସେ ଆମ ଆଡ଼କୁ ଚାହିଁଲା। ସେ ବୁଝିଲା ଆମେ ତା'ରି କଥା ଆଲୋଚନା କରୁଛୁ।

ହୋମ୍ସ ପଚାରିଲେ, "ରୋଗଟା କ'ଣ ହଠାତ୍ ଦେଖାଗଲା?"

"ହଁ, ଗୋଟେ ରାତି ଭିତରେ।"

"କେତେ ଦିନ ତଳେ?"

"ପ୍ରାୟ ଚାରିମାସ ହେବ।"

"ଏଇଟା ନିଶ୍ଚିତରୂପେ ଲକ୍ଷ୍ୟ କରିବା କଥା। ଏଥିରୁ ଅନେକ କିଛି ଜାଣିହେବ।"

"ଆପଣ ଏଥିରୁ କ'ଣ ଜାଣିପାରୁଛନ୍ତି ମିଷ୍ଟର୍ ହୋମ୍ସ?"

"ମୁଁ ଯାହା ଭାବିଥିଲି, ସେ'ଟା ଏଥିରୁ ଦୃଢ଼ୀଭୂତ ହୋଇଛି।"

"ଦୟାକରି କହନ୍ତୁ ଆପଣ କ'ଣ ଭାବୁଛନ୍ତି? ଏଟା ହୁଏତ ଆପଣଙ୍କ ପାଇଁ ଏକ ମାନସିକ ଖେଳ ହୋଇପାରେ; କିନ୍ତୁ ମୋ ପାଇଁ ଏହା ଜୀବନ-ମରଣ ସମସ୍ୟା। ମୋ ସ୍ତ୍ରୀ ହତ୍ୟାକାରିଣୀ ହେବା ଉପରେ, ମୋ' ପିଲାଏ ଘୋର ବିପଦ ଭିତରେ– ମୋ ସାଥିରେ ଆଉ ଖେଳ ଖେଳନ୍ତୁ ନାହିଁ ମିଷ୍ଟର୍ ହୋମ୍ସ। ମୁଁ ବଡ଼ ବିବ୍ରତ ହୋଇପଡ଼ିଲିଣି।"

ଏତେ ବଡ଼ ଖେଳୁଆଡ଼ ଫର୍‌ଗୁସନ୍– କିନ୍ତୁ ସେ ପୂରା ଥରୁଥାନ୍ତି। ହୋମ୍ସ ତାଙ୍କ କାନ୍ଧରେ ହାତ ଥାପୁଡ଼ାଇ କହିଲେ, "ଯା'ର ସମାଧାନ ଯାହା ହେଉନା କାହିଁକି, ତା' ଆପଣଙ୍କ ପାଇଁ କଷ୍ଟଦାୟକ ହେବ। ମୁଁ ଆପଣଙ୍କ ପାଇଁ ସବୁମତେ କାମ କରିବି। ବର୍ତ୍ତମାନ ମୁଁ ଅଧିକ କିଛି କହିପାରିବି ନାହିଁ; କିନ୍ତୁ ଏ ଘର ଛାଡ଼ିବା ପୂର୍ବରୁ କିଛି ନିଶ୍ଚିତଭାବେ ଜାଣିପାରିବି ବୋଲି ଆଶା କରୁଛି।"

"ଭଗବାନ୍ ଆପଣଙ୍କୁ ସହାୟ ହୁଅନ୍ତୁ। ଆପଣମାନେ ମୋତେ ରକ୍ଷାକରିବେ। ମୁଁ ଟିକିଏ ମୋ ସ୍ତ୍ରୀଙ୍କ ରୁମ୍‌କୁ ଯିବି। ଯା' ଭିତରେ

Digitized by srujanika@gmail.com

କିଛି ପରିବର୍ତ୍ତନ ହୋଇଛି କି ନାହିଁ, ଦେଖି ଆସିବି।''

କିଛି ସମୟ ପାଇଁ ସେ ଚାଲିଗଲେ। ତା'ରି ଭିତରେ କାନ୍ଥରେ ଟଙ୍ଗାଯାଇଥିବା ଜିନିଷଗୁଡ଼ାକୁ ହୋମ୍ସ ପୁଣି ପରୀକ୍ଷା କରିବାରେ ଲାଗିଲେ। ମିଷ୍ଟର୍ ଫର୍ଗୁସନ୍ ଯେତେବେଳେ ଫେରିଲେ ତାଙ୍କ ମୁଣ୍ଡ ତଳକୁ ହୋଇଯାଇଥିଲା। ସେଥିରୁ ବୁଝାଗଲା ପରିସ୍ଥିତିରେ କିଛି ଉନ୍ନତି ହୋଇନାହିଁ। ତାଙ୍କ ସାଥିରେ ଜଣେ ପତଳା ଡେଙ୍ଗା ଝିଅ ଥିଲା। ଫର୍ଗୁସନ୍ ତାକୁ କହିଲେ, ''ଚା' ତିଆରି ହୋଇଯାଇଛି ଡଲ୍‌ରେସ୍। ତୁମ ମାଲିକାଣୀଙ୍କର ଯାହା ଦର୍କାର, ତା' ସେ ଯେମିତି ପାଇପାରିବେ ତା'ର ବ୍ୟବସ୍ଥା କର।''

ଅବଜ୍ଞାସୂଚକ ଆଖିରେ ମାଲିକଙ୍କ ଆଡ଼କୁ ଚାହିଁ ଝିଅଟି କହିଲା, ''ସେ ଭୀଷଣ ପୀଡ଼ିତ, ତେଣୁ ଖାଇବା ପାଇଁ ମୋତେ ମଗୁନାହାନ୍ତି। ସେ ଖୁବ୍ ଅସୁସ୍ଥ। ତାଙ୍କର ଡାକ୍ତର ଦର୍କାର। ଡାକ୍ତର ନଥାଇ ତାଙ୍କ ପାଖରେ ଏକୁଟିଆ ରହିବାକୁ ମୋତେ ଭୟ ଲାଗୁଛି।''

ଫର୍ଗୁସନ୍ ପ୍ରଶ୍ନବାଚ୍‌କ ଭଙ୍ଗୀରେ ମୋ ଆଡ଼କୁ ଚାହିଁଲେ। ମୁଁ ଉତ୍ତର ଦେଲି, ''ମୋଦ୍ୱାରା କିଛି ହୋଇପାରିଲେ ମୁଁ ବଡ଼ ଖୁସି ହେବି। ଡାକ୍ତର ୱାଟ୍‌ସନ୍ ସେଠାକୁ ଗଲେ ତୁମ ମାଲିକାଣୀଙ୍କର କିଛି ଆପତ୍ତି ନାହିଁ ?''

''ମୁଁ ତାଙ୍କୁ ସାଥିରେ ନେଇଯିବି। ତାଙ୍କର ଡାକ୍ତର ଦର୍କାର।''

''ମୁଁ ଝିଅଟିର ପଛେ ପଛେ ଚାଲିଲି। ଭାବପ୍ରବଣତାରେ ସେ ପୂରା ଥରୁଥାଏ। ଶିଡ଼ିବାଟେ ଉପରକୁ ଉଠିଲୁ। ଉପର ମହଲାର ଶେଷ ଆଡ଼କୁ ଗୋଟେ ମଜଭୁତ୍ କବାଟ। ଝିଅଟି ପକେଟ୍‌ରୁ ଗୋଟେ ଚାବି ବାହାର କରି ଦରଜା ଖୋଲିଲା। ବିରାଟ ଓକ୍ କାଠର କବାଟଟା କେଁ କେଁ ଶବ୍ଦ କରି ଖୋଲିଗଲା। ମୁଁ ଭିତରକୁ ଗଲି। ଝିଅଟି ମୋ ପଛେ ପଛେ ପଶିଯାଇ ଭିତରୁ ଦରଜା ବନ୍ଦକରିଦେଲା।

ଖଟ ଉପରେ ଜଣେ ନାରୀ ଶୋଇଥିଲେ। ତାଙ୍କ ଦେହରେ ଖୁବ୍ ବେଶି ଜର ଥିଲା ପରି ପରିଷ୍କାର ଜଣାଯାଉଥିଲା। ସେ ଅର୍ଦ୍ଧଚେତନ ଅବସ୍ଥାରେ ଶୋଇଥିଲେ। ମୁଁ ଘର ଭିତରକୁ ପଶିଯିବାମାତ୍ରେ ଦୁଇଟି ସୁନ୍ଦର କିନ୍ତୁ ଭୟାଳୁ ଆଖିରେ ମୋ ଆଡ଼କୁ ଚାହିଁଲେ। ଜଣେ ଅପରିଚିତ

Digitized by srujanika@gmail.com

ଲୋକକୁ ଦେଖି ସେ କିଛିଟା ଆଶ୍ୱସ୍ତ ହେଲାପରି ଜଣାଗଲା । ଦୀର୍ଘଶ୍ୱାସ ପକାଇ ସେ ପୁଣି ତକିଆ ଉପରେ ପଡ଼ିଗଲେ । ମୁଁ କିଛିଟା ସାନ୍ତ୍ୱନା ଦେଇ ତାଙ୍କ ପାଖକୁ ଗଲି । ସେ ସ୍ଥିର ହୋଇ ଶୋଇରହିଲେ । ମୁଁ ତାଙ୍କର ନାଡ଼ୀ ଆଉ ଦେହର ଉତ୍ତାପ ଦେଖିଲି । ନାଡ଼ୀ ଖୁବ୍ ଚଞ୍ଚଳ ଥିଲା ଆଉ ଦେହର ତାପ ଥିଲା ଖୁବ୍ ବେଶି । କିନ୍ତୁ ମୋତେ ଜଣାଗଲା କୌଣସି ଶାରୀରିକ ବେମାର ଅପେକ୍ଷା ମାନସିକ ଆଲୋଡ଼ନଯୋଗୁଁ ତାଙ୍କର ଏ ଅବସ୍ଥା ।

ଝିଅଟି କହିଲା, ''ଦି'ଦିନ ହେଲା ସେ ଏଇମିତି ପଡ଼ିଛନ୍ତି । ମୋର ଭୟ ହେଉଛି, କାଳେ ତାଙ୍କର କ'ଣ ହୋଇଯିବ ।''

ଭଦ୍ରମହିଳା ମୋ ଆଡ଼କୁ ମୁହଁ ବୁଲାଇ ପଚାରିଲେ, ''ମୋ ସ୍ୱାମୀ କେଉଁଠି ?''

''ସେ ତଳେ ଅଛନ୍ତି, ଆଉ ଆପଣଙ୍କୁ ଦେଖିବାକୁ ଚାହୁଁଛନ୍ତି ।''

''ନା ନା, ମୁଁ ତାଙ୍କ ସଙ୍ଗେ ଦେଖା କରିବି ନାହିଁ । ତା'ପରେ ସେ ଏଣୁତେଣୁ ଗୁଡ଼େ ପ୍ରଳାପ କଲାପରି ଜଣାଗଲା । ସେ କହିଉଠିଲେ – ''ସଇତାନ, ରାକ୍ଷସ, ମୁଁ କ'ଣ କରିବି ?''

''ମୁଁ ଆପଣଙ୍କୁ କିଛି ସାହାଯ୍ୟ କରିପାରିବି ?''

''ନା, କେହି ମୋତେ ସାହାଯ୍ୟ କରି ପାରିବେ ନାହିଁ । ସବୁ ସରିଯାଇଛି, ସବୁ ନଷ୍ଟ ହୋଇଯାଇଛି । ମୁଁ ଯାହା କଲେ ବି ସବୁ ନଷ୍ଟ ହୋଇଯାଇଛି ।''

ଦେଖିଲି ଭଦ୍ରମହିଳାଙ୍କର ଗୋଟେ ଅଦ୍ଭୁତ ଭୁଲ ଧାରଣା ହୋଇଯାଇଛି, କାରଣ ବବ୍ ଫର୍‌ଗୁସନ୍‌ଙ୍କ ଚରିତ୍ରରେ ସଇତାନର କୌଣସି ଲକ୍ଷଣ ମୁଁ ଦେଖିନାହିଁ । କହିଲି, ''ଆପଣଙ୍କ ସ୍ୱାମୀ ଆପଣଙ୍କୁ ଖୁବ୍ ଭଲପାଆନ୍ତି । ଏ ଘଟଣାରେ ସେ ବିଶେଷ ମର୍ମାହତ ହୋଇପଡ଼ିଛନ୍ତି ।''

ସେ ପୁଣି ଥରେ ମୋ' ଆଡ଼େ ମୁହଁ ବୁଲାଇ କହିଲେ, ''ସେ ମୋତେ ଭଲପାଆନ୍ତି, ହଁ; କିନ୍ତୁ ମୁଁ କ'ଣ ତାଙ୍କୁ ଭଲ ପାଏନାହିଁ ? ତାଙ୍କ ମନରେ ଦୁଃଖ ଦେବା ଅପେକ୍ଷା ନିଜକୁ ବଳିଦେବାକୁ ମୁଁ ପସନ୍ଦ କରେ– ମୁଁ ତାଙ୍କୁ ଏତିକି ଭଲପାଏ । ତଥାପି ସେ ମୋ ବିଷୟରେ ଏ ଚିନ୍ତା କରିପାରିଲେ – ଏ କଥା କହିପାରିଲେ ?''

Digitized by srujanika@gmail.com

"ସେ ଦୁଃଖରେ ବୁଡ଼ିଯାଇଛନ୍ତି; କିନ୍ତୁ ସେ କିଛି ବୁଝିପାରୁନାହାନ୍ତି।"

"ନା, ସେ ବୁଝିପାରିବେ ନାହିଁ; କିନ୍ତୁ ସେ ମୋତେ ବିଶ୍ୱାସ କରିବା ଉଚିତ।"

"ଆପଣ ତାଙ୍କ ସାଥିରେ ଦେଖାକରିବେ ?"

"ନା ନା, ତାଙ୍କର ସେ ନିଷ୍ଠୁର କଥା, ତାଙ୍କର ସେ ଭୟଙ୍କର ଚାହାଣି ମୁଁ ଭୁଲିପାରିବି ନାହିଁ। ଆପଣ ଯାଆନ୍ତୁ। ମୋ ପାଇଁ ଆପଣ କିଛି କରିପାରିବେ ନାହିଁ। ତାଙ୍କୁ କେବଳ ଗୋଟେ କଥା କହିବେ– ମୁଁ ମୋ ପିଲାଙ୍କୁ ଚାହେଁ, ଆଉ ସେ ଅଧିକାର ମୋର ଅଛି। ଏଇ ଗୋଟିଏ ଖବର ତାଙ୍କ ପାଖକୁ ମୁଁ ପଠାଇପାରେ।" ଏତିକି କହି ସେ କାନ୍ଥ ଆଡ଼କୁ ମୁହଁ ବୁଲାଇ ଶୋଇଲେ।– ଆଉ କିଛି କହିଲେ ନାହିଁ।

ମୁଁ ତଳକୁ ଫେରିଲି। ଫର୍ଗୁସନ୍ ଆଉ ହୋମ୍ସ ନିଆଁ ପାଖରେ ବସିଥାନ୍ତି। ସବୁ କଥା ତାଙ୍କ ଆଗରେ କହିଲି। ଫର୍ଗୁସନ୍ ସବୁ ଶୁଣି ବଡ଼ ଦୁଃଖରେ କହିଲେ, "ପିଲାଟାକୁ ମୁଁ କେମିତି ତାଙ୍କ ପାଖକୁ ଛାଡ଼ିଦେବି ? ତାଙ୍କ ମନରେ କେତେବେଳେ କି ଭାବ ଆସିବ କିଏ ଜାଣେ ? ମୁଁ ଦେଖିଛି, ପିଲାପାଖରୁ ସେ ଉଠିଲାବେଳକୁ ତାଙ୍କ ଓଠ ସାରା ରକ୍ତ। ସେ କଥା ଭୁଲିବି କେମିତି ? ପିଲାଟି ଶ୍ରୀମତୀ ମାସନ୍ଙ୍କ ପାଖରେ ବେଶ୍ ନିରାପଦରେ ଅଛି ଆଉ ସେଇଠି ସେ ରହିବ।"

ଜଣେ ଚାକରାଣୀ ଚା' ଧରି ଆସିଲା। ସେ ଆମକୁ ଚା' ଦେଉଥିବାବେଳେ ଦରଜାଟା ଖୋଲିଗଲା, ଆଉ ଜଣେ ତରୁଣ ଘର ଭିତରକୁ ଆସିଲା। ତା'ର ମୁହଁ ମଳିନ, ଆଖି ଦୁଇଟି ସାମାନ୍ୟ ନୀଳ। ବାପାଙ୍କୁ ଦେଖି ତା' ମନରେ ଖୁବ୍ ଆନନ୍ଦ ଜାତହେଲା। ସେ ଆଗକୁ ଦୌଡ଼ିଆସି ଦି'ହାତରେ ବାପାଙ୍କ ବେକକୁ ଜାବୁଡ଼ିଧରିଲା। ତା'ପରେ କହିଲା, "ବାପା, ଆପଣ ଆସିଲେଣି ବୋଲି ମୁଁ ଏଯାଏ ଜାଣି ନଥିଲି, ନହେଲେ ଆଗରୁ ଆସିଥାନ୍ତି। ଆପଣଙ୍କୁ ଦେଖି ମୁଁ ଭାରି ଖୁସି।"

ଫର୍ଗୁସନ୍ ବେକରୁ ତା' ହାତ ଛଡ଼ାଇଦେଲେ। ଖୁବ୍ ଧୀରେ ତା' ମୁଣ୍ଡରେ ହାତ ଥାପୁଡ଼ାଇ କହିଲେ, "ଜାକ୍ ! ମୁଁ ଚଞ୍ଚଳ ଫେରିଆସିଲି; କାରଣ ମୋର ବନ୍ଧୁ ସେର୍ଲକ୍ ହୋମ୍ସ ଆଉ ଡାକ୍ତର ୱାଟ୍ସନ୍ ମୋ ସାଥିରେ ଆସିଲେ। ସେ ଆଜି ଏଠି ରହିବେ।"

Digitized by srujanika@gmail.com

"ଇଏ କ'ଣ ଡିଟେକ୍‌ଟିଭ୍ ସେର୍‌ଲକ୍ ହୋମ୍‌ସ ?"

"ହଁ।"

ତରୁଣ ଆମଆଡ଼କୁ ତୀକ୍ଷ୍ଣ ଦୃଷ୍ଟିରେ ଚାହିଁଲା। ମୋତେ ଜଣାଗଲା ଆମକୁ ସେ ଯେମିତି ମୋଟେ ଭଲପାଉନାହିଁ।

ହୋମ୍‌ସ ପଚାରିଲେ, "ଆଉ ଆପଣଙ୍କର ଆର ପିଲାଟି କାହିଁ ମିଷ୍ଟର୍ ଫର୍‌ଗୁସନ୍ ? ଆମେ ତାକୁ ଟିକିଏ ଦେଖିଥାନ୍ତୁ।"

ଫର୍‌ଗୁସନ୍ ତାଙ୍କ ପୁଅକୁ କହିଲେ— "ଯା, ଶ୍ରୀମତୀ ମାସନ୍‌ଙ୍କୁ କହିବୁ, ବେବିକି ଏଠିକି ନେଇଆସିବେ।" ତରୁଣଟି ଚାଲିଗଲା। ତା ଖଲେଇ ଖଲେଇ ଚାଲିବା ଢଙ୍ଗରୁ ମୋ ଡାକ୍ତର-ଆଖିକି ଜଣାଗଲା ତା' ମେରୁଦଣ୍ଡରେ କିଛି ଦୁର୍ବଳତା ଅଛି। ଟିକିଏ ପରେ ସେ ଫେରିଲା। ତା' ପଛରେ ଜଣେ ଡେଙ୍ଗା ପତଳା ସ୍ତ୍ରୀଲୋକ କୋଳରେ ଗୋଟିଏ ଛୋଟ ପିଲା ଧରି ଆସିଲେ। ପିଲାଟି ଭାରି ସୁନ୍ଦର, କଳା ଆଖି, ମୁଣ୍ଡରେ ସୁନେଲି ରଙ୍ଗର ବାଳ।

ଫର୍‌ଗୁସନ୍ ପିଲାଟିକୁ ଗେଲ କରୁ କରୁ କହିଲେ, "ଭାବି ଦେଖନ୍ତୁ, ଏପରି ପିଲାକୁ ଆଘାତ କରିବାକୁ କାହାର ହୃଦୟ ଯିବ।" ସେ ପିଲାଟିର କଅଁଳ ବେକରେ ଥିବା ଛୋଟ ଲାଲ ଖଣ୍ଡିଆ ଚିହ୍ନଆଡ଼େ ଚାହିଁଲେ।

ଏଇ ଅବସରରେ ମୁଁ ହୋମ୍‌ସଙ୍କ ଆଡ଼କୁ ଚାହିଁଲି। ତାଙ୍କ ଭାବଭଙ୍ଗୀରେ ଏକ ତାତ୍ପର୍ଯ୍ୟ ଲକ୍ଷ୍ୟ କଲି। ତାଙ୍କ ମୁହଁ ପୂରା ଗମ୍ଭୀର। ଆଖି ଦି'ଟା ତାଙ୍କର ବାପ-ପୁଅଙ୍କ ଉପରୁ ଯାଇ ଘର ସେପାଖେ କୌଣସି ଜିନିଷ ଉପରେ ପଡ଼ିଥିଲା। ସେ ଆଡ଼କୁ ଚାହିଁ ମୁଁ କେବଳ ବୁଝିଲି, ଝରକା ବାଟଦେଇ ସେ ସେପାଖର ବଗିଚା ଆଡ଼କୁ ନିବିଷ୍ଟ ଚିତ୍ତରେ ଚାହିଁଛନ୍ତି। ଅବଶ୍ୟ ଝରକାର ଗୋଟାଏ କବାଟ ବନ୍ଦ ଥିଲା ଏବଂ ସେପାଖ ଜିନିଷ ଦେଖିବାରେ ବାଧା ସୃଷ୍ଟି କରୁଥିଲା। ତଥାପି ମୁଁ ଜାଣିପାରିଲି ଯେ ସେଇ ଝରକା ଆଡ଼େହିଁ ହୋମ୍‌ସ ଏକାଗ୍ର ଦୃଷ୍ଟିରେ ଚାହିଁରହିଛନ୍ତି। ତା'ପରେ ସେ ସାମାନ୍ୟ ହସିଦେଲେ, ଆଉ ତାଙ୍କର ଦୃଷ୍ଟି ପିଲାଟି ଉପରକୁ ଫେରିଆସିଲା। ତା' କଅଁଳ ବେକରେ ସେଇ କ୍ଷତଚିହ୍ନ। କିଛି ନ କହି ହୋମ୍‌ସ ସେ କ୍ଷତଟା ପରୀକ୍ଷା କରି ଦେଖିଲେ। ତା'ପରେ ପିଲାଟି ମୁଠା କରିଥିବା ହାତଟିକୁ ଧୀରେ ଧରି ହଲାଇଲେ। କହିଲେ, "ଆହା

Digitized by srujanika@gmail.com

ବିଚରା, ତୋ ଜୀବନର ଆରମ୍ଭ ବଡ଼ ବିଚିତ୍ର। ଆଚ୍ଛା, ନର୍ସ, ମୁଁ ଟିକିଏ ତୁମ ସାଥିରେ ଏକୁଟିଆ କଥାବାର୍ତ୍ତା କରିବାକୁ ଚାହେଁ।''

ସେ ଗୋଟେ କଡ଼କୁ ଚାଲିଗଲେ ଆଉ କିଛି ସମୟ କଥାବାର୍ତ୍ତା କଲେ। ମୁଁ କେବଳ ହୋମ୍‌ସଙ୍କର ଶେଷ କଥା କେଇପଦ ଶୁଣିପାରିଲି, ତା' ହେଲା, 'କିଛି ଚିନ୍ତା କରନାହିଁ। ମୋର ଆଶା ଖୁବ୍ ଶୀଘ୍ର ସବୁ ଠିକ୍ ହୋଇଯିବ।' ତା'ପରେ ନର୍ସ ପିଲାକୁ ଧରି ଚାଲିଗଲା।

''ଶ୍ରୀମତୀ ମାସନ୍ କି ପ୍ରକାର ଲୋକ?'' – ହୋମ୍‌ସ ପଚାରିଲେ।

''ବାହାରକୁ ସେମିତି କିଛି ଜଣାଯାଆନ୍ତି ନାହିଁ। କିନ୍ତୁ ତାଙ୍କର ହୃଦୟ ଅତି ପବିତ୍ର। ପିଲାଟିକୁ ସେ ଭାରି ଭଲପାଆନ୍ତି।''

ହଠାତ୍ ହୋମ୍‌ସ ଜାକ୍ ଆଡ଼କୁ ବୁଲିପଡ଼ି ପଚାରିଲେ, ''ତୁମେ ତାଙ୍କୁ ଭଲପାଅ ଜାକ୍?''

ମୁଣ୍ଡ ହଲାଇ ଜାକ୍ ମନାକରିଦେଲା।

ଫର୍‌ଗୁସନ୍ କହିଲେ, ''ଜାକ୍‌ର ଗୋଟେ ଗୁଣ ହେଲା, ସେ ଯାହାକୁ ଭଲପାଏ, ଖୁବ୍ ଭଲପାଏ, ଆଉ ଯାହାକୁ ଭଲପାଏନା ତାକୁ ମୋଟେ ଭଲପାଏନା। ଭାଗ୍ୟକୁ ସେ ମୋତେ ଭଲପାଏ। ହଉ, ତୁ ଏଥର ଯାଆ, ଜାକ୍।''

ସେ ଘରୁ ବାହାରିଯିବାଯାଏ ଫର୍‌ଗୁସନ୍ ତା' ଆଡ଼େ ସ୍ନେହରେ ଚାହିଁରହିଲେ। ତା'ପରେ କହିଲେ, ''ମିଷ୍ଟର୍ ହୋମ୍‌ସ, ମୁଁ ଭାବୁଛି ମୁଁ ଅକାରଣରେ ଆପଣଙ୍କୁ ହଇରାଣ କଲି; କାରଣ ଏ ଘଟଣାରେ କେବଳ ସହାନୁଭୂତି ଦେଖାଇବା ଛଡ଼ା ଆପଣ ଆଉ କ'ଣ ବା କରିପାରିବେ? ଆପଣଙ୍କ ଦୃଷ୍ଟିକୋଣରୁ ଘଟଣାଟା ନିଶ୍ଚୟ ଖୁବ୍ ଜଟିଳ ଆଉ ଲଜ୍ଜାକର।''

ଅଳ୍ପ ହସିଦେଇ ହୋମ୍‌ସ କହିଲେ, ''ଲଜ୍ଜାକର ନିଶ୍ଚୟ, ହେଲେ ଏଥିରେ ଜଟିଳତା କ'ଣ ଅଛି ମୁଁ ଏ ଯାଏ ଦେଖିପାରିନାହିଁ। ଏ କେଶ୍‌ରେ କେବଳ ବୁଦ୍ଧି ଖଟାଇ ବିଶ୍ଳେଷଣ କରିବା ଦରକାର। ବିଭିନ୍ନ ସ୍ୱତନ୍ତ୍ର ଘଟଣାଦ୍ୱାରା ଯେତେବେଳେ ମୂଳ ବିଶ୍ଳେଷଣ ଦୃଢ଼ୀଭୂତ ହୋଇଯିବ, ସେତେବେଳେ ଆମେ ଲକ୍ଷ୍ୟସ୍ଥଳରେ ପହଞ୍ଚିଲେ ବୋଲି ନିଶ୍ଚିତ ଭାବେ କହିପାରିବା। ବାସ୍ତବରେ ବେକର୍ ଷ୍ଟ୍ରୀଟ୍ ଛାଡ଼ିବା ଆଗରୁ ମୁଁ ସେ

Digitized by srujanika@gmail.com

ସିଦ୍ଧାନ୍ତ କରିସାରିଥିଲି, କେବଳ କେତେଟା କଥା ଲକ୍ଷ୍ୟକରି ନିଶ୍ଚିତ ହେବା ବାକି ଥିଲା।''

ନିଜର କୁଞ୍ଚିତ କପାଳରେ ହାତ ମାରି ଫର୍‌ଗୁସନ୍ କହିଲେ, ''ଭଗବାନଙ୍କ ରାଣ ମିଷ୍ଟର୍ ହୋମ୍ସ, ଆପଣ ଯଦି ସତ କଥାଟା ଜାଣିପାରିଛନ୍ତି, ମୋତେ ଆଉ ସନ୍ଦେହରେ ପକାନ୍ତୁ ନାହିଁ। କହନ୍ତୁ, ମୁଁ କ'ଣ କରିବି? ପ୍ରକୃତରେ ଯଦି ଆପଣ ସତକଥା ଜାଣିପାରିଛନ୍ତି, ତେବେ କେମିତି ଜାଣିଲେ ସେଥିରେ କିଛି ଯାଏ-ଆସେ ନାହିଁ।''

''କଥାଟା ମୋଠୁ ବୁଝିବା ଆପଣଙ୍କର ହକ୍ ଏବଂ ଆପଣଙ୍କୁ ମୁଁ ନିଶ୍ଚୟ ବୁଝେଇଦେବି। କିନ୍ତୁ ମୋ ନିଜ ଇଚ୍ଛା ଅନୁସାରେ କାମ କରିବାକୁ ଆପଣ ମୋତେ ଅନୁମତି ଦେବେ। ୱାଟ୍‌ସନ୍, ଶ୍ରୀମତୀ ଫର୍‌ଗୁସନ୍ ଆମ ସାଥିରେ ଦେଖାକରିବା ଅବସ୍ଥାରେ ଅଛନ୍ତି?''

''ଅବଶ୍ୟ ସେ ବେମାର; କିନ୍ତୁ ତାଙ୍କର ମତିଗତି ଠିକ୍ ଅଛି।''

''ବେଶ୍, ତାଙ୍କ ଉପସ୍ଥିତିରେହିଁ କେବଳ ଆମେ ସମସ୍ୟାଟାର ସମାଧାନ କରିବା। ଚାଲ, ଉପରକୁ ତାଙ୍କ ପାଖକୁ ଯିବା।''

''ସେ ମୋତେ ଦେଖାଦେବେ ନାହିଁ'' —ଫର୍‌ଗୁସନ୍ କହିଲେ।

ହୋମ୍ସ ଉତ୍ତର ଦେଲେ, ''ସେ ନିଶ୍ଚୟ ଦେଖାଦେବେ।'' ଖଣ୍ଡେ କାଗଜରେ କେତେ ଧାଡ଼ି ଲେଖି ସେ କହିଲେ, ''ତୁମର ତ ତାଙ୍କ ପାଖକୁ ଯିବାରେ କିଛି ଅସୁବିଧା ନାହିଁ ୱାଟ୍‌ସନ୍, ଦୟାକରି ଏଇ କାଗଜଖଣ୍ଡ ନେଇ ତାଙ୍କୁ ଦେଇପାରିବ?''

ମୁଁ ପୁଣି ଉପରକୁ ଉଠି ଡଲରେସ୍‌କୁ ଲେଖାଖଣ୍ଡ ଦେଲି। ସେ ଖୁବ୍ ସାବଧାନରେ ଦରଜା ଖୋଲି ଭିତରକୁ ଗଲା। ମିନିଟ୍‌କ ପରେ ଭିତରୁ ମୁଁ ଏକ ଆନନ୍ଦ ଆଉ ବିସ୍ମୟକର ଚିତ୍କାର ଶୁଣିପାରିଲି। ଡଲରେସ୍ ବାହାରକୁ ଚାହିଁ କହିଲା, ''ସେ ଦେଖାକରିବାକୁ ଆଉ ସବୁ ଶୁଣିବାକୁ ରାଜି।''

ମୋ ଡାକରେ ଫର୍‌ଗୁସନ୍ ଆଉ ହୋମ୍ସ ଉପରକୁ ଆସିଲେ। ଆମେ ଘରଭିତରକୁ ଗଲୁ। ଫର୍‌ଗୁସନ୍ ତାଙ୍କ ସ୍ତ୍ରୀଙ୍କ ପାଖକୁ ପାଦେ ଦି'ପାଦ ଆଗେଇଗଲେ; କିନ୍ତୁ ସେ ହାତଠାରି ତାଙ୍କୁ ମନାକଲେ। ସେ ଦୁଃଖରେ ଗୋଟେ ଚଉକି ଉପରେ ବସିପଡ଼ିଲେ। ହୋମ୍ସ ଭଦ୍ରମହିଳାଙ୍କୁ

Digitized by srujanika@gmail.com

ଅଭିବାଦନ କରି ଆଉ ଗୋଟେ ଚଉକିରେ ଫର୍‌ଗୁସନ୍‌ଙ୍କ ପାଖରେ ବସିଗଲେ। ଭଦ୍ରମହିଳା ବିସ୍ମୟରେ ତାଙ୍କ ଆଡ଼କୁ ଚାହିଁଥାନ୍ତି। ହୋମ୍‌ସ ଆରମ୍ଭ କଲେ, "ମୁଁ ଭାବୁଛି ଆମେ ଡଲରେସ୍‌କୁ ବିଦାକରିଦେବା। ଓଃ, ଆପଣ ଯଦି ଚାହୁଁଛନ୍ତି ସେ ରହିବା ପାଇଁ ମୋର କିଛି ଆପତ୍ତି ନାହିଁ। ଏଥର ଶୁଣନ୍ତୁ ମିଷ୍ଟର୍ ଫର୍‌ଗୁସନ୍, ମୁଁ ବଡ଼ କାର୍ଯ୍ୟବ୍ୟସ୍ତ ଲୋକ ଆଉ ଅନେକ ଲୋକ ମୋ ପାଖକୁ ଆସନ୍ତି। ତେଣୁ ମୋ କାମର ଧାରା ହେଲା ସଂକ୍ଷିପ୍ତ ଆଉ ସିଧାସଳଖ। ଆପଣ ଜାଣନ୍ତି, ଶଲ୍ୟ ଚିକିତ୍ସା (surgery) ଯେତେ ଚଞ୍ଚଳ ହେବ, ସେତେ କମ୍ କଷ୍ଟଦାୟକ। ପ୍ରଥମେ ମୁଁ ଗୋଟେ କଥା କହୁଛି ଯାହା ଆପଣଙ୍କ ମନକୁ ହାଲୁକା କରିଦେବ। ଆପଣଙ୍କ ସ୍ତ୍ରୀ ଅତି ଭଲ, ଅତି ସ୍ନେହଶୀଳା; କିନ୍ତୁ ତାଙ୍କ ପ୍ରତି ଅନ୍ୟାୟ କରାଯାଇଛି।"

ଆନନ୍ଦରେ ଚିତ୍କାର କରି ଫର୍‌ଗୁସନ୍ କହିଲେ, "ଏ କଥା ପ୍ରମାଣ କରିଦିଅନ୍ତୁ ମିଷ୍ଟର୍ ହୋମ୍‌ସ, ମୁଁ ଆପଣଙ୍କ ପାଖରେ ଚିରକୃତଜ୍ଞ ରହିବି।"

"ମୁଁ ପ୍ରମାଣ କରିଦେବି; କିନ୍ତୁ ତା'ଦ୍ୱାରା ଅନ୍ୟ ଗୋଟାଏ ଦିଗରୁ ଆପଣ ଗଭୀର ଆଘାତ ପାଇବେ।"

"ମୁଁ ସେଥିପାଇଁ ଖାତିର କରେନାହିଁ। ମୋ ସ୍ତ୍ରୀଙ୍କ ନିର୍ଦ୍ଦୋଷତା ଆପଣ ପ୍ରମାଣ କରିଦେଲେ ତା'ଠୁ ବଡ଼ ଦୁନିଆରେ ଆଉ କିଛି ନାହିଁ।"

"ତା'ହେଲେ ଶୁଣନ୍ତୁ। ପ୍ରଥମେ ବେକର୍ ଷ୍ଟ୍ରୀଟ୍‌ରେ ମୋ ମନରେ ଯେଉଁ ଚିନ୍ତାଧାରା ଆସିଲା ମୁଁ ତାହା କହିଦିଏ। ଡାହାଣୀ କଥାଟା ମୋ ପାଇଁ ନିହାତି ବାଜେ ଆଉ ମୂଲ୍ୟହୀନ – ଇଂଲଣ୍ଡର ଅପରାଧ-ଜଗତ୍‌ରେ ଏଭଳି ଘଟଣା ଘଟେ ନାହିଁ। କିନ୍ତୁ ଆପଣ ଯାହା ଲକ୍ଷ୍ୟ କରିଥିଲେ ତା' ନିର୍ଭୁଲ। ଆପଣଙ୍କ ସ୍ତ୍ରୀ ପିଲାର ଖଟ ପାଖରେ ରକ୍ତବୋଳା ଓଠରେ ଠିଆହେବାର ଆପଣ ଦେଖିଥିଲେ ?"

"ହଁ, ମୁଁ ନିଜେ ଦେଖିଛି।"

"କୌଣସି ରକ୍ତାକ୍ତ ଖଣ୍ଡିଆ ଜାଗାରୁ ଅନ୍ୟ କୌଣସି ଉଦ୍ଦେଶ୍ୟରେ ରକ୍ତ ଶୋଷି ବାହାର କରି ଦିଆଯାଏ ବୋଲି ଆପଣ ଭାବିପାରିଲେ ନାହିଁ? ଇଂଲଣ୍ଡ ଇତିହାସରେ ଶୁଣିନାହାନ୍ତି – ଜଣେ ରାଣୀ ଥିଲେ, ଯେ ବିଷ ବାହାର କରି ଆଣିବା ପାଇଁ ଏଇଭଳି କ୍ଷତ ଜାଗାରୁ ରକ୍ତ ଶୋଷୁଥିଲେ ?"

Digitized by srujanika@gmail.com

''ବିଷ !''

''ଦକ୍ଷିଣ-ଆମେରିକାରେ ଏଟା ଘରେ ଘରେ ଦେଖାଯାଏ। କାନ୍ଥରେ ଥିବା ଏଇ ଅସ୍ତ୍ରଶସ୍ତ୍ରଗୁଡ଼ା ଦେଖିବା ଆଗରୁ ଏଭଳି କିଛି ଥିବ ବୋଲି ମୋତେ ଜଣାଯାଇଥିଲା। ବିଷଟା ଅନ୍ୟ କିଛି ବିଷ ହୋଇଥାଇପାରେ; କିନ୍ତୁ ଏଇ ବିଷାକ୍ତ ଅସ୍ତ୍ର କଥାହିଁ ମୋ ମନକୁ ଆସିଥିଲା। ସେଇ ଛୋଟ ଧନୁ ପାଖରେ ଥିବା ଖାଲି ତୂଣୀରଟା। ମୁଁ ଯେତେବେଳେ ଦେଖିଲି, ଠିକ୍ ଯାହା ଆଶା କରୁଥିଲି ସେଇଆ ଦେଖିଲି। ଏଇ ତୀରକୁ କୌଣସି ବିଷରେ ବୁଡ଼ାଇ ଯଦି ପିଲାଦେହରେ ଫୋଡ଼ିଦିଆଯାଏ, ତେବେ ବିଷକୁ ଶୋଷି ବାହାର ନ କଲେ ମରଣ ନିଶ୍ଚିତ।

''ତା'ପରେ କୁକୁରଟି କଥା। ଜଣେ ଯଦି ଏ ବିଷ ପ୍ରୟୋଗ କରିବାକୁ ଚାହିଁବ, ତେବେ ଅନ୍ୟ କୌଣସି ଜୀବ ଉପରେ ପ୍ରୟୋଗ କରି ବିଷ କାମ କରୁଛି କି ନାହିଁ ପରୀକ୍ଷା କରି ଦେଖିବ ନାହିଁ କି ? ମୁଁ ଅବଶ୍ୟ କୁକୁର କଥାଟା ଆଗରୁ ଚିନ୍ତା କରିନଥିଲି, କିନ୍ତୁ ତାକୁ ଦେଖିଲାମାତ୍ରେ ମୋ ଧାରଣା ଦୃଢ଼ ହୋଇଗଲା।

''ଏଥର ଆପଣ ବୁଝିପାରୁଛନ୍ତି ତ ? ଆପଣଙ୍କ ସ୍ତ୍ରୀ ଏ ସନ୍ଦେହ କରିଥିଲେ। ସେ ଏହା ହେବାର ଦେଖିଲେ ଏବଂ ପିଲାର ଜୀବନ ରକ୍ଷା କଲେ। ତଥାପି ସେ ଏକଥା ଆପଣଙ୍କୁ କହିଲେ ନାହିଁ; କାରଣ ସେ ଜାଣିଥିଲେ ଆପଣ ଆପଣଙ୍କ ପୁଅକୁ ଖୁବ୍ ସ୍ନେହ କରନ୍ତି ଆଉ ଏକଥା ଶୁଣିଲେ ଆପଣଙ୍କ ହୃଦୟରେ କଠୋର ଆଘାତ ଲାଗିବ।''

''ମୋ ପୁଅ ଜାକ୍ !''

''ଆପଣ ଯେତେବେଳେ ଛୋଟ ପିଲାଟିକୁ ଗେଲ କରୁଥିଲେ, ମୁଁ ଜାକ୍ ଉପରେ ଦୃଷ୍ଟି ରଖିଥିଲି। ଝରକାର କାଚରେ ତା' ମୁହଁ ପରିଷ୍କାର ପ୍ରତିଫଳିତ ହେଉଥିଲା। ତା' ମୁହଁରେ ଯେଉଁ ଈର୍ଷାଭାବ, ଘୃଣାଭାବ ମୁଁ ଦେଖିଲି, କୌଣସି ମଣିଷର ମୁହଁରେ ସେପରି ଭାବ ମୁଁ ଦେଖିନଥିଲି।''

ବଡ଼ ଦୁଃଖରେ ଫରଗୁସନ୍ କହିଲେ, ''ମୋ ପୁଅ ଜାକ୍ ?''

''ଆପଣଙ୍କୁ ଏହା ସହିବାକୁ ପଡ଼ିବ ମିଷ୍ଟର୍ ଫରଗୁସନ୍ ! କଥାଟା ଆପଣଙ୍କୁ ଖୁବ୍ କଷ୍ଟଦାୟକ। ପୁଅର ତା' ମୃତ ମା'ପ୍ରତି ଯେଉଁ ସ୍ନେହ,

Digitized by srujanika@gmail.com

ସେଇ ବୋଧହୁଏ ତାକୁ ଏ କାମ କରିବାକୁ ପ୍ରବର୍ତ୍ତେଇଛି। ସେ ନିଜେ ବିକଳାଙ୍ଗ; ତେଣୁ ସେଇ ସୁନ୍ଦର ଶିଶୁଟି ପ୍ରତି ତା'ର ଈର୍ଷା ଆଉ ଘୃଣା ଜାତହୋଇଛି।''

''ହେ ଭଗବାନ, ମୁଁ ତ ଏ କଥା କଳ୍ପନା କରି ପାରୁନାହିଁ?''

ଭଦ୍ରମହିଳାଙ୍କ ଆଡ଼େ ଚାହିଁ ହୋମ୍‌ସ କହିଲେ, ''ମୁଁ ଯାହା କହିଲି, ସେ ସବୁ ସତ ତ?''

ଭଦ୍ରମହିଳା ତକିଆରେ ମୁହଁ ଗୁଞ୍ଜି କଇଁକଇଁ ହୋଇ କାନ୍ଦୁଥାନ୍ତି। ତାଙ୍କ ସ୍ୱାମୀଙ୍କ ଆଡ଼କୁ ଚାହିଁ ସେ କହିଲେ, ''ଏକଥା ମୁଁ ତୁମକୁ କହିଥାନ୍ତି? ଯା ଶୁଣିଲେ ତୁମ ମନରେ କି ଆଘାତ ହେବ, ମୁଁ ବୁଝିଥିଲି। ତେଣୁ ଠିକ୍ କଲି ମୁଁ ଅପେକ୍ଷା କରିବି— ଅନ୍ୟ କାହାଠାରୁ ତୁମେ ଏ କଥା ଶୁଣିବ। ଏଇ ଭଦ୍ରଲୋକ ଯେତେବେଳେ ଲେଖିପଠାଇଲେ ସେ ସବୁ ଜାଣନ୍ତି, ମୁଁ ଖୁସି ହେଲି। ତାଙ୍କର ପ୍ରକୃତରେ ଯାଦୁକର ପରି ଅସାଧାରଣ ଶକ୍ତି ଅଛି।''

ଚଉକିରୁ ଉଠି ହୋମ୍‌ସ କହିଲେ, ''ମୋ ମତରେ ଜାକ୍‌କୁ ବର୍ଷେ ଖଣ୍ଡେ ପାଇଁ ସମୁଦ୍ରଯାତ୍ରାରେ ପଠାଇଦେଲେ ତା'ର ପରିବର୍ତ୍ତନ ହୋଇଯିବ। ହଁ, ଆଉ ଗୋଟେ କଥା। ଜାକ୍ ଉପରେ ଆପଣ ଆକ୍ରମଣ କରିବାର କାରଣ ଆମେ ବେଶ୍ ଜାଣିପାରିଲୁ। ମାଆର ଧୈର୍ଯ୍ୟର ଗୋଟେ ସୀମା ଅଛି, କିନ୍ତୁ ଏଇ ଦି'ଦିନକାଳ ଆପଣ ପିଲାକୁ ଛାଡ଼ିଦେଲେ କିପରି?''

''ମୁଁ ଶ୍ରୀମତୀ ମାସନ୍‌ଙ୍କୁ ସବୁକଥା କହିଥିଲି। ସେ ସବୁ ଜାଣିଥିଲେ।''

''ମୁଁ ବି ଠିକ୍ ସେଇଆ ଅନୁମାନ କରିଥିଲି।''

ଫରଗୁସନ୍ ହାତ ଦି'ଟା ଆଗକୁ ଲମ୍ବାଇ ଠିଆହୋଇଥାନ୍ତି। ସେ ଦି'ଟା ଥରୁଥାଏ; ସତେ ଯେମିତି ତାଙ୍କର ଶ୍ୱାସ ରୁଦ୍ଧ ହୋଇଯାଇଛି।

ଚୁପ୍‌କରି ହୋମ୍‌ସ କହିଲେ, ''ୱାଟ୍‌ସନ୍, ଆମର ଯିବାର ଏଇଟା ଠିକ୍ ସମୟ। ତୁମେ ଡଲରେସ୍‌ର ଗୋଟେ ହାତ ଧର, ମୁଁ ଆରଟା ଧରୁଛି।'' ଆମେ ଘରୁ ବାହାରିଆସିଲୁ। କବାଟଟା ପଛରୁ ବନ୍ଦକରିଦେଇ ହୋମ୍‌ସ କହିଲେ, ''ଏଥର ତାଙ୍କ କଥା ସେ ବୁଝିବେ।''

□ □ □

Digitized by srujanika@gmail.com

ମଣିଷରୁ ମାଙ୍କଡ଼

କୋଡ଼ିଏ ବର୍ଷ ତଳେ ପ୍ରଫେସର୍ ପ୍ରେସ୍‌ବେରୀଙ୍କୁ କେନ୍ଦ୍ର କରି ଏକ କଦର୍ଯ୍ୟ ଜନରବ ବିଶ୍ୱବିଦ୍ୟାଳୟରେ ଚହଲ ପକାଇଦେଲା। ଲଣ୍ଡନର ଶିକ୍ଷିତ ମହଲରେ ମଧ ତାର ପ୍ରତିଧ୍ୱନି ଶୁଣାଗଲା। ମୋ ବନ୍ଧୁ ହୋମ୍‌ସ ବରାବର କହନ୍ତି ଯେ ସେଇ କଦର୍ଯ୍ୟ ଜନରବକୁ ଯଦି ଦୂର କରିଦେବ, ତେବେ ମୁଁ ସେ ଘଟଣା ପ୍ରକାଶ କରିବି। ପ୍ରକାଶ କରିବାରେ କେତେକ ବାଧା ଥିଲା, ଆଉ ଏଇ କୌତୂହଳପୂର୍ଣ୍ଣ ଘଟଣାର ପ୍ରକୃତ ତଥ୍ୟ ମୋ ଟିଣ ବାକ୍‌ସ ଭିତରେ ମୁହଁମାଡ଼ି ପଡ଼ିଥିଲା। ଏବେ ଘଟଣାଟା ବାହାରକୁ ଆଣିବା ପାଇଁ ଆମକୁ ଅନୁମତି ମିଳିଗଲା। ଏ ଘଟଣା ହୋମ୍‌ସ ତାଙ୍କ ବ୍ୟବସାୟରୁ ଅବସର ନେବା ପୂର୍ବର କେସ୍‌ଗୁଡ଼ାକ ଭିତରୁ ଗୋଟାଏ। ଏବେ ମଧ ସର୍ବସାଧାରଣଙ୍କ ଆଗରେ ଘଟଣାଟା ପ୍ରକାଶ କରିବାରେ କିଛିଟା ସଂଯତ ହେବାକୁ ପଡ଼ିବ।

ସେ ହେଲା ୧୯୦୩ ମସିହା ସେପ୍‌ଟେମ୍ବର ମାସର ଏକ ରବିବାର। ମୁଁ ହୋମ୍‌ସଙ୍କ ପାଖରୁ ଏକ ସଂକ୍ଷିପ୍ତ ଖବର ପାଇଲି, 'ସୁବିଧା ଥିଲେ ସାଙ୍ଗେ ସାଙ୍ଗେ ଆସ– ଅସୁବିଧା ହେଲେ ମଧ ଆସ– ସେର୍‌ଲକ୍ ହୋମ୍‌ସ।' ସେତେବେଳକୁ ଆମର ସମ୍ବନ୍ଧ ଅତି ଅସାଧାରଣ। ହୋମ୍‌ସ ସବୁବେଳେ ନିୟମ-ଶୃଙ୍ଖଳାର ବଶବର୍ତ୍ତୀ। ତାଙ୍କର ଅଭ୍ୟାସ କମ୍ ହେଲେ ମଧ ଶୃଙ୍ଖଳିତ। ତାଙ୍କ ଭାଓଲିନ୍, ସିଗାରେଟ୍ ପାଇପ୍, ସୂଚୀପତ୍ର ବହି ପରି ମୁଁ ମଧ ତାଙ୍କର ଏକ ଅତ୍ୟାବଶ୍ୟକ ଜିନିଷ ହୋଇଯାଇଥାଏ। ଯେତେବେଳେ କୌଣସି କେସ୍‌ରେ ସକ୍ରିୟ କାମ କରିବାକୁ ପଡୁଥିଲା ଏବଂ ଯାହା ଉପରେ ପୂରା ଆସ୍ଥା ରଖାଯାଇପାରେ ସେପରି ଜଣେ ବନ୍ଧୁର ଆବଶ୍ୟକ ହେଉଥିଲା, ସେତେବେଳେ ମୋ କାମ ଦରକାର ହେଉଥିଲା। ତା' ବ୍ୟତୀତ ମୋର ଅନ୍ୟାନ୍ୟ ଆବଶ୍ୟକତା ମଧ ଥିଲା। ମୁଁ ତାଙ୍କ ମାନସିକ ଶକ୍ତିର ଶାଣ-ପଥର ଥିଲି। ତାଙ୍କୁ ମୁଁ ପ୍ରେରଣା ଯୋଗାଉଥିଲି। ମୋ ଉପସ୍ଥିତିରେ ସେ ତାଙ୍କ ଚିନ୍ତାଧାରା ପ୍ରକାଶ

Digitized by srujanika@gmail.com

କରିପାରୁଥିଲେ। ମୋ ମାନସିକ ଚିନ୍ତାଧାରା ଧାରାବାହିକ ଆଉ ତା'ର ଗତି ଧୀର ଥିଲା। ସେଥିପାଇଁ ସେ ବେଳେବେଳେ ବିରକ୍ତ ହେଉଥିଲେ; କିନ୍ତୁ ତା' ଫଳରେ ତାଙ୍କର ନିଆଁଶିଖା ପରି ଭାବଧାରା ଖୁବ୍ କ୍ଷିପ୍ର ଆଉ ଉଜ୍ଜ୍ୱଳ ହୋଇଉଠୁଥିଲା।

ମୁଁ ବେକର୍ ଷ୍ଟ୍ରୀଟ୍‌ରେ ପହଞ୍ଚି ଦେଖିଲି ସେ ଢାକିଢୁକି ହୋଇ ଚଉକି ଉପରେ ବସିଛନ୍ତି। ମୁହଁରେ ସିଗାରେଟ୍ ପାଇପ୍। ଭାବନାରେ କପାଳ କୁଞ୍ଚିତ। ଜାଣିଲି କିଛି ଗୋଟେ ବିରକ୍ତିକର ସମସ୍ୟା ତାଙ୍କ ପାଖରେ ଆସି ପହଞ୍ଚିଛି। ହାତ ଠାରି ସେ ମୋତେ ମୋର ସେଇ ପୁରୁଣା ଚଉକିରେ ବସିବାକୁ କହିଲେ। ତା' ଛଡ଼ା ଅଧଘଣ୍ଟାଯାଏ ମୋ ଉପସ୍ଥିତି କଥା ସେ ଜାଣିଛନ୍ତି ବୋଲି କିଛି ସଂକେତ ତାଙ୍କଠୁ ମିଳିଲା ନାହିଁ। ତା'ପରେ ହଠାତ୍ ସେ ସପନରୁ ଉଠିଲା ପରି ଚମକିଉଠି ଠିଆହୋଇ ମୋତେ ଭିତର ଘରକୁ ଡାକିନେଲେ। ଏଇ ଘରେ ଦିନେ ମୁଁ ରହୁଥିଲି।

ଅଳ୍ପ ହସି ସେ କହିଲେ, ''କ୍ଷମା କରିବ ଉଆଟ୍‌ସନ୍! ତୁମେ ତ ଜାଣ, ବେଳେବେଳେ ମୋ ମନ ଏମିତି ଭାବନାରେ ବୁଡ଼ିଯାଏ। ଗଲା ଚବିଶ ଘଣ୍ଟା ଭିତରେ କେତେଗୁଡ଼ାଏ କୌତୁକପ୍ରଦ ବିଚିତ୍ର ଘଟଣା ମୋ ପାଖରେ ପହଞ୍ଚିଛି। ସେଇ ଅସାଧାରଣ ଘଟଣାରୁ ସାଧାରଣ ତଥ୍ୟ ଅନୁମାନ କରାଯାଇପାରେ। ଡିଟେକ୍‌ଟିଭ୍‌ମାନଙ୍କ କାମରେ କୁକୁରର ବ୍ୟବହାର ବିଷୟରେ ଗୋଟେ ପ୍ରବନ୍ଧ ଲେଖିବି ବୋଲି ମୁଁ ଚିନ୍ତା କରୁଛି।''

''କିନ୍ତୁ ହୋମ୍‌ସ, ସେଟା ତ କିଛି ନୂଆ କଥା ନୁହେଁ। ବ୍ଲଡ୍ ହାଉଣ୍ଡ ଆଦି କୁକୁରମାନେ ଏ ବିଷୟରେ ଜଣାଶୁଣା।''

''ନା ନା, ଉଆଟ୍‌ସନ୍! କୁକୁର କାମର ସେ ଦିଗଟା ଅବଶ୍ୟ ବେଶ୍ ଜଣାଶୁଣା। କିନ୍ତୁ ଆଉ ଗୋଟାଏ ଦିଗ ଅଛି, ଯେଉଁଟା ଅତି ସୂକ୍ଷ୍ମ। ତୁମର ରୋମାଞ୍ଚକର କପର୍‌ବିଚେସ୍ କେଶ୍ କଥା ମନେଥିବ। ସେ ଘଟଣାରେ ପିଲାର ମତିଗତି ଉପରେ ଦୃଷ୍ଟି ପକାଇ ମୁଁ ତା ବାପାର ଅପରାଧୀ ଚରିତ୍ରର ବିଶ୍ଳେଷଣ କରିପାରିଥିଲି।''

''ହଁ, ସେ ଘଟଣା ମୋର ବେଶ୍ ମନେଅଛି।''

Digitized by srujanika@gmail.com

''କୁକୁର ବିଷୟରେ ମୋର ଚିନ୍ତାଧାରା ଠିକ୍ ସେହିପରି । କୌଣସି ପରିବାରର ଜୀବନଚିତ୍ର କୁକୁରଠାରେ ପ୍ରତିଫଳିତ ହୋଇଥାଏ । କେହି କେବେ ଏକ ନିରାନନ୍ଦ ପରିବାରରେ ଆନନ୍ଦରେ ଉତ୍‌ଫୁଲ୍ଲ କିମ୍ବା ଏକ ସୁଖୀ ପରିବାରରେ ଏକ ଦୁଃଖୀ କୁକୁର ଦେଖିଛି ? ଯେଉଁ ଲୋକ ସବୁବେଳେ ଗର୍ଜନ-ତର୍ଜନ କରନ୍ତି, ତାଙ୍କ କୁକୁର ସବୁବେଳେ ଭାଉ ଭାଉ ଗର୍ଜନ କରନ୍ତି । ବିପଜ୍ଜନକ ଲୋକର କୁକୁର ମଧ୍ୟ ବିପଜ୍ଜନକ । ଏଇ ଲୋକମାନଙ୍କର ବିଭିନ୍ନ ମାନସିକ ଅବସ୍ଥା କୁକୁର ଉପରେ ପ୍ରତିଫଳିତ ହୋଇଥାଏ ।''

ମୁଣ୍ଡ ହଲାଇ ମୁଁ କହିଲି, ''ଏଇଟା ଟିକିଏ ଅସ୍ୱାଭାବିକ ମନେହେଉଛି ।''

ହୋମ୍ସ ପୁଣି ଥରେ ତାଙ୍କ ସିଗାରେଟ୍ ପାଇପ୍‌ଟା ଭରିନେଇ ବସିଗଲେ; ମୋ କଥା ଆଡ଼େ ମୋଟେ ଧ୍ୟାନ ଦେଲେନାହିଁ । ତା'ପରେ କହିଲେ, ''ମୁଁ ଯେଉଁ କଥା କହିଲି, ତା'ର ବାସ୍ତବ ପ୍ରୟୋଗ ମୁଁ ଏବେ ଯେଉଁ କେସ୍ ଅନୁସନ୍ଧାନ କରୁଛି ସେଥିରେ ଦରକାର ହେବାର ଆଶା । କେସ୍‌ଟା ଗୁଡ଼ାଏ ଗଣ୍ଠି ପଡ଼ିଥିବା ସୂତା ପରି ଖୁବ୍ ଜଟିଳ ଆଉ ମୁଁ ତା'ର ଗୋଟେ ଖୋଲା ଖିଅ ଖୋଜୁଛି । ଗୋଟାଏ ଖୋଲା ଖିଅର ସମ୍ଭାବନା ହେଲା– ପ୍ରଫେସର୍ ପ୍ରେସ୍‌ବେରୀଙ୍କ ବିଶ୍ୱସ୍ତ କୁକୁର ରୟ ତାଙ୍କୁ କାମୁଡ଼ିବାକୁ ଗଲା କାହିଁକି ?''

ନିରାଶ ହୋଇ ମୁଁ ଚଉକିରେ ଆଉଜି ବସିଗଲି । ଏଇ ସାମାନ୍ୟ କଥା ପାଇଁ କାମଧନ୍ଦା ଛାଡ଼ି ଆସିବାକୁ ହୋମ୍ସ ମୋ ପାଖକୁ ଖବର ଦେଇଥିଲେ ? ମୋ ଆଡ଼କୁ କଣେଇ ଚାହିଁ ହୋମ୍ସ କହିଲେ, ''ସେଇ ପୁରୁଣା ଢଙ୍ଗ ଛାଡ଼ିଲ ନାହିଁ ଉଆଟ୍‌ସନ୍ ! ଏତିକି ଶିଖିଲ ନାହିଁ ଯେ ଛୋଟ ଛୋଟ ଘଟଣା ଉପରେ ଗୁରୁତର ଘଟଣା ନିର୍ଭର କରିପାରେ । ଆଚ୍ଛା, ତୁମେ କାମ୍‌ଫୋର୍ଡ଼ ବିଶ୍ୱବିଦ୍ୟାଳୟର ଶରୀରତତ୍ତ୍ୱବିଜ୍ଞାନୀ ପ୍ରଫେସର୍ ପ୍ରେସ୍‌ବେରୀଙ୍କ ନାଁ ଶୁଣିଥିବ । ବୟସ୍କ ଲୋକ । ତାଙ୍କର ସବୁଠୁ ବଡ଼ ସାଥୀ ହେଲା ତାଙ୍କର ପୋଷା କୁକୁର । ସେଇ କୁକୁରଟା ଏ ଭିତରେ ତାଙ୍କୁ ଦି'ଥର କାମୁଡ଼ିଲାଣି । ଏଇଟା କ'ଣ ଆଶ୍ଚର୍ଯ୍ୟ କଥା ନୁହେଁ ? ତୁମେ ଏ ବିଷୟରେ କ'ଣ ଭାବୁଛ ?''

Digitized by srujanika@gmail.com

''କୁକୁରଟାର କିଛି ରୋଗ ହୋଇଛି।''

''ହଁ, ସେଟା ବିଚାର କରିବା କଥା। କିନ୍ତୁ ସେ ତ ଆଉ କାହାକୁ ଆକ୍ରମଣ କରୁନାହିଁ। ତା'ଛଡ଼ା ତା' ପ୍ରଭୁଙ୍କୁ ବିଶେଷ କ୍ଷତବିକ୍ଷତ କରୁନାହିଁ। ବଡ଼ ବିଚିତ୍ର କଥା ୱାଟ୍‌ସନ୍! କିନ୍ତୁ... ମିଷ୍ଟର୍ ବେନେଟ୍ ଯଥେଷ୍ଟ ଆଗରୁ ଆସି ପହଞ୍ଚିଗଲେଣି। ଏଇ ତ କଲିଂ ବେଲ୍ ବାଜିଲା। ମୁଁ ଭାବିଥିଲି ସେ ଆସିବା ଆଗରୁ ତୁମ ସାଥିରେ ଏ ବିଷୟରେ ଆଉ କିଛି ଆଲୋଚନା କରିଥାନ୍ତି।''

ପାହାଚ ଉପରେ ଚଳଚଞ୍ଚଳ ପାଦଶବ୍ଦ ଆଉ ତା'ପରେ ଦରଜାରେ ଠକ୍ ଠକ୍ ଶବ୍ଦ ଶୁଭିଲା। ଟିକିଏ ପରେ ଆମର ନୂଆ ମହକିଲ ଘର ଭିତରକୁ ପଶିଆସିଲେ। ବେଶ୍ ସୁନ୍ଦର ଚେହେରା। ବୟସ ପ୍ରାୟ ତିରିଶ ବର୍ଷ ହେବ। ପୋଷାକ ବେଶ୍ ସୁନ୍ଦର। କିନ୍ତୁ ତାଙ୍କ ଭାବଭଙ୍ଗୀରେ କିଛିଟା ଲାଜର ଲକ୍ଷଣ। ସେଥିରୁ ଜାଣିଲି ସେ ଏବେ ବି ଛାତ୍ରଜୀବନରେ — ଦୁନିଆର ଜଞ୍ଜାଳ ଭିତରକୁ ଆସିନାହାନ୍ତି। ସେ ହୋମ୍‌ସଙ୍କ ସାଥିରେ କରମର୍ଦ୍ଦନ କରି ଟିକିଏ ବିସ୍ମୟରେ ମୋ ଆଡ଼େ ଚାହିଁଲେ।

ତା'ପରେ କହିଲେ, ''ଘଟଣାଟା ଅତି ଗୋପନୀୟ ମିଷ୍ଟର୍ ହୋମ୍‌ସ! ପ୍ରଫେସର୍ ପ୍ରେସ୍‌ବେରୀଙ୍କ ସହିତ ମୋର ସଂପର୍କ କଥା ବିଚାର କରନ୍ତୁ। ତେଣୁ କୌଣସି ତୃତୀୟ ବ୍ୟକ୍ତିଙ୍କ ଉପସ୍ଥିତିରେ ଘଟଣାଟା ପ୍ରକାଶ କରିବା ମୋ ପକ୍ଷରେ ଠିକ୍ ହେବନାହିଁ।''

''କିଛି ଭୟ କରନ୍ତୁ ନାହିଁ ମିଷ୍ଟର୍ ବେନେଟ୍! ଡାକ୍ତର ୱାଟ୍‌ସନ୍‌ଙ୍କର ବିଚାରଶକ୍ତି ଅତି ତୀକ୍ଷ୍ଣ। ତା'ଛଡ଼ା ଏ ଘଟଣାରେ ମୋର ଜଣେ ସହଯୋଗୀ ଦରକାର ହେବାର ଯଥେଷ୍ଟ ସମ୍ଭାବନା।''

''ଆପଣଙ୍କର ଯାହା ଇଚ୍ଛା। ତେବେ ଆପଣ ନିଶ୍ଚୟ ଜାଣୁଥିବେ ଏ ଘଟଣାରେ ମୋତେ କିଛିଟା ସଂଯତ ହେବାକୁ ପଡ଼ିବ।'

''ତୁମେ ଶୁଣି ଖୁସି ହେବ ୱାଟ୍‌ସନ୍ ଯେ ଏ ଭଦ୍ରଲୋକ ସେଇ ଖ୍ୟାତନାମା ବୈଜ୍ଞାନିକ ପ୍ରଫେସର୍ ପ୍ରେସ୍‌ବେରୀଙ୍କ ସହକାରୀ, ତାଙ୍କରି ଘରେ ରହନ୍ତି ଆଉ ତାଙ୍କ ଝିଅଙ୍କ ସହିତ ୟାଙ୍କର ବିବାହ ସ୍ଥିର ହୋଇଛି; ତେଣୁ ପ୍ରଫେସର୍‌ଙ୍କ ପ୍ରତି ତାଙ୍କର ଭକ୍ତି ଆଉ ଶ୍ରଦ୍ଧା ରହିବା ସ୍ୱାଭାବିକ ବୋଲି ଆମେ ନିଶ୍ଚୟ ମାନିବା। କିନ୍ତୁ ଏଇ ଅଦ୍ଭୁତ

Digitized by srujanika@gmail.com

ରହସ୍ୟ ସମାଧାନ ପାଇଁ ଉଚିତ ପଦକ୍ଷେପ ନେବାହିଁ ହେବ ତାଙ୍କ ଭକ୍ତିର ଉପଯୁକ୍ତ କାମ।''

ମୁଁ ବି ଠିକ୍ ସେଇଆ ଭାବୁଛି ମିଷ୍ଟର୍ ହୋମ୍‌ସ, ଆଉ ମୋର କେବଳ ସେଇ ଗୋଟିଏ ଉଦ୍ଦେଶ୍ୟ। ଡାକ୍ତର ଉଆଟ୍‌ସେନ୍ ସବୁ ଘଟଣା ଜାଣନ୍ତି ?

''ତାଙ୍କୁ ସବୁକଥା କହିବାକୁ ମୋତେ ସମୟ ମିଳିନାହିଁ।''

''ତା'ହେଲେ ମୁଁ ଆଉ ଥରେ ଘଟଣାଟା କହିଗଲେ ଭଲ ହେବ। ତା'ପରେ ଆଉ କେତେଟା ନୂଆ ଘଟଣା ମୁଁ କହିବି।''

''ନା, ମୁଁ ନିଜେ ଘଟଣାଟା କହିବି, ସେଥିରୁ ଜଣାଯିବ ପ୍ରତ୍ୟେକ ଘଟଣା କ୍ରମ ଅନୁସାରେ ମୋର ମନେଅଛି। ହଁ, ଉଆଟ୍‌ସେନ୍, ସାରା ଇଉରୋପରେ ପ୍ରଫେସର୍ ପ୍ରେସ୍‌ବେରୀଙ୍କର ଖ୍ୟାତି ଅଛି। ଜୀବନସାରା ସେ ଖୁବ୍ ମେଧାବୀ, ଜ୍ଞାନୀ। ତାଙ୍କ ନାଁରେ କେହି କେବେ ପଦେ ହେଲେ ମନ୍ଦ କଥା କହିଦେଇ ନାହିଁ। ତାଙ୍କ ସ୍ତ୍ରୀ ମରିଯାଇଛନ୍ତି। ତାଙ୍କର ଗୋଟିଏ ବୋଲି ଝିଅ। ତା' ନାଁ ଏଡିଥ୍। ତାଙ୍କର ଚରିତ୍ର ପୁରୁଷୋଚିତ ଆଉ ଖୁବ୍ ଦୃଢ଼। ଏଇ ଅଳ୍ପ କେତେ ମାସତଳର ଘଟଣା ଏଇଆ।''

''ତା'ପରେ ତାଙ୍କ ଜୀବନସ୍ରୋତରେ ବାଧା ଆସିଲା। ତାଙ୍କର ବୟସ ଏକଷଠି ବର୍ଷ। କିନ୍ତୁ ସେ ତାଙ୍କ ସହକର୍ମୀ ଆନାଟୋମି ବିଭାଗର ପ୍ରଫେସର୍ ମରଫିଙ୍କ ଝିଅଙ୍କ ପ୍ରେମରେ ପଡ଼ିଲେ। ସେ ଝିଅ ନାଁ ଆଲିସ୍‌ମର୍ଫି। ଦେହ ଆଉ ମନରେ ତାର କିଛି ଖୁଣ ନାହିଁ। ତେଣୁ ପ୍ରଫେସର୍ ପ୍ରେସ୍‌ବେରୀ ବିମୋହିତ ହୋଇଯିବାଟା ଦୋଷାବହ ନୁହେଁ। ତଥାପି ତାଙ୍କ ପରିବାର ଏହାକୁ ସମର୍ଥନ କଲା ନାହିଁ।''

''ଆମେ ଭାବିଲୁ କଥାଟା ଅତି ବେଶି ହୋଇଯାଉଛି।''

''ବିଲ୍‌କୁଲ୍ ଠିକ୍, ଅତି ବେଶୀ ଦାୟିତ୍ୱହୀନ ଆଉ ଅବାସ୍ତବ। ଯାହାହେଉ ପ୍ରଫେସର୍ ପ୍ରେସ୍‌ବେରୀ ବେଶ୍ ଧନୀ; ତେଣୁ ଝିଅର ବାପାଙ୍କ ତରଫରୁ କିଛି ଆପତ୍ତି ନ ଥିଲା। ଝିଅର ଅଭିପ୍ରାୟ କିନ୍ତୁ ଭିନ୍ନ ଥିଲା। ତାଙ୍କୁ ବିବାହ କରିବାକୁ ଆହୁରି କେତେ ପ୍ରାର୍ଥୀ ଥିଲେ। ସେମାନେ ଅନ୍ୟ କୌଣସି ଦୃଷ୍ଟିରୁ ନହେଲେ ମଧ୍ୟ ବୟସଦୃଷ୍ଟିରୁ ଅଧିକ

Digitized by srujanika@gmail.com

ଉପଯୁକ୍ତ ଥିଲେ। ପ୍ରଫେସର୍ ପ୍ରେସ୍‌ବେରୀଙ୍କ ଏକବାଗିଆ ଗୁଣ ସତ୍ତ୍ୱେ ଝିଅଟି ତାଙ୍କୁ ଭଲପାଉଥିଲା। ବୟସ ପ୍ରଶ୍ନଟା ଥିଲା ଏକମାତ୍ର ବାଧା।''

''ଏତିକିବେଳେ ପ୍ରଫେସର୍‌ଙ୍କ ଜୀବନର କାର୍ଯ୍ୟକ୍ରମରେ ଗୋଟେ ଛୋଟ ରହସ୍ୟର ଛାଇ ପଡ଼ିଲା। ସେ ଜୀବନରେ କେବେ ଯାହା କରି ନ ଥିଲେ, ତା' କରିବସିଲେ। ସେ ଘର ଛାଡ଼ି ଗଲେ ଏବଂ କୁଆଡ଼େ ଯାଉଛନ୍ତି ତା'ର କିଛି ସୂଚନା ଦେଲେନାହିଁ। ପନ୍ଦର ଦିନପରେ ଶ୍ରାନ୍ତ କ୍ଳାନ୍ତ ହୋଇ ଫେରିଲେ। ଯଦିଓ ସେ ଖୁବ୍ ଖୋଲା ଲୋକ, ତଥାପି କୁଆଡ଼େ ଯାଇଥିଲେ କିଛି କହିଲେ ନାହିଁ। ଦୈବାତ୍ ଆମ ମହକିଲ ମିଷ୍ଟର୍ ବେନେଟ୍ ପ୍ରେଗ୍‌ରୁ ତାଙ୍କର ଜଣେ ବନ୍ଧୁଙ୍କ ପାଖରୁ ଖଣ୍ଡେ ଚିଠି ପାଇଲେ। ସେ ଲେଖିଥିଲେ ପ୍ରଫେସର୍ ପ୍ରେସ୍‌ବେରୀଙ୍କ ସଙ୍ଗେ ଦେଖାହୋଇଥିବାରୁ ସେ ଭାରି ଖୁସି। ଅବଶ୍ୟ ପ୍ରଫେସର୍‌ଙ୍କ ସାଥିରେ ତାଙ୍କର କଥାବାର୍ତ୍ତା ହୋଇନାହିଁ। ଏଇପରିଭାବେ ସେ କୁଆଡ଼େ ଯାଇଥିଲେ ତାଙ୍କ ଘରେ ସମସ୍ତେ ଜାଣିଲେ।

''ଏଥର ଘଟଣାଟାର କଥା। ସେଇ ଦିନଠାରୁ ପ୍ରଫେସର୍‌ଙ୍କର ଏକ ଅଦ୍ଭୁତ ପରିବର୍ତ୍ତନ ଘଟିଲା। ସେ ଲାଜକୁଳା ହୋଇଗଲେ, ଆଉ ଗୋପନରେ ରହିବାକୁ ଲାଗିଲେ। ତାଙ୍କ ପାଖଲୋକଙ୍କର ଧାରଣା ହେଲା, ସେ ଯାହା ଥିଲେ ଆଉ ତା' ନାହାନ୍ତି। ତାଙ୍କର ଗୁଣସବୁ କିଛି ଗୋଟେ ଅନ୍ଧକାରଦ୍ୱାରା ଆଚ୍ଛାଦିତ ହୋଇଯାଇଛି। ତାଙ୍କର ପ୍ରଜ୍ଞା ଉପରେ କିନ୍ତୁ କିଛି ଆଞ୍ଚ ଆସି ନ ଥିଲା। ତାଙ୍କ ବକ୍ତୃତା ସବୁ ଆଗ ଭଳି ଉଚ୍ଚକୋଟୀର ଥିଲା। କିନ୍ତୁ ସବୁବେଳେ କିଛି ଗୋଟେ ନୂଆ, କିଛି ଅପ୍ରତ୍ୟାଶିତ, ଅଶୁଭ ଦେଖାଯାଉଥିଲା। ତାଙ୍କ ଝିଅ ତାଙ୍କୁ ଖୁବ୍ ଶ୍ରଦ୍ଧା ଆଉ ଭକ୍ତି କରନ୍ତି। ସେ ବାପାଙ୍କ ସାଥିରେ ପୂର୍ବପରି ସଂପର୍କ ରଖି ଚଳିବାକୁ ବାରମ୍ବାର ଚେଷ୍ଟା କଲେ, ଆଉ ବାପାଙ୍କର ଏଇ ପରିବର୍ତ୍ତନ ଭିତରେ ପଶିବାକୁ ଚେଷ୍ଟା କଲେ। ମୁଁ ଜାଣେ, ଆପଣ ମଧ୍ୟ ସେ ଚେଷ୍ଟା କଲେ; କିନ୍ତୁ କିଛି ଫଳ ହେଲାନାହିଁ। ଏଥର ମିଷ୍ଟର୍ ବେନେଟ୍, ଚିଠିରେ ଯାହା ଲେଖାଅଛି ଆପଣ ନିଜେ କହନ୍ତୁ।''

''ଆପଣ ଜାଣିରଖିଥାନ୍ତୁ ଡାକ୍ତର ଡଆଟ୍‌ସନ୍ ଯେ, ପ୍ରଫେସର୍ ମୋ ପାଖରେ କୌଣସି କଥା ଗୋପନ ରଖୁ ନ ଥିଲେ। ମୁଁ ତାଙ୍କର

Digitized by srujanika@gmail.com

ପୁଅ ବା ଭାଇ ହୋଇଥିଲେ ବି ସେ ମୋତେ ଏତେ ବିଶ୍ୱାସ କରୁ ନ ଥାନ୍ତେ। ତାଙ୍କ ସେକ୍ରେଟାରୀ ହିସାବରେ ମୁଁ ତାଙ୍କ ପାଖକୁ ଆସୁଥିବା ସବୁ କାଗଜପତ୍ର ଦେଖୁଥିଲି। କିନ୍ତୁ ସେ ଫେରିବା ପରେ ପରେ ଏହା ବଦଳିଗଲା। ସେ ମୋତେ କହିଲେ, ଲଣ୍ଡନରୁ ତାଙ୍କ ପାଖକୁ କେତେଗୁଡ଼ାଏ ଚିଠି ଆସିପାରେ। ସେ ଚିଠିର ଡାକଟିକେଟ ତଳେ ଗୋଟେ ଛକ ଚିହ୍ନ ଥିବ। ସେ ଚିଠିଗୁଡ଼ା ଅଲଗା ରଖାଯିବ, ସେ ନିଜେ ତାକୁ ଖୋଲି ଦେଖିବେ। ଏଇପରି କେତେ ଚିଠି ମଧ୍ୟ ଆସିଲା। ମୁଁ ସେଗୁଡ଼ା ତାଙ୍କୁ ଦେଇଦେଲି। ସେଥିରେ ଇ.ସି. ମାର୍କା ଥିଲା ଆଉ ଅକ୍ଷରଗୁଡ଼ା କୌଣସି ଶିକ୍ଷିତ ଲୋକର ଅକ୍ଷର ପରି ଜଣାଯାଉ ନ ଥିଲା। ସେ ଯଦି କୌଣସି ଚିଠିର ଉତ୍ତର ଦେଉଥିଲେ, ତେବେ ନିଜେ ଲେଖି ପଠାଉଥିଲେ। ସେ ଚିଠି ମୋ ହାତକୁ ଆସୁ ନ ଥିଲା କିମ୍ବା ଯେଉଁ ବାକ୍ସରେ ଆମର ଚିଠିପତ୍ର ରଖାଯାଉଥିଲା ସେଠିକି ମଧ୍ୟ ଯାଉ ନଥିଲା।''

''ଆଉ ସେ ବାକ୍ସ କଥାଟା କୁହନ୍ତୁ।'' —ହୋମ୍ସ କହିଲେ।

''ହଁ, ସେ ବାକ୍ସ କଥା। ପ୍ରଫେସର୍ ଯେତେବେଳେ ଫେରିଲେ, ସାଙ୍ଗରେ ଗୋଟେ ଛୋଟ କାଠ ବାକ୍ସ ଆଣିଥିଲେ। ସେଟାରୁ ଆମେ ଅନୁମାନ କଲୁ ସେ ବିଦେଶକୁ ଯାଇଥିଲେ। ଏକ କିମ୍ଭୃତକିମାକାର କମକୁଟ ବାକ୍ସ। ଜର୍ମାନୀରେ ଏପରି ବାକ୍ସ ଦେଖାଯାଏ। ସେଟା ସେ ତାଙ୍କ ଯନ୍ତ୍ରପାତି ଆଲମିରାରେ ରଖିଥିଲେ। ଦିନେ ମୁଁ ଗୋଟେ ନଳି ଖୋଜିବାକୁ ବାକ୍ସଟି ଟେକିଦେଲି। ପ୍ରଫେସର୍ ଭାରି ରାଗିଗଲେ; ଆଉ ମୋତେ ଅତି କଦର୍ଯ୍ୟ ଭାଷାରେ ଗାଳିଦେଲେ। ମୁଁ ବିସ୍ମିତ ହୋଇଗଲି। ଏପରି ଘଟିବା ଏଟା ପ୍ରଥମ, ଆଉ ମୋତେ ବଡ଼ ବାଧିଲା। କିଛି ଉଦ୍ଦେଶ୍ୟ ନ ଥାଇ ଦୈବାତ୍ ମୁଁ ବାକ୍ସଟା ଛୁଇଁଦେଇଛି ବୋଲି ତାଙ୍କୁ ବୁଝାଇଦେବାକୁ ଭାବିଲି, କିନ୍ତୁ ସଂଧ୍ୟାସାରା ଦେଖିଲି ସେ ମୋଆଡ଼େ ରାଗିକରି ଚାହୁଁଛନ୍ତି। ଘଟଣାଟା ତାଙ୍କ ମନରେ ଖୁବ୍ ଗୁରୁତର ପ୍ରଭାବ ପକାଇଛି।'' ପକେଟରୁ ଗୋଟେ ଡାଏରୀ ବହି ବାହାର କରି ମିଷ୍ଟର୍ ବେନେଟ୍ ପୁଣି କହିଲେ, ''ଏଟା ହେଲା ଜୁଲାଇ ଦୁଇ ତାରିଖର ଘଟଣା।''

Digitized by srujanika@gmail.com

ହୋମ୍ସ କହିଲେ, "ଆପଣ ନିଶ୍ଚୟ ଜଣେ ଚମତ୍କାର ସାକ୍ଷୀ। ଏଇ ଯେଉଁ ତାରିଖଟି ଆପଣ ଟିପିରଖିଛନ୍ତି ସେସବୁ ମୋର ଦର୍କାର ହୋଇପାରେ।"

"ମୁଁ ମୋର ସେଇ ଅଗାଧ ଜ୍ଞାନୀ ଗୁରୁଙ୍କ ପାଖରୁ ଅନ୍ୟ ବିଷୟ ସହ ପ୍ରଣାଳୀ ଶିକ୍ଷା କରିଛି। ଯେତେବେଳୁ ତାଙ୍କ ଢଙ୍ଗଢାଙ୍ଗରେ ଏଇ ଅସ୍ୱାଭାବିକତା ମୁଁ ଲକ୍ଷ୍ୟ କଲି, ଭାବିଲି ତାଙ୍କ ଉପରେ ନଜର ରଖିବି। ତେଣୁ ମୁଁ ଦେଖିଲି ଏଇ ଜୁଲାଇ ଦୁଇ ତାରିଖରେହିଁ ରୟ ପ୍ରଫେସରଙ୍କୁ ଆକ୍ରମଣ କଲା; ଜୁଲାଇ ଏଗାର ତାରିଖରେ ପୁଣି ସେଇ ଘଟଣା ଘଟିଲା– ମୁଁ ମୋ ଡାଏରୀରେ ଟିପିରଖିଛି। ପୁଣି ଥରେ ଜୁଲାଇ କୋଡ଼ିଏ ତାରିଖରେ ବି ସେଇଆ ହେଲା। ତା'ପରେ ଆମେ ରୟକୁ ନେଇ ଶାଳରେ ବାନ୍ଧିରଖିଲୁ। ବିଚରା ଭାରି ଭଲ, କିନ୍ତୁ ଆପଣଙ୍କର ବୋଧହୁଏ ଏଗୁଡ଼ା ଶୁଣିବାର ଆଗ୍ରହ ନାହିଁ।"

ମିଷ୍ଟର୍ ବେନେଟ୍ ନିନ୍ଦା କଲାପରି ସ୍ୱରରେ କଥାଟା କହିଲେ; କାରଣ କଥାଟା ଆଡ଼େ ଯେ ହୋମ୍ସଙ୍କର କାନ ନ ଥିଲା ଏଟା ନିଶ୍ଚିତ। ତାଙ୍କ ମୁହଁ ଖୁବ୍ ଗମ୍ଭୀର ଆଉ ଟାଣ ଦେଖାଯାଉଥିଲା, ଆଉ ସେ ଏକଲୟରେ ଛାତଆଡ଼େ ଚାହିଁଥିଲେ।

ପୁଣି ବାସ୍ତବତା ଭିତରକୁ ଫେରିଆସି ହୋମ୍ସ କହିଲେ, "ଅପୂର୍ବ, ଅତି ଅପୂର୍ବ! ଏଇ ଟିକିନିଖି ବିବରଣୀ ମୋ ପାଇଁ ନୂଆ! ମିଷ୍ଟର୍ ବେନେଟ୍, ମୁଁ ଭାବୁଛି ପୁରୁଣା କଥାସବୁ ଆମେ ପୂରା ଆଲୋଚନା କରିଗଲେ; କିନ୍ତୁ ଆଉ କିଛି ନୂଆ କଥା ଅଛି ବୋଲି ଆପଣ କହୁଥିଲେ।"

ମିଷ୍ଟର୍ ବେନେଟ୍ଙ୍କ ମୁହଁରେ ଭାବନାର ଛାଇ ଖେଳିଗଲା। ସେ କହିଲେ, "ମୁଁ ଯାହା କହୁଛି, ତା' ପଅରଦିନ ରାତିରେ ଘଟିଲା। ରାତି ପ୍ରାୟ ଦୁଇଟାବେଳକୁ ମୋ ନିଦ ଭାଙ୍ଗିଗଲା। ମୁଁ ବିଛଣାରେ ପଡ଼ିଥାଏ। ବାହାର ବାରଣ୍ଡାରୁ ଗୋଟେ ଚାପା ଶବ୍ଦ ମୁଁ ଶୁଣିପାରିଲି। ଦରଜା ଖୋଲି ବାହାରକୁ ଚାହିଁଲି। ଏଇଠି କହିରଖେ ପ୍ରଫେସରଙ୍କ ଶୋଇବାଘରଟା ବାରଣ୍ଡାର ଶେଷମୁଣ୍ଡକୁ।"

"ସେଦିନ ତାରିଖ କେତେ ହେଲା?" –ହୋମ୍ସ ପଚାରିଲେ।

Digitized by srujanika@gmail.com

ଏପରି ଗୋଟେ ଅବାନ୍ତର ପ୍ରଶ୍ନରେ ବିରକ୍ତ ହୋଇଉଠି ବେନେଟ୍ କହିଲେ, ''କହିଲି ପରା ଆଜ୍ଞା ପଅରଦିନ— ତା' ମାନେ ସେପ୍ଟେମ୍ବର ଚାରି ତାରିଖ।''

ମୁଣ୍ଡ ହଲାଇ ଅଳ୍ପ ହସି ହୋମ୍ସ କହିଲେ, ''ହଉ, ଏଥର କହନ୍ତୁ।''

''ସେ ବାରଣ୍ଡାର ଶେଷ ମୁଣ୍ଡରେ ଶୁଅନ୍ତି। ଶିଡ଼ି ପାଖକୁ ଯିବାକୁ ହେଲେ ତାଙ୍କୁ ମୋ ରୁମ୍ ପାଖଦେଇ ଯିବାକୁ ହେବ। ସେଦିନର ଅନୁଭୂତି ବଡ଼ ଭୟଙ୍କର ଆଜ୍ଞା! ମୁଁ ଖୁବ୍ ସାହସୀ ମିଷ୍ଟର୍ ହୋମ୍ସ, କିନ୍ତୁ ଯାହା ଦେଖିଲି ସେଥିରେ ମୁଁ ଥରିଗଲି। ବାରଣ୍ଡାଟା ଅନ୍ଧାର; କେବଳ ଗୋଟେ ଖୋଲା ଝରକାବାଟେ ଅଳ୍ପ ଆଲୁଅ ପଡ଼ିଥିଲା। ଦେଖିଲି ବାରଣ୍ଡାରେ କିଛି ଗୋଟେ ଆସୁଛି— କିଛି ଗୋଟେ କଳା ଜିନିଷ ଲଗଁ ଲଗଁ ଆସୁଛି। ତା'ପରେ ସେ ହଠାତ୍ ଆଲୁଅକୁ ଆସିଗଲା, ଆଉ ମୁଁ ଦେଖିଲି ସେ ନିଜେ ପ୍ରଫେସର୍। ସେ ହାମୁଡ଼େଇ ଆସୁଥାନ୍ତି। ହାତ ଆଉ ଆଣ୍ଠୁରେ ଗୁରୁଣ୍ଡି ଗୁରୁଣ୍ଡି ନୁହେଁ ମିଷ୍ଟର୍ ହୋମ୍ସ, ହାତ ଆଉ ପାଦ ସାହାଯ୍ୟରେ। ମୁହଁଟା ଦୁଇ ହାତ ମଝିରେ। ତଥାପି ସେ ବେଶ୍ ସହଜ ଆଉ ସ୍ୱଚ୍ଛନ୍ଦରେ ଆସୁଥାନ୍ତି। ଯା ଦେଖି ମୁଁ କାଠ ପାଲଟିଗଲି। ସେ ଆସି ମୋ ଦରଜା ପାଖରେ ପହଞ୍ଚିଲା ପରେ ଯାଇ ମୁଁ ଆଗକୁ ଆସିଲି ଆଉ ତାଙ୍କୁ ପଚାରିଲି— ମୁଁ ତାଙ୍କୁ ସାହାଯ୍ୟ କରିବି କି। ତାଙ୍କ ଉତ୍ତର ଅତି ଅସାଧାରଣ ଆଉ ଅପ୍ରତ୍ୟାଶିତ। ସେ ହଠାତ୍ ଉଠି ଠିଆହୋଇ ଅତି ଟାଣ ଭାଷାରେ ମୋତେ ଗୁଡ଼େ ବକିଗଲେ ଆଉ ଶିଡ଼ିବାଟ ଦେଇ ଖୁବ୍ ଶୀଘ୍ର ଚାଲିଗଲେ। ମୁଁ ପ୍ରାୟ ଘଣ୍ଟାଏ ପର୍ଯ୍ୟନ୍ତ ଅପେକ୍ଷା କଲି; କିନ୍ତୁ ସେ ଫେରିଲେ ନାହିଁ। ତାଙ୍କୁ ରୁମ୍‌କୁ ସେ ଫେରିଲା ବେଳକୁ ପ୍ରାୟ ସକାଳ।''

ଜଣେ ରୋଗନିର୍ଣ୍ଣୟକାରୀ ପରି ହୋମ୍ସ ପଚାରିଲେ, ''ଏଥିରୁ ତୁମେ କ'ଣ ବୁଝୁଛ ଉଆଟ୍‌ସନ୍?''

''ସମ୍ଭବତଃ ଏଇଟା ଲୁମ୍ବାଗୋ ରୋଗ। ମୁଁ ଜାଣେ, ଏ ରୋଗ ପ୍ରବଳ ହେଲେ ଲୋକ ଏମିତି ଚାଲେ ଆଉ ଭାରି କଷ୍ଟ ହୁଏ।''

''ଏଇ ତ ଉଆଟ୍‌ସନ୍! ତୁମେ ସବୁବେଳେ ଏମିତି ସନ୍ଦେହଜନକ କଥା କହିବ— କିନ୍ତୁ ଏଟା ଲୁମ୍ବାଗୋ ବୋଲି ଆମେ ମାନି ନେଇ

Digitized by srujanika@gmail.com

ପାରିବା ନାହିଁ; କାରଣ ମୁହୂର୍ତ୍ତକ ଭିତରେ ସେ ପୁଣି ସଳଖ ହୋଇ ଠିଆହୋଇ ପାରିଲେ।''

''ସେତେବେଳେ ସେ ବେଶ୍ ସୁସ୍ଥ ଥିଲେ। ତା'ଛଡ଼ା ସେ ଆଗ ଅପେକ୍ଷା ଅଧିକ ସୁସ୍ଥ ସବଳ ଅଛନ୍ତି। କିନ୍ତୁ ଘଟଣା ସବୁ ସତ। ଏ ଘଟଣା ଆମେ ପୋଲିସ ଆଗରେ କହିପାରୁନାହୁଁ। କିନ୍ତୁ କ'ଣ କରିବୁ, ଆମେ କିଛି ବୁଝି ପାରୁନାହୁଁ। ଆମକୁ ଜଣାଯାଉଛି ଯେମିତି ବିପଦ ଆମ ଉପରକୁ ମାଡ଼ିଆସୁଛି। ପ୍ରଫେସରଙ୍କ ଝିଅ ଏଡିଥ୍ ମଧ ଠିକ୍ ଏଇଆ ଭାବୁଛନ୍ତି। ଆମେ ଆଉ ଚୁପ୍‌ଚାପ୍ ଅପେକ୍ଷା କରିପାରୁନାହୁଁ।''

''କେଶ୍‌ଟା ନିଶ୍ଚୟ ଖୁବ୍ ଚମକପ୍ରଦ। ତୁମେ ଏ ବିଷୟରେ କ'ଣ ଭାବୁଛ ଉଆଟ୍‌ସନ୍?''

''ଡାକ୍ତର ହିସାବରେ ମୋର ମତ, କୌଣସି ବିଶେଷଜ୍ଞଙ୍କୁ ଡାକିବା କଥା। ସେଇ ପ୍ରେମ ଘଟଣାରେ ବିଚରା ବୃଦ୍ଧ ଭଦ୍ରଲୋକଙ୍କ ମୁଣ୍ଡ ଖରାପ ହୋଇଯାଇଛି। ତାଙ୍କର ଏଇ କାମନାକୁ ଦବାଇବା ପାଇଁ ସେ ବିଦେଶକୁ ବୁଲିବାକୁ ଚାଲିଗଲେ। ତାଙ୍କର ସେ ସବୁ ଚିଠି ଆଉ ସେ ବାକ୍ସ ପୂରାପୂରି ବ୍ୟକ୍ତିଗତ ଘରୋଇ କଥା ହୋଇଥାଇପାରେ। ଧର, କୌଣସି ଋଣ କାଗଜ କିମ୍ବା କୌଣସି ଅଂଶଧନ ବାବଦ କାଗଜ ସେ ବାକ୍ସରେ ଥାଇପାରେ।''

''ଆଉ ସେ କୁକୁର କଥା? କୁକୁରଟା କ'ଣ ଏ ପଇସାପତ୍ର କାରବାରକୁ ପସନ୍ଦ କଲା ନାହିଁ? ନା ନା, ଉଆଟ୍‌ସନ୍, ଯା ଭିତରେ ଆଉ କିଛି କଥା ଅଛି। ମୁଁ କେବଳ ଏତିକି କହିପାରେ—''

ହୋମ୍‌ସ କ'ଣ କହିଥାନ୍ତେ ସେ କଥା ଆଉ କେବେ ଜଣାଯିବ ନାହିଁ; କାରଣ ଠିକ୍ ସେତିକିବେଳେ ଦରଜା ଖୋଲି ଜଣେ ତରୁଣୀ ଘର ଭିତରକୁ ପଶିଆସିଲେ। ତାଙ୍କୁ ଦେଖି ମିଷ୍ଟର୍ ବେନେଟ୍ ବିସ୍ମୟରେ ଚିତ୍କାର କରି ଆଗକୁ ହାତ ବଢ଼ାଇ ଧାଇଁଗଲେ। ତରୁଣୀଙ୍କ ହାତ ଦୁଇଟା ଧରିପକାଇ କହିଲେ, ''ଏଡିଥ୍, କଥା କ'ଣ? ଆଉ କିଛି ଘଟିନାହିଁ ବୋଲି ମୋର ଆଶା।''

''ମୋତେ ଏକୁଟିଆ ସେଠି ବଡ଼ ଭୟ ଲାଗିଲା। ସେଥିପାଇଁ ମୁଁ ତୁମ ପଛେ ପଛେ ଚାଲିଆସିବାକୁ ଠିକ୍ କଲି।''

Digitized by srujanika@gmail.com

"ମିଷ୍ଟର୍ ହୋମ୍ସ, ମୁଁ ଏଇ ତରୁଣୀଙ୍କ କଥା କହୁଥିଲି। ଇଏ ପ୍ରଫେସରଙ୍କ ଝିଅ ଏଡିଥ୍... ଆଉ ମୋର ବାଗ୍‌ଦତ୍ତା।"

ଟିକିଏ ହସିଦେଇ ହୋମ୍ସ କହିଲେ, "ଆମେ ଧୀରେ ଧୀରେ ଗୋଟାଏ ସିଦ୍ଧାନ୍ତକୁ ଆସୁଥିଲେ, ନା କ'ଣ ୱାଟ୍‌ସନ୍? ଆଚ୍ଛା କୁମାରୀ ପ୍ରେସ୍‌ବେରୀ, ଏ କେଶ୍‌ରେ ଆଜ କିଛି ନୂଆ କଥା ଘଟିଛି ବୋଧହୁଏ, ଆଉ ଆମକୁ ସେଟା ଜଣାଇବା ପାଇଁ ଆପଣ ଠିକ୍ କଲେ।"

ଆମର ନୂଆ ଆଗନ୍ତୁକ ବେଶ୍ ସୁନ୍ଦରୀ। ଅଳ୍ପ ହସି ସେ ମିଷ୍ଟର୍ ବେନେଟ୍‌ଙ୍କ ପାଖରେ ଗୋଟେ ଚଉକିରେ ବସିପଡ଼ିଲେ। ତା'ପରେ କହିଲେ, "ମୁଁ ଯେତେବେଳେ ଦେଖିଲି ମିଷ୍ଟର୍ ବେନେଟ୍ ନାହାନ୍ତି, ଭାବିଲି ତାଙ୍କୁ ବୋଧହୁଏ ଏଇଠି ପାଇବି। ଆପଣଙ୍କ ସାଥିରେ ପରାମର୍ଶ କରିବେ ବୋଲି ସେ ଅବଶ୍ୟ ମୋତେ କହିଥିଲେ। କିନ୍ତୁ ମିଷ୍ଟର୍ ହୋମ୍ସ, ଆପଣ ମୋ ବାପାଙ୍କ ପାଇଁ କ'ଣ କିଛି କରିପାରିବେ ନାହିଁ?"

"ମୋର ଯଥେଷ୍ଟ ଆଶା ଅଛି କୁମାରୀ ପ୍ରେସ୍‌ବେରୀ; କିନ୍ତୁ କେଶ୍‌ଟା ଏବେ ମଧ୍ୟ ପୂରା ଅନ୍ଧକାରମୟ। ଆପଣ ଯାହା କହିବେ ତା' ହୁଏତ କିଛିଟା ନୂଆ ଆଲୋକପାତ କରିପାରେ।"

"କାଲି ରାତିର ଘଟଣା ମିଷ୍ଟର୍ ହୋମ୍ସ! ଦିନସାରା ତାଙ୍କର ହାବଭାବ ବଡ଼ ଅଦ୍ଭୁତ ଜଣାଗଲା। ମୁଁ ଜାଣେ, ବେଳେବେଳେ ଏମିତି ସମୟ ଆସେ, ଯେତେବେଳେ ସେ କ'ଣ କରନ୍ତି ତାଙ୍କର ମୋଟେ ମନେରହେ ନାହିଁ। ସେ ଏକପ୍ରକାର ବିଚିତ୍ର ସ୍ୱପ୍ନରେ ବୁଡ଼ିରହନ୍ତି। କାଲି ଥିଲା ସେଇପରି ଗୋଟାଏ ଦିନ। ମୁଁ ଯାହାଙ୍କ ପାଖରେ ଥିଲି, ସେ ମୋ ବାପା ନୁହଁନ୍ତି— ଅବଶ୍ୟ ଦେହଟା ତାଙ୍କର; କିନ୍ତୁ ଅନ୍ୟ ସବୁଆଡ଼ୁ ସେ ମୋ ବାପାଙ୍କଠାରୁ ପୂରା ଅଲଗା।"

"କ'ଣ ଘଟିଲା ମୋତେ କହନ୍ତୁ।"

"ରାତିରେ କୁକୁରଟା ଭାରି ଜୋର୍‌ରେ ଭୁକିଉଠିଲା। ମୋ ନିଦ ଭାଙ୍ଗିଗଲା। ବିଚରା ରୟ ଏବେ ବରାବର ଚେନ୍‌ରେ ବନ୍ଧା ହୋଇ ରହୁଛି। ହଁ, ମୁଁ ବରାବର ମୋ ଘର କବାଟ ଭିତରୁ ବନ୍ଦ କରି ଶୁଏ; କାରଣ ଆମେ ସବୁବେଳେ କିଛି ନା କିଛି ବିପଦର ଆଶଙ୍କା କରୁଅଛୁ। ମୋ ଶୋଇବା ଘର ଦ୍ୱିତୀୟ ମହଲାରେ। ମୋ ଘର ଝରକାର

Digitized by srujanika@gmail.com

ପରଦାଟା ଟେକା ହୋଇ ରହିଥିଲା । ବାହାରେ ପରିଷ୍କାର ଜହ୍ନ ଆଲୁଅ । ମୁଁ ସେଇ ଆଲୁଅଆଡ଼େ ଚାହିଁ ବିଛଣା ଉପରେ ପଡ଼ିଥାଏ । କୁକୁରଟା ପାଗଳପରି ଭୁକିଲାଗିଥାଏ । ଏତିକିବେଳେ ଝରକା ପାଖେ ମୋ ବାପାଙ୍କ ମୁହଁ ଦେଖି ମୁଁ ଚମକି ପଡ଼ିଲି । ଭୟ ଆଉ ବିସ୍ମୟରେ ମୁଁ ମଲାଙ୍କ ପରି ପଡ଼ିରହିଲି । ତାଙ୍କ ମୁହଁଟା ଝରକାର କାଚ ଦେହରେ ଲାଗିଥାଏ । ଗୋଟେ ହାତ ଉପରକୁ ଟେକିଥାନ୍ତି— ବୋଧହୁଏ ଝରକା ଫିଟାଇବା ପାଇଁ । ଯଦି ଝରକାଟା ଖୋଲିଯାଇଥାନ୍ତା ମୁଁ ପାଗଳ ହୋଇଯାଇଥାନ୍ତି । ଏଟା ମୋର ଭ୍ରମ ବୋଲି ଭାବନ୍ତୁ ନାହିଁ ମିଷ୍ଟର୍ ହୋମ୍‌ସ ! ପ୍ରାୟ କୋଡ଼ିଏ ସେକେଣ୍ଡଯାଏ ମୁଁ ନିଶ୍ଚଳ ହୋଇ ପଡ଼ିରହି ତାଙ୍କ ମୁହଁକୁ ଚାହିଁରହିଲି । ତା'ପରେ ସେ ମୁହଁ ଅପସରିଗଲା । କିନ୍ତୁ ବିଛଣାରୁ ଉଠି କିଛି ଦେଖିବାକୁ ମୋର ବଳ ବା ସାହସ ନ ଥିଲା । ସକାଳଯାଏ ମୁଁ ସେମିତି ପଡ଼ିରହିଲି । ସାରା ଦେହଟା ଥରୁଥାଏ । ଜଳଖିଆ ଖାଇଲାବେଳେ ସେ ଖୁବ୍ ରାଗିଲା ପରି ଜଣାଯାଉଥିଲେ । ରାତି ଘଟଣା ସମ୍ବନ୍ଧରେ ସେ କିଛି କହିଲେ ନାହିଁ । ମୁଁ ମଧ୍ୟ କିଛି କହିଲି ନାହିଁ; କିନ୍ତୁ କିଛି କାମର ଆଳକରି ଲଣ୍ଡନ ଆସିବା କଥା କହିଲି ଏବଂ ଆସିଲି ।''

କୁମାରୀ ପ୍ରେସ୍‌ବେରୀଙ୍କ ବର୍ଣ୍ଣନା ଶୁଣି ହୋମ୍‌ସ ପୂରାପୂରି ବିସ୍ମିତ ହୋଇଗଲେ । ତା'ପରେ କହିଲେ, ''ଆଚ୍ଛା କୁମାରୀ ପ୍ରେସ୍‌ବେରୀ, ଆପଣ ତ କହିଲେ ଆପଣଙ୍କ ରୁମ୍ ଦ୍ୱିତୀୟ ମହଲାରେ— ତେବେ ଆପଣଙ୍କ ବଗିଚାରେ କ'ଣ ଗୋଟେ ଲମ୍ବା ଶିଡ଼ି ଅଛି ?''

''ନା ମିଷ୍ଟର୍ ହୋମ୍‌ସ ! ସେଇ ତ ହେଲା ବିଚିତ୍ର କଥା— ଝରକା ପାଖକୁ ଆସିବା ପାଇଁ କୌଣସି ବାଟ ନାହିଁ; ତଥାପି ସେ ସେଠିକି ଆସିଥିଲେ ।''

''ଆଉ ତାରିଖଟା ହେଲା ସେପ୍‌ଟେମ୍ବର ପାଞ୍ଚ । ଏଇଠି ତ କଥାଟା ଗୋଳମାଳିଆ ହୋଇଯାଉଛି ।''

ଯା ଶୁଣି କୁମାରୀ ପ୍ରେସ୍‌ବେରୀ ବିସ୍ମୟରେ ଚାହିଁରହିଲେ । ମିଷ୍ଟର୍ ବେଟେନ୍ ହୋମ୍‌ସଙ୍କୁ କହିଲେ, ''ତାରିଖ କଥାଟା ଆପଣ ଏବେ ଦ୍ୱିତୀୟ ଥର ପାଇଁ କହିଲେ ମିଷ୍ଟର୍ ହୋମ୍‌ସ ! କେଶ୍ ସାଥିରେ ଯାର କିଛି ସଂପର୍କ ଥିବାର କ'ଣ କିଛି ସମ୍ଭାବନା ଅଛି ?''

Digitized by srujanika@gmail.com

"ସମ୍ଭାବନା– ଯଥେଷ୍ଟ ସମ୍ଭାବନା ଅଛି। ତଥାପି ଏଯାଏ ମୁଁ ମୋର ପୂରା ତଥ୍ୟ ପାଇପାରିନାହିଁ।"

"ଆପଣ ବୋଧହୁଏ ଚନ୍ଦ୍ରକଳା ସଙ୍ଗେ ମୁଣ୍ଡବିକାରର ସଂପର୍କ କଥା ଚିନ୍ତା କରୁଛନ୍ତି ?"

"ନା, ମୋର ଚିନ୍ତାଧାରା ପୂରାପୂରି ଭିନ୍ନ। ଆପଣ ମୋ ପାଖରେ ଆପଣଙ୍କ ନୋଟ୍ ଖାତାଟା ଦେଇଯାଆନ୍ତୁ; ମୁଁ ତାରିଖଗୁଡ଼ାକ ପରୀକ୍ଷା କରି ଦେଖିବି। ମୁଁ ଭାବୁଛି, ଉଆଟ୍‌ସନ୍ ଏଣିକି ଆମ କାର୍ଯ୍ୟପନ୍ଥା ପରିଷ୍କାର ହୋଇଗଲା। କୁମାରୀ ପ୍ରେସ୍‌ବେରୀଙ୍କ କଥା ଉପରେ ମୋର ଯଥେଷ୍ଟ ଆସ୍ଥା ଅଛି। ତାଙ୍କଠୁ ଆମେ ଜାଣିପାରିଲେ ଯେ କେତେଟା ନିର୍ଦ୍ଦିଷ୍ଟ ଦିନରେ ଯାହା ଘଟୁଛି, ସେ ସବୁ ତାଙ୍କ ବାପାଙ୍କର ମୋଟେ ମନେ ରହୁନାହିଁ। ତେଣୁ ଆମେ ତାଙ୍କ ସାଥିରେ ଦେଖାକରିବାକୁ ଯିବା– କହିବା, ସେ ଆମକୁ ଡକାଇଥିଲେ। ସେ ଭାବିବେ, କଥାଟା ସତ ହୋଇଥାଇପାରେ ଏବଂ ତାଙ୍କର ମନେ ନାହିଁ। ଏଇପରି ଭାବରେ ଆମେ ତାଙ୍କ ପାଖକୁ ଯାଇ ଆମ କାମ ଆରମ୍ଭ କରିବା।"

ମିଷ୍ଟର୍ ବେନେଟ୍ କହିଲେ, "ତାହାହିଁ ଖୁବ୍ ଭଲ ହେବ। କିନ୍ତୁ ମୁଁ ଆପଣଙ୍କୁ ସାବଧାନ କରାଇ ଦେଉଛି। ବେଳେବେଳେ ପ୍ରଫେସର୍ ଅତି ଉଗ୍ର ଆଉ ହିଂସ୍ର ହୋଇଉଠନ୍ତି।"

ଅଳ୍ପ ହସି ହୋମ୍‌ସ କହିଲେ, "ଆମକୁ ଶୀଘ୍ର ଯିବାକୁ ହେବ। ତା'ର ଯଥେଷ୍ଟ କାରଣ ଅଛି। କାଲି ଆମେ କାମ୍‌ଫୋର୍ଡରେ ପହଞ୍ଚିବୁ ମିଷ୍ଟର୍ ବେନେଟ୍! ମୋର ମନେହୁଏ, ସେଠି 'ଚେକରସ୍' ବୋଲି ଗୋଟେ ହୋଟେଲ ଅଛି। ହୋଟେଲ୍‌ଟା ମଧ୍ୟମ ଧରଣର। ଯାହାହେଉ ଉଆଟ୍‌ସନ୍, ଆଗାମୀ କେତେ ଦିନ ଆମକୁ ହୁଏତ ଟିକିଏ ଅସୁବିଧା ଭୋଗିବାକୁ ପଡ଼ିପାରେ।"

ସୋମବାର ଦିନ ସକାଳେ ଆମେ ବାହାରିପଡ଼ିଲୁ। ହୋମ୍‌ସଙ୍କର ତ ଆଉ କିଛି ଧନ୍ଦା ନ ଥିଲା, ତେଣୁ ସେ ଶୀଘ୍ର ବାହାରିପଡ଼ିଲେ। ମୋ ଡାକ୍ତରୀ ବ୍ୟବସାୟ କିନ୍ତୁ ସେତେବେଳକୁ ଭଲ ଚାଲିଥାଏ। ଯାହାହେଉ ସବୁ କାମଧନ୍ଦା ଖୁବ୍ ତରତରରେ ଶେଷ କରି ମୁଁ ବାହାରିପଡ଼ିଲି। ବାଟରେ ସେ କେଶ୍ ବିଷୟରେ କିଛି ପଦେହେଲେ କହିଲେ ନାହିଁ।

Digitized by srujanika@gmail.com

ଆମେ ସେ ହୋଟେଲରେ ପହଞ୍ଚି ସୁଟ୍‌କେଶ ଆଦି ରଖିଦେଲୁ। ତା'ପରେ ହୋମ୍‌ସ କହିଲେ, 'ମୁଁ ଭାବୁଛି ଉଆଟ୍‌ସନ୍, ପ୍ରଫେସର୍ ଖାଇବା ପୂର୍ବରୁ ଆମେ ତାଙ୍କ ସାଥିରେ ଦେଖାକରିବା। ଏଗାରଟାବେଳେ ସେ ତାଙ୍କ କ୍ଲାସରେ ପଢ଼ାନ୍ତି। ତା'ପରେ ଆଉ ଖାଇବା ଆଗରୁ ତାଙ୍କୁ କିଛି ସମୟ ଫୁରୁସତ୍ ଥିବ।''

''ଆମେ ତାଙ୍କୁ ଦେଖାକରିବାର କି ଆଳ କରିବା ?''

ତାଙ୍କ ନୋଟ୍ ବୁକ୍ ଦେଖି ହୋମସ୍ କହିଲେ, ''ଅଗଷ୍ଟ ଛବିଶ ତାରିଖରେ ସେ ଏଇପରି ଉନ୍ମାଦଗ୍ରସ୍ତ ହୋଇଥିଲେ। ଆମେ ଧରିନେବା ତାଙ୍କର ସେ ବେଳର କିଛି କଥା ମନେ ନ ଥିବ। ଆମେ ଜୋର୍ ଦେଇ କହିବା ସେ ଦିନ ସେ ଆମକୁ ଡକାଇଥିବାରୁ ଆମେ ଆସିଛୁ। ମୋର ଆଶା, ସେ ଏହା ଅସ୍ୱୀକାର କରିପାରିବେ ନାହିଁ। ଏଇତକ କରିବା ପାଇଁ ତୁମେ ଟିକିଏ ଅଳାଜୁକ ହୋଇ ପାରିବ ?''

''ଆମେ ଚେଷ୍ଟା କରିବା।''

''ଚମତ୍କାର ଉଆଟ୍‌ସନ୍– ଆମେ ଚେଷ୍ଟା କରିବା– ଏଇ ହେଲା ଦୃଢ଼ମନା ଲୋକର କଥା। ଆମକୁ ବାଟ ବତାଇବା ପାଇଁ ଜଣେ ସ୍ଥାନୀୟ ଲୋକ ଠିକ୍ କରିବା।''

ସେତଲି ଜଣେ ଲୋକ ଜୁଟିଗଲେ। ଗୋଟେ ସୁନ୍ଦର ଘୋଡ଼ାଗାଡ଼ିରେ ଆମେ ପୁରୁଣା କଲେଜ ସବୁ ପାରିହୋଇ ଚାଲିଲୁ। ରାସ୍ତା ଦି'ପାଖରେ ଧାଡ଼ି ହୋଇ ଗଛ। ଶେଷରେ ଗୋଟେ ଖୁବ୍ ସୁନ୍ଦର ଘର ପାଖରେ ଆମ ଗାଡ଼ି ଅଟକିଲା। ଘର ଚାରିପାଖରେ ସବୁଜ ଘାସ ପଡ଼ିଆ। ଜାଗାଟା ଦେଖି ମନେହେଲା ପ୍ରଫେସର୍ ପ୍ରେସ୍‌ବେରୀ କେବଳ ଆରାମରେ ନଥିଲେ; ବିଳାସବ୍ୟସନ ଭିତରେ ରହିଥିଲେ। ଆମ ଗାଡ଼ି ରହିଲାମାତ୍ରେ ଘରର ସାମନାପଟ ଝରକା ପାଖରେ ଧୂସର ରଙ୍ଗର ଏକ ମୁଣ୍ଡ ଦେଖାଗଲା। ଦୁଇଟା ତୀକ୍ଷ୍ଣ ଆଖି ଆମକୁ ଲକ୍ଷ୍ୟ କରିବାର ଜଣାଗଲା। ଅଳ୍ପ ସମୟ ପରେ ଆମେ ତାଙ୍କ ନିଭୃତ କକ୍ଷରେ ପହଞ୍ଚିଲୁ। ରହସ୍ୟମୟ ବୈଜ୍ଞାନିକ ପ୍ରଫେସର୍ ପ୍ରେସ୍‌ବେରୀ ଆମ ସାମନାରେ ଠିଆହୋଇଥାନ୍ତି। ତାଙ୍କ ଚେହେରା ବା ହାବଭାବରେ କୌଣସି ଖିଆଲୀ ଢଙ୍ଗ ମୋଟେ ନ ଥିଲା। ବେଶ୍ ସୁନ୍ଦର ଆଉ ସୁସ୍ଥ ସବଳ ଲୋକ। ମୁହଁରେ ଗାମ୍ଭୀର୍ଯ୍ୟ।

Digitized by srujanika@gmail.com

ପୋଷାକପତ୍ର ରୁଚିକର। ମୋଟଉପରେ ଜଣେ ପ୍ରଫେସରର ମାନସମ୍ମାନ ପାଇଁ ଯାହା ଦରକାର ତା' ତାଙ୍କ ପାଖରେ ଦେଖିବାକୁ ପାଇଲୁ।

ଆମ କାର୍ଡ ଦେଖି ସେ କହିଲେ, ''ବସନ୍ତୁ ଆପଣମାନେ। ମୁଁ ଆପଣଙ୍କ ପାଇଁ କ'ଣ କରିପାରେ ?''

ଅମାୟିକ ହସ ହସି ହୋମ୍ସ କହିଲେ, ''ମୁଁ ଆପଣଙ୍କୁ ଠିକ ପ୍ରଶ୍ନ ପଚାରିବାକୁ ଯାଉଥିଲି ପ୍ରଫେସର୍ !''

''ମୋତେ !''

''ହଁ। ଜଣେ ଭଦ୍ରଲୋକଙ୍କ ପାଖରୁ ଶୁଣିଲି କାମ୍‌ଫୋର୍ଡର ପ୍ରଫେସର୍ ପ୍ରେସ୍‌ବେରୀ ମୋର ସାହାଯ୍ୟ ଲୋଡ଼ିଛନ୍ତି।''

''ସତେ ଆପଣ ଶୁଣିଲେ ? ଖବର ଦେବା ଲୋକର ନାଁଟା ମୁଁ ଜାଣିପାରେ କି ?''

ମୋତେ ଜଣାଗଲା, ତାଙ୍କ ଆଖିରେ ହିଂସାର ଶିଖା ଜଳିଉଠିଛି।

ଅତି ଧୀରଭାବେ ହୋମ୍ସ କହିଲେ, ''ଦୁଃଖର କଥା ପ୍ରଫେସର୍ ! କଥାଟି ନିହାତି ଗୋପନୀୟ । ଯଦିବା ମୋର କିଛି ଭୁଲ ହୋଇଯାଇଥାଏ, ତେବେ କ୍ଷତି ତ କିଛି ନାହିଁ— ସେଥିପାଇଁ ମୁଁ ଦୁଃଖ ପ୍ରକାଶ କରୁଛି।''

''ମୋଟେ ନୁହେଁ। ମୁଁ କଥାଟା ଆଉ ଟିକିଏ ଭିତରେଇ କରି ଦେଖିବାକୁ ଚାହେଁ। ବେଶ୍ କୌତୂହଳପ୍ରଦ କଥା। ଆପଣଙ୍କ କଥାର ସତ୍ୟତା ପ୍ରମାଣ କରିବା ପାଇଁ କିଛି ଚିଠି ବା ଟେଲିଗ୍ରାମ୍ ଆପଣଙ୍କ ପାଖେ ଅଛି କି ?''

''ନା, କିଛି ନାହିଁ।''

''ତେବେ ଶୁଖିଲାଟାରେ ମୁଁ ଆପଣଙ୍କୁ ଡକାଇଛି ବୋଲି ତ ଆପଣ ଭାବି ନ ଥିବେ ?''

''ମୁଁ କୌଣସି ପ୍ରଶ୍ନର ଉତ୍ତର ଦେଇ ପାରିବି ନାହିଁ।''

''ନା, ମୁଁ ଜାଣେ ଆପଣ ଦେଇ ପାରିବେ ନାହିଁ। ତେବେ ଆପଣଙ୍କ ବିନା ସାହାଯ୍ୟରେ ସେ ଉତ୍ତର ମୋତେ ସହଜରେ ମିଳିଯିବ।''

ସେ ଚାଲିଯାଇ କଲିଂ ବେଲ୍‌ଟାରେ ହାତ ମାରିଦେଲେ। ତା'ର ଉତ୍ତରରେ ମିଷ୍ଟର୍ ବେନେଟ୍ ଆସି ପହଞ୍ଚିଲେ।

ପ୍ରଫେସର କହିଲେ, ''ଆସ ବେନେଟ୍, ଏ ଦି'ଜଣ ଭଦ୍ରଲୋକ

Digitized by srujanika@gmail.com

ଲଣ୍ଡନରୁ ଆସିଛନ୍ତି। ତାଙ୍କର ଧାରଣା ମୁଁ ତାଙ୍କୁ ଠକାଇଛି। ତୁମେ ତ ମୋର ଚିଠିପତ୍ର ସବୁ କାରବାର କରୁଛ। ହୋମ୍‌ସ ନାମରେ କୌଣସି ଭଦ୍ରଲୋକଙ୍କ ପାଖକୁ କିଛି ଚିଠି ଯାଇଛି କି ?''

ସାମାନ୍ୟ ଉତ୍ତେଜନାରେ ବେନେଟ୍ କହିଲେ, ''ନା ଆଜ୍ଞା !''

ମୋ ବନ୍ଧୁଙ୍କ ଆଡ଼େ ଖୁବ୍ ରାଗରେ ଚାହିଁ ପ୍ରଫେସର୍ କହିଲେ, ''ଠିକ୍ ଅଛି।'' ତା'ପରେ ଟେବୁଲ ଉପରେ ହାତ ଦି'ଟା ରଖି ଆଗକୁ ଝୁଙ୍କିପଡ଼ି ସେ ପୁଣି କହିଲେ, ''ଏଥର ମହାଶୟ– ଏଥର ଜଣାଯାଉଛି ଆପଣଙ୍କର ଏଠିକି ଆସିବା ପଛରେ କିଛି ମତଲବ ଅଛି।''

ବେଖାତିର ଭାବରେ ହୋମ୍‌ସ କହିଲେ, ''ମୁଁ ପୁଣି କହୁଛି, ଆମର ଭୁଲ ହୋଇଯାଇଛି। ଅକାରଣରେ ଆମେ ଆସି ଆପଣଙ୍କୁ ହଇରାଣ କଲୁ। ସେଥିପାଇଁ ମୁଁ ଦୁଃଖିତ।''

''ମୋଟେ ନୁହେଁ ମିଷ୍ଟର୍ ହୋମ୍‌ସ !'' ବୁଢ଼ା ଭଦ୍ରଲୋକ ଖୁବ୍ ଜୋର୍‌ରେ ଗର୍ଜନ କରିଉଠିଲେ। ରାଗରେ ତାଙ୍କ ମୁହଁ ନିଆଁ ପରି ଜଳୁଥାଏ। କହୁ କହୁ ସେ କବାଟ ଆଉ ଆମ ମଝିରେ ଯାଇ ଠିଆହୋଇଗଲେ। ହାତ ଦି'ଟା ପାଗଳଙ୍କ ପରି ହଲାଇ କହିଲେ, ''ଏତେ ସହଜରେ ଆପଣ ଏଠୁ ଖସିଯାଇ ପାରିବେ ନାହିଁ।'' ରାଗରେ ତାଙ୍କର ଆଉ ଜ୍ଞାନ ନ ଥାଏ। କୁଟିଳ ଦୃଷ୍ଟିରେ ଆମ ଆଡ଼େ ଚାହିଁ ସେ କଣ ଗୁଡ଼େ କହିଯାଉଥାନ୍ତି। ମିଷ୍ଟର୍ ବେନେଟ୍ ହସ୍ତକ୍ଷେପ କରି ନ ଥିଲେ, ଆମକୁ ବାହାରକୁ ଆସିବା ପାଇଁ ସଂଗ୍ରାମ କରିବାକୁ ପଡ଼ିଥାନ୍ତା।

ପ୍ରଫେସର୍‌ଙ୍କ ପାଖକୁ ଚାଲିଯାଇ ସେ କହିଲେ, ''ଆପଣଙ୍କ ନିଜର ମାନ-ସମ୍ମାନ କଥା। ବିଶ୍ୱବିଦ୍ୟାଳୟରେ ଆପଣଙ୍କ ନାଁରେ ଯେଉଁ ଦୁର୍ନାମ, ସେ କଥା ବିଚାର କରନ୍ତୁ ଆଜ୍ଞା ! ମିଷ୍ଟର୍ ହୋମ୍‌ସ ଇଂଲଣ୍ଡର ଜଣେ ଖ୍ୟାତନାମା ବ୍ୟକ୍ତି। ତାଙ୍କ ପ୍ରତି ଏପରି ଅଭଦ୍ର ବ୍ୟବହାର ଆପଣଙ୍କ ପକ୍ଷରେ ଉଚିତ ନୁହେଁ।''

ରାଗରେ ଗରଗର ହୋଇ ବୁଢ଼ା ପ୍ରଫେସର୍ କବାଟ ପାଖରୁ ଘୁଞ୍ଚିଗଲେ। ଆଉ ଆମେ ଘରଭିତରୁ ବାହାରି ଆସିଲୁ। ଟିକିଏ ପରେ ରାସ୍ତା ଉପରେ ପହଞ୍ଚିଗଲୁ। ଏ ଘଟଣାରେ ହୋମ୍‌ସ ବେଶ୍ ଆମୋଦ ଅନୁଭବ କଲାପରି ଜଣାଯାଉଥାଏ। ହସି ହସି ସେ କହିଲେ, ''ଆମର ଏଇ ଜ୍ଞାନୀ

Digitized by srujanika@gmail.com

ବନ୍ଧୁଙ୍କର ସ୍ନାୟୁସବୁ ନିଶ୍ଚୟ ବିଗିଡ଼ିଯାଇଛି। ଆମର ସେଠି ପହଞ୍ଚିବାଟା ଠିକ୍ ଭାବେ ହୋଇ ପାରିଲାନାହିଁ ବୋଧହୁଏ। ତଥାପି ତାଙ୍କ ସାଥିରେ ଦେଖାକରି ମୁଁ ଯାହା ଚାହୁଁଥିଲି ତା' ପାଇପାରିଛି। କିନ୍ତୁ ୱାଟ୍‌ସନ୍, ସେ ବୋଧହୁଏ ଆମ ପଛେ ପଛେ ଗୋଡ଼ାଇଛନ୍ତି। ପାଦଶବ୍ଦ ଶୁଭୁଛି। ସଇତାନଟା ତଥାପି ଗୋଡ଼େଇଛି।''

ସତକୁ ସତ ପଛରୁ କେହି ଧାଇଁବାର ପାଦଶବ୍ଦ ଶୁଣାଗଲା। କିନ୍ତୁ ରାସ୍ତା ମୋଡ଼ରେ ଯେତେବେଳେ ଦେଖିଲୁ ଲୋକଟା ସେଇ ଦୁର୍ଦ୍ଦାନ୍ତ ପ୍ରଫେସର୍ ନୁହେଁ, ମିଷ୍ଟର୍ ବେନେଟ୍, ଆମେ ଆଶ୍ୱସ୍ତ ହେଲୁ। ଧଇଁସଇଁ ହୋଇ ସେ ଆସି ଆମ ପାଖରେ ପହଞ୍ଚିଲେ। ବଡ଼ ଅନୁତପ୍ତ ହୋଇ କହିଲେ, ''କ୍ଷମା କରିବେ ମିଷ୍ଟର୍ ହୋମ୍‌ସ !''

''କ୍ଷମା ମାଗିବାର ଦର୍କାର ନାହିଁ ବେନେଟ୍, ମୋ ଅନୁଭୂତିରେ ଏମିତି କେତେ ଘଟଣା ଘଟିଛି।''

''ସେ ଏମିତି ଭୟଙ୍କର ହେବାର ମୁଁ ଆଗରୁ କେବେ ଦେଖି ନ ଥିଲି; କିନ୍ତୁ ସେ ଦିନକୁ ଦିନ ବେଶୀ ବେଶୀ ଖରାପ ହେଉଛନ୍ତି। ତାଙ୍କ ଝିଅ ଆଉ ମୁଁ କାହିଁକି ଆତଙ୍କିତ ହେଉଛୁ, ଆପଣ ଜାଣିପାରୁଥିବେ। ତଥାପି ତାଙ୍କ ମୁଣ୍ଡ ବିଲ୍‌କୁଲ୍ ଠିକ୍ ଅଛି।''

''ହଁ, ବିଲ୍‌କୁଲ୍ ଠିକ୍। ମୋ ହିସାବରେ ସେଇ ଭୁଲ ହୋଇଯାଇଥିଲା। ତାଙ୍କର ସ୍ମରଣ-ଶକ୍ତି ଯେତେ ଦୁର୍ବଳ ବୋଲି ମୁଁ ଭାବୁଥିଲି, ତା' ନୁହେଁ। ତାଙ୍କ ସ୍ମରଣ-ଶକ୍ତି ଉପରେ ପୂରା ନିର୍ଭର କରାଯାଇପାରେ। ଆଚ୍ଛା, ଆମେ ଫେରିଯିବା ପୂର୍ବରୁ କୁମାରୀ ପ୍ରେସ୍‌ବେରୀଙ୍କ ରୁମ୍‌ର ଝରକାଟା ଦେଖିପାରିବୁ ?''

ଛୋଟ ଛୋଟ ବୁଦା ଭିତର ଦେଇ ମିଷ୍ଟର୍ ବେନେଟ୍ ଆଗେଇଲେ। ଘରର ସାମନା ପଟରୁ ଆସି ଆମେ ଗୋଟେ କଡ଼ରେ ପହଞ୍ଚିଲୁ। ମିଷ୍ଟର୍ ବେନେଟ୍ କହିଲେ, ''ସେଇ ଝରକା, ବାଁପାଖରୁ ଦ୍ୱିତୀୟଟା।''

''ଆରେ, ଏ ଝରକା ପାଖକୁ ଉଠିବାଟା ଅସମ୍ଭବ ପରି ଜଣାଯାଉଛି। ତଥାପି ଆପଣ ଦେଖନ୍ତୁ, ତା' ତଳେ ଗୋଟେ ଲତା ମାଡ଼ିଛି ଆଉ ଉପରେ ଗୋଟେ ପାଣି ପାଇପ୍ ଅଛି। ସେଠି କୌଣସି ପ୍ରକାର ପାଦ ରଖି ହେବ।''

Digitized by srujanika@gmail.com

''ମୁଁ ନିଜେ କୌଣସି ପ୍ରକାରେ ସେଠିକି ଉଠିପାରିଲି ନାହିଁ।''

''ସେଟା ସ୍ୱାଭାବିକ। କୌଣସି ସାଧାରଣ ଲୋକପକ୍ଷରେ ସେଠିକି ଉଠିବା ନିଶ୍ଚିତଭାବେ ବିପଦପୂର୍ଣ୍ଣ ଚେଷ୍ଟା।''

''ହଁ, ଆଉ ଗୋଟେ କଥା ମୁଁ ଆପଣଙ୍କୁ କହିବି ବୋଲି ଭାବୁଥିଲି ମିଷ୍ଟର୍ ହୋମ୍ସ! ଲଣ୍ଡନର ଯେଉଁ ଲୋକ ପାଖକୁ ପ୍ରଫେସର୍ ଚିଠି ଲେଖନ୍ତି, ମୁଁ ତାଙ୍କର ଠିକଣା ରଖିଛି। ଆଜି ସକାଳେ ସେ ବୋଧହୁଏ ତାଙ୍କ ପାଖକୁ ଚିଠି ଲେଖିଥିଲେ। ବ୍ଲଟିଂ ପେପର୍‌ରୁ ମୁଁ ଠିକଣାଟା ପାଇଲି। ତାଙ୍କର ବିଶ୍ୱସ୍ତ ସେକ୍ରେଟାରୀ ମୁଁ; ତେଣୁ କାହା ଆଗରେ ଏ କଥାଟା କହିବା ଚରିତ୍ରହୀନର କାମ ହେବ। ହେଲେ ମୋର ଆଉ ଉପାୟ କ'ଣ ?''

ହୋମ୍ସ କାଗଜଟା ଉପରେ ଆଖି ପକାଇ ସେ ଖଣ୍ଡ ପକେଟ୍‌ରେ ରଖିଲେ। ତା'ପରେ କହିଲେ, ''ଡୋରାକ୍– ଏକ ଅସାଧାରଣ ନାମ। ଯାହାହେଉ ଏଟା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଆମେ ଆଜି ଉପରବେଳା ଲଣ୍ଡନ ଫେରିଯାଉଛୁ ମିଷ୍ଟର୍ ବେନେଟ୍! ଏଠି ରହିବାରେ କିଛି ଲାଭ ନାହିଁ। ଆମେ ପ୍ରଫେସର୍‌ଙ୍କୁ ଆରେଷ୍ଟ କରି ପାରିବା ନାହିଁ; କାରଣ ସେ କିଛି ଅପରାଧ କରିନାହାନ୍ତି। କୌଣସି ଜାଗାରେ ତାଙ୍କୁ ବନ୍ଦ କରି ରଖାଯାଇ ପାରିବ ନାହିଁ; କାରଣ ସେ ପାଗଳ ବୋଲି ଆମେ ପ୍ରମାଣ କରି ପାରିବା ନାହିଁ। ବର୍ତ୍ତମାନ କିଛି କରିବା ସମ୍ଭବ ନୁହେଁ।''

''ତା'ହେଲେ କହନ୍ତୁ, ଆମେ କ'ଣ କରିବା ?''

''ଟିକିଏ ଧୈର୍ଯ୍ୟ ଧରନ୍ତୁ ମିଷ୍ଟର୍ ବେନେଟ୍, ଖୁବ୍ ଶୀଘ୍ର ସବୁ ଠିକ୍ ହୋଇଯିବ। ମୋ ହିସାବ ଯଦି ଭୁଲ ନହୁଏ ତେବେ ଆସନ୍ତା ମଙ୍ଗଳବାର ଦିନ ଏଇ ଘଡ଼ିସନ୍ଧି ଅବସ୍ଥା ଆସିବ। ସେଦିନ ଆମେ ନିଶ୍ଚୟ କାମ୍‌ଫୋର୍ଡ ଆସିବୁ। ବର୍ତ୍ତମାନର ସାଧାରଣ ପରିସ୍ଥିତି ଅବଶ୍ୟ ଭଲ ନୁହେଁ। ଆଉ ଯଦି କୁମାରୀ ପ୍ରେସ୍‌ବେରୀ ତାଙ୍କ ବାହାରେ ରହିବାଟା କିଛିଦିନ ବଢ଼ାଇଦିଅନ୍ତେ–''

''ସେଟା ସହଜରେ ହୋଇପାରିବ।''

''ତା'ହେଲେ ବିପଦ ପୂରା କଟିଗଲାଣି ବୋଲି ଆମଠୁ ଜବାବ ପାଇବାଯାଏ ସେ ବାହାରେ ରହନ୍ତୁ। ଏ ଭିତରେ ପ୍ରଫେସର୍ ଯାହା

Digitized by srujanika@gmail.com

କରିବାର କରନ୍ତୁ– ତାଙ୍କୁ କିଛି ବାଧା ଦେବେନାହିଁ। ଯେ ପର୍ଯ୍ୟନ୍ତ ତାଙ୍କ ମିଜାଜ୍ ଭଲ ଥିବ, ସବୁ ଭଲ।''

ଚମକିଉଠି ଚୁପ୍‌ଚୁପ୍ କରି ମିଷ୍ଟର୍ ବେନେଟ୍ କହିଲେ, ''ଏଇ ତ ସେ।'' ଗୋଟେ ଗଛଡାଳ ଫାଙ୍କ ଦେଇ ଆମେ ଦେଖିଲୁ, ସେଇ ଡେଙ୍ଗା ମୂର୍ତ୍ତି ବାଟଘର ଦରଜାବାଟେ ବାହାରକୁ ଆସି ଚାରିଆଡ଼େ ଚାହୁଁଛନ୍ତି। ସେ ଟିକିଏ ଆଗକୁ ଝୁଙ୍କିପଡ଼ି ଠିଆହୋଇଥାନ୍ତି, ମୁଣ୍ଡଟା ଏପଟ ସେପଟ ହଲାଉଥାନ୍ତି। ତାଙ୍କ ସେକ୍ରେଟାରୀ ବେନେଟ୍ ଆମ ପାଖରୁ ଖସିଗଲେ। ଟିକିଏ ପରେ ଦେଖିଲୁ ସେ ଯାଇ ପ୍ରଫେସରଙ୍କ ପାଖରେ ପହଞ୍ଚିଲେ। ଦି'ଜଣଯାକ କଥାବାର୍ତ୍ତା କରୁ କରୁ ଘର ଭିତରକୁ ଚାଲିଗଲେ।

ଆମେ ହୋଟେଲ ଆଡ଼କୁ ଚାଲିଲୁ। ବାଟରେ ହୋମ୍‌ସ କହିଲେ, ''ମୁଁ ଭାବୁଛି ବୁଢ଼ା ଭଦ୍ରଲୋକ କିଛି ଗୋଟେ ପରୀକ୍ଷା କରୁଛନ୍ତି। ଦେଖିଲି, ତାଙ୍କ ମୁଣ୍ଡ ପୂରାପୂରି ଠିକ୍ ଅଛି। ତାଙ୍କ ବାଟରେ କେହି ଡିଟେକ୍‌ଟିଭ୍ ଠିଆହେଲେ, ଆଉ ସେ କାମ ତାଙ୍କ ପରିବାରର ଲୋକଙ୍କ ଦ୍ୱାରା ହେଉଛି ବୋଲି ଜାଣିଲେ ସେ ରାଗରେ ଗର୍ଜିଉଠୁଛନ୍ତି। ଦେଖୁଛି, ବିଚରା ବେନେଟ୍ ବଡ଼ ଅସୁବିଧାରେ ପଡ଼ିଯାଇଛନ୍ତି।''

ବାଟରେ ହୋମ୍‌ସ ଗୋଟାଏ ଡାକଘରକୁ ଯାଇ ଗୋଟେ ଟେଲିଗ୍ରାମ୍ ପଠାଇ ଦେଇ ଆସିଲେ। ସନ୍ଧ୍ୟାରେ ଆମକୁ ତା'ର ଉତ୍ତର ମିଳିଲା। ସେ କାଗଜଟା ମୋ ଆଡ଼କୁ ବଢ଼ାଇଦେଲେ। ସେଥିରେ ଲେଖାଥିଲା– 'କମର୍ସିଆଲ ରୋଡ଼କୁ ଯାଇଥିଲି– ଡୋରାକ୍‌ଙ୍କୁ ଦେଖିଲି– ବେଶ୍ ସୁନ୍ଦର ଚେହେରା– ବୋହେମିଆର ଲୋକ– ବୟସ୍କ– ସାଧାରଣ ଜିନିଷର ବଡ଼ ଦୋକାନ କରିଛନ୍ତି। ମର୍‌ସର।'

''ମର୍‌ସର ପୁରୁଣା ଲୋକ; ତୁମେ ତାକୁ ଜାଣ ଉଆଟ୍‌ସନ୍ ସେ ମୋ କାମରେ ବହୁତ ସାହାଯ୍ୟ କରେ। ଲଣ୍ଡନର ଯେଉଁ ଲୋକ ପାଖକୁ ପ୍ରଫେସର୍ ଗୋପନରେ ଚିଠିପତ୍ର ଲେଖନ୍ତି, ତା' ବିଷୟରେ ଜାଣିବା ନିହାତି ଦର୍କାର। ସେ ବୋହେମିଆର ଲୋକ; ତେଣୁ ପ୍ରଫେସର୍ ପ୍ରେଗ୍ ବୁଲିଯିବା ଆଉ ଏ ଲୋକ ଭିତରେ କିଛି ସମ୍ପର୍କ ଥିବାର ସମ୍ଭାବନା।''

''ସୁଖର କଥା, କିଛି ଗୋଟେ ଅନ୍ୟ କିଛି ଗୋଟେ ସାଥିରେ ଖାପ ଖାଇଯାଉଛି। ବର୍ତ୍ତମାନ ଆମ ଆଗରେ ଗୁଡ଼ାଏ ଅବୋଧ ଘଟଣା।

Digitized by srujanika@gmail.com

କାହାରି ସାଥିରେ କାହାରି ସମ୍ପର୍କ ଥିଲା ପରି ମନେହେଉନାହିଁ। ଉଦାହରଣ ସ୍ୱରୂପ, ଗୋଟେ ଉଲଫ୍ ହାଉଣ୍ଡ କୁକୁର ଆଉ ବୋହେମିଆ ବୁଲିଯିବା ଭିତରେ କି ସମ୍ପର୍କ କିମ୍ବା ଏ ଦୁଇଟାର ରାତିରେ ବାରଣ୍ଡାରେ ହାମୁଡ଼େଇ ହୋଇ ଚାଲୁଥିବା ଲୋକ ସାଥିରେ କି ସମ୍ପର୍କ? କିନ୍ତୁ ତୁମେ ଯେଉଁ ତାରିଖସବୁ ଟିପିରଖିଛ ସେ ହେଲା ସବୁଠୁ ବେଶି ରହସ୍ୟମୟ।''

ହୋମ୍‌ସ ସାମାନ୍ୟ ହସିଲେ। ଆମେ ସେଇ ପୁରୁଣା ହୋଟେଲରେ ବସିଥାଉ। କ୍ଲାସରେ ପିଲାଙ୍କୁ ପଢ଼ାଇଲା ଭଙ୍ଗୀରେ ହୋମ୍‌ସ କହିଲେ, ''ଆମେ ପ୍ରଥମେ ତାରିଖଗୁଡ଼ା କଥା ଆଲୋଚନା କରିବା। ମିଷ୍ଟର୍ ବେନେଟ୍‌ଙ୍କ ଡାଏରୀରୁ ଦେଖାଯାଉଛି ଯେ ଜୁଲାଇ ଦୁଇ ତାରିଖ ଦିନ ଏଇ ପରିସ୍ଥିତି ହୋଇଥିଲା। ତା' ପରଠାରୁ ପ୍ରତି ନଅ ଦିନରେ ଏପରି ହେବାର ଦେଖାଯାଉଛି। କେବଳ ଥରେମାତ୍ର ଯାର ବ୍ୟତିକ୍ରମ ଘଟିଛି। ଶେଷଥର ଏ ଘଟଣା ଘଟିଛି ଶୁକ୍ରବାର ସେପ୍‌ଟେମ୍ବର ତିନି ତାରିଖରେ। ତା' ପୂର୍ବ ଘଟଣା ଅଗଷ୍ଟ ଛବିଶ ତାରିଖରେ। ତେଣୁ ନଅଦିନିଆ ବ୍ୟବଧାନଟା ଠିକ୍ ଅଛି। ଏଇଟା କେବେ କାକତାଳିକ ହୋଇପାରେନା।

ମୁଁ ସ୍ୱୀକାର କରିବାକୁ ବାଧ ହେଲି।

ସେ ପୁଣି କହିଲେ, ''ତେବେ ବର୍ତ୍ତମାନ ପାଇଁ ଆମେ ଧରିନେବା ଯେ ପ୍ରତି ନଅ ଦିନରେ ପ୍ରଫେସର୍ କିଛି କଡ଼ା ଔଷଧ ଖାଉଛନ୍ତି। ସେ ଔଷଧ ଖୁବ୍ ବିଷାକ୍ତ, କିନ୍ତୁ ତା'ର ପ୍ରତିକ୍ରିୟା ପୁଣି ଚାଲିଯାଏ। ତାଙ୍କର ପ୍ରକୃତି ସହଜେ ଉଗ୍ର; ଔଷଧ ପ୍ରଭାବରେ ସେ ଆହୁରି ବେଶି ଉଗ୍ର ହୋଇଉଠନ୍ତି। ପ୍ରେଗ୍‌ରେ ଥିବାବେଳେ ସେ ଏ ଔଷଧ ଖାଇବା ଶିଖିଲେ। ଏବେ ଲଣ୍ଡନରେ ଥିବା ଜଣେ ବୋହେମିଆ ଲୋକ ଜରିଆରେ ସେ ଏହା ପାଉଛନ୍ତି। ଏସବୁ ତ ବେଶ୍ ଖାପଖାଉଛି ଉଆଟ୍‌ସନ୍!''

''କିନ୍ତୁ କୁକୁର, ଝରକା ପାଖରେ ମୁହଁ, ଆଉ ବାରଣ୍ଡାରେ ହାମୁଡ଼େଇ ହୋଇ ଚାଲୁଥିବା ଲୋକ?''

''ଆହା, ଆମେ ତ ମୋଟେ ଆରମ୍ଭ କରିଛେ। ଆସନ୍ତା ମଙ୍ଗଳବାର ଭିତରେ ଆଉ କିଛି ଘଟିବ ବୋଲି ମୁଁ ଆଶା କରୁନାହିଁ। ଏ ଭିତରେ ଆମେ କେବଳ ମିଷ୍ଟର୍ ବେନେଟ୍‌ଙ୍କ ସଙ୍ଗେ ଯୋଗାଯୋଗ ରଖିବା ଆଉ ଏଇ ସୁନ୍ଦର ସହରର ସୁଖସ୍ୱାଚ୍ଛନ୍ଦ୍ୟ ଉପଭୋଗ କରିବା।''

Digitized by srujanika@gmail.com

ସକାଳେ ମିଷ୍ଟର୍ ବେନେଟ୍ ଶେଷ ସମ୍ବାଦ ଦେବା ପାଇଁ ଆସିଲେ। ହୋମ୍‌ସଙ୍କ ଭାବିବା ଅନୁସାରେ ବେନେଟ୍‌ଙ୍କ ସମୟ ସୁବିଧାରେ କଟିନାହିଁ। ଆମେ ସେଠିକି ଯିବା ପାଇଁ ସେ ପ୍ରଫେସର୍ ତାଙ୍କୁ ସିଧାସଳଖ ଦାୟୀ ନ କଲେ ବି ବଡ଼ ରୁକ୍ଷ ଭାଷାରେ କଥାବାର୍ତ୍ତା କରିଥିଲେ। ଯାହାହେଉ, ଆଜି ସକାଳେ ତାଙ୍କ ଅବସ୍ଥା ସ୍ୱାଭାବିକ ଥିଲା। ସେ ଗୋଟେ ବଡ଼ କ୍ଲାସରେ ଖୁବ୍ ସୁନ୍ଦରଭାବେ ଶିକ୍ଷାଦାନ କରିଥିଲେ। ବେନେଟ୍ କହିଲେ, ''ତାଙ୍କର ଏଇ ବିଚିତ୍ର ଆକସ୍ମିକ ଆବେଗ ବ୍ୟତୀତ ତାଙ୍କ ଶକ୍ତି ମଧ୍ୟ ଖୁବ୍ ବଢ଼ିଯାଇଛି। ତାଙ୍କ ମୁଣ୍ଡ ମଧ୍ୟ ବେଶ୍ ଭଲ ଅଛି। କିନ୍ତୁ ତାଙ୍କୁ ଆମେ ଯେଉଁ ରୂପରେ ଜାଣୁ, ଏବେ ସେ ଆଉ ତା' ହୋଇ ରହିନାହାନ୍ତି।''

''ମୁଁ ଭାବୁଛି ବର୍ତ୍ତମାନ ସପ୍ତାହଯାଏ ଆପଣଙ୍କର ଭୟ କରିବାର କିଛି ନାହିଁ। ମୋର ଅନେକ କାମ, ଆଉ ଡାକ୍ତର ଉଆଟ୍‌ସନ୍‌ଙ୍କର ମଧ୍ୟ ରୋଗୀ ଦେଖିବା କାମ ଅଛି। ତେଣୁ ଆମେ ଆସନ୍ତା ମଙ୍ଗଳବାର ଦିନ ଏଇଠି ଠିକ୍ ଏତିକିବେଳେ ଏକାଠି ହେବା। ସେଥର ଏ ଜାଗା ଛାଡ଼ିବା ପୂର୍ବରୁ ମୁଁ ଆପଣଙ୍କୁ ସବୁକଥା ବୁଝାଇ ଦେଇପାରିବି। ହୁଏତ ଆପଣଙ୍କର ଏ ଅସୁବିଧା ମୁଁ ଦୂର କରିଦେଇପାରିବି। ଏ ଭିତରେ ଯଦି କିଛି ଘଟେ ଆମକୁ ଜଣାଇବେ।''

ତା'ପର କେତେ ଦିନ ମୋର ଆଉ ହୋମ୍‌ସଙ୍କ ସାଥିରେ ଦେଖା-ସାକ୍ଷାତ୍ ହୋଇ ନଥିଲା। କିନ୍ତୁ ସୋମବାର ଦିନ ସନ୍ଧ୍ୟାରେ ତାଙ୍କ ପାଖରୁ ଖଣ୍ଡିଏ ଛୋଟ ଚିଠି ପାଇଲି। ତା ଆରଦିନ ରେଳଷ୍ଟେସନରେ ତାଙ୍କୁ ଭେଟିବାକୁ ସେ ଲେଖିଥିଲେ। କାମ୍‌ଫ୍ରୋର୍ଡ ଯିବାବାଟରେ ସେ ମୋତେ ଯାହା କହିଲେ, ସେଥିରୁ ଜାଣିଲି ଯେ ପ୍ରଫେସର୍‌ଙ୍କ ଘରେ ଆଉ କିଛି ଅଶାନ୍ତି ଘଟିନାହିଁ। ପ୍ରଫେସର୍‌ଙ୍କ ଆଚରଣରେ ମଧ୍ୟ କିଛି ଅସାଧାରଣ ଲକ୍ଷଣ ଦେଖାଯାଇନାହିଁ। ସେଇ ସନ୍ଧ୍ୟାରେ ଚେକରସ୍ ହୋଟେଲରେ ଆମ ସାଥିରେ ଦେଖାକରି ମିଷ୍ଟର୍ ବେନେଟ୍ ମଧ୍ୟ ସେଇ ଖବର ଦେଲେ। ସେ କହିଲେ, ''ସେଦିନ ଲଣ୍ଡନରୁ ପ୍ରଫେସର୍‌ଙ୍କ ପାଖକୁ ଖଣ୍ଡେ ଚିଠି ଆଉ ଗୋଟେ ପ୍ୟାକେଟ୍ ଆସିଛି। ସେଥିରେ ଡାକ ଟିକେଟ୍ ତଳେ ଛକି ଚିହ୍ନ ଅଛି। ଏଇ ଚିହ୍ନ ଥିବା ଚିଠି

Digitized by srujanika@gmail.com

ନ ଖୋଲିବା ପାଇଁ ପ୍ରଫେସର୍ ମୋତେ ସାବଧାନ କରିଦେଇଛନ୍ତି। ଯାଛଡ଼ା ଆଉ କିଛି ଖବର ନାହିଁ।''

ଟିକିଏ ଭାବି ହୋମ୍‌ସ କହିଲେ, ''ସେଇତକ ବୋଧହୁଏ ଯଥେଷ୍ଟ ହେବ। ମୁଁ ଭାବୁଛି, ଆଜି ରାତିରେ ଆମେ ଯାର ସମାଧାନ କରିପାରିବା। ମୋ ଅନୁଶୀଳନ ଯଦି ଠିକ୍ ହୁଏ, ତେବେ ଏ ଘଟଣାର ପରିସମାପ୍ତି ପାଇଁ ଆମେ କିଛି ସୁଯୋଗ ପାଇବା। ସେଥିପାଇଁ ପ୍ରଫେସରଙ୍କ ଉପରେ ପୂରା ନଜର ରଖିବାକୁ ହେବ। ମୋ ମତରେ ଆପଣ ରାତି ଅନିଦ୍ରା ରହି ଚାରିଆଡ଼କୁ ଦୃଷ୍ଟି ଦେବେ। ସେ ଯଦି ଆପଣଙ୍କର ଘର ଦରଜା ପାଖରେ ଯିବାର ଶୁଣିବେ, ତେବେ ତାଙ୍କୁ ବାଧା ଦେବେ ନାହିଁ। କିନ୍ତୁ ଖୁବ୍ ଗୋପନରେ ତାଙ୍କ ପଛେ ପଛେ ଚାଲିବେ। ଡାକ୍ତର ୱାଟ୍‌ସନ୍ ଆଉ ମୁଁ ଦୂରରେ ଅପେକ୍ଷା କରିଥିବୁ। ହଁ, ଆପଣ ଯେଉଁ ଛୋଟ ବାକ୍‌ସ କଥା କହୁଥିଲେ ତା'ର ଚାବି କେଉଁଠି?''

''ପ୍ରଫେସରଙ୍କ ଘଣ୍ଟା ଚେନ୍‌ରେ।''

''ମୁଁ ଭାବୁଛି ଆମକୁ ସେ ଦିଗଟା ଦେଖିବାକୁ ହେବ। ଯାହା ହେଲେ ବି ତାଲାଟା କୌଣସି ପ୍ରକାରରେ ଖୋଲାଯାଇ ପାରିବ। ହଁ, ଆପଣଙ୍କ ପାଖରେ ଆଉ କେହି ବଳୁଆ ଲୋକ ଅଛି?''

''ହଁ, ଘୋଡ଼ାସଇସ ମାକ୍‌ଫେଲ୍ ଅଛି।''

''ସେ କେଉଁଠି ଶୁଏ?''

''ଘୋଡ଼ାଶାଳ ପାଖରେ।''

''ଆମେ ତା' ସାହାଯ୍ୟ ଦର୍କାର କରିପାରୁ। ବର୍ତ୍ତମାନ ଆମର ଆଉ କିଛି କରିବାର ନାହିଁ। ହଉ, ଆପଣ ଆସନ୍ତୁ।''

ସେତେବେଳକୁ ପ୍ରାୟ ରାତିଅଧ। ଆମେ ପ୍ରଫେସରଙ୍କ ବାଟଘର ଦରଜାର ଠିକ୍ ବିପରୀତ ଦିଗରେ ଛୋଟ ବୁଦାଗହଳରେ ବସିରହିଲୁ। ପାଗ ଥଣ୍ଡାଳିଆ ଥିଲା। ଆକାଶରେ ବାଦଲଖଣ୍ଡମାନ ପବନରେ ଭାସିଯାଉଥାଏ। ମନରେ ଉଦ୍‌ବେଗ ଯୋଗୁଁ ଆମକୁ ସମୟ ଜଣାଯାଉ ନ ଥାଏ।

ହୋମ୍‌ସ କହିଲେ, ''ଏଇ ନଅଦିନିଆ ବ୍ୟବଧାନଟା ଯଦି ଠିକ୍ ହୁଏ, ତେବେ ଆଜି ଆମେ ପ୍ରଫେସରଙ୍କୁ ଅତି କଦର୍ଯ୍ୟ ଅବସ୍ଥାରେ

Digitized by srujanika@gmail.com

ଦେଖିବା। ତାଙ୍କର ଏ ବିଚିତ୍ର ଲକ୍ଷଣ ସବୁ ସେ ପ୍ରେଗ୍ ବୁଲିଆସିବା ପରେ ବାହାରିଲା। ଲଣ୍ଡନରେ ଥିବା ଜଣେ ବୋହେମିଆର ଲୋକ ସାଥିରେ ସେ ଗୁପ୍ତରେ ପତ୍ର ବିନିମୟ କରୁଛନ୍ତି। ସେ ଲୋକ ବୋଧହୁଏ ପ୍ରେଗର କୌଣସି ଲୋକର ପ୍ରତିନିଧି, ଆଉ ଆଜି ସେ ଲୋକ ପାଖରୁ ଗୋଟେ ପ୍ୟାକେଟ୍ ପାଇଛନ୍ତି। ଏଇ ସବୁ ଘଟଣା କେବଳ ଗୋଟିଏ ଦିଗକୁ ନିର୍ଦ୍ଦେଶ ଦେଉଛି। ସେ କି ଔଷଧ ଖାଉଛନ୍ତି ଆଉ କାହିଁକି ଖାଉଛନ୍ତି, ତା ଆମକୁ ଜଣାନାହିଁ। କିନ୍ତୁ ସେଟା କୌଣସି ପ୍ରକାରେ ପ୍ରେଗ୍‌ରୁ ଆସୁଛି, ଏକଥା ନିଶ୍ଚିତ। ପ୍ରତି ନଅ ଦିନରେ ଔଷଧ ଖାଇବା ପାଇଁ ସେ ମଧ୍ୟ ନିର୍ଦ୍ଦେଶ ପାଉଛନ୍ତି। ପ୍ରଥମରୁ ଏଇ ପଏଣ୍ଟ୍ ଆଡ଼କୁ ମୋ ମନ ଟାଣିହୋଇଗଲା। କିନ୍ତୁ ତାଙ୍କର ଲକ୍ଷଣଗୁଡ଼ା ଅତି ଅସାଧାରଣ। ତୁମେ ତାଙ୍କର ଆଙ୍ଗୁଠିର ଗଣ୍ଠିଗୁଡ଼ାକୁ ଲକ୍ଷ୍ୟ କରିଛ ?''

''ନା, ସେ ଆଡ଼କୁ ମୋର ନଜର ନାହିଁ!''

''ଖୁବ୍ ମୋଟା ଆଉ ଟାଆଁସିଆ। ଏପରି ମୁଁ ଆଉ କେଉଁଠି ଦେଖିନାହିଁ। ସବୁବେଳେ ପ୍ରଥମେ ଯେ କେହି ଲୋକର ହାତକୁ ଲକ୍ଷ୍ୟ କରିବ। ତା'ପରେ କଟେଟି, ପ୍ୟାଣ୍ଟର ଆଣ୍ଠୁ ଆଉ ପାଦର ଜୋତା। ତାଙ୍କ ଆଙ୍ଗୁଠିର ଗଣ୍ଠିଗୁଡ଼ା ଅତି ଅସାଧାରଣ। ସେଥିରୁ ଜଣାଯାଉଛି –'' ହଠାତ୍ ହୋମ୍‌ସ ଅଟକିଗଲେ ଆଉ କପାଳରେ ହାତମାରି କହିଲେ, ''ମୁଁ କେଡ଼େ ବୋକା ଉଆଟ୍‌ସନ୍! ଅବଶ୍ୟ କଥାଟା ଅସମ୍ଭବ ଲାଗୁଛି, ତଥାପି ତା' ନିଶ୍ଚୟ ସତ। ସବୁକଥା କେବଳ ଗୋଟାଏ ଦିଗକୁ ଯାଉଛି। ବିଭିନ୍ନ ଚିନ୍ତାର ସଂପର୍କ ମୋ ଆଖିରୁ ବାଦ୍ ଗଲା କିପରି ? ସେଇ ଆଙ୍ଗୁଠି ଗଣ୍ଠି – ମୁଁ ସେ ବିଷୟରେ ଭାବିଲି ନାହିଁ କେମିତି ? ଆଉ ସେଇ କୁକୁର ? ସେଇ ଲତା ? କିନ୍ତୁ ଏଇ ଦେଖ ଉଆଟ୍‌ସନ୍! ସେଇଠି ପ୍ରଫେସର୍ – ଆମେ ନିଜେ ତାଙ୍କୁ ଦେଖିବାର ସୁଯୋଗ ପାଇବା।''

ପ୍ରଫେସର୍‌ଙ୍କ ବାଟଘରର ଦରଜାଟା ଆସ୍ତେ ଖୋଲିଗଲା। ଲାମ୍ପର ଫିକା ଆଲୁଅରେ ପ୍ରଫେସର୍‌ଙ୍କ ଉଚା ମୂର୍ତ୍ତି ଦେଖାଗଲା। ସେ ତାଙ୍କର ରାତିପିନ୍ଧା ଗାଉନ୍ ପିନ୍ଧିଥାନ୍ତି। ଦରଜା ପାଖରେ ସେ ସିଧା ଠିଆହୋଇଥାନ୍ତି; କିନ୍ତୁ ଆଗକୁ ଟିକିଏ ଝୁଙ୍କିପଡ଼ିଥାନ୍ତି। ତାଙ୍କ ହାତ ଦି'ଟା ଆଗକୁ ଝୁଲିରହିଥାଏ।

Digitized by srujanika@gmail.com

ଏଥର ସେ ପଡ଼ିଆ ଭିତରର ରାସ୍ତାକୁ ଚାଲିଆସିଲେ, ଆଉ ତାଙ୍କର ଏକ ଅସାଧାରଣ ପରିବର୍ତ୍ତନ ଦେଖାଗଲା। ସେ ଘୁଷୁରିବା ଅବସ୍ଥାରେ ପଡ଼ିଗଲେ ଏବଂ ହାତ ଆଉ ପାଦରେ ଭରାଦେଇ ଆଗେଇଲେ। ମଝିରେ ମଝିରେ ଡେଉଁଥାନ୍ତି। ତାଙ୍କର ଯଥେଷ୍ଟ ଶକ୍ତି ଥିଲା ପରି ଜଣାଯାଉଥିଲା। ସେ ଘର ସାମନା ପାଖରେ ଯାଇ ଗୋଟାଏ କଡ଼କୁ ବୁଲିଗଲେ। ସେ ଅଦୃଶ୍ୟ ହୋଇଯିବାମାତ୍ରେ ବେନେଟ୍ ଘରୁ ବାହାରି ଆସି ଖୁବ୍ ଧୀରେ ଧୀରେ ତାଙ୍କ ପଛରେ ଚାଲିଲେ।

"ଆସ ଓଆଟ୍‌ସନ୍, ଆସ!" –ହୋମ୍‌ସ କହିଲେ। ଆମେ ଖୁବ୍ ଆସ୍ତେ ଆସ୍ତେ ବୁଦା ଭିତର ଦେଇ ଚାଲିଲୁ। ଶେଷରେ ଗୋଟେ ଜାଗାରେ ପହଞ୍ଚିଲୁ। ସେଠୁ ଘରର ପଛ ପାଖଟା ଦେଖାଯାଉଥାଏ। ପରିଷ୍କାର ଜହ୍ନ ଆଲୁଅ ପଡ଼ିଥାଏ। ଲତା ମାଡ଼ିଥିବା କାନ୍ଥ କଡ଼ରେ ପ୍ରଫେସର୍ ସେମିତି ହାମୁଡ଼େଇ ହୋଇ ଚାଲିବାର ଦେଖାଯାଉଥାଏ। ଆମେ ତାଙ୍କୁ ଲକ୍ଷ୍ୟ କରୁଥାଉ। ହଠାତ୍ ସେ ଅତି ଚଞ୍ଚଳ ଗତିରେ କାନ୍ଥ ଉପରକୁ ଉଠିବାକୁ ଲାଗିଲେ। ଲତାଟାର ଡାଳରୁ ଡାଳକୁ ସେ ଡେଇଁ ଚାଲିଥାନ୍ତି। ତାଙ୍କ ପାଦ ଠିକ୍ ଠିକ୍ ପଡୁଥାଏ। ହାତମୁଠା ବି ଖୁବ୍ ଦୃଢ଼। ଜଣାଗଲା, ସେ ନିଜର ଏଇ ଶକ୍ତିରେ ଖୁସି ହୋଇ ଉପରକୁ ଚଢୁଥାନ୍ତି। ତାଙ୍କର କିଛି ଉଦ୍ଦେଶ୍ୟ ନ ଥିଲା। ତାଙ୍କ ପୋଷାକଟା ଦି'ପାଖରେ ଉଡୁଥାଏ। ସେ ଗୋଟେ ବିରାଟ ବାଦୁଡ଼ି ପରି ଦେଖାଯାଉଥାନ୍ତି। ତା'ପରେ ଏଇ ଖେଳରେ କ୍ଳାନ୍ତ ହୋଇ ସେ ତଳକୁ ଖସିଲେ। ଅତି ସହଜରେ ଡାଳରୁ ଡାଳକୁ ପାଦ ପକାଇ ତଳେ ପହଞ୍ଚିଲେ। ପୁଣି ଆଗପରି ହାମୁଡେଇ ହୋଇ ଘୋଡ଼ାଶାଳ ଆଡ଼କୁ ଚାଲିଲେ। କୁକୁରଟା ଖୁବ୍ ରାଗିଉଠି ଜୋର୍‌ରେ ଗର୍ଜନ କଲା। ଚେନ୍‌ଟାକୁ ଛିଣ୍ଡାଇଦେବାପାଇଁ ଟାଣିଓଟାରି ହେଉଥାଏ। ପ୍ରଫେସର୍ ଜାଣି ଜାଣି ତା' ମୁହଁ ନ ପାଇବାଭଳି ଜାଗାରେ ଡେଉଁଥାନ୍ତି ଆଉ କୁକୁରଟାକୁ ସବୁ ପ୍ରକାରେ ରଗାଉଥାନ୍ତି। ରାସ୍ତାରୁ ଗୋଡ଼ି ମୁଠାଏ ନେଇ ଗୋଟା ଗୋଟା କରି କୁକୁର ମୁହଁକୁ ଫିଙ୍ଗୁଥାନ୍ତି। କେଉଁଠୁ ଖଣ୍ଡେ ବାଡ଼ି ଗୋଟାଇ ନେଇଥିଲେ– ସେଥିରେ କୁକୁରଟାକୁ କେଞ୍ଚି କେଞ୍ଚି ଦେଉଥାନ୍ତି। କୁକୁରର ମୁହଁ ପାଖରୁ ଅଳ୍ପ କେତେ ଇଞ୍ଚ ଛଡ଼ାରେ ହାତ ହଲାଉଥାନ୍ତି। ଏଇପରି ସବୁ ପ୍ରକାରେ

Digitized by srujanika@gmail.com

ତା' ରାଗ ବଢ଼େଇବାରେ ଲାଗିଥାନ୍ତି। ସେତେବେଳକୁ କୁକୁରଟା ଅସମ୍ଭାଳ ରାଗିଗଲାଣି। ଯାଠୁ ଅଧିକ ଆଶ୍ଚର୍ଯ୍ୟ ଦୃଶ୍ୟ କେଉଁଠି ଦେଖିଥିବା ମୋର ମନେହେଉନାହିଁ।

ହଠାତ୍ ମୁହୂର୍ତ୍ତକ ଭିତରେ ଗୋଟେ ଅଘଟଣ ଘଟିଗଲା। କୁକୁର ବେକର ଫିତାଟା ଖସିଗଲା। ଚେନ୍‌ଟା ଝଣଝଣ ହୋଇ ତଳେ ପଡ଼ିଯିବାର ଶୁଣାଗଲା। ପର ମୁହୂର୍ତ୍ତରେ କୁକୁର ଆଉ ମଣିଷ ଭୂଇଁରେ ଗଡ଼ାତଡ଼ାରେ ଲାଗିଗଲେ। କୁକୁରଟା ରାଗରେ ଗର୍ଜୁଥାଏ; ଆଉ ପ୍ରଫେସର୍ ଭୟରେ ଏକ ବିଚିତ୍ର ଚିତ୍କାର କରୁଥାନ୍ତି। ଖୁବ୍ ଅଳ୍ପକେ ପ୍ରଫେସରଙ୍କ ଜୀବନ ରହିଗଲା। କୁକୁରଟା ତାଙ୍କ ତଣ୍ଟିକୁ ଧରିପକାଇଥିଲା, ଆଉ ଦାନ୍ତଗୁଡ଼ା ଭିତରକୁ ଗଳିଯାଇଥିଲା। ଆମେ ଧାଇଁଯାଇ ଦୁହିଁଙ୍କୁ ଟାଣି ଅଲଗା କରିଦେଲୁ। ଯା ମଧ୍ୟ ଆମ ପକ୍ଷରେ କଠିନ ଆଉ ବିପଦପୂର୍ଣ୍ଣ ହୋଇଥାନ୍ତା; କିନ୍ତୁ ବେନେଟ୍‌ଙ୍କ ପାଟି ଶୁଣି ଆଉ ତାଙ୍କୁ ଦେଖି କୁକୁରଟା ସ୍ଥିର ହୋଇଗଲା। ସେତେବେଳକୁ ପ୍ରଫେସର୍ ଅଚେତ ହୋଇ ପଡ଼ିଥାନ୍ତି। ଗଣ୍ଡଗୋଳରେ ଘୋଡ଼ାସଇସର ନିଦ ଭାଙ୍ଗିଗଲା। ସେ ଦୌଡ଼ିଆସିଲା। କହିଲା, "ମୁଁ ଆଗରୁ ଏ ଘଟଣା ଦେଖିଛି। ମୁଁ ଜାଣିଥିଲି ଦିନେ ନା ଦିନେ କୁକୁରଟା ତାଙ୍କୁ କାମୁଡ଼ିପକାଇବ।"

କୁକୁରଟାକୁ ପୁଣି ଭଲଭାବେ ବାନ୍ଧିଦିଆଗଲା। ଆମେ ସମସ୍ତେ ମିଶି ପ୍ରଫେସରଙ୍କୁ ତାଙ୍କ ରୁମ୍‌କୁ ଟେକିନେଲୁ। ବେନେଟ୍ ମଧ୍ୟ ଡାକ୍ତରୀ ପାଠ ପଢ଼ିଥିଲେ। ତାଙ୍କ ସାହାଯ୍ୟରେ ମୁଁ ପ୍ରଫେସରଙ୍କ ତଣ୍ଟି ଡ୍ରେସିଂ କରିଦେଲି। କୁକୁରଟାର ମୁନିଆଁ ଦାନ୍ତ ତଣ୍ଟି ପାଖରେ ଗହୀରିଆ ହୋଇ ପଶିଯାଇଥିଲା। ଖୁବ୍ ଭୟଙ୍କର ରକ୍ତସ୍ରାବ ହେଉଥାଏ। ଯାହାହେଉ ଅଧଘଣ୍ଟାଏ ପରେ ବିପଦର ଆଶଙ୍କା କଟିଗଲା। ମୁଁ ତାଙ୍କୁ ଗୋଟେ ମର୍ଫିଆ ଇଞ୍ଜେକ୍‌ସନ୍ ଦେଇଥାଏ। ତେଣୁ ତାଙ୍କୁ ଗାଢ଼ ନିଦ ହୋଇଗଲା। ତା'ପରେ ଯାଇ ଆମେ ପରସ୍ପରଆଡ଼କୁ ଚାହିଁଲୁ, ଆଉ ପରିସ୍ଥିତି ବିଷୟରେ ଆଲୋଚନା କଲୁ।

ମୁଁ କହିଲି, "ଜଣେ ଭଲ ସର୍ଜନଙ୍କୁ ଡକାଇ ଦେଖାଇବା ଦର୍କାର।"

ବଡ଼ ବ୍ୟସ୍ତ ହୋଇ ବେନେଟ୍ କହିଲେ, "ଦୟାକରି ତା' କରନ୍ତୁ ନାହିଁ। ଏବେ ଏ ଅପବାଦ ଆମ ଘର ଭିତରେ ସୀମାବଦ୍ଧ ହୋଇ

Digitized by srujanika@gmail.com

ରହିଛି। ବାହାରକୁ ଗଲେ ଏ ଅପବାଦ ଦୁନିଆସାରା ବ୍ୟାପିଯିବ। ବିଶ୍ୱବିଦ୍ୟାଳୟରେ ତାଙ୍କର ସ୍ଥାନ, ସାରା ଇଉରୋପରେ ତାଙ୍କ ଖ୍ୟାତି, ଆଉ ତାଙ୍କ ଝିଅଙ୍କ କଥା ବିଚାର କରନ୍ତୁ।''

ହୋମ୍ସ କହିଲେ, ''ତା ସତ। ମୁଁ ଭାବୁଛି କଥାଟା ଆମ ଭିତରେ ରଖିବା; ଆଉ ଭବିଷ୍ୟତରେ ଯେମିତି ଯା ନ ହୁଏ ତା'ର ବ୍ୟବସ୍ଥା କରିବା ଆମ ପକ୍ଷରେ ନିଶ୍ଚୟ ସମ୍ଭବ। ଏବେ ଆମେ ସ୍ୱାଧୀନଭାବେ ସବୁ କରିପାରିବା। ହଁ, ମିଷ୍ଟର୍ ବେନେଟ୍, ଘଣ୍ଟା ଚେନ୍‌ରୁ ଚାବିଟା ଆଣନ୍ତୁ। ମାକ୍‌ଫେଲ୍ ଏଠି ଜଗିରହୁ, କିଛି ପରିବର୍ତ୍ତନ ଆସିଲେ ଆମକୁ ଜଣାଇବ। ଆମେ ଯିବା, ପ୍ରଫେସରଙ୍କର ସେଇ ରହସ୍ୟମୟ ବାକ୍‌ସରୁ କ'ଣ ମିଳୁଛି ଦେଖିବା।''

ବାକ୍‌ସ ଭିତରେ ବେଶି କିଛି ନ ଥିଲା; କିନ୍ତୁ ଯାହା ଥିଲା ସେତକ ଯଥେଷ୍ଟ। ଗୋଟେ ଖାଲି ଔଷଧ ଶିଶି, ଆଉ ଗୋଟେ ଶିଶି ପ୍ରାୟ ପୂରା, ଗୋଟେ ଇନ୍‌ଜେକ୍‌ସନ୍ ସିରିଂଜ୍, ଆଉ କେତେଗୁଡ଼େ ଚିଠି। ଅକ୍ଷରଗୁଡ଼ାକରୁ ଜଣାଯାଉଥିଲା କୌଣସି ବିଦେଶୀ ଲୋକର ଲେଖା। ସବୁଗୁଡ଼ା କମରସିଆଲ୍ ରୋଡ୍‌ରୁ ଆସିଥିଲା ଏବଂ 'ଏ ଡୋରାକ୍' ବୋଲି ଦସ୍ତଖତ ଥିଲା। ସେଗୁଡ଼ା ସବୁ ବିଲ୍ ଏବଂ ଆଉ ଏକ ବୋତଲ ପ୍ରଫେସର୍ ପ୍ରେସ୍‌ବେରୀଙ୍କ ପାଖକୁ ପଠାଗଲା ବୋଲି ସେଥିରେ ଜଣାଇ ଦିଆଯାଇଥିଲା। ବାକ୍‌ସରେ ଆଉ ଖଣ୍ଡେ ଲଫାପା ଥିଲା। ତା' ଉପରର ଲେଖା କୌଣସି ଶିକ୍ଷିତ ଲୋକର ଲେଖା। ସେଥିରେ ଅଷ୍ଟ୍ରିଆର ଡାକଟିକଟ ଏବଂ ପ୍ରେଗ୍‌ର ଡାକ ମୋହର ଥିଲା। ହୋମ୍ସ ଲଫାପାଟା ଖୋଲୁ ଖୋଲୁ କହିଲେ, ''ଏଇଟା ଆମର ଦର୍କାର ଜାଣ।''

ସେଥିରେ ଲେଖାଥିଲା—

'ପ୍ରିୟ ବନ୍ଧୁ,

ଆପଣ ଏଠିକି ଆସିବାପରଠାରୁ ମୁଁ ଆପଣଙ୍କ କଥା ବହୁତ ଭାବିଛି। ଆପଣଙ୍କର ଏ ଔଷଧ ଖାଇବାର ବିଶେଷ କାରଣ ଥିଲେ ମଧ ମୁଁ ଆପଣଙ୍କୁ ସାବଧାନ କରାଇଦେଉଛି ଯେ, ଏହା ବିପଦଶୂନ୍ୟ ନୁହେଁ।

ଆପଣଙ୍କ ପାଇଁ ବୋଧହୁଏ ମନୁଷ୍ୟାକୃତି ମାଙ୍କଡ଼ର ରକ୍ତ ଭଲହୋଇଥାନ୍ତା। କିନ୍ତୁ ମୁଁ ତ ଆପଣଙ୍କୁ ବୁଝାଇଦେଇଛି— ମୁଁ ଏଥିରେ

Digitized by srujanika@gmail.com

କଳାମୁହାଁ ଲାଙ୍ଗୁର୍‌ର ରକ୍ତ ବ୍ୟବହାର କରିଛି। ଲାଙ୍ଗୁର୍ ହାମୁଡ଼େଇ ହୋଇ ଚାଲେ, ଆଉ ଭଲ ଗଛ ଚଢ଼ିପାରେ; କିନ୍ତୁ ମଣିଷ ଆକୃତି ମାଙ୍କଡ଼ ସିଧା ଚାଲେ ଆଉ ମଣିଷର ପାଖାପାଖି।

ମୋର ଅନୁରୋଧ, ଆପଣ ସାବଧାନ ରହିବେ। ସମୟ ନ ହେଲେ ମୋଟେ ଏହା ବ୍ୟବହାର କରିବେ ନାହିଁ। ଇଂଲଣ୍ଡରେ ମୋର ଆଉ ଜଣେ ମହକିଲ ଅଛନ୍ତି, ଆଉ ଡୋରାକ୍ ଦୁଇଜଣଙ୍କ ପାଇଁ ମୋର ଏଜେଣ୍ଟ। ପ୍ରତି ସପ୍ତାହରେ ଫଳାଫଳ ଜଣାଇବେ।

ଆପଣଙ୍କର

ଏଇଚ୍. ଲୋଏନ୍‌ଷ୍ଟିନ୍

ଲୋଏନ୍‌ଷ୍ଟିନ୍! ନାଆଁଟା ମୋର ମନେପଡ଼ିଗଲା। ଖବରକାଗଜରେ ଥରେ ଗୋଟେ ଛୋଟ ଲେଖା ବାହାରିଥିଲା। ଜଣେ ବୈଜ୍ଞାନିକ ଯୌବନ ଫେରିପାଇବା ଆଉ ଜୀବନକୁ ଅନେକ ଦିନଯାଏ ସ୍ଥାୟୀ କରିବା ପାଇଁ କିଛି ରାସାୟନିକ ଜିନିଷ ବାହାର କରିବା ପାଇଁ କୌଣସି ଅଜଣା ଉପାୟରେ ଚେଷ୍ଟାକରୁଛନ୍ତି। ପ୍ରେଗ୍‌ର ଲୋଏନ୍‌ଷ୍ଟିନ୍! ଏଇ ଲୋଏନ୍‌ଷ୍ଟିନ୍ ଯୌବନ ଫେରିପାଇବାର ଏକ ଆଶ୍ଚର୍ଯ୍ୟ ରକ୍ତ ଦ୍ରବଣ ବାହାର କରିଥିଲେ। ସେ ଏହାର ଉପାଦାନ କାହାକୁ ନ କହି ଏକଚାଟିଆ କରି ରଖିଥିଲେ। ମୋର ଯାହା ମନେଥିଲା, କହିଲି। ବେନେଟ୍ ବହିଥାକରୁ ଖଣ୍ଡେ ପ୍ରାଣୀ-ବିଜ୍ଞାନ ବହି ଆଣି ପଢ଼ିଲେ, ''ଲାଙ୍ଗୁର୍ ହିମାଳୟ ପର୍ବତର ଢାଲୁ ଅଂଶରେ ରହୁଥିବା କଳାମୁହାଁ ବିରାଟ ମାଙ୍କଡ଼, ଗଛ ଚଢ଼ିପାରୁଥିବା ମାଙ୍କଡ଼ଙ୍କ ଭିତରେ ସବୁଠୁ ବଡ଼।'' ଆହୁରି କେତେ କଥା ଲେଖାଅଛି। ବେନେଟ୍ କହିଲେ– ''ଧନ୍ୟବାଦ ମିଷ୍ଟର୍ ହୋମ୍ସ, ଆମେ ଦୁର୍ଦ୍ଦଶାର ମୂଳ କାରଣ ଏବେ ଜାଣିପାରିଛେ।''

''ପ୍ରକୃତ ମୂଳ କାରଣ ସେଇ ପ୍ରେମ ଘଟଣାରେହିଁ ନିହିତ। ମନର ପ୍ରଚଣ୍ଡ ଆବେଗରେ ପ୍ରଫେସର୍ ଭାବିଲେ ଯେ ସେ ଯଦି କୌଣସିମତେ ପୁଣି ଯୁବକ ହୋଇପାରନ୍ତି ତେବେ ତାଙ୍କ କାମନା ପୂର୍ଣ୍ଣ ହେବ। କେହି ଯଦି ପ୍ରକୃତିବିରୁଦ୍ଧରେ ଉଠିବ, ତେବେ ନିଶ୍ଚୟ ତଳେ ପଡ଼ିଯିବ। ଭାଗ୍ୟ ଯେଉଁ ବାଟରେ କଢ଼ାଇନେବ ତାକୁ ଛାଡ଼ିଦେଲେ ଅତି ଉଚ୍ଚକୋଟୀର ଲୋକ ମଧ୍ୟ ପଶୁସ୍ତରକୁ ଖସିଯିବ।'' –କହିଲେ ହୋମ୍ସ।

Digitized by srujanika@gmail.com

ହୋମ୍‌ସ କିଛି ସମୟ ଶିଶିଟା ହାତରେ ଧରି ତା' ଭିତରେ ଥିବା ତରଳ ପଦାର୍ଥ ଆଡ଼େ ଚାହିଁଲେ। ତା'ପରେ କହିଲେ, ''ଏଇ ଲୋକ ବିଷ ପ୍ରଚାର କରୁଛି, ଆଉ ସେଥିପାଇଁ ତାକୁ ଅପରାଧୀ ସାବ୍ୟସ୍ତ କରି ତା' ପାଖକୁ ଖଣ୍ଡେ ଚିଠି ଲେଖିଦେଲେ ଆମର ଆଉ କିଛି ଅସୁବିଧା ରହିବ ନାହିଁ। କିନ୍ତୁ ଏହାର ପୁନରାବୃତ୍ତି ହୋଇପାରେ। ଅନ୍ୟମାନେ ଅନ୍ୟ କିଛି ବାଟ ବାହାରକରିପାରନ୍ତି। ମଣିଷ-ସମାଜପ୍ରତି ଏହା ବଡ଼ ବିପଦପୂର୍ଣ୍ଣ। ଭାବି ଦେଖ ୱାଟସନ୍, ଯା ଫଳରେ କାମୁକ ସଂସାରୀମାନେ ତାଙ୍କ ଜୀବନକାଳ ବଢ଼େଇପାରିବେ। ଆଧ୍ୟାତ୍ମିକ ଲୋକେ ମଧ୍ୟ ଆହୁରି ଉଚ୍ଚ ହେବା ଆଶାରେ ଏହାକୁ ଏଡ଼ିପାରିବେ ନାହିଁ; ଫଳରେ ଯେଉଁମାନେ ମୋଟେ ଉପଯୁକ୍ତ ନୁହଁନ୍ତି, ସେମାନ ବଞ୍ଚିରହିବେ। ଏ ପୃଥିବୀ କି କଦର୍ଯ୍ୟ ଆକାର ଧାରଣ ନ କରିବ?''

ହଠାତ୍ ହୋମ୍‌ସ ଦର୍ଶନର ସ୍ୱପ୍ନରୁ ଚେଇଁଉଠିଲେ। ଚଉକି ଉପରୁ ଉଠିପଡ଼ି କହିଲେ, ''ଆଉ ଅଧିକ କିଛି କରିବା ଦର୍କାର ନାହିଁ ମିଷ୍ଟର୍ ବେନେଟ୍! ବିଭିନ୍ନ ଘଟଣାସବୁ ଏଥର ଗୋଟି ଗୋଟି କରି ଖାପଖାଇଯିବ। ପ୍ରଫେସରଙ୍କର ଏ ପରିବର୍ତ୍ତନଟା ଆପଣଙ୍କ ଅପେକ୍ଷା କୁକୁରଟା ଚଞ୍ଚଳ ଜାଣିପାରିଥିଲା। ''ରୟ'' ଯାହାକୁ ଆକ୍ରମଣ କରୁଥିଲା ସେ ପ୍ରଫେସର୍ ନୁହେଁ; ଗୋଟେ ମାଙ୍କଡ଼। ଉପରକୁ ଚଢ଼ିବାଟା ସେ ମାଙ୍କଡ଼ର ଗୋଟେ ଖେଳ। ମୁଁ ଭାବୁଛି, କୁମାରୀ ପ୍ରେସ୍‌ବେରୀଙ୍କ ଝରକା ପାଖକୁ ସେ ଆସିବାଟା ଉଦ୍ଦେଶ୍ୟହୀନ ଆଉ ଆକସ୍ମିକ। ଲଣ୍ଡନ ଫେରିବା ପାଇଁ ଏବେ ଗୋଟେ ଟ୍ରେନ୍ ଅଛି ୱାଟସନ୍! ଟ୍ରେନ୍ ଧରିବା ଆଗରୁ ଚେକରସ୍ ହୋଟେଲ୍‌ରେ କପେ କପେ ଚା' ହେଲେ ମନ୍ଦ ହେବ ନାହିଁ।''

□ □ □

Digitized by srujanika@gmail.com

ଧବଳ ସୈନିକ

ମୋ ବନ୍ଧୁ ଉଆଟ୍‌ସନ୍‌ଙ୍କର ଭାବନା ଯଦିଓ ଖୁବ୍ ସୀମିତ, ତଥାପି ତାହା ଅତିମାତ୍ରାରେ ସୁସଙ୍ଗତ। ମୋ ଅନୁଭୂତିରୁ ଗୋଟାଏ ମୁଁ ନିଜେ ଲେଖିବା ପାଇଁ ସେ ବହୁତ ଦିନରୁ ମୋତେ ଲଗାଇଛନ୍ତି। ମୁଁ ବୋଧହୁଏ ନିଜେ ଏ ଦାୟିତ୍ୱ ନିମନ୍ତ୍ରଣ କରିଛି; କାରଣ ମୁଁ ତାଙ୍କୁ କେତେ ଥର କହିଛି ଯେ ତାଙ୍କ ଲେଖା ଉପରଠାଉରିଆ ହୋଇଯାଉଛି। ସେ ଘଟଣା ଉପରେ ପୂରା ଗୁରୁତ୍ୱ ନ ଦେଇ ଲେଖାକୁ ଲୋକପ୍ରିୟ କରିବାକୁ ବନେଇଚୁନେଇ ଲେଖୁଛନ୍ତି। ସେ ରୋକ୍‌ଠୋକ୍ ଜବାବ ଦେଇଥିଲେ, ''ତୁମେ ନିଜେ ଚେଷ୍ଟା କର ହୋମସ୍!'' ଆଜି ମୁଁ କଲମ ଧରି ଲେଖିଲାବେଳକୁ ମାନୁଛି ଯେ ଘଟଣାଟାକୁ ଏମିତି ଭାବରେ ପାଠକ ଆଗରେ ଥୋଇବ, ଯେମିତି ତାଙ୍କର ଆଗ୍ରହ ଆସିବ। ମୁଁ ଯେଉଁ କେଶ୍ କଥା ଲେଖିବାକୁ ଯାଉଛି, ତାହା ପାଠକଙ୍କ ମନରେ ଆଗ୍ରହ ସୃଷ୍ଟି କରି ପାରିବ ନିଶ୍ଚୟ; କାରଣ ମୋ କେଶ୍ ଭିତରେ ଅତି ଅଦ୍‌ଭୁତ ଘଟଣାମାନଙ୍କ ଭିତରୁ ଏହା ଗୋଟିଏ। ଉଆଟ୍‌ସନ୍ ଏ କେଶ୍‌ର ନୋଟ୍ ରଖିନାହାନ୍ତି। ମୋର ପୁରୁଣା ବନ୍ଧୁ ଆଉ ମୋ ଜୀବନୀ ଲେଖକଙ୍କ କଥା କହିବାକୁ ଯାଇ ମୁଁ କହୁଛି ଯେ ମୋର ବିଭିନ୍ନ ଅନୁସନ୍ଧାନରେ ତାଙ୍କୁ ସାଥି କରିବାଟା ମୋର ଆବେଗ ବା ଖିଆଲ ନୁହେଁ। କିନ୍ତୁ ଉଆଟ୍‌ସନ୍‌ଙ୍କର ଅନେକ ଉଲ୍ଲେଖନୀୟ ଗୁଣ ଥିଲା। ତାଙ୍କ ଲେଖାରେ ସେ ମୋ କାମର ଅତିରଞ୍ଜନ କରିବାକୁ ଯାଇ ତାଙ୍କ ନିଜ ଗୁଣପ୍ରତି ମୋଟେ ନଜର ଦେଇନାହାନ୍ତି। ଯେଉଁ ସହକର୍ମୀ ତୁମର ସିଦ୍ଧାନ୍ତ ବା କାର୍ଯ୍ୟପନ୍ଥା ଆଗରୁ ଜାଣିପାରିବ, ସେ ବିପଜ୍ଜନକ। କିନ୍ତୁ ପ୍ରତ୍ୟେକ ଘଟଣା ଯାହାକୁ ଆଶ୍ଚର୍ଯ୍ୟ ଲାଗିବ, ଆଉ ଭବିଷ୍ୟତ ଯାହା ପାଖରେ ପୂରାପୂରି ଅଜଣା, ସେ ହେଲା ଉପଯୁକ୍ତ ସାହାଯ୍ୟକାରୀ।

ମୋ ନୋଟ୍ ବହିରୁ ଦେଖୁଛି– ସେ ହେଲା ୧୯୦୩ ମସିହା ଜାନୁୟାରୀ ମାସ କଥା। ବୁଅର୍ ଯୁଦ୍ଧ ଶେଷ ହୋଇଯାଇଥାଏ। ମିଷ୍ଟର୍

Digitized by srujanika@gmail.com

ଜେମସ୍ ଡଡ୍ ମୋ ପାଖକୁ ଆସିଲେ। ବ୍ରିଟେନ୍‌ର ଲୋକ; କିନ୍ତୁ ସୂର୍ଯ୍ୟତାପରେ ଦେହର ରଙ୍ଗ ବଦଳିଯାଇଛି। ବେଶ୍ ସୁସ୍ଥ ସବଳ ଚେହେରା। ସେତେବେଳକୁ ବନ୍ଧୁ ଉଆଟ୍‌ସନ୍‌ଙ୍କର ବିବାହ ହୋଇଯାଇଥାଏ। ସେ ମୋତେ ଛାଡ଼ି ଅଲଗା ରହୁଥାନ୍ତି। ଆମ ବନ୍ଧୁତା ଭିତରେ ଏଇ ଗୋଟିକ କାମରେ ସେ ସ୍ୱାର୍ଥପର। ମୁଁ ଏକୁଟିଆ ରହୁଥାଏ।

ମୁଁ ଘରର ଝରକାଆଡ଼େ ପିଠିକରି ବସିବା ଆଉ ଯେ ଦେଖାକରିବାକୁ ଆସନ୍ତି ତାଙ୍କୁ ମୋ ସାମନାରେ ବସାଇବା ମୋର ଅଭ୍ୟାସ। ତା' ଦ୍ୱାରା ଆଲୁଅଟା ପୂରା ତାଙ୍କ ମୁହଁରେ ପଡ଼େ। ମିଷ୍ଟର୍ ଜେମସ୍ ଡଡ୍ କେମିତି କଥାଟା ଆରମ୍ଭ କରିବେ, ଠିକ୍ କରିପାରୁ ନ ଥିଲା ପରି ଜଣାଯାଉଥାଏ। ମୁଁ ବି ତାଙ୍କୁ କିଛି ସାହାଯ୍ୟ କରିବାକୁ ଗଲିନାହିଁ; କାରଣ ସେ ଚୁପ୍‌ଚାପ୍ ବସିବାଦ୍ୱାରା ମୁଁ ତାଙ୍କୁ ଭଲଭାବେ ଲକ୍ଷ୍ୟ କରିବାର ସୁବିଧା ପାଇଲି। ଆରମ୍ଭରୁ ମୋ ମକ୍‌କିଲଙ୍କ ଉପରେ ମୋ ଶକ୍ତିର ପ୍ରଭାବ ପକାଇବାଟା ବିଜ୍ଞ କାମ ବୋଲି ମୁଁ ଜାଣେ। ତେଣୁ ମୋର କେତେଟା ସିଦ୍ଧାନ୍ତ ତାଙ୍କ ଆଗେ କହିଲି।

''ଆପଣ ନିକଟରେ ଦକ୍ଷିଣ-ଆଫ୍ରିକାରୁ ଆସିଛନ୍ତି।''

କିଛିଟା ବିସ୍ମିତ ହୋଇ ସେ କହିଲେ, ''ହଁ ଆଜ୍ଞା!''

''ଇଂରେଜ ସରକାରଙ୍କ ସ୍ୱେଚ୍ଛାସେବୀ ଅଶ୍ୱାରୋହୀ ବାହିନୀର।''

''ବିଲ୍‌କୁଲ୍ ଠିକ୍।''

''ମିଡ୍‌ଲ ସେକ୍‌ସ ସେନାଦଳର।''

''ହଁ ଆଜ୍ଞା! ଆପଣ କ'ଣ ଯାଦୁକର ମିଷ୍ଟର୍ ହୋମ୍‌ସ?''

ତାଙ୍କର ବିସ୍ମୟ ଭାବ ଦେଖି ମୁଁ ସାମାନ୍ୟ ହସି କହିଲି, ''ଜଣେ ଇଂରେଜ ଯୁବକ ଭଦ୍ରଲୋକ ମୋ ଘରକୁ ଆସିଲେ। ଖରାରେ ତାଙ୍କ ମୁହଁ ସିଝିଯାଇଛି। ଏହା ଇଂଲଣ୍ଡର ଜଳବାୟୁରେ ହୋଇପାରେନା! ଆପଣଙ୍କ ରୁମାଲଟା ପକେଟରେ ରଖିବା ପରିବର୍ତ୍ତେ ଆପଣ କୁରୁତା ହାତରେ ରଖିଛନ୍ତି; ତେଣୁ ଆପଣଙ୍କ କଥା ଜାଣିବା ମୋତେ କଷ୍ଟକର ନୁହେଁ। ଆପଣଙ୍କ ଛୋଟ ଛୋଟ ଦାଢ଼ିରୁ ଜଣାଗଲା ଆପଣ ନିୟମିତ ସେନାଦଳର ନୁହନ୍ତି; ସ୍ୱେଚ୍ଛାସେବକ ବାହିନୀର। ଆପଣଙ୍କ ପୋଷାକ ଘୋଡ଼ାଚଢ଼ାଳିର। ଆଉ ମିଡ୍‌ଲ ସେକ୍‌ସ କଥା ଯାହା କହିଲି, ସେଟା

Digitized by srujanika@gmail.com

ଆପଣଙ୍କ କାର୍ଡ଼ରୁ ଜାଣିଲି। ଆପଣ ତେବେ ଆଉ କେଉଁ ସେନାଦଳର ହୋଇପାରନ୍ତି ?''

''ଆପଣ ତ ସବୁ ଦେଖିପାରୁଛନ୍ତି ?''

''ମୁଁ ଆପଣଙ୍କଠାରୁ କିଛି ଅଧିକା ଦେଖୁନାହିଁ; କିନ୍ତୁ ମୁଁ ଯାହା ଦେଖେ ସେସବୁକୁ ଭଲଭାବେ ଲକ୍ଷ୍ୟ କରିବା ଶିଖିଛି। ଯାହାହେଉ ମିଷ୍ଟର୍ ଉଡ୍, ଆପଣ ଏକଥା ଆଲୋଚନା କରିବା ପାଇଁ ଏତେ ସକାଳୁ ଆସିନାହାନ୍ତି। କହନ୍ତୁ, ଟକସ୍‌ବେରୀ ଓଲଡ୍ ପାର୍କରେ କ'ଣ ଘଟିଛି ?''

''ମିଷ୍ଟର୍ ହୋମ୍ସ !''

''ଏଥିରେ କିଛି ରହସ୍ୟ ନାହିଁ ମିଷ୍ଟର୍ ଉଡ୍ ! ଆପଣଙ୍କ ଚିଠିରେ ସେଇ ଜାଗା ନାଁ ଲେଖାଅଛି। ଆଉ ଆପଣ ମୋ ସାଥିରେ ଦେଖାକରିବାକୁ ଯେମିତି ବ୍ୟଗ୍ରତା ପ୍ରକାଶ କରି ଲେଖିଛନ୍ତି, ସେଥିରୁ ପରିଷ୍କାର ଜଣାଯାଉଛି ଯେ ହଠାତ୍ କିଛି ଗୋଟେ ଗୁରୁତର ଘଟଣା ଘଟିଛି।''

''ହଁ, ତା' ସତ। କିନ୍ତୁ ମୁଁ ଚିଠିଟା ଉପରବେଳା ଲେଖିଥିଲି। ତା' ପରେ ଆହୁରି ବେଶ୍ କିଛି ଘଟିଯାଇଛି। ଯଦି କର୍ଣ୍ଣେଲ୍ ଏମ୍ ସଉଅରଥ୍ ମୋତେ ଗୋଇଠା ମାରି ବାହାର କରି ଦେଇ ନ ଥାନ୍ତେ–''

''ଆପଣଙ୍କୁ ଗୋଇଠା ମାରି ବାହାର କରିଦେଲେ ?''

''ହଁ, ସେଇଆ ନୁହେଁ ଆଉ କ'ଣ ? ଏଇ କର୍ଣ୍ଣେଲ୍ ଏମ୍ ସଉଅରଥ୍ ବଡ଼ ନିଷ୍ଠୁର ଲୋକ। ତାଙ୍କ ସମୟରେ ସେ ସେନାବାହିନୀରେ ସବୁଠୁ କଡ଼ା ଅଫିସର ଥିଲେ। ସେ ମୋତେ ବଡ଼ ରୁକ୍ଷ ଭାଷାରେ କହିଲେ। କେବଳ ଗଡ୍‌ଫ୍ରେ ଯୋଗୁଁ ମୁଁ ସବୁ ସହିଗଲି।''

ପାଇପ୍‌ଟା ଲଗାଇ ଚଉକି ଉପରେ ଆଉଜି ବସି କହିଲି, ''ଆପଣ କ'ଣ କହିବାକୁ ଚାହାନ୍ତି, ବୁଝାଇ କହିଲେ ଭଲହେବ।''

ସେ ଏକ କୁଟିଳ ହସ ହସି କହିଲେ, ''ମୋର ଧାରଣା ଥିଲା, କିଛି ନ କହିଲେ ବି ଆପଣ ସବୁ ଜାଣିପାରନ୍ତି। ହଉ, ମୁଁ ଆପଣଙ୍କୁ ସବୁକଥା କହିବି, ଆଉ ତା'ର ଅର୍ଥ କ'ଣ ଆପଣ କହିପାରିବେ ବୋଲି ମୋର ଆଶା। ମୁଁ ରାତିସାରା ଅନିଦ୍ରା ରହି ବହୁତ ମୁଣ୍ଡ ଖେଳାଇଛି। ଯେମିତି ଯେତିକି ଭାବୁଛି, ଘଟଣାଟା ସେତିକି ସେତିକି ଅସମ୍ଭବ ମନେହେଉଛି।

Digitized by srujanika@gmail.com

''ଦି'ବର୍ଷ ତଳେ, ୧୯୦୧ ମସିହାରେ ମୁଁ ଯେତେବେଳେ ସେନାବାହିନୀରେ ଯୋଗଦେଲି, ତରୁଣ ଗଡ୍‌ଫ୍ରେ ଏମ୍ ସଉଅରଥ୍ ମଧ ସେଇ ବାହିନୀରେ ଯୋଗଦେଲେ । ସେ କର୍ଣ୍ଣେଲ୍ ଏମ୍ ସଉଅରଥ୍‌ଙ୍କର ଏକମାତ୍ର ପୁଅ । କର୍ଣ୍ଣେଲ୍ ଏମ୍ ସଉଅରଥ୍ କ୍ରିମିଆ ଯୁଦ୍ଧରେ ଭିକ୍ଟୋରିଆ କ୍ରସ୍ ପାଇଥିଲେ । ପୁଅ ଦେହରେ ବାପାଙ୍କର ବୀର ରକ୍ତ ଥିଲା; ତେଣୁ ସେ ସ୍ୱେଚ୍ଛାରେ ସେନାବାହିନୀରେ ଯୋଗଦେବା ମୋଟେ ବିଚିତ୍ର ନୁହେଁ। ସେନାବାହିନୀରେ ତାଙ୍କଠୁ ବଳି ଭଲ ଲୋକ ବୋଧହୁଏ କେହି ନଥିଲେ । ଆମ ଦୁହିଁଙ୍କ ଭିତରେ ବନ୍ଧୁତା ସ୍ଥାପିତ ହେଲା । ଦି'ଜଣଯାକ ଏକା ଜୀବନ ଯାପନ କରୁଥିଲୁ, ଆଉ ଏକା ସୁଖ-ଦୁଃଖ ଭୋଗ କରୁଥିଲୁ। ସେ ଥିଲେ ମୋର ସାଙ୍ଗ ଆଉ ସେନାବାହିନୀରେ ମୋର ଅନ୍ତରଙ୍ଗ ବନ୍ଧୁ। ବର୍ଷେ କାଳ ଭୀଷଣ ଯୁଦ୍ଧ ଭିତରେ ଆପଦ-ବିପଦ, ଭଲ-ମନ୍ଦରେ ଆମେ ସବୁବେଳେ ସାଥୀ ଥିଲୁ। ଦିନେ ପ୍ରେଟୋରିଆ ପାଖ ଡାଇମଣ୍ଡ ହିଲ୍‌ଠାରେ ସେ ଏକ ବୁଲେଟ୍ ଆଘାତ ପାଇଲେ । ତା'ପରେ ମୁଁ ତାଙ୍କ ପାଖରୁ ଦି'ଖଣ୍ଡ ଚିଠି ପାଇଥିଲି– ଖଣ୍ଡେ କେପ୍‌ଟାଉନ ଡାକ୍ତରଖାନାରୁ, ଆଉ ଖଣ୍ଡେ ସାଉଦାମ୍ପଟନ୍‌ରୁ । ତା'ପରେ ଛଅମାସ ବିତିଗଲା; କିନ୍ତୁ ତାଙ୍କଠୁ ଆଉ ପଦେ ବି ଶୁଣିଲି ନାହିଁ ମିଷ୍ଟର୍ ହୋମ୍‌ସ, ଅଥଚ ସେ ମୋର ଅନ୍ତରଙ୍ଗ ବନ୍ଧୁ ।

''ଯୁଦ୍ଧ ଶେଷ ହେଲା, ଆଉ ଆମେ ଘରକୁ ଫେରିଲୁ । ମୁଁ ତାଙ୍କ ବାପାଙ୍କ ପାଖକୁ ଚିଠି ଲେଖି ଗଡ୍‌ଫ୍ରେ କେଉଁଠି ବୋଲି ପଚାରିଲି । କିଛି ଉତ୍ତର ପାଇଲି ନାହିଁ। ମୁଁ କିଛି ଦିନ ଅପେକ୍ଷା କରି ପୁଣି ଚିଠି ଲେଖିଲି। ଏଥର ଉତ୍ତର ପାଇଲି– ଖୁବ୍ ସଂକ୍ଷିପ୍ତ ଆଉ ରୂଢ଼– 'ଗଡ୍‌ଫ୍ରେ ପୃଥିବୀ ପରିଭ୍ରମଣରେ ଯାଇଚନ୍ତି; ବର୍ଷେ ଭିତରେ ଫେରିବାର ସମ୍ଭାବନା ନାହିଁ।' ବେଶ୍ ଏତିକି ।

''ଏଥିରେ କିନ୍ତୁ ମୋ ମନ ମାନିଲା ନାହିଁ ମିଷ୍ଟର୍ ହୋମ୍‌ସ ! ଘଟଣାଟା ମୋତେ କେମିତି ନିହାତି ଅବାସ୍ତବ ଜଣାଗଲା। ସେ ଅତି ଭଲ ଲୋକ ଆଉ ଜଣେ ଅନ୍ତରଙ୍ଗ ବନ୍ଧୁକୁ ନ ଜଣାଇ ସେ ଏହା କରି ନ ଥିବେ– ଏଟା ତାଙ୍କର ସ୍ୱଭାବ ନୁହେଁ। ତା'ପରେ ପୁଣି ମୁଁ ଜାଣିବାକୁ ପାଇଲି, ସେ ଅନେକଗୁଡ଼ାଏ ସମ୍ପତ୍ତିର ଉତ୍ତରାଧିକାରୀ; ଆଉ ବାପ-ପୁଅଙ୍କ ଭିତରେ ସବୁବେଳେ ଭଲ ପଡୁନଥିଲା । ବୁଢ଼ା ବେଳେବେଳେ ପଶୁପରି ରାଗିଉଠୁଥିଲେ ଆଉ ଗଡ୍‌ଫ୍ରେଙ୍କର ଯୁବକ ରକ୍ତ ସବୁବେଳେ ତା' ସହୁ ନ ଥିଲା । ନା

Digitized by srujanika@gmail.com

ମିଷ୍ଟର୍ ହୋମ୍‌ସ, ମୋ ମନ ମୋତେ ମାନିଲା ନାହିଁ; ଆଉ ପ୍ରକୃତ କଥାଟା ଜାଣିବାପାଇଁ ମୁଁ ସଂକଳ୍ପ କଲି । କିନ୍ତୁ ଦି'ବର୍ଷ କାଳ ଘର ଛାଡ଼ି ଯାଇଥିଲି । ଘରେ ନିଜର ଅନେକ କାମ ଥିଲା; ତେଣୁ ଏଇ ସପ୍ତାହରେ ମୁଁ ଗଡ୍‌ଫ୍ରେ କଥା ବୁଝିବା ପାଇଁ ଠିକ୍ କଲି । ଥରେ ଯେତେବେଳେ ଠିକ୍ କରିଛି, ସବୁକାମ ଛାଡ଼ି ସେଥିରେ ଲାଗିଲି ।''

ଦେଖିଲି ମିଷ୍ଟର୍ ଡଡ୍‌ଙ୍କ ସାଥିରେ ଶତ୍ରୁତା ନକରି ମିତ୍ରତା କରିବା ଭଲ । କହିଲି, ''ଆପଣ ସେଥିପାଇଁ କ'ଣ କରିଛନ୍ତି ?''

''ଠିକ୍ କଲି ପ୍ରଥମେ ତାଙ୍କ ଘରକୁ ଯାଇ ଘଟଣାଟା କ'ଣ ନିଜେ ଦେଖିବି । ତାଙ୍କ ଘର ବେଡ୍‌ଫୋର୍ଡ଼ ପାଖରେ ଟକସ୍‌ବେରୀ ଓଲଡ୍ ପାର୍କ । ତାଙ୍କ ବାପାଙ୍କ ପାଖରୁ ତ ଯଥେଷ୍ଟ ପାଇଥିଲି; ତେଣୁ ମୁଁ ତାଙ୍କ ମାଆଙ୍କ ପାଖକୁ ସିଧାସଳଖ ଲେଖିଲି– ଗଡ୍‌ଫ୍ରେ ମୋର ଅନ୍ତରଙ୍ଗ ବନ୍ଧୁ । ଆମ ଦି'ଜଣଙ୍କର ଅନୁଭୂତି ବିଷୟରେ ମୋର ଅନେକ କଥା ତାଙ୍କୁ କହିବାର ଅଛି । ତେଣୁ ମୁଁ ସେଠିକି ଯିବି । ତାଙ୍କର କିଛି ଆପତ୍ତି ଅଛି କି ଇତ୍ୟାଦି । ତାଙ୍କଠୁ ଏକ ଅମାୟିକ ଉତ୍ତର ପାଇଲି । ରାତିକ ପାଇଁ ସେ ତାଙ୍କ ଘରେ ରହିବା ପାଇଁ ମୋତେ ଲେଖିଥିଲେ; ତେଣୁ ସୋମବାର ଦିନ ମୁଁ ସେଠିକି ଯାଇଥିଲି ।

''ଟକ୍‌ସବେରୀ ଓଲଡ୍ ହଲ୍‌କୁ ଯିବାକୁ କିଛି ସୁବିଧା ନାହିଁ– ଯେକୌଣସି ଷ୍ଟେସନରୁ ପାଞ୍ଚମାଇଲ ଦୂର । ଷ୍ଟେସନରେ ବି କୌଣସି ଗାଡ଼ି ନ ଥିଲା; ତେଣୁ ସୁଟ୍‌କେଶ୍‌ଟା ବୋହି ମୋତେ ଚାଲି ଚାଲି ଯିବାକୁ ପଡ଼ିଲା । ମୁଁ ପହଞ୍ଚିଲାବେଳକୁ ପ୍ରାୟ ଅନ୍ଧାର ହୋଇଯାଇଥିଲା । ଘରଟା ଖୁବ୍ ବଡ଼ ଆଉ ଅଦ୍‌ଭୁତ ଧରଣର । ଘର ଚାରିପାଖେ ବିରାଟ ପଡ଼ିଆ । ଏଲିଜାବେଥ୍‌ଙ୍କ ଅମଳର ମୂଳଦୁଆ ସାଙ୍ଗକୁ ଭିକ୍ଟୋରିଆ ଯୁଗର ପୋର୍ଟିକୋ । ଭିତରେ ନାନାପ୍ରକାର କାରୁକାର୍ଯ୍ୟ ଆଉ ପୁରୁଣା ଛବି ସବୁ । ମୋଟଉପରେ ଗୋଟେ ରହସ୍ୟପୁରୀ ପରି ମନେହେଲା । ଘରେ ଜଣେ ରୋଷେଇଆ, ତା' ନାଁ ରାଲଫ୍ । ତା' ବୟସ ଘରର ବୟସ ସଙ୍ଗେ ସମାନ ପରି ମନେହେଲା । ତା' ଛଡ଼ା ତା' ସ୍ତ୍ରୀ । ସେ ବୋଧହୁଏ ବୟସରେ ଆହୁରି ବଡ଼ ହେବ । ସେ ଗଡ୍‌ଫ୍ରେଙ୍କର ଧାଈ ଥିଲା । ଗଡ୍‌ଫ୍ରେଙ୍କଠାରୁ ଶୁଣିଛି, ତାଙ୍କ ମାଆଙ୍କ ପଛକୁ ଏଇ ଧାଈହିଁ ତାଙ୍କୁ ବେଶୀ ଭଲପାଉଥିଲା; ତେଣୁ ମୁଁ ତା'ଆଡ଼କୁ

Digitized by srujanika@gmail.com

ଟାଣିହୋଇଗଲି। ଗଡ୍‌ଫ୍ରେଙ୍କ ମାଆ ମଧ ମୋତେ ଭଲଲାଗିଲେ। ଅତି ଭଦ୍ର ବ୍ୟବହାର। କେବଳ ତାଙ୍କ ବାପାଙ୍କୁ ମୁଁ ଭଲପାଇପାରିଲି ନାହିଁ।

‘‘ଆମ ଭିତରେ କିଛି କଥାବାର୍ତ୍ତା ହୋଇଗଲା। ମୁଁ ଷ୍ଟେସନକୁ ଫେରିଆସିବାକୁ ବସିଥିଲି– ପୁଣି ଭାବିଲି, ମୋତେ କୌଣସି ପ୍ରକାରେ ଫେରାଇଦେବା ପାଇଁ ଏଟା ଗୋଟେ ଚାଲ୍ ହୋଇପାରେ। ତେଣୁ ତାଙ୍କ ପଢ଼ାଘରକୁ ଗଲି। ଗଡ୍‌ଫ୍ରେଙ୍କ ବାପା ସେଠି ବସିଥିଲେ। ପିଠିର ମେରୁଦଣ୍ଡ ଲଇଁଗଲାଣି। ଦେହର ଚମଡ଼ା ଧୂଆଁଳିଆ ରଙ୍ଗ। ପାଚିଲା ଦାଢ଼ି ଲମ୍ବିଥାଏ। ଶାଗୁଣା ଥଣ୍ଟ ପରି ନାକଟା ଆଗକୁ ବାହାରିଥାଏ। ଆଖିପତା ତଳକୁ ଓହଳିପଡ଼ିଛି। ତା’ ତଳେ ଦି’ଟା ଭୟଙ୍କର ଆଖି। ଗଡ୍‌ଫ୍ରେ କାହିଁକି ତାଙ୍କ ବାପାଙ୍କ କଥା କେବେ କହନ୍ତି ନାହିଁ, ଏବେ ବୁଝିପାରିଲି।

‘‘କର୍କଶ ସ୍ୱରରେ ସେ କହିଲେ, ‘ଆପଣଙ୍କର ଏଠିକି ଆସିବାର ପ୍ରକୃତ କାରଣ କ’ଣ ଜାଣିପାରେକି?’

‘ଉତ୍ତର ଦେଲି, ତାଙ୍କ ମାଆଙ୍କ ପାଖକୁ ଦେଇଥିବା ଚିଠିରେ ମୁଁ ସେ କଥା ପରିଷ୍କାର ଲେଖିଦେଇଛି।’

‘ହଁ, ହଁ, ଆପଣ କହୁଛନ୍ତି, ଆଫ୍ରିକାରେ ଗଡ୍‌ଫ୍ରେ ସାଥିରେ ଆପଣଙ୍କର ପରିଚୟ। କିନ୍ତୁ ଆପଣଙ୍କ କହିବା ଛଡ଼ା ତା’ର କିଛି ପ୍ରମାଣ ନାହିଁ?’

‘ସେ ମୋ ପାଖକୁ ଦେଇଥିବା ଚିଠି ମୋ ପକେଟରେ ଅଛି।’

‘ଦୟାକରି ଦେଖାଇବେ।’

‘‘ଚିଠି ଦି’ଟା ମୁଁ ତାଙ୍କ ହାତକୁ ବଢ଼ାଇଦେଲି। ସେ ତାକୁ ଦେଖି ପୁଣି ମୋତେ ଫେରାଇଦେଲେ। କହିଲେ, ‘ଆଚ୍ଛା, ଆଉ କ’ଣ?’

‘ଆପଣଙ୍କ ପୁଅ ଗଡ୍‌ଫ୍ରେ ମୋର ଅନ୍ତରଙ୍ଗ ବନ୍ଧୁ ଥିଲେ। ହଠାତ୍ ତାଙ୍କ ପାଖରୁ କିଛି ଖବର ନ ପାଇବା, ଆଉ ତାଙ୍କର କ’ଣ ହେଲା ଜାଣିବା ମୋ ପକ୍ଷରେ କ’ଣ ସ୍ୱାଭାବିକ ନୁହେଁ?’

‘ହଁ, ମୋର ମନେହେଉଛି ଗଡ୍‌ଫ୍ରେ କଥା ମୁଁ ଆପଣଙ୍କ ପାଖକୁ ଲେଖିଥିଲି। ସେ ଜାହାଜରେ ବିଭିନ୍ନ ସ୍ଥାନ ବୁଲିବାକୁ ଯାଇଛି। ଆଫ୍ରିକାରେ ରହି ତା’ ସ୍ୱାସ୍ଥ୍ୟ ବଡ଼ ଖରାପ ହୋଇଗଲା। ତା’ ମାଆ ଆଉ

Digitized by srujanika@gmail.com

ମୁଁ ଭାବିଲୁ ତା'ର ପୂରା ବିଶ୍ରାମ ଆଉ ଜଳବାୟୁ ପରିବର୍ତ୍ତନ ଦର୍କାର। ଦୟାକରି, ତାର ଅନ୍ୟ ଯେଉଁ ବନ୍ଧୁ ତା' ବିଷୟରେ ଆଗ୍ରହୀ, ତାଙ୍କୁ ଏକଥା ଜଣାଇଦେବେ।'

'ନିଶ୍ଚୟ ଆଜ୍ଞା! ତେବେ ସେ ଯେଉଁ ଜାହାଜରେ ଯାଇଛନ୍ତି ତା' ନାଁ, ସେ ଜାହାଜ କେଉଁ କେଉଁ ଜାଗାରେ ପହଞ୍ଚିବ, ଦୟା କରି କହିଲେ ମୁଁ ତାଙ୍କ ପାଖକୁ ଚିଠି ପଠାଇପାରନ୍ତି।'

ମୋ ଅନୁରୋଧ ଶୁଣି ସେ ଘାବରେଇଗଲେ ଆଉ ରାଗିଗଲେ ମଧ୍ୟ। ତାଙ୍କର ଆଖିପତା ଦି'ଟା ତଳକୁ ଲଇଁଆସିଲା। ତା'ପରେ କହିଲେ– 'ଆପଣଙ୍କର ଏ ଅସଙ୍ଗତ କଥାରେ ଅନ୍ୟ ଲୋକ ଅପମାନିତ ଆଉ ବିରକ୍ତ ହୁଅନ୍ତା ମିଷ୍ଟର୍ ଡଡ୍!'

'କ୍ଷମା କରିବେ, ଆପଣଙ୍କ ପୁଅଙ୍କ ପ୍ରତି ମୋର ଗଭୀର ସ୍ନେହ ଥିବାରୁ ଏ କଥା ପଚାରିଲି।'

'ତା' ନିଶ୍ଚୟ ଠିକ୍। ମୁଁ ସେକଥା ବିଚାର କରିଛି। ଯାହାହେଉ, ମୁଁ ଆପଣଙ୍କୁ କହୁଛି, ଆପଣ ଏସବୁ କଥା ଜାଣିବା ପାଇଁ ଆଉ ଆଗ୍ରହୀ ହୁଅନ୍ତୁ ନାହିଁ। ପ୍ରତ୍ୟେକ ପରିବାରର ନିଜର ଉଦ୍ଦେଶ୍ୟ ଆଉ ଗୋପନୀୟତା ଅଛି; କେହି ବାହାର ଲୋକ ସେଟା ଜାଣିବା ଠିକ୍ ହେବ ନାହିଁ। ଗଡ୍‌ଫ୍ରେର ଅତୀତ କଥା ଜାଣିବାକୁ ତା' ମାଆ ବଡ଼ ଆଗ୍ରହୀ, ଆପଣ ତାଙ୍କୁ ସେ କଥା କହିପାରିବେ; କିନ୍ତୁ ବର୍ତ୍ତମାନ ଆଉ ଭବିଷ୍ୟତ ବିଷୟରେ ଆପଣ ମୁଣ୍ଡ ଖେଳାନ୍ତୁ ନାହିଁ। ତାଦ୍ୱାରା କିଛି ଲାଭ ହେବନାହିଁ।'

''ତେଣୁ ମୋ କାମରେ ହଠାତ୍ ଗୋଟେ ବନ୍ଧ ପଡ଼ିଗଲା; ଆଉ କିଛି କରିବାର ନ ଥିଲା। ମୁଁ ତାଙ୍କ କଥା ମାନିନେବାର ଛଳନା କରି ମନେ ମନେ ସଙ୍କଳ୍ପ କଲି, ମୋ ବନ୍ଧୁର କ'ଣ ଘଟିଲା ନ ଜାଣିବାଯାଏ ମୁଁ ସ୍ଥିର ରହିପାରିବି ନାହିଁ। ରାତିରେ ଆମେ ସାଥି ହୋଇ ଖିଆପିଆ କଲୁ। ଗଡ୍‌ଫ୍ରେଙ୍କ ମାଆ ବଡ଼ ଆଗ୍ରହରେ ତାଙ୍କ ପୁଅ ବିଷୟରେ କେତେ କଥା ପଚାରିଲେ; କିନ୍ତୁ ତାଙ୍କ ବାପା ରୁକ୍ଷ ଆଉ ବିଚଳିତ ଜଣାପଡୁଥାନ୍ତି। କଥାବାର୍ତ୍ତା ମୋତେ ବଡ଼ ବିରକ୍ତିକର ଲାଗିଲା। ତେଣୁ ମୁଁ ଗୋଟେ ଆଳ ଦେଖାଇ ମୋ ଶୋଇବାଘରକୁ

Digitized by srujanika@gmail.com

ଚାଲିଗଲି। ତଳ ମହଲାରେ ଗୋଟେ ବେଶ୍ ବଡ଼ ଘର। ଘରଟାର ଆବ୍‌ହାଓଆ କେମିତି ଅସ୍ୱସ୍ତିକର ଲାଗିଲା। କିନ୍ତୁ ଆଫ୍ରିକାରେ ବର୍ଷେକାଳ ଘାସ ପଡ଼ିଆରେ ଶୋଇବା ପରେ ଜଣେ ଶୋଇବାଘର ବିଷୟରେ କିଛି ଚିନ୍ତା କରିବ ନାହିଁ। ମୁଁ ଝରକାର ପରଦାଗୁଡ଼ା ଉଠାଇଦେଇ କାଚ ଭିତରଦେଇ ବାହାର ବଗିଚାଆଡ଼େ ଚାହିଁଲି। ଫିକା ଜହ୍ନ ଆଲୁଅରେ ବାହାରଟା ବେଶ୍ ସୁନ୍ଦର ଦେଖାଯାଉଥାଏ। ପାଖ ଟେବୁଲ ଉପରେ ଗୋଟେ ଲ୍ୟାମ୍ପ ଜଳୁଥାଏ। ପାଖ ଚୁଲାରେ ନିଆଁ ଜଳୁଥାଏ। ମୁଁ ନିଆଁ ପାଖରେ ବସି ମନ ପରିବର୍ତ୍ତନ କରିବା ପାଇଁ ଖଣ୍ଡେ ଉପନ୍ୟାସ ପଢ଼ିବସିଲି। କିନ୍ତୁ ମୋ ପଢ଼ାରେ ବ୍ୟାଘାତ ଘଟିଲା। ରୋଷେଇଆ ରାଲଫ୍ କିଛି କୋଇଲା ଧରି ଘର ଭିତରକୁ ଆସିଲା।

"କହିଲା, 'ମୁଁ ଭାବିଲି ରାତିରେ କୋଇଲା ସରିଯାଇପାରେ। ବହୁତ ଥଣ୍ଡା ହେଉଛି। ସେଥିପାଇଁ ଆସିଲି।'

"ସେ ଘରୁ ଯିବା ଆଗରୁ ଟିକିଏ ଦୋଦୋପାଞ୍ଚ ହେଲା। ମୁଁ ମୁହଁ ବୁଲାଇ ତା' ଆଡ଼କୁ ଚାହିଁଲାବେଳକୁ ସେ ଦରଜା ପାଖରେ ଠିଆ ହୋଇ ଉଦାସ ଆଖିରେ ମୋ ଆଡ଼େ ଚାହିଁଛି।

"ଅତି ନମ୍ର ଭାବରେ ସେ କହିଲା, 'କ୍ଷମା କରିବେ ଆଜ୍ଞା। ଖାଇଲାବେଳେ ଆପଣ ମୋ ସାନବାବୁ ଗଡ୍‌ଫ୍ରେଙ୍କ ବିଷୟରେ ଯାହା କହୁଥିଲେ, ମୁଁ ଶୁଣିଛି। ଆପଣ ଜାଣନ୍ତି, ମୋ ସ୍ତ୍ରୀ ତାଙ୍କୁ ପାଳିଛି; ତେଣୁ ମୁଁ ତାଙ୍କର ପାଳକ-ପିତା। ତେଣୁ ତାଙ୍କ ବିଷୟରେ ଆମେ ଆଗ୍ରହୀ ହେବା ସ୍ୱାଭାବିକ। ଆପଣ କହୁଥିଲେ ସେ ଆଫ୍ରିକାରେ ଖୁବ୍ ସୁସ୍ଥ ସବଳ ଥିଲେ, ଆଉ ଯୁଦ୍ଧରେ ଖୁବ୍ ବୀରତ୍ୱ ଦେଖାଇଥିଲେ।'

"ହଁ; ସେନାଦଳରେ ତାଙ୍କଠୁ ବଳି ସାହସୀ କେହି ନ ଥିଲେ। ଥରେ ସେ ବୁଅର୍‌ମାନଙ୍କ ରାଇଫଲ୍ ମୁହଁରୁ ମୋତେ ଉଦ୍ଧାର କରି ଆଣିଥିଲେ। ତା' ନହେଲେ ତୁମେ ଆଜି ମୋତେ ଏଠି ଦେଖୁନଥାନ୍ତ।'

'ଯାହା କହିଲେ ସତ ଆଜ୍ଞା, ଆମ ସାନବାବୁ ଠିକ୍ ସେଇଆ। ସେ ସବୁବେଳେ ଖୁବ୍ ସାହସୀ। ଏ ବଗିଚାରେ ଏମିତି ଗଛ ନାହିଁ, ଯେଉଁଥିରେ ସେ ଚଢ଼ିନାହିଁ। ସେ ଅତି ସୁନ୍ଦର ପିଲା ଥିଲେ ଆଜ୍ଞା, ଅତି ସୁନ୍ଦର ଲୋକ ଥିଲେ।'

Digitized by srujanika@gmail.com

''ମୁଁ ଡେଇଁପଡ଼ି ଉଠି ଠିଆହୋଇଗଲି ଆଉ କହିଲି, 'ଦେଖ, ତୁମେ କହିଲ ସେ ଖୁବ୍ ଭଲ ଥିଲେ। ତୁମ କଥାରୁ ଜଣାଯାଉଛି ସେ ଯେମିତି ଆଉ ନାହାନ୍ତି। ଏସବୁ କି ରହସ୍ୟ? ଗଡ୍‌ଫ୍ରେଙ୍କର କ'ଣ ହୋଇଛି?'

''ବୁଢ଼ା କିଛି ନ କହି ଚାଲିଯିବାକୁ ବସିଥିଲା, ମୁଁ ତା' କାନ୍ଧ ପାଖରୁ ଜୋର୍‌ରେ ଧରିନେଲି। ବଡ଼ ଆକୁଳ ହୋଇ ସେ କହିଲା, 'ଆପଣ କ'ଣ କହୁଛନ୍ତି ମୁଁ ଜାଣେନା। ଗଡ୍‌ଫ୍ରେଙ୍କ କଥା ବଡ଼ବାବୁଙ୍କୁ ପଚାରନ୍ତୁ; ମୋର କିଛି କହିବାର ନାହିଁ।'

''ତା' ହାତ ଧରି ମୁଁ କହିଲି, 'ଶୁଣ, ତୁମେ ଏଠୁ ଯିବା ଆଗରୁ ତୁମକୁ ଗୋଟେ ପ୍ରଶ୍ନର ଉତ୍ତର ଦେବାକୁ ହେବ; ନଚେତ୍ ରାତିସାରା ମୁଁ ତୁମକୁ ଏମିତି ଅଟକାଇ ରଖିବି। ସତ କହ, ଗଡ୍‌ଫ୍ରେ କ'ଣ ମରିଯାଇଛନ୍ତି?'

''ସେ ମୋ ମୁହଁକୁ ଚାହିଁପାରିଲା ନାହିଁ। ଉତ୍ତରଟା ଆପେ ଆପେ ତା' ମୁହଁରୁ ବାହାରିଆସିଲା। ସେ ଉତ୍ତର ଅତି ଭୟଙ୍କର ଆଉ ଅପ୍ରତ୍ୟାଶିତ। ସେ କହିଲା, 'ଭଗବାନଙ୍କ ଦୟାରୁ ତା' ହୋଇଥିଲେ ଭଲହୋଇଥାନ୍ତା।' ଏତିକି କହି ମୋ ହାତରୁ ହାତ ଟାଣିନେଇ ସେ ଦୌଡ଼ିପଳାଇଲା।

''ମୁଁ ଫେରିଆସି ଚଉକି ଉପରେ ବସିପଡ଼ିଲି। ମୋ ମନର ଅବସ୍ଥା କ'ଣ ହୋଇଥିବ, ଆପଣ ଭାବିପାରୁଥିବେ। ବୁଢ଼ା କଥାର କେବଳ ଗୋଟାଏ ଅର୍ଥ ମୁଁ ଭାବିପାରିଲି। ନିଶ୍ଚୟ ମୋ ବନ୍ଧୁ ବିଚରା କିଛି ଅପରାଧରେ ଜଡ଼ିତ ହୋଇଯାଇଛନ୍ତି କିମ୍ବା ବଂଶର ମାନ-ମର୍ଯ୍ୟାଦାରେ ଆଞ୍ଚ ଆସିଲା ପରି କିଛି କୁକର୍ମ କରିପକାଇଛନ୍ତି। କାଳେ ଚାରିଆଡ଼େ ଅପବାଦ-ନାଗରା ବାଜିବ, ଏଇ ଭୟରେ ନିଷ୍ଠୁର ବୁଢ଼ା ବାପ ତାଙ୍କୁ ଦୂରକୁ ପଠାଇଦେଇଛନ୍ତି। ଗଡ୍‌ଫ୍ରେ ଅତି ବେପରୁଆ ଲୋକ ଥିଲେ; ଆଉ ସାଙ୍ଗସାଥୀଙ୍କ ଦ୍ୱାରା ଖୁବ୍ ସହଜରେ ପ୍ରଭାବିତ ହୋଇଯାଉଥିଲେ। ନିଶ୍ଚୟ ସେ କୁସଙ୍ଗରେ ପଡ଼ିଯାଇଛନ୍ତି ଏବଂ ତାଙ୍କ ଗୋଡ଼ ଖସିଯାଇଛି। ଯଦି ଏହାହିଁ ହୋଇଥାଏ, ତେବେ ବଡ଼ କରୁଣ କଥା। କିନ୍ତୁ ଏବେ ମୋର କର୍ତ୍ତବ୍ୟ ହେଲା ତାଙ୍କୁ ଖୋଜି ବାହାରକରିବା ଆଉ ସମ୍ଭବ

Digitized by srujanika@gmail.com

ହେଲେ ଯଥାଶକ୍ତି ସାହାଯ୍ୟ କରିବା। ମୁଁ ବ୍ୟଗ୍ର ହୋଇ ଏକଥା ଚିନ୍ତା କରୁ କରୁ ଉପରକୁ ମୁହଁ ଟେକିଲି, ଆଉ ଦେଖିଲି ଗଡ୍‌ଫ୍ରେ ଏମ୍ ସଉଅରଥ୍ ମୋ ସାମନାରେ ଠିଆହୋଇଛନ୍ତି।''

କହୁ କହୁ ଭାବର ଆବେଗରେ ମୋ ମହକିଲ ଅଟକିଗଲେ। ମୁଁ କହିଲି, ''କହନ୍ତୁ ତା'ପରେ ? ଆପଣଙ୍କର ଏ ସମସ୍ୟାରେ ଅତି ଅସାଧାରଣ ଲକ୍ଷଣ ରହିଛି।''

''ସେ ଝରକା ସେପାଖେ ଠିଆହୋଇଥିଲେ ମିଷ୍ଟର୍ ହୋମ୍‌ସ, ତାଙ୍କ ମୁହଁ ଝରକା କାଚ ଦେହରେ ଲାଗିରହିଥିଲା। ମୁଁ ତ କହିଛି, ଝରକାର ପରଦା ମୁଁ ଆଡ଼େଇ ଦେଇଥିଲି; ସେଇ ଫାଙ୍କରେ ତାଙ୍କୁ ମୁଁ ଦେଖିପାରିଲି। ଝରକାଟା ପୂରା ମେଜିଆଯାଏ ଥାଏ; ତେଣୁ ମୁଁ ତାଙ୍କୁ ତାଳୁରୁ ତଳିପାଯାଏ ପୂରା ଦେଖିପାରିଲି। କିନ୍ତୁ ତାଙ୍କ ମୁହଁ ଉପରେହିଁ ମୋ ଆଖି ଲାଗିରହିଲା। ସେ ମୁହଁ ପୂରାପୂରି ଶେତା ପଡ଼ିଯାଇଥାଏ। ମୋ ଜୀବନରେ ଏମିତି ଶେତା ଲୋକ ମୁଁ ଦେଖିନାହିଁ। ମୁଁ ଭାବୁଛି, ଭୂତଗୁଡ଼ା ସେମିତି ଦେଖାଯିବେ। କିନ୍ତୁ ମୋ ଆଖିରେ ତାଙ୍କ ଆଖି ପଡ଼ିଗଲା। ମୁଁ ନିଶ୍ଚିତ ଭାବରେ କହିପାରେ ସେ ଆଖି ଜୀବନ୍ତ ଲୋକର ଆଖି। ମୁଁ ତାଙ୍କ ଆଡ଼େ ଚାହିଁଛି ବୋଲି ଜାଣିବାମାତ୍ରେ ସେ ପଛକୁ ହଟିଯାଇ ଅନ୍ଧାର ଭିତରେ ମିଳେଇଗଲେ।

''ତାଙ୍କ ଚେହେରାରେ କିଛି ଗୋଟାଏ ଥିଲା, ଯାହା ଯୋଗୁଁ ମୋ ଛାତି ଥରିଉଠିଲା। ସେଟା ତାଙ୍କର ସେଇ ଶେତା ଚେହେରାଯୋଗୁଁ ନୁହେଁ, ତାଠୁ ଆହୁରି ବେଶୀ କିଛି ସୂକ୍ଷ୍ମ। ମୋ ମନରେ ଭୟ ଆସିଗଲା। କିନ୍ତୁ ଦି'ବର୍ଷକାଳ ଯୁଦ୍ଧଭୂଇଁରେ ବୁଅର୍‌ମାନଙ୍କ ସାଙ୍ଗରେ ଖେଳିଆସିଥିବା ଲୋକ ଧୈର୍ଯ୍ୟ ଧରିପାରେ ଆଉ ଖୁବ୍ ଶୀଘ୍ର ନିଜର କାମ ଠିକ୍ କରିନେଇପାରେ। ଗଡ୍‌ଫ୍ରେ ଅପସରି ଯାଉ ନ ଯାଉଣୁ ମୁଁ ଝରକା ପାଖକୁ ଧାଇଁଗଲି। ଝରକାର କିଳିଣୀଟା ବଡ଼ ଅବାଗିଆ ଥିଲା, ଆଉ ସେଟା ଖୋଲିବାରେ ଟିକିଏ ଡେରି ହୋଇଗଲା। ତା'ପରେ ମୁଁ ବାହାରକୁ ଚାଲିଆସି ଗଡ୍‌ଫ୍ରେ ଯେଉଁ ଆଡ଼କୁ ଯାଇଥିବ ବୋଲି ଭାବିଲି, ସେ ଆଡ଼କୁ ଦୌଡ଼ିଲି।

''ବାଟଟା ଖୁବ୍ ଲମ୍ବା ଆଉ ଆଲୁଅ ଭଲ ନ ଥିଲା, ମୋତେ ଜଣାଗଲା କେହି ଯେମିତି ମୋ ଆଗେ ଆଗେ ଚାଲିଛି। ମୁଁ ଦୌଡୁଥାଏ। ତାଙ୍କ ନାଁ ଧରି ଡାକିଲି; କିନ୍ତୁ କିଛି ଫଳ ହେଲା ନାହିଁ। ମୁଁ ସେ ବାଟଟାର

Digitized by srujanika@gmail.com

ଶେଷ ମୁଣ୍ଡରେ ପହଞ୍ଚିଲି। ଦେଖିଲି ସେଠୁ କେତେଗୁଡ଼େ ବାଟ ଚାରିଆଡ଼କୁ ଯାଇଛି। କୁଆଡ଼କୁ ଯିବି ବୋଲି ମୁଁ ଟିକିଏ ଦୋଦୋପାଞ୍ଚ ହୋଇ ଠିଆହୋଇଗଲି। ଏତିକିବେଳେ ଗୋଟେ ଦରଜା ବନ୍ଦ ହେବାର ଶବ୍ଦ ଶୁଣାଗଲା। ଶବ୍ଦଟା ମୋ ପଛ ପାଖରୁ ଘରଆଡୁ ନୁହେଁ; ମୋ ସାମନା କଡ଼ରୁ। ସେତିକି ଯଥେଷ୍ଟ ମିଷ୍ଟର୍ ହୋମ୍‌ସ, ସେଇଥିରୁ ମୁଁ ନିଶ୍ଚିତ ହେଲି ଯେ ଯାହାକୁ ମୁଁ ଦେଖିଲି ସେ ଗୋଟେ ଛାୟାମୂର୍ତ୍ତି ନୁହେଁ– ଗଡ୍‌ଫ୍ରେ ମୋ ପାଖରୁ ଦୌଡ଼ି ପଳାଇ କୌଣସି ଘର ଭିତରେ ପଶି ଦରଜା ଭିତରୁ ବନ୍ଦ କରିଦେଇଛନ୍ତି।

''ମୁଁ ଆଉ ବା କ'ଣ କରିପାରିଥାନ୍ତି ? ରୁମ୍‌କୁ ଫେରିଆସିଲି। ରାତିସାରା ନିଦ ହେଲାନାହିଁ। ମନ ଭାରି ଖରାପ ଲାଗୁଥାଏ। ଘଟଣାଗୁଡ଼ା ସାଙ୍ଗେ ଖାପ ଖାଇଲାପରି କିଛି ଗୋଟେ ତଥ୍ୟ ବାହାରକରିବାକୁ ଖୁବ୍ ଚିନ୍ତା କଲି। ତା'ପରଦିନ କର୍ଣ୍ଣେଲ୍‌ଙ୍କ ହାବଭାବ ଅନେକଟା ଭଲ ଲକ୍ଷ୍ୟ କଲି। ମୋ ପ୍ରତି ତାଙ୍କର କିଛି ଘୃଣା ବା ରାଗ ନ ଥିଲା। ତାଙ୍କ ସ୍ତ୍ରୀ କହିଲେ– 'ପାଖଆଖରେ କେତେକ ଦର୍ଶନୀୟ ଜାଗା ଅଛି।' ମୁଁ ଗୋଟେ ସୁବିଧା ପାଇଗଲି। ମୁଁ ଆଉ ଗୋଟେ ରାତି ରହିଲେ ତାଙ୍କର କିଛି ଅସୁବିଧା ହେବ କି ବୋଲି ପଚାରିଲି। ବୁଢ଼ା ଟିକିଏ କୁନ୍ଥୁକୁନ୍ଥୁ ହୋଇ ରାଜିହେଲେ। ମୁଁ ସବୁ ଜିନିଷ ଲକ୍ଷ୍ୟ କରିବା ପାଇଁ ପୂରା ଗୋଟିଏ ଦିନ ପାଇଗଲି। ମୋର ଦୃଢ଼ ଧାରଣା ହୋଇଯାଇଥିଲା ଯେ ଗଡ୍‌ଫ୍ରେ ସେଇ ପାଖରେ କେଉଁଠି ଲୁଚିରହିଛନ୍ତି; କିନ୍ତୁ କେଉଁଠି ଆଉ କାହିଁକି, ସେତିକି ଜାଣିବା ବାକି ଥିଲା।

''କର୍ଣ୍ଣେଲ୍‌ଙ୍କ ଘରଟା ଏତେ ବଡ଼, ଆଉ ସେଥିରେ ଏତେ ଗଳିକନ୍ଦି ଯେ ଗୋଟେ ସେନାଦଳ ତା' ଭିତରେ ଲୁଚିଯାଇପାରିବ, କେହି କିଛି ଜାଣିପାରିବ ନାହିଁ। ଯଦି ରହସ୍ୟଟା ତା' ଭିତରେ ଥାଏ, ତେବେ ତାକୁ ଖୋଜି ବାହାର କରିବା ନିଶ୍ଚୟ ମୋ ପକ୍ଷରେ କଷ୍ଟକର। କିନ୍ତୁ ମୁଁ ଯେଉଁ କବାଟର ଶବ୍ଦ ଶୁଣିଥିଲି, ସେଟା କେବେହେଲେ ଏ ଘରଆଡୁ ନୁହେଁ। ତେଣୁ ଠିକ୍ କଲି ବଗିଚା ଭିତରଟା ଖୋଜି ଦେଖିବି କ'ଣ ମିଳୁଛି। ସେଥିପାଇଁ ମଧ କିଛି ଅସୁବିଧା ହେଲା ନାହିଁ। କର୍ଣ୍ଣେଲ୍ ଆଉ ତାଙ୍କ ସ୍ତ୍ରୀ ତାଙ୍କ କାମରେ ବ୍ୟସ୍ତ ରହିଲେ; ଆଉ ମୁଁ ମୋ ଧନ୍ଦାରେ ଲାଗିଗଲି।

Digitized by srujanika@gmail.com

''ବଗିଚାରେ ଗୁଡ଼େ ବାହାରଘର ଥିଲା; କିନ୍ତୁ ଶେଷ ମୁଣ୍ଡରେ ଅଲଗା ଗୋଟେ ଘର ଥିଲା। ଘରଟା ମାଳିଘର ବା ଜଗୁଆଳି ଘର ତୁଳନାରେ ଟିକିଏ ବଡ଼। ଭାବିଲି ତେବେ କ'ଣ ଦରଜା ବନ୍ଦ ହେବା ଶବ୍ଦଟା ଏଇ ଘରୁ ଶୁଭିଥିଲା ? ମୁଁ କିଛି ନ ଜାଣିଲା ପରି ସେ ଘରପାଖକୁ ଗଲି। ଯେକେହି ଦେଖିଲେ ଭାବିବ, ଯେମିତି କି ଉଦ୍ଦେଶ୍ୟହୀନ ଭାବରେ ବୁଲୁଛି। ଏତିକିବେଳେ ଜଣେ ଲୋକ ସେ ଘରୁ ବାହାରିଆସିଲା। ତା' ମୁହଁରେ ଦାଢ଼ି ଆଉ ଦେହରେ କଳା କୋଟ୍। ସେ ମାଳି ପରି ମୋଟେ ଦେଖାଯାଉ ନ ଥାଏ। ସେ ଦରଜାରେ ତାଲା ପକାଇ ଚାବିଟା ପକେଟ୍‌ରେ ରଖିଲା। ମୁଁ ଦେଖି ବିସ୍ମିତ ହୋଇଗଲି। ତା'ପରେ ସେ କିଛିଟା ବିସ୍ମିତ ହୋଇ ମୋ ଆଡ଼େ ଚାହିଁଲା।

''ପଚାରିଲା, 'ଆପଣ କ'ଣ ବୁଲିବାକୁ ଏଠିକି ଆସିଛନ୍ତି ?'

''ମୁଁ ଉତ୍ତର ଦେଲି, 'ହଁ, ମୁଁ ଗଡ୍‌ଫ୍ରେଙ୍କର ବନ୍ଧୁ। କିନ୍ତୁ ଦୁଃଖର କଥା ସେ ବାହାରକୁ ଚାଲିଯାଇଛନ୍ତି। ଥିଲେ ମୋତେ ଦେଖି କେଡ଼େ ଖୁସି ହୋଇଥାନ୍ତେ।'

''ତା' ନିଶ୍ଚୟ ସତ ଆଜ୍ଞା ! ତେବେ ସେ ଫେରିଲାପରେ ଆପଣ ନିଶ୍ଚୟ ପୁଣି ଥରେ ଆସିବେ।' ଆଉ କିଛି ନ କହି ସେ ଚାଲିଗଲା। ମୁହଁ ବୁଲାଇ ଦେଖିଲି ସେ ଦୂରରେ ଗଛ ଆଢୁଆଳରେ ଠିଆ ହୋଇ ମୋତେ ଲକ୍ଷ୍ୟ କରୁଛି।

''ସେ ଘର ପାଖଦେଇ ଗଲାବେଳେ ମୁଁ ଭଲଭାବେ ଘରଆଡ଼େ ଚାହିଁଲି; କିନ୍ତୁ ଝରକାର ମୋଟା ପରଦାଗୁଡ଼ା ଭଲରକମ ବନ୍ଦ ଥିଲା। ଯେତିକିଟା ଦେଖାଯାଉଥିଲା, ଜଣାଯାଉଥିଲା ଘରଟା ଖାଲି। ମୁଁ ସେଠି ବେଶୀ ସମୟ ରହିଲେ ମୋ ଉଦ୍ଦେଶ୍ୟ ପୂରଣ ହୋଇ ନ ପାରେ ଆଉ ମୋତେ ସେଠୁ ବାହାର କରିଦିଆଯାଇପାରେ; କାରଣ ମୁଁ ଜାଣିପାରିଥିଲି ଯେ ମୋ ଉପରେ ନଜର ରଖାଯାଇଛି। ତେଣୁ ମୁଁ ମୋ ରୁମ୍‌କୁ ଫେରିଆସିଲି ଆଉ ରାତିରେ ଅନୁସନ୍ଧାନ କରିବା ପାଇଁ ଅପେକ୍ଷା କଲି। ଯେତେବେଳେ ଚାରିଆଡ଼େ ନିସ୍ତବ୍ଧ ଆଉ ଅନ୍ଧାର ହୋଇଗଲା, ମୁଁ ଝରକାବାଟେ ଚୁପ୍‌କରି ଖସିଗଲି। ତା'ପରେ ଖୁବ୍ ଧୀରେ ପାଦ ଚିପି ଚିପି ସେଇ ରହସ୍ୟମୟ ଘର ପାଖକୁ ଚାଲିଲି।

Digitized by srujanika@gmail.com

"କହିଛି ତ, ଝରକାରେ ଖୁବ୍ ମୋଟା ପରଦା ଭଲଭାବେ ଦିଆଯାଇଥିଲା; ଏବେ ଦେଖିଲି କବାଟଗୁଡ଼ା ମଧ୍ୟ ବନ୍ଦ କରାହୋଇଛି। ତା' ଭିତରୁ ଗୋଟେ କବାଟର ଫାଟବାଟେ ଅଳ୍ପ ଆଲୁଅ ଦେଖାଯାଉଥିଲା। ତେଣୁ ମୁଁ ସେଇଠିକି ଯାଇ ଦେଖିବି ବୋଲି ଠିକ୍ କଲି। ଭାଗ୍ୟକୁ ପରଦା ଦି'ଟା ପୂରା ଟଣା ହୋଇ ନ ଥିଲା, ଆଉ କବାଟ ପଟାରେ ଗୋଟେ ଫାଟ ଥିଲା। ସେଇ ବାଟେ ମୁଁ ଘର ଭିତରଟା ଦେଖିପାରିଲି। ଘର ଭିତରେ ଗୋଟେ ଉଜ୍ଜ୍ୱଳ ଲ୍ୟାମ୍ପ୍ ଜଳୁଥିଲା ଆଉ ନିଆଁ ମଧ୍ୟ ଜୋର୍‌ରେ ଜଳୁଥିଲା। ମୋ ସାମନାରେ ସକାଳେ ଦେଖିଥିବା ସେଇ ଲୋକ ବସିଥିଲା। ସେ ସିଗାରେଟ୍ ପାଇପ୍ ମୁହଁରେ ଲଗାଇଥାଏ ଆଉ ଗୋଟେ କାଗଜ ପଢୁଥାଏ।"

"କି କାଗଜ?" – ମୁଁ ପଚାରିଲି।

କଥାରେ ବାଧା ଆସିବାରୁ ମୋ ମହକିଲ ବିରକ୍ତ ହୋଇ କହିଲେ, "ସେଟା ଜାଣିବା କ'ଣ ଦର୍କାର?"

"ସେଟା ନିହାତି ଦର୍କାର।"

"ମୁଁ ସେଟା ଲକ୍ଷ୍ୟ କରିନାହିଁ।"

"ଆପଣ ତ ବୋଧହୁଏ ଲକ୍ଷ୍ୟ କରିଥିବେ କାଗଜଟା ଦୈନିକ ଖବରକାଗଜ ପରି ବଡ଼ ଆକାରର କି ସାପ୍ତାହିକ କାଗଜ ପରି ଛୋଟ ଆକାରର?"

"ହଁ, ଆପଣ ଏବେ କହିଲାରୁ ମନେପଡୁଛି, ସେଟା ବଡ଼ ନୁହେଁ। ସେଟା ହୁଏତ 'ସ୍ପେକ୍‌ଟାଟର୍' କାଗଜ ହୋଇଥାଇପାରେ। କିନ୍ତୁ ସେ କଥା ଜାଣିବା ପାଇଁ ମୁଁ ମୋଟେ ଭାବୁ ନ ଥିଲି; କାରଣ ଘରଭିତରେ ଝରକାଆଡ଼କୁ ପିଠି କରି ଆଉ ଜଣେ ଲୋକ ବସିଥିଲେ। ମୁଁ ଶପଥକରି କହିପାରେ, ସେ ଗଡ୍‌ଫ୍ରେ। ମୁଁ ଅବଶ୍ୟ ତାଙ୍କ ମୁହଁଟା ଦେଖିପାରୁ ନ ଥିଲି; କିନ୍ତୁ ତାଙ୍କର କାନ୍ଧ ଦି'ଟା ମୋର ବେଶ୍ ପରିଚିତ। ସେ କହୁଣି ଉପରେ ଭରାଦେଇ ବସିଥିଲେ। ସେ ଖୁବ୍ ଦୁଃଖିତ ଥିଲା ପରି ଜଣାପଡୁଥିଲା। ସେ ନିଆଁ ଆଡ଼କୁ ଚାହିଁ ବସିଥାନ୍ତି। ମୁଁ କ'ଣ କରିବି ବୋଲି ଭାବୁଛି, ଏତିକିବେଳେ କେହି ଜଣେ ମୋ କାନ୍ଧରେ ହାତ ମାରିଲା। ବୁଲିପଡ଼ି ଦେଖିଲି, ମୋ ପାଖରେ କର୍ଣ୍ଣେଲ୍ ଏମ୍. ସଉଅରଥ୍।

Digitized by srujanika@gmail.com

''ଖୁବ୍ ଆସ୍ତେ ସେ କହିଲେ, 'ଇଆଡ଼େ।' ସେ ଚୁପ୍‌ଚାପ୍ ଘରଆଡ଼େ ଚାଲିଲେ, ଆଉ ମୁଁ ତାଙ୍କ ପଛେ ପଛେ ମୋ ଶୋଇବା ଘରଯାଏ ଗଲି। ଗଲାବେଳେ ବାଟଘରୁ ସେ ଗୋଟିଏ ଟାଇମ୍ ଟେବୁଲ ବହି ନେଇଗଲେ। ସେଟା ଦେଖି କହିଲେ, 'ସାଢ଼େଆଠଟାବେଳେ ଲଣ୍ଡନ ଯିବାପାଇଁ ଗୋଟେ ଟ୍ରେନ୍ ଅଛି। ଘୋଡ଼ାଗାଡ଼ି ଠିକ୍ ଆଠଟା ବେଳେ ଗେଟ୍ ପାଖରେ ପହଞ୍ଚିବ।'

''ରାଗରେ ସେ ପାଟିଯାଇଥାନ୍ତି। ମୁଁ ବଡ଼ ଅଡୁଆରେ ପଡ଼ିଗଲି। ପାଟିରୁ କଥା ବାହାରିଲା ନାହିଁ, କେବଳ କେତେଟା ଅସ୍ପଷ୍ଟ ଶବ୍ଦରେ ତାଙ୍କୁ କ୍ଷମା ମାଗିଲି। ମୋ ବନ୍ଧୁ ପାଇଁ ମୁଁ ବ୍ୟଗ୍ର ବୋଲି ଜଣାଇଲି।

''ସେ ରୋକ୍‌ଠୋକ୍ ଜବାବ ଦେଲେ, 'ସେକଥା ଆଲୋଚନା କରାଯାଇ ପାରିବ ନାହିଁ। ତୁମେ ଆମ ପରିବାରର ଗୋପନୀୟତା ଉପରେ ହସ୍ତକ୍ଷେପ କରିଛ। ତୁମେ ଏଠିକି ଅତିଥିଭାବରେ ଆସିଥିଲ; କିନ୍ତୁ ଗୁପ୍ତଚରର କାମ କରିଛ। ମୁଁ ଆଉ କିଛି କହୁନାହିଁ, କେବଳ ଏତିକି କହୁଛି– ଆଉ କେବେ ଏଠି ଆସି ମୁହଁ ଦେଖାଇବ ନାହିଁ।'

''ମୁଁ ଆଉ ଧୈର୍ଯ୍ୟ ଧରି ରହିପାରିଲି ନାହିଁ। ଖୁବ୍ ତାତିଉଠି କହିଲି, 'ମୁଁ ଆପଣଙ୍କ ପୁଅକୁ ଦେଖିଛି ଆଉ ନିଶ୍ଚିତ ଯେ ଆପଣ ନିଜର କିଛି ସ୍ୱାର୍ଥ ପାଇଁ ତାଙ୍କୁ ଦୁନିଆ ଆଖିରୁ ଲୁଚାଇରଖିଛନ୍ତି। ତାଙ୍କୁ ଏମିତି ରଖିବାରେ ଆପଣଙ୍କର ଉଦ୍ଦେଶ୍ୟ କ'ଣ ମୁଁ ଜାଣେନା; କିନ୍ତୁ ମୁଁ ନିଶ୍ଚିତ ଯେ ତାଙ୍କର ଆଉ ସ୍ୱାଧୀନତା ନାହିଁ। ଆପଣଙ୍କୁ ସାବଧାନ କରିଦେଉଛି କର୍ଣ୍ଣେଲ୍ ଏମ୍. ସଉଅରଥ୍, ଯେ ପର୍ଯ୍ୟନ୍ତ ମୁଁ ମୋ ବନ୍ଧୁଙ୍କର ନିରାପତ୍ତା ଆଉ ସୁଖ-ସ୍ୱାଚ୍ଛନ୍ଦ୍ୟ ବିଷୟରେ ନିର୍ଭର ଜବାବ ନ ପାଇଛି, ସେଯାଏ ମୁଁ ଏ ରହସ୍ୟର ମୂଳ ଭେଦ କରିବା ଚେଷ୍ଟାରୁ ବିରତ ହେବି ନାହିଁ। ଆପଣ ଯାହା କହନ୍ତୁ, ସେଥିରେ ମୁଁ ଦବିଯିବା ଲୋକ ନୁହେଁ।'

''ମୋ କଥାରେ ବୁଢ଼ା ପିଶାଚ ମୂର୍ତ୍ତି ଧାରଣ କଲେ, ଆଉ ମୁଁ ଭାବିଲି ସେ ମୋତେ ଆକ୍ରମଣ କରିବାକୁ ତିଆର। ସେ ବେଶ୍ ଡେଙ୍ଗା ଆଉ ଗୋଟେ ଅସୁର ପରି। ମୁଁ ଅବଶ୍ୟ ଦୁର୍ବଳ ନୁହେଁ;

Digitized by srujanika@gmail.com

ତଥାପି ତାଙ୍କ ସାଥିରେ ଲଢ଼ିବା ମୋ ପକ୍ଷରେ ବଡ଼ କଠିନ ହୋଇଥାନ୍ତା। ଯାହାହେଉ ମୋ ଆଡ଼େ ବେଶ୍ କିଛି ସମୟ ଆଖି ତରାଟି ଚାହିଁଲାପରେ ସେ ହଠାତ୍ ବୁଲିପଡ଼ି ସେ ଘରୁ ଚାଲିଗଲେ। ଆଉ ମୁଁ ସକାଳ ସାଢ଼େ ଆଠଟାବେଳେ ଟ୍ରେନ୍ ଧରିଲି। ମୋ ଉଦ୍ଦେଶ୍ୟ ହେଲା ସିଧା ଆପଣଙ୍କ ପାଖକୁ ଆସିବି– ଆପଣଙ୍କ ଉପଦେଶ ଆଉ ସାହାଯ୍ୟ ମାଗିବି। ସେଥିପାଇଁ ଆଗରୁ ଆପଣଙ୍କ ପାଖକୁ ଚିଠି ପଠାଇଥିଲି।''

ଏଇ ହେଲା ଆଗନ୍ତୁକ ଜେମ୍‌ସ ଡଡ୍ ମୋ ଆଗରେ ଉପସ୍ଥାପନ କରିଥିବା ସମସ୍ୟା। ଚତୁର ପାଠକମାନେ ବୁଝିପାରୁଥିବେ, ଏ ରହସ୍ୟ ଭେଦ କରିବାରେ ନିଶ୍ଚୟ କେତେକ ଅସୁବିଧା ଅଛି ଆଉ ଏହା କଷ୍ଟକର। କାରଣ ଏ ଘଟଣାର ମୂଳ କେଉଁଠି, ସେକଥା ଚିନ୍ତା କରିବାର ପରିସୀମା ଖୁବ୍ କମ୍। ତଥାପି ଏହା ଏକ ମୌଳିକ ସମସ୍ୟା ଆଉ ଏଥିରେ କେତେକ ନୂତନତ୍ୱ 'ଏବଂ କେତେକ କୌତୂହଳପ୍ରଦ ବିଷୟ ସବୁ ରହିଛି। ତେଣୁ ମୁଁ ଏ ଘଟଣା ମୋ କେଶ୍ ରେକର୍ଡ଼କୁ ଆଣିଛି। ଜେମ୍‌ସ ଡଡ୍‌ଙ୍କ କଥା ଶୁଣିଲାପରେ ମୁଁ ମୋର ବିଶ୍ଳେଷଣ ପଦ୍ଧତି ଆରମ୍ଭ କଲି– ଉଦ୍ଦେଶ୍ୟ, ସମ୍ଭବପର ସିଦ୍ଧାନ୍ତଗୁଡ଼ାକୁ ସୀମିତ କରିବା।

ପଚାରିଲି, ''ସେ ଘରେ ଚାକରବାକର କେତେ ଜଣ ?''

''ମୋର ଯେତେଦୂର ବିଶ୍ୱାସ, ରୋଷେଇଆ ବୁଢ଼ା ଆଉ ତା' ସ୍ତ୍ରୀ– ଏ ଦୁଇଜଣ। ସେମାନେ ଖୁବ୍ ସରଳ ଲୋକ ପରି ଜଣାଗଲେ।''

''ବାହାରେ ଅଲଗା ହୋଇ ଥିବା ସେ ଘରେ କେହି ଚାକରବାକର ନ ଥିଲେ ?''

''କେହି ନାହିଁ, କେବଳ ସେଇ ଦାଢ଼ିବାଲା ଲୋକଟା। ସେ କିନ୍ତୁ ଚାକର ପରି ଜଣାଯାଉ ନ ଥିଲା।''

''ଠିକ୍ ଅଛି। ଆଚ୍ଛା, ଏ ଘରୁ ଖାଇବା ଜିନିଷ ଆଦି ପଠାଯାଉଥିବାର ଆପଣ କିଛି ଲକ୍ଷ୍ୟ କରିଛନ୍ତି ?''

''ହଁ, ଆପଣ କହିଲାରୁ ମନେପଡ଼ିଲା। ବୁଢ଼ା ରାଲଫ୍ ଗୋଟେ ବାସ୍କେଟ୍ ଧରି ବଗିଚାବାଟେ ସେ ଘରକୁ ଯିବାର ମୁଁ ଦେଖିଛି। ସେଥିରେ ଖାଇବା ଜିନିଷ ନେଉଥିବ ବୋଲି ମୁଁ ସେତେବେଳେ ଭାବି ପାରି ନ ଥିଲି।''

Digitized by srujanika@gmail.com

"ଆପଣ ସେ ଆଖପାଖରେ କିଛି ଅନୁସନ୍ଧାନ କରିଥିଲେ ?"

"ହଁ, ମୁଁ ଷ୍ଟେସନ୍ ମାଷ୍ଟର୍‌ଙ୍କ ସାଥିରେ କଥାବାର୍ତ୍ତା କରିଥିଲି। ଗାଁର ହୋଟେଲବାଲା ସାଥିରେ ବି କଥାବାର୍ତ୍ତା କରିଥିଲି। ସେମାନେ କହିଲେ ଯେ ସେ ପୃଥିବୀ ପରିଭ୍ରମଣରେ ଯାଇଛନ୍ତି। ସେ ଘରକୁ ଫେରିଥିଲେ; କିନ୍ତୁ ସାଙ୍ଗେ ସାଙ୍ଗେ ପୁଣି ଚାଲିଗଲେ। ସେ ଅଞ୍ଚଳର ସମସ୍ତେ ମଧ୍ୟ ଏକଥା ବିଶ୍ୱାସ କରନ୍ତି।"

"ଆପଣଙ୍କ ସନ୍ଦେହ କଥା ସେମାନଙ୍କୁ କିଛି କହିଥିଲେ ?"

"ନା, କିଛି କହିନାହିଁ।"

"ଖୁବ୍ ଭଲ କରିଛନ୍ତି। ଏ ଘଟଣାର ନିଶ୍ଚୟ ଅନୁସନ୍ଧାନ କରାଯିବ। ମୁଁ ଆପଣଙ୍କ ସାଥିରେ ଟକ୍‌ସ୍‌ବେରୀ ଓଲ୍‌ଡ଼ ପାର୍କ ଯିବି।"

"କ'ଣ ଆଜି ?"

ସେତେବେଳକୁ ମୋ ହାତରେ ଗୋଟେ ଗୁରୁତ୍ୱପୂର୍ଣ୍ଣ କେଶ୍ ଥାଏ। ଗ୍ରେମିନିଷ୍ଟର୍‌ର ଡିଉକ୍ ସେଥିରେ ସଂପୃକ୍ତ ଥିଲେ। ତା' ଛଡ଼ା ତୁରସ୍କର ସୁଲତାନ ବି ଗୋଟେ ସମସ୍ୟାର ସମାଧାନ ଲାଗି ମୋତେ ଅନୁରୋଧ କରିଥାନ୍ତି। ସେ ବାବଦରେ ତୁରନ୍ତ କାମ ନ କଲେ ରାଜନୈତିକ ବିପର୍ଯ୍ୟୟ ଘଟିଯାଇପାରେ। ତେଣୁ ସପ୍ତାହେ ପର୍ଯ୍ୟନ୍ତ ମୁଁ ବାହାରି ପାରିଲି ନାହିଁ। ତା' ପର ସପ୍ତାହ ଆରମ୍ଭରେ ମୁଁ ମିଷ୍ଟର୍ ଜେମ୍‌ସ୍ ଡଡ୍‌ଙ୍କ ସାଥିରେ ବେଡଫୋର୍ଡ ସାୟାର୍ ଯିବାକୁ ବାହାରିଲି। ବାଟରେ ଇଭଷ୍ଟନ୍‌ରୁ ଜଣେ ଭଦ୍ରଲୋକଙ୍କୁ ସାଥିରେ ନେଲୁ। ମୁଁ ଆଗରୁ ତାଙ୍କୁ ଲେଖି ସବୁ ବ୍ୟବସ୍ଥା କରିଥିଲି। ମିଷ୍ଟର୍ ଡଡ୍‌କୁ କହିଲି, "ଏ ମୋର ଜଣେ ପୁରୁଣା ବନ୍ଧୁ। ତାଙ୍କ ଉପସ୍ଥିତି ସେଠାରେ ଦର୍କାର ନ ହୋଇପାରେ କିମ୍ବା ନିହାତି ଦର୍କାର ହୋଇପାରେ। ଏବେ ସେ ଘଟଣା ବିଷୟରେ ଆଉ କିଛି ଆଲୋଚନା ଦର୍କାର ନାହିଁ।"

ଡାକ୍ତର ଉଆଟ୍‌ସନ୍‌ଙ୍କ ଲେଖାରୁ ପାଠକମାନେ ନିଶ୍ଚୟ ଜାଣିଥିବେ ଯେ ମୁଁ ଅକାରଣରେ କିଛି କଥା କହେ ନାହିଁ କିମ୍ବା କୌଣସି କେଶ୍ ବିଚାର କଲାବେଳେ ମୋ ଭାବନା କାହା ଆଗରେ ପ୍ରକାଶ କରେ ନାହିଁ। ମୋର ଏ ଢଙ୍ଗ ଦେଖି ଡଡ୍ ବିସ୍ମିତ ହୋଇଗଲେ; କିନ୍ତୁ କିଛି କହିଲେ ନାହିଁ। ଆମେ ତିନିଜଣ ଆଗେଇଲୁ। ଟ୍ରେନ୍‌ରେ ମୁଁ ଡଡ୍‌ଙ୍କୁ

Digitized by srujanika@gmail.com

ଆଉ ଗୋଟେ ପ୍ରଶ୍ନ ପଚାରିଲି। ଆମ ସାଥୀ ସେ କଥା ଶୁଣିବା ମୋର ଉଦ୍ଦେଶ୍ୟ।

ତତ୍‌କ୍ଷଣାତ୍ କହିଲି, ''ଆପଣ କହୁଛନ୍ତି ଯେ ଝରକା ପାଖରେ ଆପଣଙ୍କ ବନ୍ଧୁଙ୍କ ମୁହଁ ପରିଷ୍କାର ଦେଖିଛନ୍ତି। ତେଣୁ ସେ ଆପଣଙ୍କ ବନ୍ଧୁ ବୋଲି ଆପଣ ନିଶ୍ଚିତ ?''

''ସେଥିରେ ମୋର ଟିକିଏ ହେଲେ ସନ୍ଦେହ ନାହିଁ। ତାଙ୍କ ନାକଟା କାଚରେ ଘଷିହୋଇ ରହିଥିଲା। ଲ୍ୟାମ୍ପ୍ ଆଲୁଅଟା ତାଙ୍କ ଉପରେ ପରିଷ୍କାର ପଡ଼ିଥିଲା।''

''ତାଙ୍କ ସହିତ ସାଦୃଶ୍ୟ ଥିବା ଅନ୍ୟ କେହି ହୋଇପାରନ୍ତି ?''

''ନା ନା, ସେ ନିଜେ।''

''କିନ୍ତୁ ଆପଣ କହିଲେ, ସେ ବଦଳିଯାଇଥିଲେ।''

''କେବଳ ଦେହର ରଙ୍ଗଟା। ତାଙ୍କ ମୁହଁଟା ମାଛର ପେଟ ପରି ଧଳା ହୋଇଯାଇଥିଲା।''

''ଦେହର ଚାରିଆଡ଼ କ'ଣ ସମାନଭାବରେ ଧଳା ହୋଇଯାଇଥିଲା ?''

''ମୁଁ ଭାବୁଛି ତା' ନୁହେଁ। ମୁଁ ତାଙ୍କ ଆଖିପତା ଦି'ଟା ପରିଷ୍କାର ଦେଖିଛି।''

''ଆପଣ ତାଙ୍କୁ ଡାକିଥିଲେ ?''

''ନା, ସେ ମୁହୂର୍ତ୍ତରେ ମୁଁ ଭୟରେ ଚମକିପଡ଼ିଲି। ପରେ ଦଉଡ଼ି ଧରି ତାଙ୍କୁ ଅନୁସରଣ କଲି, କିନ୍ତୁ କିଛି ଫଳ ମିଳିଲା ନାହିଁ।''

ମୋର ଏ କେଶ୍‌ର ସମାଧାନ ପ୍ରାୟ ଶେଷ ହେବା ଉପରେ ହୋଇଗଲା। ତାକୁ ପୂର୍ଣ୍ଣ କରିବା ପାଇଁ ଆଉ ଗୋଟେ ଛୋଟ କଥା ରହିଲା। ଷ୍ଟେସନରୁ ଗୋଟେ ଗାଡ଼ି ନେଇ ଆମେ ବାହାରିଲୁ। ବେଶ୍ କିଛି ସମୟ ପରେ ମୋ ମହକିଲ ବର୍ଣ୍ଣନା କରିଥିବା ଘର ପାଖରେ ପହଞ୍ଚିଲୁ। ବୁଢ଼ା ରୋଷେଇଆ ଦରଜା ଖୋଲିଦେଲା। ଗାଡ଼ିଟା ମୁଁ ଦିନଯାକ ପାଇଁ ଭଡ଼ାରେ ନେଇଥିଲି। ମୋ ସାଙ୍ଗ ଭଦ୍ରଲୋକଙ୍କୁ ସେ ଗାଡ଼ିରେ ଅପେକ୍ଷା କରିବାକୁ କହିଲି। ଦରକାର ହେଲେ ମୁଁ ତାଙ୍କୁ ଡକାଇବି ବୋଲି କହିଲି। ରୋଷେଇଆ ବୁଢ଼ା ରାଲଫର ବେଶଭୂଷା ସାଧାରଣ; କେବଳ ଗୋଟେ ଅସାଧାରଣ ଜିନିଷ ଲକ୍ଷ୍ୟ କଲି— ହାତରେ ସେ

Digitized by srujanika@gmail.com

ଦୁଇଟା ମାଟିଆ ଚମଡ଼ା ଗ୍ଲୋଭସ୍ ପିନ୍ଧିଥିଲା। ଆମକୁ ଦେଖି ତରତରରେ ସେଗୁଡ଼ା ବାହାର କରି ବାଟଘର ଟେବୁଲ ଉପରେ ଥୋଇଦେଲା। ମୋ ବନ୍ଧୁ ଉଆଟ୍ସନ୍ ତାଙ୍କ ଲେଖାରେ ବୋଧହୁଏ କେଉଁଠି ଲେଖିଥିବେ ଯେ ମୋର ଘ୍ରାଣଶକ୍ତି ଖୁବ୍ ବେଶି। ଗୋଟେ ଖୁବ୍ କ୍ଷୀଣ ଗନ୍ଧ ମୁଁ ବାରିପାରିଲି। ଗନ୍ଧଟା ବାଟଘର ଟେବୁଲ ଉପରୁ ଆସିଲା ପରି ଲାଗିଲା। ମୁଁ ବୁଲିପଡ଼ି ମୋ ମୁଣ୍ଡର ଟୋପିଟା ଟେବୁଲ ଉପରେ ରଖି ଦେଉ ଦେଉ ଜାଣି ଜାଣି ତଳେ ପକାଇଦେଲି। ତା'ପରେ ଲଇଁ ପଡ଼ି ସେଟା ଉଠାଉ ଉଠାଉ ଟେବୁଲ ପାଖରେ ନାକ ଲଗାଇଦେଲି। ଗନ୍ଧଟା ନିଶ୍ଚୟ ସେ ଗ୍ଲୋଭସ୍‌ରୁ ଆସୁଥିଲା। ମୁଁ କର୍ଣ୍ଣେଲ୍‌ଙ୍କ ପଢ଼ାଘରକୁ ଚାଲିଲି। ସେତେବେଳକୁ ମୋ କେଶ୍‌ର ସମାଧାନ ମୁଁ କରିସାରିଥିଲି। ମୁଁ ମୋ ନିଜକଥା ଲେଖୁଛି ବୋଲି ସବୁ ଖୋଲାଖୋଲି ଲେଖିବାକୁ ପଡୁଛି। ଡାକ୍ତର ଉଆଟ୍ସନ୍ ହୋଇଥିଲେ କେତେକଥା ଗୋପନ ରଖି ନାଟକୀୟ ପରିସ୍ଥିତି ସୃଷ୍ଟି କରିଥାନ୍ତେ।

କର୍ଣ୍ଣେଲ୍ ଏମ୍. ସଉଅରଥ୍ ସେ ରୁମ୍‌ରେ ନ ଥିଲେ; କିନ୍ତୁ ରାଇଫଠାରୁ ଖବର ପାଇ ଶୀଘ୍ର ଆସିଲେ। ବାରଣ୍ଡାରେ ତାଙ୍କର ଦୁମ୍‌ଦୁମ୍ ପାଦଶବ୍ଦ ଶୁଭିଲା। ଦରଜା ଖୋଲି ସେ ଘରଭିତରକୁ ମାଡ଼ିଆସିଲେ। ଏମିତିକା ଭୟଙ୍କର ଲୋକ ମୁଁ କେବେ ଦେଖି ନ ଥିଲି। ଆମ କାର୍ଡ ଦି'ଟା ହାତରେ ଧରିଥାନ୍ତି। ତାକୁ ଚିକିଚିକି କରି ଚିରି ଗୋଡ଼ରେ ଦଳିପକାଇଲେ।

ରାଗରେ ଗର୍ଜିଉଠି କହିଲେ, ''ବଦ୍‌ମାସ୍, ସଇତାନ, ଏଠିକି ଆସିବାକୁ ତୋତେ ମନାକରିଥିଲି ନା? ପୁଣି ଆସିଛୁ? ଚାଲିଯା ଏଠୁ। ଆଉ ଯଦି କେବେ ଆସୁ ତେବେ ମୋ କାମ କରିବି। ଦରକାର ହେଲେ, ତୋତେ ଗୁଳି କରିଦେବି।'' ତା'ପରେ ମୋ ଆଡ଼କୁ ମୁହଁ ବୁଲାଇ କହିଲେ, ''ଆଉ ଆପଣ ମହାଶୟ, ଆପଣଙ୍କୁ ବି ସାବଧାନ କରିଦେଉଛି। ମୁଁ ଆପଣଙ୍କର ନାଁ ଆଉ ଆପଣଙ୍କର ନୀଚ ବ୍ୟବସାୟ କଥା ଜାଣେ। ହେଲେ ଆପଣଙ୍କ ବିଦ୍ୟା ବୁଦ୍ଧି ଆଉ କେଉଁଠି ଦେଖାଇବେ— ଏଠି ସେସବୁ ଚଳିବ ନାହିଁ।''

ଏଥିରେ ମୋ ମହକିଲ ଦବି ନଯାଇ ଦୃଢ଼ସ୍ୱରରେ କହିଲେ, ''ଗଡ୍‌ଫ୍ରେଙ୍କୁ ଅଟକ କରି ରଖାଯାଇନାହିଁ ବୋଲି ତାଙ୍କ ନିଜ ମୁହଁରୁ ନ ଶୁଣିବାଯାଏ ମୁଁ ଏଠୁ ଇଞ୍ଚେ ହେଲେ ଘୁଞ୍ଚିବି ନାହିଁ।''

Digitized by srujanika@gmail.com

''ଘୁଞ୍ଚିବୁ ନାହିଁ?'' ଏତିକି କହି କର୍ଣ୍ଣେଲ୍ କଲିଂବେଲ୍‌ର ବୋତାମରେ ହାତ ମାରିଲେ। ତା'ପରେ କହିଲେ, ''ରାଲଫ୍, ଥାନାକୁ ଫୋନ୍ କରିଦିଅ। ଇନ୍‌ସପେକ୍ଟରଙ୍କୁ କହିବ, ଆମ ଘରେ ଡକାୟତ ପଶିଛନ୍ତି; ଶୀଘ୍ର ଦି'ଜଣ କନେଷ୍ଟବଳ ପଠାଇବେ।''

ଚଟ୍‌କରି ମୁଁ କହିଲି, ''ଟିକିଏ ଅପେକ୍ଷା କରନ୍ତୁ। ଆପଣଙ୍କର ଜାଣିରଖିବା ଉଚିତ ମିଷ୍ଟର୍ ଡଡ୍ ଯେ କର୍ଣ୍ଣେଲ୍‌ଙ୍କ ଘରେ କିଛି କରିବାର ଆଇନଗତ ଅଧିକାର ଆମର ନାହିଁ। କର୍ଣ୍ଣେଲ୍ ମଧ ବୁଝିବା ଉଚିତ ଯେ ଆପଣ ଯାହା କରୁଛନ୍ତି ତା' କେବଳ ତାଙ୍କ ପୁଅପ୍ରତି ଆପଣଙ୍କର ଗଭୀର ସ୍ନେହ ଦୃଷ୍ଟିରୁ। ମୁଁ ଆଶାକରେ, କର୍ଣ୍ଣେଲ୍ ଯଦି ମୋ ସାଥିରେ ପାଞ୍ଚମିନିଟ୍ କଥାବାର୍ତ୍ତା କରିବାକୁ ସମୟ ଦେବେ, ତାଙ୍କର ମତିଗତି ବଦଳିଯିବ।''

''କୌଣସିଥିରେ ବଦଳିବା ଲୋକ ମୁଁ ନୁହେଁ। ଠିଆହୋଇ ଚାହିଁଛ କ'ଣ ରାଲଫ୍? ମୁଁ ଯାହା କହିଲି, କର। ଶୀଘ୍ର ଥାନାକୁ ଫୋନ୍ କର।''

ଦରଜା ପାଖରେ ଠିଆହୋଇପଡ଼ି ମୁଁ କହିଲି, ''ତା' କରନ୍ତୁ ନାହିଁ କର୍ଣ୍ଣେଲ୍। ପୋଲିସ ଏଠିକି ଆସିଲେ ଆପଣ ଯେଉଁଥିପାଇଁ ଡରୁଛନ୍ତି, ସେଇଥିରେ ପଡ଼ିଯିବେ।'' ପକେଟ୍‌ରୁ ଖଣ୍ଡେ ଛୋଟ କାଗଜ ବାହାର କରି ସେଥିରେ କେବଳ ଗୋଟିଏ ଶବ୍ଦ ଲେଖି ତାଙ୍କ ହାତକୁ ବଢ଼ାଇ ଦେଇ କହିଲି, ''ଏଇଥିପାଇଁ ଆମେ ଏଠିକି ଆସିଛୁ।''

ଲେଖାଟା ଦେଖି ସେ କାଠ ପାଲଟିଗଲେ। ତାଙ୍କର ସେ ଭୀଷଣ ରୂପ, ସେ କ୍ରୋଧ କୁଆଡ଼େ ଉଭେଇଗଲା। ଲଥ୍‌କରି ଚଉକିଟାରେ ବସିପଡ଼ି ଦୀର୍ଘଶ୍ୱାସ ପକାଇ ସେ କହିଲେ, ''ଆପଣ କେମିତି ଜାଣିଲେ?''

''ବିଭିନ୍ନ କଥା ଜାଣିବା ହେଲା ମୋର ବ୍ୟବସାୟ। ସେଇ ମୋର ଧନ୍ଦା।''

ଟିକିଏ ଭାବି ସେ କହିଲେ, ''ହଉ, ଆପଣ ଯଦି ଗଡ୍‌ଫ୍ରେକୁ ଦେଖିବାକୁ ଚାହାନ୍ତି ତେବେ ଦେଖିବେ; ହେଲେ ଭଲ ମନ୍ଦ ପାଇଁ ମୁଁ ଦାୟୀ ନୁହେଁ। ଆପଣ ମୋତେ ବାଧ୍ୟ କରୁଛନ୍ତି। ରାଲଫ୍, ଯା, ମିଷ୍ଟର୍ ଗଡ୍‌ଫ୍ରେ ଆଉ ମିଷ୍ଟର୍ କେଣ୍ଟଙ୍କୁ କହିଦେବ, ପାଞ୍ଚ ମିନିଟ୍ ପରେ ଆମେ ତାଙ୍କ ପାଖକୁ ଯିବୁ।''

Digitized by srujanika@gmail.com

ଠିକ୍ ପାଞ୍ଚମିନିଟ୍ ପରେ ଆମେ ସେ ରହସ୍ୟମୟ ଘର ପାଖରେ ପହଞ୍ଚିଲୁ । ଦରଜା ପାଖରେ ସେଇ ଦାଢ଼ିବାଲା ଲୋକଟା ଠିଆହୋଇଥିଲା । ସେ ଖୁବ୍ ବିସ୍ମିତ ହେଲାପରି ଜଣାଯାଉଥିଲା । କହିଲା, ''ହଠାତ୍ ଏମିତି କ'ଣ କଲେ କର୍ଣ୍ଣେଲ୍ ? ଏଥିରେ ଆମର ଯୋଜନାସବୁ ବିଗିଡ଼ିଯିବ ।''

''ମୋର ଆଉ କିଛି ଉପାୟ ନାହିଁ ମିଷ୍ଟର୍ କେଣ୍ଟ୍ ! ଆମକୁ ବାଧ୍ୟ ହୋଇ ଯା କରିବାକୁ ହେଲା । ଗଡ୍‌ଫ୍ରେ ଆମ ସାଥିରେ ଦେଖାକରି ପାରିବ ?''

''ହଁ, ସେ ଭିତରେ ଅପେକ୍ଷା କରିଛନ୍ତି ।'' ସେ ଆମକୁ ଘର ଭିତରକୁ ନେଇଗଲେ । ନିଆଁ ଆଡ଼କୁ ପିଠି କରି ଜଣେ ଲୋକ ଠିଆହୋଇଥିଲେ । ତାଙ୍କୁ ଦେଖି ମୋ ମହକିଲ ହାତ ଲମ୍ବାଇ ତାଙ୍କ ଆଡ଼କୁ ଡେଇଁପଡ଼ିଲେ ଓ ଆନନ୍ଦରେ ଚିତ୍କାର କରି କହିଲେ, ''ଆରେ, ଗଡ୍‌ଫ୍ରେ !''

ଅନ୍ୟ ଭଦ୍ରଲୋକ ହାତ ଠାରି ତାଙ୍କୁ ଆଗେଇବାକୁ ବାରଣ କଲେ । ଗଡ୍‌ଫ୍ରେ କହିଲେ, ''ମୋତେ ଛୁଅଁନା ଜିମି ! ଦୂରେଇ ରହ । ହଁ, ମୋତେ ଚାହିଁ ଦେଖିପାର । ମୁଁ କ'ଣ ବି ସ୍କାଡ୍ରାନ୍‌ର ଲାନ୍‌ସ କର୍‌ପୋରାଲ୍ ଏମ ସଉଅରଥ୍ ପରି ଦେଖାଯାଉଛି ?''

ତାଙ୍କ ଚେହେରା ପ୍ରକୃତରେ ଅତି ଅସାଧାରଣ ଦେଖାଯାଉଥିଲା । ଯେ କେହି ଦେଖିଲେ କହିବ ସେ ଖୁବ୍ ସୁନ୍ଦର ଥିଲେ । ଆଫ୍ରିକାର ପ୍ରଖର ସୂର୍ଯ୍ୟ-ଉତ୍ତାପରେ ଦେହର ରଙ୍ଗ ତମ୍ବାଳିଆ ହୋଇଯାଇଛି । କିନ୍ତୁ ତା' ଉପରେ ଏକ ବିଚିତ୍ର ପ୍ରକାରର ଧଳା ଚିହ୍ନସବୁ । ଚମଡ଼ାଟା ଧୋବଲା ହୋଇଯାଇଛି । ସେ ପୁଣି କହିଲେ, ''ସେଇଥିପାଇଁ ମୁଁ କାହାକୁ ଦେଖାଦେଉନାହିଁ । ତୁମେ ଆସିଲ, ମୁଁ କିଛି ଭାବୁନାହିଁ; କିନ୍ତୁ ତୁମ ବନ୍ଧୁ ! ମୁଁ ଭାବୁଛି, ସେ ଆସିବାର ନିଶ୍ଚୟ ଯଥେଷ୍ଟ କାରଣ ଅଛି; ହେଲେ ତୁମେ ମୋତେ ଅସୁବିଧାରେ ପକାଇଦେଲ ।''

''ତୁମେ ଭଲରେ ଅଛ ବୋଲି କେବଳ ମୁଁ ଜାଣିବାକୁ ଚାହିଁଥିଲି । ସେଦିନ ରାତିରେ ତୁମେ ଯେତେବେଳେ ଝରକାବାଟେ ଚାହିଁଲ, ମୁଁ ତୁମକୁ ଦେଖିଲି ଆଉ ତୁମ ବିଷୟରେ ସଠିକ୍ ନଜାଣିବାଯାଏ ମୁଁ ସ୍ଥିର ହୋଇ ରହିପାରିଲି ନାହିଁ ।''

Digitized by srujanika@gmail.com

"ତୁମେ ଏଠିକି ଆସିଛ ବୋଲି ରାଲଫ୍ ମୋତେ କହିଲା। ମୁଁ ତୁମକୁ ଦେଖିବାର ଲୋଭ ସମ୍ଵରଣ କରିପାରିଲି ନାହିଁ। ଭାବିଥିଲି, ତୁମେ ମୋତେ ଦେଖି ନ ଥିବ। କିନ୍ତୁ ଯେତେବେଳେ ଝରକା ଫିଟିବାର ଶୁଣିଲି ଏଠିକି ଦୌଡ଼ି ପଳାଇ ଆସିଲି।"

"କିନ୍ତୁ ସତ କହ, ଘଟଣା କ'ଣ ?"

ସେ ଖଣ୍ଡେ ସିଗାରେଟ୍ ଲଗାଇ କହିଲେ, "ବେଶୀ କିଛି କହିବାର ନାହିଁ। ତୁମର ମନେଥିବ, ସେଦିନ ସକାଳେ ପ୍ରେଟୋରିଆ ପାଖରେ ଯେଉଁ ଯୁଦ୍ଧ ହେଲା। ମୁଁ ସେଠି ଆହତ ହୋଇଥିବା କଥା ତୁମେ ଶୁଣିଥିଲ ?"

"ହଁ, ମୁଁ ଶୁଣିଥିଲି; କିନ୍ତୁ ଠିକିନିଖି ଖବର କିଛି ପାଇ ନ ଥିଲି।"

"ତୁମେ ତ ଜାଣ ସେତେବେଳେ ସେଠିକାର ଅବସ୍ଥା କ'ଣ ଥିଲା। ଆମେ ସିମ୍ପସନ୍, ଆଣ୍ଡରସନ୍ ଆଉ ମୁଁ ପରସ୍ପରଠାରୁ ଅଲଗା ହୋଇଗଲୁ। ଆମେ ବୁଅର୍‌କୁ ସଫା କରିଦେବାକୁ ଚେଷ୍ଟା କରୁଥିଲୁ; କିନ୍ତୁ ସେ ଆମ ତିନି-ଜଣଙ୍କୁ କାବୁ କରିଦେଲା। ସେ ଦି'ଜଣ ମରିଗଲେ। ମୋ କାନ୍ଧରେ ଗୋଟେ ବୁଲେଟ୍ ବସିଗଲା। ମୁଁ କିନ୍ତୁ କୌଣସି ପ୍ରକାରେ ଘୋଡ଼ା ପିଠିରେ ବସିରହିଲି ଆଉ ଘୋଡ଼ାଟା ଖୁବ୍ ଜୋର୍‌ରେ ଦୌଡ଼ି ଅନେକ ଦୂର ଚାଲିଗଲା। ତା'ପରେ ମୁଁ ଅଚେତ ହୋଇ ତଳେ ଗଡ଼ିପଡ଼ିଲି।

"ମୋର ଚେତା ଆସିଲାବେଳକୁ ରାତି ହୋଇଯାଇଥିଲା। ବଡ଼ କଷ୍ଟରେ ଉଠି ବସିଲି। ଭାରି ଦୁର୍ବଳ ଲାଗୁଥାଏ। ହଠାତ୍ ଦେଖିଲି ମୋ ପଛପାଖେ ଅଳ୍ପ ବାଟରେ ଗୋଟେ ବଡ଼ ଘର। ଆଗରେ ଗୋଟେ ଚଉଡ଼ା ବାରଣ୍ଡା, ଆଉ ଘରେ ଗୁଡ଼ାଏ ଝରକା। ଭୀଷଣ ଥଣ୍ଡା ହେଉଥାଏ। ତୁମେ ତ ଜାଣ, ସନ୍ଧ୍ୟା ହେଲେ ସେଠି କି ପ୍ରବଳ ଥଣ୍ଡା ହୁଏ। ମୋ ହାଡ଼ ଥରିଉଠୁଥାଏ। ସେ ଘରଯାଏ ଯାଇ କୌଣସି ପ୍ରକାରେ ପଡ଼ିଯିବି ବୋଲି ଏକମାତ୍ର ଆଶା। ମୁଁ ବହୁ କଷ୍ଟରେ ଚଳି ଚଳି ଘୋଷାରି ହେଲାପରି ଚାଲିଲି। କ'ଣ କରୁଛି କିଛି ଜାଣିପାରୁ ନ ଥାଏ। ମୋର ସାମାନ୍ୟ ମନେପଡୁଛି, ମୁଁ ଧୀରେ ଧୀରେ ପାହାଚଗୁଡ଼ା ଉଠି ଗୋଟେ ଖୋଲା ଦରଜାବାଟେ ଘର ଭିତରକୁ ପଶିଲି। ସେ

Digitized by srujanika@gmail.com

ବଡ଼ ଘରଟା ଭିତରେ ଗୁଡ଼ାଏ ଖଟ ପଡ଼ିଥିଲା। ମୁଁ ଟିକିଏ ଆଶ୍ୱସ୍ତ ହୋଇ ଗୋଟେ ଖଟ ଉପରେ ପଡ଼ିଗଲି। ଖଟଟା ଆବଡ଼ାଖାବଡ଼ା; କିନ୍ତୁ ମୁଁ ସେଥିପାଇଁ କିଛି ଭାବିଲି ନାହିଁ। ମୋ ଦେହ ଶୀତରେ ଥରୁଥାଏ। ସେ ଖଟ ଉପରେ ଯାହା ଲୁଗାପଟା ଥିଲା ଦେହ ଉପରେ ପକାଇଦେଇ ଶୋଇପଡ଼ିଲି। ଚାହୁଁ ଚାହୁଁ ଗାଢ଼ନିଦ ହୋଇଗଲା।

''ନିଦ ଭାଙ୍ଗିଲାବେଳକୁ ସକାଳ। ଜଣାଗଲା ମୁଁ ଯେମିତି ଗୋଟେ ଭୟଙ୍କର ସ୍ୱପ୍ନ-ରାଇଜ ଭିତରେ। ଝରକାଗୁଡ଼ାକରେ ପରଦା ନ ଥାଏ। ଘର ଭିତରେ ପରିଷ୍କାର ସୂର୍ଯ୍ୟକିରଣ ପଡ଼ିଥାଏ। ଘରଟାର ସବୁ ଜିନିଷ ଦେଖାଯାଉଥାଏ। ଦେଖିଲି ମୋ ଆଗରେ ଜଣେ ଖୁବ୍ ମୋଟା ଲୋକ। ତାଙ୍କ ମୁଣ୍ଡଟା ଖୁବ୍ ବଡ଼। ସେ ଡଚ୍ ଭାଷାରେ କ'ଣ ଗୁଡ଼େ ବକର ବକର ହୋଇ କହୁଥାନ୍ତି ଓ ଦି'ଟା ଭୟଙ୍କର ହାତ ହଲାଇବାରେ ଲାଗିଥାନ୍ତି। ସେ ଦି'ଟା ଠିକ୍ ଷଂଢ଼ ପରି ଦେଖାଯାଉଥାଏ। ତାଙ୍କ ପଛରେ ଦଳେ ଲୋକ ଠିଆହୋଇଥାନ୍ତି ଓ ମୋତେ ଦେଖି ସେମାନେ ଯେମିତି ଖୁସି। କିନ୍ତୁ ତାଙ୍କୁ ଦେଖି ମୋ ଦେହ ବରଫ ପରି ଶୀତଳ ହୋଇଗଲା। ତାଙ୍କ ଭିତରୁ କେହି ଜଣେ ହେଲେ ସାଧାରଣ ଲୋକ ପରି ଦିଶୁ ନ ଥିଲା। ପ୍ରତ୍ୟେକ ଲୋକର ଅଙ୍ଗପ୍ରତ୍ୟଙ୍ଗ ବଙ୍କା କିମ୍ବା ବିକୃତ ହୋଇଯାଇଛି। ସେମାନଙ୍କ ହସରେ ମୁଁ ଡରିଗଲି।

''ତାଙ୍କ ଭିତରୁ କେହି ଇଂରାଜୀ କହି ପାରୁ ନ ଥାନ୍ତି। କିନ୍ତୁ ପରିସ୍ଥିତିଟା ତାଙ୍କୁ ବୁଝାଇବା ନିହାତି ଦରକାର; କାରଣ ସେଇ ବଡ଼ମୁଣ୍ଡିଆ ଲୋକଟା ଭୀଷଣ ରାଗିଯାଇ ଚିତ୍କାର କରୁଥାଏ। ତା'ପରେ ତା ବିକୃତ ହାତ ଦି'ଟା ମୋ ଉପରେ ଥୋଇ ମୋତେ ଖଟ ଉପରୁ ଟାଣିନେଲା। ମୋ କ୍ଷତରୁ ପୁଣି ରକ୍ତ ବୋହିଯାଉଥାଏ; ସେ ଆଡ଼କୁ ତା'ର ଖାତିର ନ ଥାଏ। ଛୋଟ ହେଲେ ବି ଲୋକଟାର ଷଣ୍ଢଟାକର ବଳ। ସେ କ'ଣ କରିଥାନ୍ତା କେଜାଣି; କିନ୍ତୁ ଏତିକିବେଳେ ଜଣେ ବୟସ୍କ ଲୋକ ଆସି ପହଞ୍ଚିଗଲେ। ପାଟିତୁଣ୍ଡ ଶୁଣି ସେ ସେଠିକି ଆସିଲେ। ସେ ଡଚ୍ ଭାଷାରେ ଟାଣ ଟାଣ କରି କେତେପଦ କହିଦେଲେ। ମୋତେ ଧରିଥିବା ଲୋକଟା ହଟିଗଲା। ଭଦ୍ରଲୋକ ମୋ ଆଡ଼କୁ ବୁଲିପଡ଼ି ଆଶ୍ଚର୍ଯ୍ୟ ହୋଇ ମୋତେ ଚାହିଁରହିଲେ।

Digitized by srujanika@gmail.com

''ଟିକିଏ ପରେ କହିଲେ, 'ଆପଣ ଏଠିକି ଆସିଲେ କେମିତି ? ଟିକିଏ ରହନ୍ତୁ। ଆପଣ ଖୁବ୍ କ୍ଳାନ୍ତ ଜଣାପଡୁଛନ୍ତି, ଆଉ ଆପଣଙ୍କ କାନ୍ଧର ଆଘାତଟାର ଚିକିତ୍ସା ଦର୍କାର। ମୁଁ ଜଣେ ଡାକ୍ତର, ଖୁବ୍ ଶୀଘ୍ର ଏଟା ବ୍ୟାଣ୍ଡେଜ୍ କରିଦେବି। କିନ୍ତୁ ଆପଣ ମହରଗରୁ ଆସି କାନ୍ତାରରେ ପଡ଼ିଲେ। ଆପଣ ଯେଉଁଠି ପହଞ୍ଚିଛନ୍ତି ତା' ଏକ କୁଷ୍ଠରୋଗୀ ଡାକ୍ତରଖାନା; ଆଉ ଆପଣ ଜଣେ କୁଷ୍ଠ ରୋଗୀର ଖଟରେ ଶୋଇଥିଲେ।'

''ଆଉ କିଛି କହିବା ଦର୍କାର ଅଛି କିମି ? ବୋଧହୁଏ ଯୁଦ୍ଧର ଆଶଙ୍କାରେ ଏଇ ବିଚରା ରୋଗୀଙ୍କୁ ସେଠୁ ତା ପୂର୍ବଦିନ ବାହାର କରି ନିଆଯାଇଥିଲା। କିନ୍ତୁ ଇଂରେଜ ସେନାବାହିନୀ ଆଗେଇଯିବାରୁ ତାଙ୍କୁ ପୁଣି ଫେରାଇଅଣାଗଲା। ସେ ବୟସ୍କ ଭଦ୍ରଲୋକ ସେଠାରେ ମେଡିକାଲ୍ ସୁପରିଣ୍ଟେଣ୍ଡେଣ୍ଟ୍। ସେ ମୋତେ କହିଲେ ଯେ, ଯଦିଓ ମୁଁ କୁଷ୍ଠ ରୋଗରେ ଆକ୍ରାନ୍ତ ହେବି, ତଥାପି ମୁଁ ଯାହା କରିପକାଇଛି ସେ ନିଜେ ତା କରିବାକୁ ସାହସ କରିବେ ନାହିଁ। ସେ ମୋତେ ଗୋଟେ ଅଲଗା ରୁମ୍‌କୁ ନେଇ ଚିକିତ୍ସା କଲେ। ସପ୍ତାହକ ଭିତରେ ମୋତେ ପ୍ରେଟୋରିଆ ଡାକ୍ତରଖାନାକୁ ଅଣାଗଲା।

''ଏଇ ହେଲା ମୋ ଦୁର୍ଦ୍ଦଶାର କରୁଣ କାହାଣୀ। ମୁଁ ଆଶା କରିଥିଲି ହୁଏତ କିଛି ହୋଇ ନ ପାରେ, କିନ୍ତୁ ସେ ଆଶା ଦୁରାଶାରେ ପରିଣତ ହେଲା। ମୁଁ ଘରକୁ ଫେରିବାଯାଏ କିଛି ହେଲାନାହିଁ। ତା'ପରେ ମୋ ମୁହଁରେ ଏଇ ଯେଉଁ ଭୟଙ୍କର ଚିହ୍ନ ଦେଖୁଛ, ସେ ବାହାରିପଡ଼ିଲା। ଜାଣିଲି ମୁଁ ଖସିଯାଇ ପାରିଲି ନାହିଁ। କ'ଣ ଆଉ କରିଥାନ୍ତି ? ଏଇ ନିରୋଳା ଅଲଗା ଘରଟାରେ ଆସି ରହିଲି। ଆମର ଯେଉଁ ଦି'ଜଣ ଚାକର ସେମାନେ ଅତି ବିଶ୍ୱସ୍ତ। ମିଷ୍ଟର୍ କେଣ୍ଟ୍ ଜଣେ ଡାକ୍ତର। ସେ ଏ ବିଷୟ ଗୋପନ ରଖିବାକୁ ଶପଥ କରି ମୋ ପାଖରେ ରହିବାକୁ ରାଜି ହେଲେ। ଏଇ ପନ୍ଥାଟା ବେଶ୍ ସହଜ ମନେହେଲା। ଯାର ଆଉ ଗୋଟେ ମାତ୍ର ବିକଳ୍ପ ପନ୍ଥା ଥିଲା। ସେଟା ହେଲା ଘରର ସମସ୍ତଙ୍କୁ ଛାଡ଼ି, ଅଜଣା ଲୋକଙ୍କ ମେଳରେ କୁଷ୍ଠାଶ୍ରମରେ ସାରା ଜୀବନ ପାଇଁ ରହିବା। ଏଠି ରହିବା କଥାଟା ନିହାତି ଗୋପନ ରଖିବା ଦର୍କାର; ତା ନ ହେଲେ ଏ ମଫସଲ ଅଞ୍ଚଳରେ ମଧ ଚାରିଆଡ଼େ ହୁରି ପଡ଼ିଯିବ ଆଉ ମୁଁ ଯେଉଁ କଥାକୁ

Digitized by srujanika@gmail.com

ପ୍ରାଣରେ ଭୟ କରୁଥିଲି, ସେଇ କୁଷ୍ଠାଶ୍ରମକୁ ମୋତେ ଟାଣିନିଆଯିବ। ସେଥିପାଇଁ ଜିମି, ତୁମକୁ ମଧ୍ୟ କିଛି ଜଣାଇ ଦିଆଗଲା ନାହିଁ। କିନ୍ତୁ ବାପା କାହିଁକି ତୁମ ପ୍ରତି ଏତେ କୋମଳ ହେଲେ ମୁଁ ଭାବିପାରୁନାହିଁ।''

ମୋ ଆଡ଼କୁ ହାତଠାରି କର୍ଣ୍ଣେଲ କହିଲେ, ''ଏଇ ଭଦ୍ରଲୋକଙ୍କ ଯୋଗୁଁ ମୁଁ ବାଧହେଲି।'' ମୁଁ ଯେଉଁ କାଗଜଖଣ୍ଡକରେ ଗୋଟେ ଶବ୍ଦ ଲେଖି ତାଙ୍କୁ ଦେଇଥିଲି, ସେ ଖଣ୍ଡ ଖୋଲି ସେ ଟେବୁଲ୍ ଉପରେ ଥୋଇଦେଲେ। ସେଥିରେ ମୁଁ ଲେଖିଥିଲି 'କୁଷ୍ଠ'। ସେ ପୁଣି କହିଲେ, ''ଯେତେବେଳେ ଦେଖିଲି ସେ ଏକଥା ଜାଣନ୍ତି, ଭାବିଲି ସେ ବରଂ ସବୁ ଘଟଣାଟା ଜାଣିବା ନିରାପଦ।''

''ସେଟା ଠିକ୍।'' ଉତ୍ତର ଦେଲି– ''କିଏ ଜାଣେ ଏଥିରୁ କିଛି ଭଲ ଫଳ ମିଳିପାରେ। ମୁଁ ଭାବୁଛି, ମିଷ୍ଟର୍ କେଣ୍ଟଙ୍କ ବ୍ୟତୀତ ଅନ୍ୟ କେହି ଡାକ୍ତର ରୋଗୀକୁ ଦେଖିନାହାନ୍ତି। ଆଚ୍ଛା ମିଷ୍ଟର୍ କେଣ୍ଟ, ମୁଁ ଜାଣେ ଏ ରୋଗଟା ବିଷୁବମଣ୍ଡଳୀୟ ଜଳବାୟୁରେ ବିଶେଷ ହୋଇଥାଏ। ଆପଣଙ୍କର ଏ ରୋଗ ବିଷୟରେ କିଛି ବିଶେଷ ଦକ୍ଷତା ଅଛି?''

ସେ ଟିକିଏ ଟାଣଭାବରେ କହିଲେ, ''ଜଣେ ଡାକ୍ତର ହିସାବରେ ମୋର ଯାହା କିଛି ସାଧାରଣ ଜ୍ଞାନ ଅଛି।''

''ଆପଣଙ୍କର ଦକ୍ଷତା ଅଛି, ସେଥିରେ ମୋର ସନ୍ଦେହ ନାହିଁ। କିନ୍ତୁ ଏ କେଶ୍‌ରେ ଅନ୍ୟ ଜଣେ ଡାକ୍ତରଙ୍କ ମତାମତ ନେବା ନିଶ୍ଚୟ ଭଲ ବୋଲି ଆପଣ ମୋ ସହିତ ଏକମତ ହେବେ। ଆପଣ ତା କରିନାହାନ୍ତି; କାରଣ ଅନ୍ୟ ଜଣକୁ ଦେଖାଇଲେ ସେ ହୁଏତ ରୋଗୀକୁ କୁଷ୍ଠାଶ୍ରମକୁ ପଠାଇବାକୁ ଆପଣଙ୍କୁ ବାଧ କରିଥାନ୍ତେ– ଆପଣ ଏଇ ଭୟ କଲେ।''

କର୍ଣ୍ଣେଲ୍ ଏମ୍ ସଓଅରଥ୍ କହିଲେ, ''ହଁ ସେଇଆ।''

ପରିସ୍ଥିତିଟା ଏଇଆ ହୋଇଥିବ ବୋଲି ମୁଁ ଆଗରୁ କଳ୍ପନା କରିଥିଲି। ତେଣୁ ମୁଁ ସାଥିରେ ଜଣେ ବନ୍ଧୁଙ୍କୁ ନେଇଆସିଛି। ତାଙ୍କ ମତ ଉପରେ ସଂପୂର୍ଣ୍ଣ ନିର୍ଭର କରାଯାଇପାରେ। ମୁଁ ଥରେ ତାଙ୍କର ଗୋଟେ କାମ କରିଥିଲି; ତେଣୁ ସେ ବିଶେଷଜ୍ଞ ଡାକ୍ତରଭାବେ ନ ହେଲେ ବି ଜଣେ ବନ୍ଧୁଭାବରେ କିଛି ଉପଦେଶ ଦେବାକୁ ନିଶ୍ଚୟ ରାଜି ହେବେ। ତାଙ୍କ ନାଁ ସାର୍ ଜେମ୍‌ସ ସଣ୍ଡରସ୍।''

Digitized by srujanika@gmail.com

ମିଷ୍ଟର୍ କେଣ୍ଡ୍‌ଙ୍କ ମୁହଁ ଆନନ୍ଦରେ ଉତ୍‌ଫୁଲ୍ଲ ହୋଇଉଠିଲା। ଲର୍ଡ ରବର୍ଟସ ସାଥିରେ ଦେଖା ହେବାର ସୁଯୋଗ ପାଇଥିଲେ ସେ ବୋଧହୁଏ ଏତେ ଆନନ୍ଦିତ ହୋଇ ନ ଥାନ୍ତେ। କହିଲେ, ‘‘ଏଥିରେ ମୁଁ ଖାଲି ଖୁସି ହେବି ନାହିଁ; ଗର୍ବ ଅନୁଭବ କରିବି।’’

‘‘ତେବେ ମୁଁ ତାଙ୍କୁ ଏଠିକି ଡକାଉଛି। ସେ ଗାଡ଼ି ଭିତରେ ଅଛନ୍ତି। ଏ ଭିତରେ ଆମେ ଆପଣଙ୍କ ଲାଇବ୍ରେରୀ ଘରକୁ ଚାଲିଯିବା କର୍ଣ୍ଣେଲ! ସେଇଠି ମୁଁ ଆପଣଙ୍କ ଆଗରେ ସବୁକଥା ବୁଝାଇଦେବି।’’

ଏଇଠି ଉଆଟ୍‌ସନ୍‌ଙ୍କ ଅନୁପସ୍ଥିତି ମୁଁ ଅନୁଭବ କଲି। ସେ ଥିଲେ ଖୁବ୍ ଚାଲାକ। ପ୍ରଶ୍ନ ପଚାରି ମୋ ସାଧାରଣ ଦକ୍ଷତାକୁ ବହୁତ ବଢ଼େଇଦେଇଥାନ୍ତେ। ମୋ କଥା ମୁଁ ନିଜେ କହିଲାବେଳକୁ ସେ ସୁବିଧା ମୋର ନାହିଁ। ତଥାପି ସେତେବେଳେ ସେମାନଙ୍କ ଆଗରେ ମୋ କାର୍ଯ୍ୟପନ୍ଥା ମୁଁ ଯେମିତି ଭାବେ ପ୍ରକାଶ କରିଥିଲି, ବର୍ତ୍ତମାନ ସେଇଆ କରିବି। ସେଠି ମୋ କଥା ଶୁଣିବାକୁ ସମସ୍ତଙ୍କ ସହିତ ଗଡ୍‌ଫ୍ରେଙ୍କ ମାଆ ମଧ୍ୟ ଉପସ୍ଥିତ ଥିଲେ।

ମୁଁ କହିଲି, ‘‘ମୋ କାର୍ଯ୍ୟପନ୍ଥାର ଆରମ୍ଭ ହେଲା, ଯାହା ଅସମ୍ଭବ ତାକୁ ବାଦ୍ ଦେଲାପରେ ବାକି ଯାହା ରହିଲା ତା’ ଯେତେ ଅସ୍ୱାଭାବିକ ହେଲେ ବି ସତ। ଏଥିରେ ମଧ୍ୟ ବିଭିନ୍ନ ବ୍ୟାଖ୍ୟାନ ରହିପାରେ। ସେପରି ସ୍ଥଳରେ ଗୋଟିକ ପରେ ଗୋଟିଏ ପରୀକ୍ଷା କରି ଦେଖିବାକୁ ହେବ। ଶେଷରେ ସେଥିରୁ ଗୋଟାଏ ସତ ବୋଲି ଯଥେଷ୍ଟ କାରଣ ମିଳିବ। ଆମେ ବର୍ତ୍ତମାନ ସେଇ ପଦ୍ଧତିଟା ଏ କେଶ୍‌ରେ ପ୍ରୟୋଗ କରି ଦେଖିବା। ପ୍ରଥମେ ଯେତେବେଳେ କେଶ୍‌ଟା ବିଷୟରେ ମୁଁ ଶୁଣିଲି, ସେତେବେଳେ ଏଇ ଭଦ୍ରଲୋକଙ୍କୁ ତାଙ୍କ ବାପାଙ୍କ ଘରର ଗୋଟେ ବାହାର ଘରେ ଲୁଚାଇରଖାଯିବାର ତିନିଟା କାରଣ ଖୁବ୍ ସମ୍ଭବ ବୋଲି ମୁଁ ଜାଣିପାରିଲି। ଗୋଟେ କାରଣ ହେଲା, ସେ କିଛି ଗୁରୁତର ଅପରାଧ କରିଛନ୍ତି। ଦ୍ୱିତୀୟଟି ହେଲା, ସେ ପାଗଳ ହୋଇଯାଇଛନ୍ତି କିମ୍ବା ତାଙ୍କର କୌଣସି ରୋଗ ହୋଇଛି ଏବଂ ସେଥିପାଇଁ ତାଙ୍କୁ ଅନ୍ୟମାନଙ୍କ ପାଖରୁ ଅଲଗା ରଖାଯାଇଛି। ଯା ବ୍ୟତୀତ ଅନ୍ୟ କିଛି କାରଣ ମୁଁ ଚିନ୍ତା କରିପାରିଲି ନାହିଁ। ତା’ପରେ ଏଗୁଡ଼ାକୁ ତୁଳନା କରି ଦେଖିବାକୁ ହେଲା।

Digitized by srujanika@gmail.com

''ଅପରାଧ କଥାଟା ପରୀକ୍ଷା କରି ଦେଖିବା ଦର୍କାର ହେଲା ନାହିଁ। ଏ ଅଞ୍ଚଳରେ କୌଣସି ଅପରାଧ ବିଷୟରେ କିଛି ରିପୋର୍ଟ କରାହୋଇନାହିଁ– ସେ ବିଷୟରେ ମୁଁ ନିଶ୍ଚିତ। ଯଦି ଏ ଯାଏ ଧରାପଡ଼ି ନ ଥିବା କୌଣସି ଅପରାଧ ହୋଇଥାନ୍ତା, ତେବେ ପରିବାରର ହିତଦୃଷ୍ଟିରୁ ଅପରାଧୀକୁ ଦେଶ ବାହାରକୁ ପଠାଇଦିଆଯାଇଥାନ୍ତା – ତାକୁ ଏଠି ରଖିବାଟା ବରଂ ବିପଦପୂର୍ଣ୍ଣ।

''ପାଗଳାମି କାରଣଟା ଅଧିକ ସମ୍ଭବ ମନେହେଲା ଏ ଘରେ ଆଉ ଜଣେ ଲୋକର ଉପସ୍ଥିତିରୁ। ଜଣାଗଲା ଜଣେ ଜଗୁଆଳି ଅଛି। ସେ ବାହାରକୁ ଆସିଲାବେଳେ ଦରଜାରେ ତାଲା ଦେବା କଥାଟା ସନ୍ଦେହକୁ ଆହୁରି ଦୃଢ଼ କଲା, ଆଉ ତାଙ୍କୁ ଅଟକ କରି ରଖିବା ଭାବନାଟା ଠିକ୍ ବୋଲି ଜଣାଗଲା। ଅପରପକ୍ଷରେ ଏଇ ଅଟକ ରଖିବା ଉପରେ ଜୋର୍ ଦିଆଯାଉନଥିଲା। ତା' ହୋଇଥିଲେ ସେ ତାଙ୍କ ବନ୍ଧୁଙ୍କୁ ଦେଖିବା ପାଇଁ ଏ ଘରୁ ଯାଇପାରିନଥାନ୍ତେ। ଆପଣଙ୍କର ମନେଥିବ ମିଷ୍ଟର୍ ଡଡ୍, ମୁଁ ଆପଣଙ୍କୁ ମିଷ୍ଟର୍ କେଣ୍ଟ୍ ପଢୁଥିବା କାଗଜ କଥା ପଚାରିଥିଲି। କାଗଜଟା ଯଦି 'ଲାନ୍‌ସେଟ୍' ବା 'ବ୍ରିଟିଶ୍ ମେଡିକାଲ ଜର୍ଣ୍ଣାଲ୍' ହୋଇଥାନ୍ତା ତେବେ ମୁଁ ସେଥିରୁ କିଛିଟା ସାହାଯ୍ୟ ପାଇଥାନ୍ତି। ଯାହାହେଉ, ସରକାରଙ୍କୁ ଜଣାଇ, ଜଣେ ଦକ୍ଷ ଲୋକଙ୍କ ଦାୟିତ୍ୱରେ ଜଣେ ପାଗଳକୁ ନିଜ ଘରେ ରଖିବା ଆଇନବିରୁଦ୍ଧ ନୁହେଁ। ତା'ହେଲେ କଥାଟା ଗୋପନ ରଖିବାକୁ ଚେଷ୍ଟା କରାଯିବ କାହିଁକି? ଏ ପ୍ରକାର ତଥ୍ୟ ସାଥିରେ ଘଟଣା ମୋଟେ ଖାପ ଖାଇଲା ନାହିଁ।

''ଆଉ ରହିଲା କେବଳ ତୃତୀୟ ସମ୍ଭାବନା। ସବୁ ଘଟଣାଗୁଡ଼ା ଏ ତଥ୍ୟ ସାଥିରେ ଖାପ ଖାଇଲା ପରି ଜଣାଗଲା। ଦକ୍ଷିଣ-ଆଫ୍ରିକାରେ କୁଷ୍ଠ ରୋଗ ଅସାଧାରଣ ନୁହେଁ। କୌଣସି ଅସାଧାରଣ ଘଟଣାକ୍ରମେ ଏଇ ତରୁଣ ସେଥିରେ ଆକ୍ରାନ୍ତ ହୋଇଥାଇପାରନ୍ତି। ତାଙ୍କ ପରିବାର ଲୋକେ ନିଶ୍ଚୟ ଏ ଭୀଷଣ ପରିସ୍ଥିତିରେ ପଡ଼ିଥିବେ; କାରଣ ସେମାନେ ତାଙ୍କୁ କୌଣସି କୁଷ୍ଠାଶ୍ରମକୁ ପଠାଇବାକୁ ଚାହିଁ ନ ଥିବେ। ଘଟଣାଟାକୁ ଗୁପ୍ତ ରଖିବାକୁ ହେବ; କାରଣ ତୁଣ୍ଡବାଇଦ ସହସ୍ର କୋଶ। ଲୋକେ କଥାଟା ଜାଣିଲେ ସେଟା ସରକାରୀ ମହଲକୁ ଚାଲିଯିବ ଆଉ ସେମାନେ ରୋଗୀକୁ କୌଣସି କୁଷ୍ଠାଶ୍ରମକୁ ପଠାଇବାର କର୍ମପନ୍ଥା ଗ୍ରହଣ କରିବେ। ଯଥେଷ୍ଟ

Digitized by srujanika@gmail.com

ପରିମାଣରେ ପଇସାପତ୍ର ଦେଲେ, ରୋଗୀର ଦାୟିତ୍ୱ ନେବା ପାଇଁ ଜଣେ ଡାକ୍ତର ଜୁଟିଯିବେ। ସନ୍ଧ୍ୟାରେ ଅନ୍ଧାର ପରେ ରୋଗୀକୁ ବାହାରେ ବୁଲିବାର ସ୍ୱାଧୀନତା ଦିଆ ନ ଯିବାର କିଛି କାରଣ ନାହିଁ। ଏ ରୋଗର ଗୋଟେ ସାଧାରଣ ଫଳ ହେଲା ଦେହର ଚମଡ଼ା ଧଳା ହୋଇଯିବ। ଏ ସମ୍ଭାବନାଟା ଅତି ଦୃଢ଼– ଏତେ ଦୃଢ଼ ଯେ ମୁଁ ଏହାର ସବୁ ପ୍ରମାଣ ପାଇଲା ପରି କାମ କରିବାକୁ ସଂକଳ୍ପ କରିନେଲି। ଏଠି ପହଞ୍ଚିବା ପରେ ମୋ ଆଖିରେ ରାଲ୍‌ଫର ଗ୍ଲୋଭସ୍ ଦି'ଟା ପଡ଼ିଲା। ସେଥିରେ ରୋଗ ସଂକ୍ରମଣ ନହେବା ପାଇଁ ଔଷଧ ଦିଆଯାଇଛି। ମୋର ଶେଷ ସନ୍ଦେହ ଦୂର ହୋଇଗଲା। ମୁଁ ମାତ୍ର ଗୋଟିଏ ଶବ୍ଦ ଲେଖିଦେଲି ଆଉ ଆପଣ ଜାଣିଲେ ଯେ ଆପଣଙ୍କ ଗୁପ୍ତ କଥା ମୋ ପାଖରେ ଧରାପଡ଼ିଯାଇଛି। ଶବ୍ଦଟା ନ ଲେଖି ମୁଁ ମୁହଁରେ କହିଦେଇପାରିଥାନ୍ତି; କିନ୍ତୁ ଲେଖିବା ଦ୍ୱାରା ଆପଣଙ୍କର ଧାରଣା ହେଲା ଯେ ମୋତେ ବିଶ୍ୱାସ କରାଯାଇପାରେ।''

ମୁଁ ମୋର ବିଶ୍ଳେଷଣ ଶେଷ କଲାବେଳକୁ ବିଖ୍ୟାତ ଚର୍ମରୋଗବିଶେଷଜ୍ଞ ଡାକ୍ତର ସଣ୍ଡର୍‌ସ୍ ଘର ଭିତରକୁ ଆସିଲେ। ସେ କର୍ଣ୍ଣେଲ୍ ଏମ. ସଉଅର୍‌ଥ୍‌ଙ୍କ ପାଖକୁ ଚାଲିଯାଇ କରମର୍ଦ୍ଦନ କଲେ। ତା'ପରେ କହିଲେ, ''ଅଧିକାଂଶ ସମୟରେ ଲୋକଙ୍କୁ ସୁସମ୍ବାଦ ନ ଦେଇ ଦୁଃସମ୍ବାଦ ଦେବା ମୋର ଭାଗ୍ୟରେ ଲେଖା। କିନ୍ତୁ ଏ ଘଟଣାରେ ମୁଁ ଆପଣଙ୍କୁ ଯେଉଁ ସମ୍ବାଦ ଦେବି ତା' ସ୍ୱାଗତଯୋଗ୍ୟ। ଏହା କୁଷ୍ଠ ରୋଗ ନୁହେଁ।''

''କଣ କହିଲେ ?''

''ଏହା କୁଷ୍ଠ ପରି ଏକ ଚର୍ମରୋଗ, ଛଉ। ଭଲ ହୋଇଯିବାର ଯଥେଷ୍ଟ ଆଶା, ଆଉ ଏହା ମୋଟେ ସଂକ୍ରାମକ ନୁହେଁ। ହଁ ମିଷ୍ଟର୍ ହୋମ୍‌ସ, ଘଟଣାର ଗତି ଦେଖନ୍ତୁ। ଏଥିରୁ କ'ଣ ଜଣାଯାଉନାହିଁ ଯେ ଗୋଟାଏ ଶକ୍ତି ଅଛି, ଯାହା ବିଷୟରେ ଆମେ କିଛି ଜାଣୁନା ? କିନ୍ତୁ... ଶ୍ରୀମତୀ ଏମ୍. ସଉଅର୍‌ଥ୍ ସଂଜ୍ଞାହୀନା ହୋଇପଡ଼ିଲେଣି। ଏ ଆନନ୍ଦର ଆଘାତ ସେ ସହିପାରିନାହାନ୍ତି; ତେଣୁ ମିଷ୍ଟର୍ କେଣ୍ଟ, ଆପଣ ବରଂ ତାଙ୍କୁ ଦେଖନ୍ତୁ।''

□□□

Digitized by srujanika@gmail.com

ସ୍କୁଲ ଛାତ୍ରଛାତ୍ରୀଙ୍କର ଅତି ପ୍ରିୟ ବହି

ବିଶ୍ୱସାହିତ୍ୟ ଗ୍ରନ୍ଥମାଳା

ବିଶ୍ୱବିଖ୍ୟାତ ଲେଖକମାନଙ୍କ ବହିର ଓଡ଼ିଆ ସାରାନୁବାଦ ସୁଲଭ ମୂଲ୍ୟରେ ସଂଗ୍ରହ କରି ପିଲାମାନଙ୍କୁ ପଢ଼ିବାକୁ ଦେଇ ସେମାନଙ୍କ ପଠନ ପ୍ରବୃତ୍ତି ବୃଦ୍ଧି କରନ୍ତୁ।

ଚାର୍ଲସ୍ ଡିକେନ୍‌ସ୍	ଥୋମାସ୍ ହାର୍ଡି
ଆଲେକ୍‌ଜାଣ୍ଡାର ଡୁମା	ଡାନିଏଲ୍ ଡିଫୋ
ୱାଲଟର୍ ସ୍କଟ୍	ବ୍ଲାକ୍‌ମୋର୍
ଭିକ୍‌ଟର ହ୍ୟୁଗୋ	ଜର୍ଜ ଇଲିଅଟ
ଏଚ୍. ରାଇଡର୍ ହାଗାର୍ଡ	ସେକ୍‌ସପିଅର
ଜର୍ଜ ଲିଟନ	ଲିଓ ଟଲଷ୍ଟୟ
ମାର୍କ ଟୋୟେନ୍	ଚେକଭ୍
ଚାର୍ଲୋଟ୍ ବ୍ରଣ୍ଟେ	ହୋମର୍
ଜୁଲ ଭାର୍ଣ୍ଣ	ଗର୍କି
ଜୋନାଥନ୍ ସ୍ୱିଫଟ	ମୋପାସାଁ
ଆନ୍ଥୋନି ହୋପ୍	ଗ୍ରୀମସ୍
ଆର୍. ଏଲ୍. ଷ୍ଟିଭେନ୍‌ସନ	ଆଣ୍ଡରସନ
ୱାଶିଂଟନ୍ ଇରଭିଙ୍ଗ	ବଙ୍କିମଚନ୍ଦ୍ର
ଆର୍. ଏମ୍. ବାଲାଣ୍ଟାଇନ	ଶରତ୍‌ଚନ୍ଦ୍ର
ଏଚ୍. ଜି. ୱେଲସ୍	କାଳିଦାସ
ଅଲିଭର୍ ଗୋଲଡ୍‌ସ୍ମିଥ	ଶୂଦ୍ରକ
ୱାଇଲିୟମ୍ ଥ୍ୟାକେରି	ପ୍ରେମଚାନ୍ଦ
ଆର୍. ସବାଟିନି	ଫକୀରମୋହନ
ସର୍‌ଭେଣ୍ଟିସ	ଜାତକ କାହାଣୀ
ଜେନ୍ ଅଷ୍ଟିନ୍	ମହାଭାରତ କାହାଣୀ
ଜୋଶେଫ୍ କୋନାର୍ଡ	ରାମାୟଣ କାହାଣୀ
ଆର୍ଥର୍ କୋନାନ୍‌ଡୟଲ	କଥାସରିତସାଗର
ୱିଲ୍‌କି କୋଲିନ୍‌ସ	ହିତୋପଦେଶ କାହାଣୀ
ଜି. ଏ. ହେଣ୍ଟି	ପଞ୍ଚତନ୍ତ୍ର କାହାଣୀ

ପ୍ରକାଶକ : ଗ୍ର ନ୍ଥ ମ ନ୍ଦି ର, ବିନୋଦବିହାରୀ, କଟକ-୨

Digitized by srujanika@gmail.com